R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୭
ତିଥି: ଅମାବାସ୍ୟା
୧୧ ସେପ୍ଟେମ୍ବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 337
11 September 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ୟୁଏଇ ସହ ଓଡ଼ିଶାର ନିବେଶ ଭାଗିଦାରୀ ମଜବୁତ

# ୮,୪୧୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୧୦।୯,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ, ଦୁବାଇରେ ୟୁଏଇ ନେତୃତ୍ୱ, ବିଶ୍ୱସ୍ତରୀୟ ନିବେଶକ, ଶିଳ୍ପ ପ୍ରତିନିଧି ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ସହିତ ଏକାଧିକ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ଓଡ଼ିଶା ଏହାର ନିବେଶ ସମ୍ପର୍କକୁ ଆହୁରି ମଜବୁତ କରିଛି। ଦ୍ୱିତୀୟ ଦିନରେ ୫ଟି ଏମଓୟୁ ଏବଂ ୮ଟି ନିବେଶ ଇଚ୍ଛାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ମିଳିତ



☞ ୫ ଏମଓୟୁ, ୮ ନିବେଶ ପ୍ରସ୍ତାବ, ୧୪,୩୧୦ ନିଯୁକ୍ତି ସୁଯୋଗ

ଭାବରେ ୮,୪୧୭ କୋଟି ଟଙ୍କାର ନିବେଶ ସମ୍ଭାବନା ଏବଂ ୧୪,୩୧୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର କ୍ଷମତା ରଖିଛି। ଏହି ନିବେଶ ଗୁଡ଼ିକ ମଧ୍ୟରେ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଆଇଟି-ସକ୍ଷମ ସେବା, ରିଅଲ୍ ଏଷ୍ଟେଟ୍, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ ଏବଂ ଷ୍ଟିଲ ଡାଉନଷ୍ଟ୍ରିମ୍, ରେୟାର ଆର୍ଥସ୍, କେମିକାଲ୍ସ, ଆଲୁମିନିୟମ୍ ଏବଂ ସର୍କୁଲାର ଇକୋନୋମି ଭଳି ବିଭିନ୍ନ କ୍ଷେତ୍ର ରହିଛି। ୟୁଏଇ ନେତୃତ୍ୱଙ୍କ ସହ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଦିନର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ୟୁଏଇର କ୍ୟାବିନେଟ୍ ସଦସ୍ୟ ତଥା ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ଏବଂ ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ମହାମହିମ ଅବ୍ଦୁଲ୍ଲା ବିନ୍ ତୌକ୍ ଅଲ୍ ମାର୍ରିଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ସହିତ ହୋଇଥିଲା। ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ଆର୍ଥିକ ଏବଂ ନିବେଶ ସହଯୋଗକୁ ମଜବୁତ କରିବା ସହିତ ଓଡ଼ିଶାରେ ୟୁଏଇ-ଭିତ୍ତିକ ନିବେଶକ ଏବଂ ବ୍ୟବସାୟୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ନେଇ ଆଲୋଚନା ହୋଇଥିଲା।



ମୁଖ୍ୟମନ୍ତ୍ରୀ ଓଡ଼ିଶାର ବର୍ଦ୍ଧିତ ଶିଳ୍ପ ସମ୍ଭାବନା, ଷ୍ଟ୍ରାଟେଜିକ ଲୋକେସନ୍, ଦୃଢ଼ ଭିତ୍ତିଭୂମି, ପ୍ରାକୃତିକ ସମ୍ପଦର ଉପଲବ୍ଧତା, ଦକ୍ଷ ଜନଶକ୍ତି ଏବଂ ନିବେଶକ-ଅନୁକୂଳ ନୀତିଗତ ପରିବେଶକୁ ଆଲୋକପାତ କରିଥିଲେ। ସେ ୟୁଏଇର ନିବେଶକ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କୁ ଦୀର୍ଘକାଳୀନ ନିବେଶ ଓ ଭାଗିଦାରୀ ପାଇଁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ।

ବିଶ୍ୱସ୍ତରୀୟ ନିବେଶକଙ୍କ ସମ୍ମୁଖରେ ଓଡ଼ିଶାର ନିବେଶ ସୁଯୋଗ ଉପସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଦୁବାଇରେ ଅନୁଷ୍ଠିତ ଓଡ଼ିଶା ନିବେଶ ରୋଡ୍‌ସୋ'ରେ ଯୋଗ ଦେଇଥିଲେ, ଯେଉଁଠାରେ ରାଜ୍ୟ ଏହାର ଶିଳ୍ପ ପରିବେଶ ଏବଂ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧ ନିବେଶ ସୁଯୋଗଗୁଡ଼ିକୁ ପ୍ରଦର୍ଶନ କରିଥିଲା। ଏହି ଉପସ୍ଥାପନାରେ ମାନୁଫାକ୍ଚରିଂ, ମେଟାଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ସୂଚନା ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ, ଶକ୍ତି ଏବଂ ଅନ୍ୟାନ୍ୟ ଉଦୀୟମାନ କ୍ଷେତ୍ରରେ ଓଡ଼ିଶାର ଦକ୍ଷତାକୁ ଆଲୋକପାତ କରାଯାଇଥିଲା। ଓଡ଼ିଶା (୯ ପୃଷ୍ଠାରେ)

## ଶିଶୁ ୱାରଙ୍ଗଉଟାନ ଉଦ୍ଧାର ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

# ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୯,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ପାଞ୍ଚଟି ଶିଶୁ ଓରାଙ୍ଗଉଟାନ ଉଦ୍ଧାର ହେବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ସହିତ, ଏହି ପ୍ରାଣୀମାନେ କେଉଁ ପରିସ୍ଥିତିରେ ଓଡ଼ିଶାରେ ପହଞ୍ଚିଲେ, ସେ ସମ୍ପର୍କରେ ସବିଶେଷ ତଦନ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଦୁବାଇରେ ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମରେ ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଘଟଣାକ୍ରମ ସମ୍ପର୍କରେ ନିରନ୍ତର ନେଟୱାର୍କ ସମ୍ପୃକ୍ତ ଥିଲେ, ତାହାକୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ବିରଳ ପ୍ରଜାତିର ପ୍ରାଣୀ ଗୁଡିକ କେଉଁ ମାର୍ଗ ଦେଇ ଓଡ଼ିଶାକୁ ଅଣାଯାଇଥିଲା, ସେମାନେ କିପରି ରାଜ୍ୟରେ ପ୍ରବେଶ କଲେ, ସେମାନଙ୍କ ପରିବହନରେ କିଏ ସମ୍ପୃକ୍ତ ଥିଲେ ଏବଂ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଅଣାଯାଉଥିଲା, ଏସବୁ ଦିଗ ସ୍ପଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଭାରତ ସରକାରଙ୍କ ସମ୍ପୃକ୍ତ

⇨ ଓଡ଼ିଶାକୁ ବିଦେଶୀ ବନ୍ୟପ୍ରାଣୀଙ୍କ ଅବୈଧ ଚାଲଣର ଟ୍ରାଞ୍ଜିଟ୍ ପଥ ହେବାକୁ ଦିଆଯିବନି

ଅବଗତ ରହିଛନ୍ତି ଏବଂ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ପ୍ରାଣୀ ଗୁଡିକ ବାଲେଶ୍ୱର ଜିଲ୍ଲାକୁ ଆସିଲେ ଏବଂ ଏହା ପଛରେ କଦଣ ପୃଷ୍ଠଭୂମି ରହିଛି, ତାକୁ ସ୍ପଷ୍ଟ କରିବା ପାଇଁ, ସେ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଅବୈଧ ଚାଲଣ ପାଇଁ ଓଡ଼ିଶା କେବେହେଲେ ଏକ ଟ୍ରାଞ୍ଜିଟ୍ ପଥ ହେବାକୁ ଦିଆଯିବ ନାହିଁ, ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଏହି ବେଆଇନ ପରିବହନରେ କୌଣସି କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରଖି ଏହି ମାମଲାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଜାରି ରହିଥିବା ସମୟରେ ଉଦ୍ଧାର ହୋଇଥିବା ଓରାଙ୍ଗଉଟାନଗୁଡ଼ିକୁ ପ୍ରଚଳିତ ବନ୍ୟପ୍ରାଣୀ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଉପଯୁକ୍ତ ଚିକିତ୍ସା ସେବା, ସୁରକ୍ଷା ଓ ଆବଶ୍ୟକ ଯତ୍ନ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଲଘୁଚାପ କ୍ଷେତ୍ର ସୃଷ୍ଟି, ୪୮ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୦।୯(ସବ୍ୟୁ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ସମୁଦ୍ର ଉଚ୍ଚତା ଠାରୁ ଏହା ୯.୪ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିବା ବେଳେ ଦକ୍ଷିଣ -ପଶ୍ଚିମ ଦିଗକୁ ଢଳି ରହିଛି। ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ରାଜ୍ୟରେ ଘଡଘଡି, ବିଜୁଳି ସହ କେବଳ ବର୍ଷା ହେବାର ସମ୍ଭାବନା ରହିଛି।

ଆସନ୍ତା ୧୧ ତାରିଖ ପାଇଁ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଦିଆଯାଇଛି। ସେହିଭଳି ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ନବରଙ୍ଗପୁର, ରାୟଗଡା, କୋରାପୁଟ, ଗଜପତି, ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ନୂଆପଡା, ବଲାଙ୍ଗିର, ମାଲକାନଗିରି, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଆଦି ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବା ବେଳେ ୧୨ ତାରିଖ ଲାଗି କଳାହାଣ୍ଡି, ନବରଙ୍ଗପୁର, କୋରାପୁଟକୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ନୂଆପଡା, ବଲାଙ୍ଗିର, କନ୍ଧମାଳ, ରାୟଗଡା, ମାଲକାନଗିରି, ଗଞ୍ଜାମ, ଗଜପତି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ୧୩ ତାରିଖ ସକାଳ ଯାଏ କଳାହାଣ୍ଡି, ନବରଙ୍ଗପୁର, ରାୟଗଡା, ଗଜପତିକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବା ବେଳେ ଘଡଘଡି ସହ ବର୍ଷା ପାଇଁ ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ୧୨ ତାରିଖ ଯାଏ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡିଶା ଉପକୂଳରେ ଘଣ୍ଟାପ୍ରତି ୪୦ ରୁ ୫୦ ଓ ସର୍ବାଧିକ ୬୦ କିଲୋମିଟର ପବନ ବହିବାର ସମ୍ଭାବନା ଥିବାରୁ ମସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।

## ଲଦାଖକୁ ପୂର୍ଣ୍ଣ ସ୍ୱୟଂଶାସିତ ଘୋଷଣା ଦାବି

# ପୁଣି ଆନ୍ଦୋଳନ ଚେତାବନୀ ଦେଲେ ସୋନମ ୱାଙ୍ଗଚୁକ୍

ନୂଆଦିଲ୍ଲୀ,୧୦।୯: ଶିକ୍ଷାବିତ୍ ତଥା ସାମାଜିକ ପର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ ପୁଣି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରଣାଳୟ ସହ ଲଦାଖ ଗ୍ରୁପର ହୋଇଥିବା ଆଲୋଚନାରେ ସେ କ୍ଷୁବ୍ଧ ଅଛନ୍ତି। ଆସନ୍ତା ୧୯ ରୁ ୨୪ ତାରିଖ ମଧ୍ୟରେ ସରକାର ଲଦାଖ ପ୍ରସଙ୍ଗରେ ଯଦି କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ନଦିଅନ୍ତି ସେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଲଦାଖ ପ୍ରସଙ୍ଗରେ ଆନ୍ଦୋଳନ କରି ୬ ମାସ ସେ ଯୋଧପୁର ଜେଲରେ ଏନ୍‌ଏସଏରେ ଗିରଫ ହୋଇ ରହିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଲଦାଖରେ ହୋଇଥିବା ହିଂସାରେ ତାଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୨୬ରେ ଲଦାଖକୁ ପୂର୍ଣ୍ଣ ସ୍ୱୟଂଶାସିତ




ଘୋଷଣା ଦାବିରେ ଚାଲିଥିବା ଆନ୍ଦୋଳନ ହିଂସାର ରୂପ ନେଇଥିଲା। ଏଥିରେ ୪ ଜଣଙ୍କ ଜୀବନ ଯାଇଥିବା ବେଳେ ୧୨ ଜଣ ଆହତ ହୋଇଥିଲେ। ଏଥିଲାଗି କେନ୍ଦ୍ର ସରକାର ୱାଙ୍ଗଚୁକଙ୍କୁ ଦାୟୀ କରିଥିଲେ ଓ ପରେ ତାଙ୍କୁ ଗିରଫ କରାଯାଇଥିଲା। ୨୦୨୬ ମାର୍ଚ୍ଚରେ ସେ ଜେଲରୁ ମୁକୁଳିଥିଲେ। ତେବେ ନିଟ୍ ପରୀକ୍ଷାରେ ହୋଇଥିବା ଅନୀମିତତା ନେଇ ସିଜେପି (୯ ପୃଷ୍ଠାରେ)

# ଭାରତ ଆସିବେ ଚୀନ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୦।୯: ନୂଆଦିଲ୍ଲୀରେ ହେବାକୁ ଥିବା ୧୮ତମ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବାକୁ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଭାରତ ଆସିବେ। ଆସନ୍ତା ୧୨ ରୁ ୧୩ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବାକୁ ଥିବା ସମ୍ମିଳନୀରେ ସାମିଲ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ସେ ଭାରତ ଆସୁଥିବା ଚୀନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ବିବୃତି ଜାରିକରାଯାଇଛି।

ପୂର୍ବରୁ ଚୀନର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଜୀନ ପିଙ୍ଗଙ୍କ ନୂଆଦିଲ୍ଲୀ ଗସ୍ତ ନେଇ କୌଣସି ସୂଚନା ଦେଇନଥିଲେ।



୨୦୨୦ ଗଲୱାନ ଘାଟି ବିବାଦ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଆସିଥିଲା। ଦୀର୍ଘ ୭ ବର୍ଷ ପରେ ଜୀନ ପିଙ୍ଗଙ୍କ ଏହା ପ୍ରଥମ ଭାରତ ଗସ୍ତ।

# ଟ୍ରେନ ଧକ୍କାରେ ଦନ୍ତା ମୃତ

ରାୟଗଡ଼ା,୧୦।୯(ସବ୍ୟୁ) : ରେଳ ଇଞ୍ଜିନ ଧକ୍କାରେ ଗୁରୁବାର ରାୟଗଡ଼ା ଜିଲ୍ଲାରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ବିଷମକଟକ-ଥେରୁବାଲି ରେଳ ଷ୍ଟେସନ ମଧ୍ୟରେ ବୁରୁନ୍ଦାବାଡ଼ି ଗାଁ ନିକଟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଧକ୍କା ପରେ ହାତୀଟି ରେଳ ଧାରଣାଠାରୁ ପ୍ରାୟ ୩ ମିଟର ଦୂରରେ ଥିବା ଏକ ଡ୍ରେନରେ ପଡ଼ିଯାଇଥିଲା। ଖବର ପାଇ ବନ ବିଭାଗ ଓ ରେଳବାଇ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ଘଣ୍ଟାର ଉଦ୍ୟମ ପରେ ଅଧିକାରୀଙ୍କ ଉପସ୍ଥିତିରେ



ଡ୍ରେନରୁ ହାତୀର ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ଭେଟେରିନାରୀ ଡାକ୍ତରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇ ନିୟମାନୁସାରେ ମୃତଦେହ ପୋତାଯାଇଥିବା ଜଣାପଡ଼ିଛି। ହାତୀର ଦୁଇଟି ଦାନ୍ତ ଜବତ କରି ବନ ବିଭାଗ ସୁରକ୍ଷିତ ରଖିଛି।

ଘଟଣା ପରେ ରାୟଗଡ଼ାରେ ହାତୀ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ଥେରୁବାଲି ଅଞ୍ଚଳରେ ହାତୀ ଚଳପ୍ରଚଳ କରୁଥିବା ସେହି ରେଳପଥ ନିକଟରେ ଆବଶ୍ୟକ ସଚେତନତା (୯ ପୃଷ୍ଠାରେ)

# ଉପମୁଖ୍ୟମନ୍ତ୍ରୀ ପଦ ଅସାମ୍ବିଧାନିକ ମାମଲା ଖାରଜ

କଟକ,୧୦।୯,(ସବ୍ୟୁ): ସମ୍ବିଧାନରେ 'ଉପମୁଖ୍ୟମନ୍ତ୍ରୀ ପଦ ରହିବାର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଜଣେ ମନ୍ତ୍ରୀ ଯେଉଁଭଳି ଭାବେ ଶପଥଗ୍ରହଣ କରନ୍ତି ଜଣେ ଉପମୁଖ୍ୟମନ୍ତ୍ରୀଙ୍କୁ ସେହି ସମାନ ଢଙ୍ଗରେ ଶପଥ ପାଠ କରାଯାଇଥାଏ। ଏହାସତ୍ତ୍ୱେ ଓଡ଼ିଶାରେ ଦୁଇଟି 'ଉପମୁଖ୍ୟମନ୍ତ୍ରୀ ପଦ ସୃଷ୍ଟି କରାଯାଇଛି। ଏଭଳି କାର୍ଯ୍ୟକୁ ଅସମ୍ବିଧାନିକ ଦର୍ଶାଇ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଜନସ୍ୱାର୍ଥ ନାଁରେ ରୁଜୁ ଏଭଳି ମାମଲା ଗ୍ରହଣୀୟ ନୁହେଁ। ଜନସ୍ୱାର୍ଥ ମାମଲାକୁ ଅପବ୍ୟବହାର ପାଇଁ ଅଦାଲତ ଛାଡ଼ିଦେଇ ପାରିବେ ନାହିଁ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଏଲିନା ଦାଶଙ୍କ ପକ୍ଷରୁ ରୁଜୁ ପିଟିସନ୍‌କୁ ଖାରଜ କରିବା ଅବସରରେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଆବେଦନକାରିଣୀଙ୍କ ଯୁକ୍ତି ଥିଲା ଯେ, 'ଉପ ମୁଖ୍ୟମନ୍ତ୍ରୀଦ ପଦ ଲାଗି ସମ୍ବିଧାନରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ।

କିନ୍ତୁ ୨୦୨୪ରେ ନୂତନ ସରକାର ଗଠନ ସମୟରେ ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

## ଅପରେସନ ଅନ୍ୱେଷଣ

# ୧୭ ରାଜ୍ୟରୁ ୧୦୧ ଶିଶୁ ଉଦ୍ଧାର

ଭୁବନେଶ୍ୱର,୧୦।୯,(ସବ୍ୟୁ): ୧୨ ରାଜ୍ୟରେ ନିଖୋଜ ଶିଶୁ ଶ୍ରମରେ ନିୟୋଜିତ କିମ୍ବା ବିଭିନ୍ନ ଶିଶୁ ଯନି ଅନୁଷ୍ଠାନରେ ଫସି ରହିଥିବା ଓଡ଼ିଆ ଶିଶୁଙ୍କୁ ଚିହ୍ନଟ, ଉଦ୍ଧାର ଓ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ "ଅପରେସନ ଅନ୍ୱେଷଣ' ମାଧ୍ୟମରେ ୧୭ ରାଜ୍ୟରୁ ୧୦୧ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଅଗଷ୍ଟ ୨୮ ତାରିଖରୁ ସେପେଟମ୍ବର ୮ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିଥିଲା। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରେ ୫୪ଜଣ ବାଳକ ଥିବାବେଳେ ୪୭ଜଣ ବାଳିକା ଅଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଏଡିଜି ଏସ୍.ସାଇନି କହିଛନ୍ତି।



ଓଡ଼ିଶା ପୋଲିସ ଡିଏସ୍‌ପି ପାହ୍ୟାର ଅଧିକାରୀ ଏବଂ ମହିଳା, ଶିଶୁ ବିକାଶ ବିଭାଗର ଲିଗାଲ କମ୍ ପ୍ରୋବେସନ ଅଫିସରମାନଙ୍କୁ ନେଇ ଗଠିତ ୧୭ଟି ଟିମ୍ ୧୭ ରାଜ୍ୟରେ ଏହି ଅଭିଯାନ ଚଳାଇଥିଲେ। ଛତିଶଗଡ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡଖଣ୍ଡ, ହରିଆନା, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ନୂଆଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ ଓ କେରଳରେ "ଅପରେସନ ଅନ୍ୱେଷଣ' ଜାରି ରହିଥିଲା। ପଶ୍ଚିମବଙ୍ଗରୁ ସର୍ବାଧିକ ୩୦ଜଣ ଶିଶୁ ଉଦ୍ଧାର ହୋଇଥିବା ବେଳେ କର୍ଣ୍ଣାଟକରୁ ୧୧, ଝାଡଖଣ୍ଡରୁ ୧୦, ତାମିଲନାଡୁରୁ ୧୦ଜଣ ଶିଶୁଙ୍କୁ ଉଦ୍ଧାର କରାଯୋଇଥିବା ଏଡିଜି ଶ୍ରୀମତୀ ସାଇନି କହିଥିଲେ। ଅଭିଯାନ ସମୟରେ ଶିଶୁ ଚାଲାଣ ମାମଲାରେ ନିଖୋଜ ଥିବା ଶିଶୁ ବାହାର ରାଜ୍ୟରେ (୯ ପୃଷ୍ଠାରେ)

# ପିଲାଙ୍କୁ ଧମକାଇ ପାରିବ ନାହିଁ

ନୂଆଦିଲ୍ଲୀ,୧୦।୯: ନିଜର ପତିଆରା ଦେଖାଇବା ପାଇଁ କ୍ୟାମେରା ଆଗରେ ଖୋଲାଖୋଲି ଧମକ ଦେଇ ଗିରଫ ହୋଇଥିବା ସ୍ୱତନ୍ତ୍ର ଭରଦ୍ୱାଜଙ୍କ ଉପରେ ସୁପ୍ରିମକୋର୍ଟ ବର୍ଷିଛନ୍ତି। ସିଜେପି ବିକ୍ଷୋପକାରୀଙ୍କ ଉଦ୍ଦେଶ୍ୟରେ ସେ ଉତ୍ତେଜନାମୂଳକ




↳ ଏଭଳି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ

ଟିପ୍ପଣୀ ଦେଇଥିଲେ। ଏପରିକି ଏକ ୧୪ ବର୍ଷୀୟ ଝିଅ ଯିଏକି ଏହି ଆନ୍ଦୋଳନରେ ସାମିଲ ହୋଇଥିଲା ତାର ବାପାର ମୁଣ୍ଡକୁ ବାଡେଇ ଫଟାଇଥିଲା। ଏହି ଘଟଣାରେ ତାଙ୍କୁ ଗିରଫ କରିବା ପାଇଁ ସିଜେପି ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭ ପରେ ସ୍ୱତନ୍ତ୍ର ଗିରଫ ହୋଇଥିଲା।

ଆଜି ସେହି ଝିଅଙ୍କ ପକ୍ଷରୁ ତାଙ୍କ ଓକିଲ କୋର୍ଟରେ କହିଛନ୍ତି ଯେ, ଏହି ତଥାକଥିତ ଆତ୍ମଘୋଷିତ ଇନଫ୍ଲୁଏନସର ଗିରଫ ହେବା ପରେ ତାଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିବାରୁ ସମ୍ପୃକ୍ତ ନାବାଳିକାକୁ ହଇରାଣ କରାଯାଉଛି। ତାଙ୍କ ଘରେ ଭଙ୍ଗାରୁଜା କରାଯାଉଛି। ଏହା ଶୁଣିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଥିବା ଖଣ୍ଡପୀଠ କ୍ଷୁବ୍ଧ ହେବା ସହ କହିଛନ୍ତି ଯେ, ଏହି ପ୍ରସଙ୍ଗରେ କୌଣସି ଦ୍ୱିମତ ନାହିଁ। ଏହାକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ। କାହାକୁ ସୁରକ୍ଷା ମିଳିବା କଥା ନୁହେଁ। ଯଦି କୌଣସି ପିଲା ସହ ହିଂସା ହେଉଛି ଓ ଆକ୍ରମଣ କାରୀମାନେ ମୁକ୍ତଭାବେ ବୁଲୁଛନ୍ତି ଏବଂ ସମ୍ପୃକ୍ତ ପିଲା ଓ ତାଙ୍କ ପରିବାରକୁ ଧମକାଉଛନ୍ତି ତାହା ଅତ୍ୟନ୍ତ ସମ୍ବେଦନଶୀଳ ମାମଲା। ସେପ୍ଟେମ୍ବର ୫ ରେ ଦିଲ୍ଲୀ ପୋଲିସ ସ୍ୱତନ୍ତ୍ର ଭରଦ୍ୱାଜ ବିରୋଧରେ ଏସ୍‌ସି-ଏସ୍‌ଟି ଆଇନ ଓ ଅପରାଧିକ ଧମକ ଭଳି ଦଫାରେ ଏତଲା ରୁଜୁ କରିଥିଲା। ଆଜି ଶୁଣାଣି ସମୟରେ ଆଇନଜୀବୀ କାହା ନାଁ ନେଇନଥିଲେ। ସେ କହିଥିଲେ ଯେ, ଯେଉଁମାନେ ଅଭିଯୁକ୍ତ ସାଥିରେ ଥିଲେ ଓ କ୍ୟାମେରାରେ ଯେଉଁମାନଙ୍କ ହିଂସା କାଣ୍ଡ କଏଦ ହୋଇଛି (୯ ପୃଷ୍ଠାରେ)

୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଆମେରିକାର ଚିକାଗୋଠାରେ ଆୟୋଜିତ ବିଶ୍ୱ ଧର୍ମ ମହାସଭାରେ ସ୍ୱାମୀ ବିବେକାନନ୍ଦ ଦେଇଥିବା ଐତିହାସିକ ଅଭିଭାଷଣକୁ ମନେ ପକାଇ ପ୍ରତିବର୍ଷ ଏହି ଦିନକୁ 'ଦିଗ୍‌ବିଜୟ ଦିବସ' ଭାବେ ପାଳନ କରାଯାଇଥାଏ । "ଆମେରିକାର ଭାଇ ଓ ଭଉଣୀମାନେ" ଆଖ୍ୟାରେ ଆରମ୍ଭ ହୋଇଥିବା ତାଙ୍କର ସେହି ପ୍ରଭାବଶାଳୀ ବକ୍ତବ୍ୟ ସାରା ବିଶ୍ୱକୁ ଭାରତର ସନାତନ ଧର୍ମ, ବେଦାନ୍ତ ଦର୍ଶନ, ଧର୍ମନିରପେକ୍ଷତା, ସାର୍ବଜନୀନ ସହିଷ୍ଣୁତା ଓ ବିଶ୍ୱ ଭ୍ରାତୃତ୍ୱର ମହାନ ସନ୍ଦେଶ ଦେଇଥିଲା। ଏହି ଦିବସ କେବଳ ଭାରତୀୟ ସଂସ୍କୃତି ଓ ଚିନ୍ତନକୁ ବିଶ୍ୱ ସ୍ତରରେ ସ୍ୱୀକୃତି ଓ ଗୌରବ ଦେବାର ଏକ ସ୍ମାରକୀ ନୁହେଁ, ବରଂ ଏହା ଆଜିର ଯୁବସମାଜକୁ ଚରିତ୍ର ଗଠନ, ଜ୍ଞାନ ଆହରଣ ଏବଂ ନିସ୍ୱାର୍ଥପର ସେବା ପାଇଁ ପ୍ରେରଣା ଯୋଗାଉଛି । ସମସ୍ତ ଧାର୍ମିକ ଓ ସାଂସ୍କୃତିକ ଭେଦଭାବରୁ ଊର୍ଦ୍ଧ୍ୱକୁ ଉଠି ସମ୍ପ୍ରୀତି ଓ ଶାନ୍ତିର ବାର୍ତ୍ତା ବାଣ୍ଟୁଥିବା ଏହି ଦିନଟି ବିଶ୍ୱ ଭ୍ରାତୃତ୍ୱର ଶ୍ରେଷ୍ଠ ପ୍ରତୀକ ଭାବେ ପରିଗଣିତ ହୋଇଆସୁଛି ।



## ଦିଗବିଜୟ ଦିବସ

## ବିରଳ ଚର୍ମ ଓ ସ୍ନାୟୁଗତ ରୋଗ ଏରିଥ୍ରୋମେଲାଲଜିଆ

ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ୧୬ ବର୍ଷୀୟ ଇକବାଲ ଶେଖ ନାମକ ଜଣେ ନାବାଳକ 'ଏରିଥ୍ରୋମେଲାଲଜିଆ' ନାମକ ଏକ ଅତ୍ୟନ୍ତ ବିରଳ ଚର୍ମ ଓ ସ୍ନାୟୁଗତ ରୋଗରେ ପୀଡ଼ିତ ହୋଇ ଦୈନନ୍ଦିନ ନରକଯନ୍ତ୍ରଣା ଭୋଗୁଛନ୍ତି । ଶରୀରରେ ପ୍ରବଳ ଜ୍ୱଳନ, ଅସହ୍ୟ ଯନ୍ତ୍ରଣା ଓ ଅସ୍ୱାଭାବିକ ଉତ୍ତାପ କାରଣରୁ ସେ କେବଳ ଆଶ୍ୱସ୍ତି ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ପୋଖରୀର ଥଣ୍ଡା ପାଣିରେ ଛିଡ଼ା ହୋଇରହିବାକୁ ବାଧ ହେଉଛନ୍ତି । ତେବେ ଡାକ୍ତରୀ ବିଜ୍ଞାନ ଅନୁସାରେ, ଏହି ରୋଗରେ ଚର୍ମର ସୂକ୍ଷ୍ମ ରକ୍ତବାହୀ ନଳୀଗୁଡ଼ିକ ଅତ୍ୟଧିକ ପ୍ରସାରିତ ହୋଇଯିବା ସହ ସ୍ନାୟୁଗତ ତ୍ରୁଟି ଦେଖାଦେଇଥାଏ । ଯାହା ହାତ, ଗୋଡ଼ କିମ୍ବା ଚେହେରାରେ ଅତ୍ୟଧିକ ରକ୍ତ ପ୍ରବାହିତ ହୋଇ ସେହି ସ୍ଥାନ ଲାଲ ପଡ଼ିଯାଏ ଓ ପ୍ରବଳ ଜ୍ୱଳନ ସୃଷ୍ଟି ହୋଇଥାଏ । 'ନ୍ୟାସନାଲ ଲାଇବ୍ରେରୀ ଅଫ ମେଡିସିନ'ର ତଥ୍ୟାନୁସାରେ, ସାରା ବିଶ୍ୱରେ ପ୍ରତି ଏକ ଲକ୍ଷରେ ମାତ୍ର ୨ ଜଣ ଏହି ଦୁର୍ଲଭ ସମସ୍ୟାର ଶିକାର ହେଉଥିବା ବେଳେ ଭାରତରେ ଏହି ପୀଡ଼ିତଙ୍କ ସଂଖ୍ୟା ପ୍ରାୟ ୨୮,୦୦୦ ହୋଇପାରେ ବୋଲି ଆକଳନ କରାଯାଇଛି । ସାଧାରଣତଃ ଜେନେଟିକ ପରିବର୍ତ୍ତନ, ଡାଏବେଟିସ କିମ୍ବା ଅନ୍ୟାନ୍ୟ ସ୍ନାୟୁଗତ ସମସ୍ୟା ଯୋଗୁଁ ଯେକୌଣସି ବୟସରେ ଦେଖାଦେଉଥିବା ଏହି ରୋଗର ଉପଯୁକ୍ତ ଚିକିତ୍ସା ଓ ସଚେତନତା ଜରୁରୀ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି ।



## ବିଶ୍ୱର ବଡ ଫୁଲ ପରେଡ

ନେଦରଲ୍ୟାଣ୍ଡସରେ ବିଶ୍ୱର ସବୁଠାରୁ ବଡ଼ ଫୁଲ ପରେଡ୍ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ୨୦ଟି ଗାଁର ଟିମ୍ ଫୁଲରେ ନିର୍ମିତ ଆକର୍ଷଣୀୟ ଝାଙ୍କି ପ୍ରଦର୍ଶିତ କରିଥିଲେ। ଏହି ବର୍ଷ ଏହି ପରେଡ୍‌ର ୯୦ତମ ବାର୍ଷିକୀ ପାଳନ କରାଯାଇଥିବା ବେଳେ ପ୍ରତ୍ୟେକ ଝାଙ୍କିକୁ ସଜାଇବା ପାଇଁ ପ୍ରାୟ ୫ ଲକ୍ଷ ଡାହଲିଆ ଫୁଲ ବ୍ୟବହାର କରାଯାଇଥିଲା । ପ୍ରତି ଗାଁର ଟିମ୍ ନିଜର ଅଲଗା ଅଲଗା ଝାଙ୍କି ତିଆରି କରିଥିଲେ, ଯାହାର ଲମ୍ବ ୬୨ ଫୁଟ, ଓସାର ୧୫ ଫୁଟ ଏବଂ ଉଚ୍ଚତା ୩୦ ଫୁଟ ପର୍ଯ୍ୟନ୍ତ ରହିଥିଲା । ଏହି ଝାଙ୍କିଗୁଡ଼ିକରେ ଫୁଲ ସହିତ ଚଳନଶୀଳ ଅଂଶ, ସଙ୍ଗୀତ ଏବଂ କଳାକାରମାନଙ୍କୁ ସାମିଲ କରାଯାଇଥିଲା, ଯେଉଁଥିରେ 'ଦ ସି ଏଜ୍ ଅ ମିରର' ନାମକ ଝାଙ୍କି ପ୍ରଥମ ସ୍ଥାନ ହାସଲ କରିଥିଲା । ଏହି ପରେଡ୍ ପାଇଁ ପ୍ରସ୍ତୁତି ମାସ ମାସ ପୂର୍ବରୁ ଆରମ୍ଭ ହୋଇଥାଏ; ଜୁଣ୍ଡର୍ଟରେ ଡାହଲିଆ ପାଇଁ ପ୍ରାୟ ୩୩ ହେକ୍ଟର ଜମିରେ ଚାଷ କରାଯାଇ ୫୦ରୁ ଅଧିକ କିସମ ଓ ରଙ୍ଗର ପ୍ରାୟ ୬ ଲକ୍ଷ ଡାହଲିଆ କନ୍ଦା ଉତ୍ପାଦନ କରାଯାଏ । ଝାଙ୍କି ପ୍ରସ୍ତୁତି ସମୟରେ ଶହ ଶହ ଲୋକ ମିଶି ପ୍ରଥମେ ଲୁହାର ଢାଞ୍ଚା ତିଆରି କରନ୍ତି, ତା' ଉପରେ ବିଭିନ୍ନ ଆସ୍ତରଣ ଚଢ଼ାନ୍ତି ଏବଂ ଶେଷରେ ଗୋଟିଏ ଗୋଟିଏ ଫୁଲକୁ ହାତରେ ଯୋଡ଼ିଥାନ୍ତି ।






## ହାଃହାଃ

ସ୍ତ୍ରୀ : ହେଲେ ଶୁଣୁଛ, ବିବାହର ୧୦ ବର୍ଷ ପରେ ବି ତୁମେ ମୋତେ କାହିଁକି ଏତେ ଭଲପାଉଛ ?

ସ୍ୱାମୀ : ଆରେ, ଯେଉଁ ଦିନଠୁ 'ସାବଧାନ ଇଣ୍ଡିଆ' ଏବଂ 'କ୍ରାଇମ୍ ପାଟ୍ରୋଲ୍' ଦେଖିବା ଆରମ୍ଭ କରିଛି, ସେବେଠୁ ମୋର ତୁମ ପ୍ରତି ଭୟ ଓ ଭକ୍ତି ଦୁଇଗୁଣା ବଢ଼ିଯାଇଛି !

## ପଶୁମାନଙ୍କ ପାଇଁ ପରିବେଷଣ କରନ୍ତି ସଙ୍ଗୀତ

ଅଷ୍ଟ୍ରେଲିଆର ଜଣେ ମହିଳା ଏଲିସନ ୱେୟାର ଗତ ୫ ବର୍ଷ ଧରି ନ୍ୟାସନାଲ ଜୁ ଆଣ୍ଡ ଆକ୍ୱାରିୟମରେ ସ୍ୱେଚ୍ଛାସେବୀ ଭାବେ ପଶୁମାନଙ୍କ ପାଇଁ 'ହାର୍ପ' ବଜାଇ ଏକ ନିଆରା ନମୁନା ସୃଷ୍ଟି କରିଛନ୍ତି । ଗଣ୍ଡା, ସିଂହ, ଲିମରଠାରୁ ଆରମ୍ଭ କରି ଆକ୍ୱାରିୟମର ସାଉଥ ଆମେରିକାନ ପାଇକୁ ମାଛ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ସଙ୍ଗୀତର ଧୁନ ଶୁଣିବା ପାଇଁ ତାଙ୍କ ପାଖକୁ ଚାଲିଆସନ୍ତି । ଭିନ୍ନ ଭିନ୍ନ ଆକାରର ହାର୍ପ ବ୍ୟବହାର କରି ସେ ପ୍ରତ୍ୟେକ ଜୀବଙ୍କ ପାଇଁ ସ୍ୱତନ୍ତ୍ର ସ୍ୱର ସୃଷ୍ଟି କରନ୍ତି । ଯେପରିକି ଲିମର କ୍ଷୁଦ୍ର ହାର୍ପର ମୃଦୁ ସ୍ୱର ପସନ୍ଦ କରୁଥିବା ବେଳେ ଗଣ୍ଡା ଗମ୍ଭୀର ସ୍ୱର ବିଶିଷ୍ଟ ବଡ଼ ହାର୍ପ ପ୍ରତି ଅଧିକ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । ଅନେକ ସମୟରେ ଏହି ସଙ୍ଗୀତ ଶୁଣି ପଶୁମାନେ ଶାନ୍ତ ହୋଇ ବସିପଡ଼ନ୍ତି କିମ୍ବା ଶୋଇପଡ଼ନ୍ତି । ଯାହାକି ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ମତରେ ସେମାନଙ୍କ ପାଇଁ ଏକ ନୂତନ ଓ ଶାନ୍ତ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ବୃତ୍ତିରେ ଜଣେ ମ୍ୟୁଜିକ ଥେରାପିଷ୍ଟ ଭାବେ ୨୦ ବର୍ଷର ଅଭିଜ୍ଞତା ରଖିଥିବା ଏଲିସନ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ମଧ୍ୟ ହାର୍ପ ବଜାଇଥାନ୍ତି ।




## ତ୍ରିଷ୍ଟାଙ୍କୁ କଙ୍ଗନାଙ୍କ ସମର୍ଥନ

କଙ୍ଗନା ରାଣାୱତ ବର୍ତ୍ତମାନ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ନିକଟରେ ତ୍ରିଷ୍ଟାଙ୍କୁ ନେଇ କଙ୍ଗନା ଦେଇଥିବା ବୟାନ ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଛି । ସବୁବେଳେ ଗୋଟିଏ ସମ୍ପର୍କ ଦୁଇଜଣଙ୍କ ଭିତରେ ରହିଥାଏ ଏବଂ ଏହାର ଦୁଇଟି ପକ୍ଷ ରହିଥାଏ । ହେଲେ ଏଭଳି ଅନେକ ଉଦାହରଣ ରହିଛି, ଯେଉଁଠି ଏଭଳି ମାମଲାରେ କେବଳ ମହିଳାଙ୍କର ଚରିତ୍ରକୁ ସଂହାର କରାଯାଇଥା । ତେବେ ଏହି ବୟାନରେ ସେ ତ୍ରିଷ୍ଟାଙ୍କ ନାଁ ସିଧାସଳଖ ନେଇ ନାହାନ୍ତି, କିନ୍ତୁ ପରୋକ୍ଷରେ ସେ ତ୍ରିଷ୍ଟାଙ୍କୁ ଇଙ୍ଗିତ କରିଥିବା ଫ୍ୟାନମାନେ ଆଲୋଚନା କରୁଛନ୍ତି । ସେହିଭଳି ମହିଳାଙ୍କୁ ନେଇ ସବୁବେଳେ ଦିଆଯାଉଥିବା ମନ୍ତବ୍ୟ କେବେ ବନ୍ଦ ହେବ ବୋଲି କଙ୍ଗନା ପ୍ରଶ୍ନ କରିଛନ୍ତି । ଦେଶରେ ମହିଳାମାନେ ବର୍ତ୍ତମାନ ଖୁବ ଆଗକୁ ଗଲେଣି ତେଣୁ ଏଭଳି ମନ୍ତବ୍ୟର ବନ୍ଦ ହେବାର ଆବଶ୍ୟକତା ରହିଛି ବୋଲି କଙ୍ଗନା ମତ ଦେଇଛନ୍ତି ।



## ଇତିହାସ

୧୮୯୩- ଚିକାଗୋରେ ଓଜସ୍ୱିନୀ ଭାଷଣ ଦେଇ ବିଶ୍ୱରେ ଚର୍ଚ୍ଚିତ ହୋଇଥିଲେ ସ୍ୱାମୀ ବିବେକାନନ୍ଦ ।

୧୮୯୫- ପ୍ରସିଦ୍ଧ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ତଥା ଗାନ୍ଧିବାଦୀ ନେତା ବିନୋବା ଭାବେଙ୍କ ଜନ୍ମ ।

୧୯୦୬- ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଥିଲେ ମହାତ୍ମା ଗାନ୍ଧି ।

୧୯୧୧- ତତ୍କାଳୀନ ଜନପ୍ରିୟ ଭାରତୀୟ କ୍ରିକେଟର ଲାଲା ଅମରନାଥଙ୍କ ଜନ୍ମ ।

୧୯୪୧- ଆମେରିକା ରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନର ନିର୍ମାଣ ଆରମ୍ଭ ।

୧୯୬୧- ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନ ।

୧୯୬୮- ଫ୍ରାନ୍ସ ଏୟାରଲାଇନ୍ସର ବିମାନ-୧୬୧୧ ଦୁର୍ଘଟଣାଗ୍ରସ୍ତ ହେବାରୁ ୮୯ ଯାତ୍ରୀ ଓ ୬ ବିମାନ କର୍ମଚାରୀଙ୍କ ମୃତ୍ୟୁ ।

୧୯୮୨- ଦକ୍ଷିଣ ଭାରତୀୟ ସିନେ ଅଭିନେତ୍ରୀ ଶ୍ରେୟା ଶରନଙ୍କ ଜନ୍ମ ।

୧୯୮୪- ମୁସ୍‌ଲିମ୍ ଲିଗ୍‌ର ଅଧ୍ୟକ୍ଷ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ନିଧନ ।

୧୯୮୭- ମଧ୍ୟପ୍ରଦେଶର ଷଷ୍ଠ ମୁଖ୍ୟମନ୍ତ୍ରୀ ନରେଶ ଚନ୍ଦ୍ର ସିଂହଙ୍କ ପରଲୋକ ।



## ମେସିନ ଲଗାଉଛି ମେହେନ୍ଦି

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଯୋଗୁଁ କାର୍ଯ୍ୟକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଥିବା ବେଳେ ଏବେ ସାଧାରଣତଃ ମଣିଷ ଦ୍ୱାରା ହେଉଥିବା ହାତକାମକୁ ମଧ୍ୟ ଯନ୍ତ୍ର ସହଜରେ କରାଯାଇପାରୁଛି । ନିକଟରେ ଆରପିଜି ଗ୍ରୁପର ଅଧ୍ୟକ୍ଷ ହର୍ଷ ଗୋଏଙ୍କା ନିଜ 'ଏକ୍ସ' ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି । ଯେଉଁଥିରେ "ଧାରା ମେହେନ୍ଦି ଡିଜାଇନ୍" ନାମକ ଏକ ସୂକ୍ଷ୍ମ ଯନ୍ତ୍ର ମଣିଷ ହାତରେ ଅତ୍ୟନ୍ତ ନିପୁଣତାର ସହ ମେହେନ୍ଦି ଲଗାଉଥିବାର ଦେଖିବାକୁ ମିଳିଛି । ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ସହ "ଆଉ କିଛି ଚାକିରି ଚାଲିଗଲା" ବୋଲି ଗୋଏଙ୍କା ଲେଖିବା ପରେ ପ୍ରଯୁକ୍ତିବିଦ୍ୟା ଓ ଜୀବିକାକୁ ନେଇ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଛି । ଯଦିଓ କିଛି ବ୍ୟବହାରକାରୀ ଏହି ଯନ୍ତ୍ରର ସୁରକ୍ଷା ଓ ବିପଦକୁ ନେଇ ଚିନ୍ତା ପ୍ରକାଶ କରିବା ସହ ମାନବୀୟ ସ୍ପର୍ଶକୁ ଅଧିକ ପସନ୍ଦ କରିବେ ବୋଲି ମତ ଦେଇଛନ୍ତି । ଅନ୍ୟ କେତେକ ଏହା ଦ୍ୱାରା ନୂତନ ରୋଜଗାର ସୃଷ୍ଟି ହେବ ବୋଲି କହିଛନ୍ତି । ଏହି କ୍ରମରେ ଅନେକ ନେଟିଜେନ୍ ଏହି ଭିଡିଓଟି ପ୍ରକୃତ ନୁହେଁ, ବରଂ ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଦାବି କରିବା ପରେ ଏହାକୁ ନେଇ ସନ୍ଦେହ ଓ ଆଲୋଚନା ଆହୁରି ସୋସିଆଲ ମିଡିଆରେ ତୀବ୍ର ହୋଇଛି ।






**ମେଷ:** ସମ୍ପର୍କରେ ସୁଧାର, ସମସ୍ୟା ସମାଧାନ, କର୍ମକ୍ଷେତ୍ରେ ପରିଶ୍ରମ, ବନ୍ଧୁଗୃହେ ଯାତ୍ରା, ଶରୀର ସୁସ୍ଥ, ଅର୍ଥଲାଭ । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଶରୀର ସୁସ୍ଥ, ହେବାକାର୍ଯ୍ୟରେ ବିଳମ୍ବ, ଶତ୍ରୁସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉତ୍ସବକୁ ନେଇ ଆଗ୍ରହ, ଦୂରଯାତ୍ରାରେ ସତର୍କ, ବିଶିଷ୍ଟ କାର୍ଯ୍ୟରେ ବିବାଦ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଧନଲାଭ, ସ୍ୱଜନ ବିରୋଧ, ଦୂରଯାତ୍ରା ସଫଳ, ସମ୍ମାନ ମିଳିବ, ପାରିବାରିକ ସୁଖ, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ, କର୍ମକ୍ଷେତ୍ରେ ସହଯୋଗ ମିଳିବ, ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ । ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଇସତ୍ ଲାଭ, ସଂଖ୍ୟା-୯, ଆରାଧନା-ଗଣେଶ ଭଗବାନ ।

**କର୍କଟ:** ଅର୍ଥଚିନ୍ତା, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ବ୍ୟବସାୟରେ କଷ୍ଟ, ଶରୀର ସୁସ୍ଥ, ଶୁଭ ଆଲୋଚନା, ଅନୁଷ୍ଠାନରୁ ସମ୍ମାନ, ବଡ଼କାର୍ଯ୍ୟରେ ବିବାଦ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ସିଂହ:** ସମ୍ମାନ ମିଳିବ, ପାରିବାରିକ ସହଯୋଗ, ଭ୍ରାତୃଭଗ୍ନୀଙ୍କ ସ୍ନେହଁ, ଅର୍ଥଲାଭ, ବିବାଦ ସମାଧାନ, ଶୁଭଖବର, ଗୃହେ ଆଲୋଚନା ସଫଳ, ନେତୃତ୍ୱରେ ବିଜୟ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ମା' ଗ୍ରାମଦେବତୀ ।

**କନ୍ୟା:** ନୂତନ ଆୟ, ଯାତ୍ରାରେ କଷ୍ଟ, ଶରୀର ସୁସ୍ଥ, ପୁରାତନ ବନ୍ଧୁଲାଭ, ଅଟକିଥିବା କାର୍ଯ୍ୟର ଅଗ୍ରଗତି, ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ଖୁସି, ଦାମ୍ପତ୍ୟ କଳହ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା-ମା' ଭୁବନେଶ୍ୱରୀ ।

**ତୁଳା:** କର୍ମରେ ସଫଳତା, ବିବାଦ ସମାଧାନ, ଅର୍ଥଲାଭ, ନୂତନ କର୍ମନିଯୁକ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ସମ୍ମାନପ୍ରାପନ୍ତି, ପାରିବାରିକ ସଫଳତା, ଶତ୍ରୁ ପରାଜିତ, ଦାମ୍ପତ୍ୟଖୁସି । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଆର୍ଥିକସୁଖ, ବ୍ୟବସାୟରେ ଉନ୍ନତି, ନିନ୍ଦାମିଳିବ, ପରିବାରରେ ମନାନ୍ତର, ସନ୍ତାନଲାଭ, ଭାତୃ ବିବାଦ, ସମ୍ପତ୍ତିଲାଭ, ନୂତନ ଦ୍ରବ୍ୟକ୍ରୟ କରିପାରନ୍ତି, ଗୃହେ ଉତ୍ସବ, ଦାମ୍ପତ୍ୟଖୁସି । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ପୁରାତନ ବିବାଦ, ସ୍ୱାଦିଷ୍ଟ ଭୋଜନ, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁଲାଭ, ଉତ୍ସବରେ ଯୋଗଦାନ, ପାରିବାରିକ ଶାନ୍ତି, ଶୁଭ ଆଲୋଚନା ସଫଳ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ପ୍ରସିଦ୍ଧି । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପିତାମାତାଙ୍କ ସେବା ।

**ମକର:** ଶାରୀରିକ ଆଘାତ, ମାନସିକ କଷ୍ଟ, ହେବାକାର୍ଯ୍ୟ ବିଳମ୍ବ, ଶତ୍ରୁସମସ୍ୟା, ଅର୍ଥକଷ୍ଟ, କିଛି କାର୍ଯ୍ୟରେ ସଫଳତା, ବନ୍ଧୁଲାଭ, ଭ୍ରାତୃ ସହଯୋଗ । ଧନିଷ୍ଠା ନକ୍ଷତ୍ର-ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**କୁମ୍ଭ:** ଅର୍ଥଲାଭ, ପୁରାତନ ବିବାଦ ସମାଧାନ, ଉତ୍ସବକୁ ନେଇ ଦୂରଯାତ୍ରା, ବନ୍ଧୁସହଯୋଗ, ପାରିବାରିକ ଖୁସି, ନୂତନ କର୍ମଆରମ୍ଭ, ଦ୍ରବ୍ୟକ୍ରୟ, ଶରୀର ସୁସ୍ଥ, ଅଯଥା ଚିନ୍ତା । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୧, ଆରାଧନା- ଛୋଟ ପିଲାଙ୍କୁ ଖାଦ୍ୟ ଦିଅନ୍ତୁ ।

**ମୀନ:** ଦ୍ରବ୍ୟ ଲାଭ, ମାନସିକ ଶାନ୍ତି, ସନ୍ତାନ ସମସ୍ୟା, ପାରିବାରିକ ସହଯୋଗ, ବନ୍ଧୁଲାଭ, ଶୁଭଖବର, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଅର୍ଥଲାଭ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।

ଭାଦ୍ରବ କୃଷ୍ଣ ପକ୍ଷ ଅମାବାସ୍ୟା
୧୧.୯.୨୦୨୬, ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮









ୟୁଏଇରେ ଦ୍ୱିତୀୟ ଦିନ ପୁଞ୍ଜିନିବେଶ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଶିଳ୍ପପତିମାନଙ୍କ ସହ ଆଲୋଚନା କରିବା ସହ ନିବେଶ ଲାଗି ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି ।

## ୟୁଏଇର ମନ୍ତ୍ରୀ ଅବ୍ଦୁଲ୍ଲା ବିନ୍ ତୌକ୍ ଅଲ୍ ମାରିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସାକ୍ଷାତକାର



ଭୁବନେଶ୍ୱର (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁଏଇର କ୍ୟାବିନେଟ୍ ସଦସ୍ୟ ତଥା ଅର୍ଥନୀତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଏବଂ ଅନ୍ତର୍ଜାତୀୟ ବିନିଯୋଗ ପରିଷଦର ଅଧ୍ୟକ୍ଷ ମହାମହିମ ଅବ୍ଦୁଲ୍ଲା ବିନ୍ ତୌକ୍ ଅଲ୍ ମାରିଙ୍କ ସହ ବୈଠକ କରିଛନ୍ତି। ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ଅର୍ଥନୈତିକ ଏବଂ ପୁଞ୍ଜିନିବେଶ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା କରାଯାଇଛି। ଏଥିରେ ଓଡ଼ିଶାରେ ନୂତନ ପୁଞ୍ଜିନିବେଶ ସୁଯୋଗ ଅନ୍ୱେଷଣ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାର ଅନୁକୂଳ ବାଣିଜ୍ୟ ପରିବେଶ, ଦୃଢ଼ ଶିଳ୍ପ ପରିବେଶ ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ସମ୍ଭାବନାକୁ ଉପସ୍ଥାପନ କରିବା ସହ ୟୁଏଇର ନିବେଶକମାନଙ୍କୁ ଓଡ଼ିଶାରେ ସୁଯୋଗ ଅନ୍ୱେଷଣ ଏବଂ ପୁଞ୍ଜିନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି।




ନିବେଶକାରୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ

## ଦୁବାଇରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାତିରେ ଦୁବାଇରେ ପହଞ୍ଚିଛନ୍ତି । ଦୁବାଇରେ ତାଙ୍କୁ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ଏବଂ ସେଠାରେ ବସବାସ କରୁଥିବା ଓଡ଼ିଆ ସମ୍ପ୍ରଦାୟର ସଦସ୍ୟମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ। ଗୁରୁବାର ଠାରୁ ଦୁବାଇରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ନିବେଶକ ଓ ଶିଳ୍ପ ପ୍ରତିନିଧିମାନଙ୍କ ସହ ବିଭିନ୍ନ ଉଚ୍ଚସ୍ତରୀୟ ଆଲୋଚନା ଆରମ୍ଭ ହୋଇଛି । ଏହି ଅବସରରେ ଓଡ଼ିଶାର ନିବେଶ ସୁଯୋଗ ଓ ଶିଳ୍ପ ସମ୍ଭାବନାକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରାଯାଇଛି ।

### ଆବୁଧାବି ନିବେଶକ ସମ୍ମିଳନୀରେ ଫାର୍ମ ବି

## ଓଡ଼ିଶାର ପୌଷ୍ଟିକ ଖାଦ୍ୟ ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବା ଲକ୍ଷ୍ୟ : ରଶ୍ମି ସାହୁ

କଟକ, (ସ୍ୱପ୍ର): ବିଶ୍ୱ ଦରବାରରେ ଚମକିଲା ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ । ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ର ଅବୁଧାବିଠାରେ ଆୟୋଜିତ ହୋଇଥିବା "ଓଡ଼ିଶା ନିବେଶକ ସମ୍ମିଳନୀ'ରେ ରାଜ୍ୟର ଅଗ୍ରଣୀ ଖାଦ୍ୟ ଉତ୍ପାଦନକାରୀ ସଂସ୍ଥା ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ (ଫାର୍ମବି) ନିଜର ଦୃଢ଼ ଉପସ୍ଥିତି ଜାହିର କରିଛି । କମ୍ପାନୀର ପରିଚାଳନା ନିର୍ଦ୍ଦେଶିକା ରଶ୍ମି ସାହୁ ଏହି ସମ୍ମିଳନୀରେ ଯୋଗଦେଇ ଓଡ଼ିଶାରେ ଥିବା ଖାଦ୍ୟ ପ୍ରକ୍ରିୟାକରଣର ବିପୁଳ ସମ୍ଭାବନାକୁ ଅନ୍ତର୍ଜାତୀୟ ନିବେଶକ ଏବଂ ବ୍ୟବସାୟୀଙ୍କ ଆଗରେ ତୋଳି ଧରିଛନ୍ତି । ଓଡ଼ିଶା ଏବଂୟୁଏଇ ମଧ୍ୟରେ ବାଣିଜ୍ୟିକ ତଥା ପୁଞ୍ଜିନିବେଶ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସେପେଟମ୍ବର ୯ ତାରିଖରେ ଏହି ସ୍ୱତନ୍ତ୍ର ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରେ ଶିଳ୍ପ ଅନୁକୂଳ ପରିବେଶ, ନିବେଶର ନୂଆ ସୁଯୋଗ ଏବଂ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଭଳି ପ୍ରୋତ୍ସାହନମୂଳକ ନୀତି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେୟୁଏଇର ପ୍ରମୁଖ ଶିଳ୍ପପତି ଓ ନିବେଶକମାନଙ୍କ ସହ ଆଲୋଚନା କରିଛନ୍ତି ଫାର୍ମବିର ପରିଚାଳନା ନିର୍ଦ୍ଦେଶିକା ରଶ୍ମି ସାହୁ । ଆନ୍ତର୍ଜାତୀୟ ସହଭାଗିତା ଏବଂ ବିଶ୍ୱ ବଜାରକୁ ଓଡ଼ିଶାର ଉତ୍ପାଦ ପହଞ୍ଚାଇବା ଲକ୍ଷ୍ୟରେ ବ୍ୟବସାୟିକ ଆଲୋଚନା କରାଯାଇଛି । ଏଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହିତ ଅନେକ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି । ନିଜର ଅଭିଭାଷଣରେ ଶ୍ରୀମତୀ ସାହୁ କହିଛନ୍ତି ଯେ, ଏଭଳି ଏକ ବଡ଼ ମଞ୍ଚରେ ଫାର୍ମବି ତଥା ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଗର୍ବର ବିଷୟ । ଓଡ଼ିଶାରେ ପ୍ରସ୍ତୁତ ଉଚ୍ଚମାନର ଓ ପୌଷ୍ଟିକ ଖାଦ୍ୟ ସାମଗ୍ରୀକୁ ଆଗାମୀ ଦିନରେ ବିଶ୍ୱ ବଜାରରେ ପହଞ୍ଚାଇବା ସହ 'ମେଡ୍ ଇନ୍ ଓଡ଼ିଶା' ପରିଚୟକୁ ସାରା ବିଶ୍ୱରେ ପ୍ରତିଷ୍ଠିତ କରିବା ପାଇଁ ତାଙ୍କ କମ୍ପାନୀ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଆବୁଧାବି ସମ୍ମିଳନୀ ଜରିଆରେ ଫାର୍ମବି ନିଜ ବ୍ୟବସାୟର ନୂଆ ଅଧ୍ୟାୟ ଆରମ୍ଭ କରିବା ସହ ରାଜ୍ୟର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଏକ ନୂଆ ଦିଗନ୍ତ ଉନ୍ମୋଚନ କରିଛି ।



### ସେବା ସଂକଳ୍ପ ଅଭିଯାନ : ସେବାରୁ ସଂକଳ୍ପ, ସଂକଳ୍ପରୁ ବିକଶିତ ଓଡିଶା

## ୨୫ ବର୍ଷର ଜନସେବାର ପ୍ରେରଣାରେ ଓଡିଶାରେ ଆରମ୍ଭ ହେବ ସେବାର ନୂଆ ଅଧ୍ୟାୟ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ, ନିରନ୍ତର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ପ୍ରେରଣା ଭାବେ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆୟୋଜନ କରାଯାଉଛି। ଓଡ଼ିଶାରେ ମଧ୍ୟ ଏହି ଅଭିଯାନକୁ ଜନସେବା, ଜନଭାଗିଦାରୀ ଓ ସାମାଜିକ ଦାୟିତ୍ୱର ଏକ ବ୍ୟାପକ ଅଭିଯାନ ଭାବେ ପାଳନ କରାଯିବ। ରାଜ୍ୟର ସମସ୍ତ ସାଂଗଠନିକ ଜିଲ୍ଲା, ମଣ୍ଡଳ ଓ ବୁଥ୍ ସ୍ତର ପର୍ଯ୍ୟନ୍ତ ଅଭିଯାନକୁ ନିଆଯିବ। ଯୁବକ, ମହିଳା, ଛାତ୍ରଛାତ୍ରୀ, ଚାଷୀ, ଗରିବ ଓ ବଂଚିତ ବର୍ଗଙ୍କୁ ଏଥିରେ ସାମିଲ କରାଯିବ। 'ସେବା ମୋର ଯୋଗଦାନ' ଭାବନା ସହିତ ସାଧାରଣ ନାଗରିକଙ୍କୁ ମଧ୍ୟ ସେବା କାର୍ଯ୍ୟରେ ଯୋଡ଼ାଯିବ। ସ୍କୁଲ ଓ କଲେଜ ସ୍ତରରେ ଚିତ୍ରାଙ୍କନ, ଭାଷଣ ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଆୟୋଜନ କରାଯିବ। ଅଭିଯାନର ଶେଷ ପର୍ଯ୍ୟାୟରେ 'ଜନସେବକ ମହାକୁମ୍ଭ' ମାଧ୍ୟମରେ ଜନପ୍ରତିନିଧି ଓ କାର୍ଯ୍ୟକର୍ତ୍ତାମାନେ ସେବା ପାଇଁ ନିଜର ସଂକଳ୍ପକୁ ପୁନଃ ଦୃଢ଼ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ହେଉଛି ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଓଡ଼ିଶାରେ ବିଜେପି ସରକାର ଜନସେବା ଓ ବିକାଶକୁ ପ୍ରାଥମିକତା ଦେଇ ଆଗକୁ ବଢ଼ୁଛି। ଶ୍ରୀ ସାମଲ କହିଛନ୍ତି ଯେ, ମୋଦିଜୀଙ୍କ ଜନ୍ମଦିନକୁ ୧୭ ସେପ୍‌ଟେମ୍ବର ଆମେ ୧୫ ଦିନ ପାଳନ କରୁ। ରାଷ୍ଟ୍ରୀୟ ସଭାପତିଙ୍କ ଆହ୍ୱାନକ୍ରମେ ଚଳିତ ବର୍ଷ ଏକ ମାସ ଧରି ପାଳନ ହେବ। ସେବା ସଂକଳ୍ପ ଅଭିଯାନ'ର ରାଜ୍ୟ ସଂଯୋଜକ ତଥା ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସେବା ଓ ସଂକଳ୍ପର ଭାବାନାକୁ ନେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ନିରନ୍ତର ଭାବେ ଗତ ୨୫ ବର୍ଷ ଧରି ଯେଉଁଭଳି ସୁଶାସନ କରିଛନ୍ତି, ସେ ବିଷୟରେ ମୋଦିଜୀଙ୍କ ଜନ୍ମଦିବସ ଆସନ୍ତା ୧୭ ସେପ୍‌ଟେମ୍ବରରୁ ଆରମ୍ଭ ହୋଇ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଏକ ମାସ ଧରି "ସେବା ସଂକଳ୍ପ ଅଭିଯାନ" ଭାବେ ପାଳନ କରାଯିବ। "ସେବା ସଂକଳ୍ପ ଅଭିଯାନ'ରେ ଏଥର ଆମେ ୧୩ଟି କାର୍ଯ୍ୟକ୍ରମ ହାତକୁ ନେଇଛୁ, ଯାହା ମାଧ୍ୟମରେ "ବିକଶିତ ଭାରତ ୨୦୪୭'ର ସଂକଳ୍ପ ନିଆଯିବ। ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ଦିନ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୭ ପର୍ଯ୍ୟନ୍ତ 'ମୋ ସ୍ୱପ୍ନର ଭାରତ' କାର୍ଯ୍ୟକ୍ରମ ଅଧିନରେ ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକରେ ଆଗାମୀ ଭବିଷ୍ୟତ, ସ୍ୱପ୍ନ ଓ ମୋ ସ୍ୱପ୍ନର ଭାରତର ପରିକଳ୍ପନାକୁ ନେଇ ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା ହେବ। "ନମୋ ସେବା ଗାଥା' ପଥପ୍ରାନ୍ତ ନାଟକ ଜରିଆରେ ମୋଦିଜୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କ ଜୀବନରେ ଆସିଥିବା ପରିବର୍ତ୍ତନକୁ ପଥପ୍ରାନ୍ତ ନାଟକ ଜରିଆରେ ରାଜ୍ୟର ପ୍ରତ୍ୟେକ ଗ୍ରାମରେ ପ୍ରଦର୍ଶିତ କରାଯିବ।

'ପରିବର୍ତ୍ତନର କାହାଣୀ' କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନା ଦ୍ୱାରା ଲୋକଙ୍କ ଜୀବନରେ ଆସିଥିବା ପରିବର୍ତ୍ତନର କାହାଣୀଗୁଡ଼ିକୁ ମଂଚସ୍ଥ କରାଯିବା ସହିତ ଭିଡଓ ବାର୍ତ୍ତା ମାଧ୍ୟମରେ ହିତାଧିକାରୀମାନଙ୍କ ଅଭିଜ୍ଞତାକୁ ଦେଶ ଓ ବିଶ୍ୱବାସୀଙ୍କୁ ଅବଗତ କରାଇବେ। ସେପ୍‌ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକ୍ ସ୍ତରରେ ଶିବିର ଆୟୋଜନ କରାଯାଇ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ ଯେପରି ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଚିପାରିବ, ତାହା ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯିବ। ଶେଷରେ "ସୁଶାସନ ସଂବାଦ'ବା "ଜନସେବକଙ୍କ ମହାକୁମ୍ଭ' କାର୍ଯ୍ୟକ୍ରମ ଜରିଆରେ ସାରା ଭାରତବର୍ଷରେ ୧ ଲକ୍ଷ ୨୫ ହଜାରରୁ ଉର୍ଦ୍ଧ୍ୱ ଜନପ୍ରତିନିଧି, ଯେପରିକି ସରପଂଚରୁ ସାଂସଦ ପର୍ଯ୍ୟନ୍ତ ସମସ୍ତଙ୍କର ଉପସ୍ଥିତିରେ ସଂପୂର୍ଣ୍ଣ 'ବନ୍ଦେ ମାତରମ୍' ଗାନ କରାଯିବ ଏଥିରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ମଧ୍ୟ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ସେବା ସଂକଳ୍ପର ବାର୍ତ୍ତାକୁ ତଳ ସ୍ତରରେ ପହଂଚାଇବା ପାଇଁ ଗଣମାଧ୍ୟମର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମନ୍ତ୍ରୀ ଡା.ମହାପାତ୍ର ନିବେଦନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ବରିଷ୍ଠ ନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ କମିଟିର ଅନ୍ୟତମ ସଦସ୍ୟ ତଥା ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଏବଂ ବିଧାୟକ ଅମର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




### ଶିଆଳି ବେଳାଭୂମିରେ ପୁଣି ବରପୁତ୍ରଙ୍କୁ ଅସମ୍ମାନ

## ଦାମଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିଲେ, ବିଜୁଙ୍କୁ କାଟିନେଲେ

ପାରାଦୀପ,( ଜିପ୍ର ) :ପ୍ରବାଦ ପୁରୁଷ କଳିଙ୍ଗ ବୀର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ କାଟି ନେଇ ଯାଇଛନ୍ତି।ଏଭଳି ଅଭାବନୀୟ ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଶିଆଳି ବେଳାଭୂମି ନିକଟରେ। ଘଟଣାକୁ ନେଇ ସ୍ଥାନୀୟ ପଦ୍ମପୁର ଗ୍ରାମ ପଂଚାୟତ ସରପଞ୍ଚ ଶ୍ରୀମତୀ ପ୍ରତିଭା ରାଣୀ ପାତ୍ର ଏରସମା ଥାନାରେ ଏତଲା ଦେଇଥିବା ମଧ୍ୟ ଜଣାପଡିଛି। ୨୦୧୯ ମସିହାରେ ସର୍ଗତଃ ଡ ଦାମୋଦର ରାଉତଙ୍କ ଦ୍ୱାରା ଶିଆଳି ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କ ର ା ଯ ା ଇ ଥି ଲ ା । ଗ ତ କ ା ଲି ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଏହି ପ୍ରତିମୂର୍ତ୍ତିକୁ ମୂଳରୁ କାଟି ନେଇଥିବା କୁହାଯାଉଛି। ଗତ ଏପ୍ରିଲ ୨୪ ତାରିଖରେ ସେହି ଶିଆଳି ବେଳାଭୂମି ନିକଟରେ ଦୁଇଦିନ ପରେ ଅନାବରଣ ହେବାକୁ ଥିବା ପୂର୍ବତନ ମନ୍ତ୍ରୀ ଡ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତିକୁ ବନ ବିଭାଗ ହାତୁଡି ସାହାଯ୍ୟରେ ବାଡେଇ ବାଡେଇ ଭାଙ୍ଗିଥିବା ଭିଡିଓ ସାମ୍ନାକୁ ଆସିଥିଲା। ଯାହାକୁ ନେଇ ସେହି ସମୟରେ ଏରସମା ସ୍ୱାଭିମାନ ମଂଚ ପକ୍ଷରୁ ସ୍ଥାନୀୟ ତହସିଲ ନିକଟରେ ମଧ୍ୟ ଧାରଣା ଦିଆଯିବା ସହ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦିଆଯାଇଥିଲା। ଏବେ ଦାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଶିଆଳି ବାଲିଯାତ୍ରା କମିଟିକୁ ସରକାରୀ ଭାବେ ୧୦୦ ସ୍କୋୟାର ଫୁଟ ବିଶିଷ୍ଟ ଏକ ଜମି ଚିହ୍ନଟ କରାଯାଇ ଦିଆଯାଇଥିବା ବେଳେ ପୁଣି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି କେହି ଦୁର୍ବୃତ୍ତ କାଟି ନେଇ ଯାଇଛନ୍ତି।ଯାହାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବାଲିକୁଦା ଏରସମା ବିଧାୟକ ସାରଦା ଜେନା।ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ଅମଳରେ ଦୁଇ ଦୁଇଟି ବରପୁତ୍ରଙ୍କ ପ୍ରତି ମୋ ଅଂଚଳରେ ଘୋର ଅନ୍ୟାୟ କରାଯାଇଛି। ଦାମଙ୍କୁ ଭାଙ୍ଗିଥିଲେ ଏବେ ବିଜୁ ବାବୁଙ୍କୁ କାଟିନେଲେ। ସ୍ଥାନୀୟ ଅଂଚଳରେ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଛି।




### ବ୍ୟାପକ ହେବ ଆନ୍ଦୋଳନ : ସାରଦା

ରାଜନୈତିକ ଉଦେଶ୍ୟ ରଖାଯାଇ ଏଭଳି କରାଯାଇଥିବା ସନ୍ଦେହ ଘନୀଭୂତ ହୋଇଛି। ତୁରନ୍ତ ସରକାର ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ଦଣ୍ଡ ବିଧାନ କରିବା ସହ ବିଜୁ ବାବୁଙ୍କୁ ଉପଯୁକ୍ତ ସମ୍ମାନ ଯୋଗାଇ ଦିଅନ୍ତୁ ନଚେତ ବ୍ୟାପକ ହେବ ଆନ୍ଦୋଳନ ବୋଲି ସେ ଚେତାବନୀ ଦେଇଛନ୍ତି। ବାରମ୍ବାର ଶିଆଳି ବେଳାଭୂମି ନିକଟରେ ଓଡ଼ିଶାର ବରେଣ୍ୟ ବରପୁତ୍ର ମାନଙ୍କ କ୍ଷେତ୍ରରେ ଏଭଳି ଅଭାବନୀୟ ଘଟଣା ଘଟୁଥିବା ବେଳେ ଘଟଣାକୁ ନେଇ ଅନେକ ବୁଦ୍ଧିଜୀବୀ ମଧ୍ୟ ପ୍ରତିକ୍ରୀୟା ପ୍ରକାଶ କରିଛନ୍ତି। ଦିଆଯାଇଥିବା ଏତଲାକୁ ଭିତ୍ତିକରି ଏରସମା ଥାନାରେ ୨୮୯/୨୦୨୬ ଦଫା ୩୦୩(୨)ବିଏନଏସ ନମ୍ବରରେ ମାମଲା ରୁଜୁ କାରାଯିବା ସହ ତଦନ୍ତ ଆରମ୍ଭ ହୋଇଥିବା ଏରସମା ଥାନା ଅଧିକାରୀ ପାର୍ଥ ସାରଥୀ ବେହୁରା ପ୍ରକାଶ କରିଛନ୍ତି।

### ଯାଜପୁର ଜିଲ୍ଲାରେ ମୁଖ୍ୟ ଅତିରିକ୍ତ ଏସ୍‌ପିଙ୍କ ସହ ଖାଲି ପଡିଛି ୧୭୨ ପଦବୀ

## ବିଗିଡି ଚାଲିଛି ଆଇନ ଶୃଙ୍ଖଳା

ଚଣ୍ଡିଖୋଲ, (ବେଣୁଧର ପଣ୍ଡା) : ରାଜ୍ୟର ଏକ ସମ୍ବେଦନଶୀଳ ଜିଲ୍ଲା ଭାବେ ଯାଜପୁର ଜିଲ୍ଲା ଜଣାସୁଣା। ଏହି ଜିଲ୍ଲାରେ ବହୁ ଖଣି ଖାଦାନ ସହିତ ଅନେକ କଳ କାରଖାନା ରହିଥିବାରୁ ଏଠାରେ ପ୍ରତି ମୂହୁର୍ତ୍ତରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ। ଯାହାକୁ ସମ୍ଭାଳିବା ପୋଲିସ ଓ ପ୍ରଶାସନ ପାଇଁ ସର୍ବଦା ଚାଲେଞ୍ଜ ସୃଷ୍ଟି କରିଥାଏ। ହେଲେ ଏପରି ପରିସ୍ଥିତିକୁ ସମ୍ମୁଖୀନ ହୋଇ ସମସ୍ୟାକୁ ସାମାନ୍ୟ କରିବା ଓ ଜିଲ୍ଲାର ସାଧାରଣ ଜନତାଙ୍କୁ ଉତ୍ତମ ପୋଲିସ ସେବା ଯୋଗାଇ ଦେବାକୁ ଏବେ ଜିଲ୍ଲା ପୋଲିସ ପାଖରେ ଲୋକ ବଳର ଘୋର ଅଭାବ ଥିବା ଜଣାପଡିଛି। ଫଳରେ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ବଜାୟ ରଖିବାରେ ପୋଲିସ ପାଇଁ ସମସ୍ୟା ସୃଷ୍ଟି କରିଛି। ଯେଉଁଥି ପାଇଁ ଦୀର୍ଘ ଦିନ ହେବ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଚାଲିଥିବା ଆଲୋଚନା ହେଉଛି। ସରକାରୀ ସୂଚନା ଅନୁଯାୟୀ ଜିଲ୍ଲାରେ ମୋଟ ୨୩ଟି ଥାନା ସହିତ ୧୫ରୁ ଉର୍ଦ୍ଧ୍ୱ ପୋଲିସଫାଣ୍ଡି, ଚେକପୋଷ୍ଟ,ଆଉଟପୋଷ୍ଟ ଓ ଟ୍ରାଫିକ ନିୟନ୍ତ୍ରଣ କକ୍ଷ ରହିଛି। ଏବେ ଜିଲ୍ଲାର ଏକାଧିକ ଥାନା ଓ ଫାଣ୍ଡିରେ ଅଫିସରଙ୍କ ସହିତ ମାତ୍ର ଜଣେ ଦୁଇଜଣ କର୍ମଚାରୀ ଥିବା ସ୍ଥଳେ ଅନେକ ପଦବୀ ଫାଙ୍କା ପଡିଛି। ତେବେ ଦୀର୍ଘ ଦିନହେବ ଥାନା ଫାଣ୍ଡି ଗୁଡିକରେ କର୍ମଚାରୀ ମରୁଡି କାରଣରୁ ସେହି ସବୁ ଇଲାକାରେ ଆଇନ ଶୃଙ୍ଖଳା ରକ୍ଷା କରିବା ଥାନା ଫାଣ୍ଡି ପକ୍ଷେ ସମ୍ଭବ ହେଉନାହିଁ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଜିଲ୍ଲା ପୋଲିସ ମୁଖ୍ୟାଳୟରେ ପାଖାପାଖି ଦେଢ ବର୍ଷ ହେବ ମୁଖ୍ୟ ଅତିରିକ୍ତ ଏସପି ପଦବୀ ଖାଲି ପଡିଛି। ଏହି ପଦବୀରେ ଥିବା ଅତିରିକ୍ତ ଏସପି ଅନିରୁଦ୍ଧ ସାମନ୍ତରାୟ ପଦୋନ୍ନତି ପାଇ ଗତ ୨୦୨୫ ମସିହା ଜୁନ ୧୬ ତାରିଖରୁ ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ତାଙ୍କ ସ୍ଥାନରେ ମୁଖ୍ୟ ଅତିରିକ୍ତ ଏସପି ଭାବେ ନୂଆ ନିଯୁକ୍ତି ମିଳିନାହିଁ। ଜିଲ୍ଲାର ଏସପିଙ୍କ ପରେ ମୁଖ୍ୟ ଅତିରିକ୍ତ ଏସପିଙ୍କର ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା ଓ ପୋଲିସ ବ୍ୟବସ୍ଥାର ସୁପରିଚାଳନା କରିବାରେ ମୁଖ୍ୟ ଭୁମିକା ରହିଥାଏ। ତେବେ ଏହି ପଦବୀରେ ଏବେ ଜଣେ ଦକ୍ଷ ଓ ଅଭିଜ୍ଞ ସମ୍ପର୍ଣ୍ଣ ଅଧିକାରୀ ନଥିବାରୁ ଜିଲ୍ଲାର ପୋଲିସ ସେବା ଲୋକାଭିମୁଖୀ ହୋଇପାରୁ ନଥିବା ଆଲୋଚନା ହେଉଛି। ତେବେ ଶ୍ରୀ ସାମନ୍ତରାୟଙ୍କ ବଦଳି ପରେ ଏବେ ସେହି ସ୍ଥାନରେ ଜିଲ୍ଲାର ଆଇୟୁସିଏଡବ୍ଲୁ ଦାୟିତ୍ୱରେ ଥିବା ଅତିରିକ୍ତ ଏସି ସିତିକଣ୍ଠ କାନୁନଗୋଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଏକସଙ୍ଗେ ଦୁଇଟି ଦାୟିତ୍ୱରେ ଥିବାରୁ ଜିଲ୍ଲାର ମୁଖ୍ୟ ଅତିରିକ୍ତ ଏସପି ପରି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ସୁଚାରୁରୂପେ ତୁଲାଇବା ତାଙ୍କ ପକ୍ଷେ ସମ୍ଭବପର ହେଉନଥିବା ଆଲୋଚନା ହେଉଛି। ଏଥିସହ ସରକାରୀ ତଥ୍ୟ ଓ ୨୦୨୬ ପୋଲିସ ଭ୍ୟାକେନ୍ସି ତାଲିକାର ସୂଚନା ଅନୁସାରେ ଯାଜପୁର ଜିଲ୍ଲାରେ ୧୭୨ଟି ପୋଲିସ ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଥିବା ଜଣାପଡିଛି। ସେଥିମଧ୍ୟରୁ ୧୧୨ଟି କଷ୍ଟେବଲ,୪୦ ହାବିଲଦାର,୧୯ ସବଇନ୍ସପେକ୍ଟର ପଦବୀ ଫାଙ୍କା ପଡିଥିବା ଜଣାପଡିଛି। ଏହିସବୁ ପଦବୀ ପୁରଣ ହେଉ ନଥିବାରୁ ଜିଲ୍ଲାର ଥାନା ଓ ଫାଣ୍ଡି ଗୁଡିକରେ ଦୀର୍ଘ ଦିନ ହେବ କର୍ମଚାରୀ ଅଭାବ ଜନିତ ଅଚଳାବସ୍ଥା ଦେଖା ଦେଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଜିଲ୍ଲାରେ ଏପିଆରରୁ ଓଆରକୁ ପଦୋନ୍ନତି ପାଇ ଅନେକ କନଷ୍ଟେବଲ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ପୂର୍ବପରି ରହିଥିଲେ ମଧ୍ୟ ସେମାନଙ୍କୁ ଥାନା ଫାଣ୍ଡିରେ ଅଦ୍ୟାବଧି ନିଯୁକ୍ତି ଦିଆଯାଇ ନଥିବା ଜଣାପଡିଛି। ଏମାନେ ରିଜର୍ଭ କାର୍ଯ୍ୟାଳୟ ଛାଡି ଥାନା ଫାଣ୍ଡିକୁ ଗଲେ କନଷ୍ଟେବଳ ଅଭାବ ଜନିତ ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

# ମହାନ୍ ବରପୁତ୍ରଙ୍କ ପ୍ରତି ଅସମ୍ମାନ ଗ୍ରହଣୀୟ ନୁହେଁ

ଭୁବନେଶ୍ୱର, (ସବ୍ୟୁ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅନ୍ତର୍ଗତ ପଦମପୁର ପଞ୍ଚାୟତର ଶିଆଳି ବେଳାଭୂମି ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ



ପ୍ରତିମୂର୍ତ୍ତିକୁ କିଛି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଉକ୍ତ ଘଟଣା ନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ, ଶିଆଳି ବେଳାଭୂମି ରାଜ୍ୟର ଏକ ପ୍ରମୁଖ ବେଳାଭୂମି। ଅନେକ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଉକ୍ତ ସ୍ଥାନରେ ଗତ ୯ ତାରିଖ ରାତିରେ କିଛି ଦୁର୍ବୃତ୍ତମାନେ ପ୍ରବାଦ ପୁରୁଷ, ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦେଇଛନ୍ତି। ଏହା ଅତି ନିନ୍ଦନୀୟ ଘଟଣା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ସ୍ଥାନୀୟ ସରପଞ୍ଚ ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ୨୪ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ଧରା ପଡିଲେ ନାହିଁ। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ରାଜ୍ୟ ସାରା ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ବିଜୁ ପଟ୍ଟନାୟକ ତିନି ରାଷ୍ଟ୍ରର ସର୍ବୋଚ୍ଚ ରାଷ୍ଟ୍ର ମାନ୍ୟତା ପାଇଛନ୍ତି। ଭାରତ ବର୍ଷ ଯେଉଁ ବ୍ୟକ୍ତିତ୍ୱଙ୍କୁ ନେଇ ଗର୍ବ ଅନୁଭବ କରେ, ତାଙ୍କୁ ଅପମାନିତ କରାଯାଇଛି। ତାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟ ସରକାର ପ୍ରତି ମୁହୂର୍ତ୍ତରେ ଓଡିଶା ତଥା ଓଡ଼ିଆ ଅସ୍ମିତାକୁ ହତ୍ୟା କରୁଛନ୍ତି। ଯାହା ଫଳରେ ବିଶ୍ୱ ଦରବାରରେ ଓଡ଼ିଶା ନିନ୍ଦିତ ହେଉଛି। ରାଜ୍ୟ ସରକାରଙ୍କ ଏହିପରି କାର୍ଯ୍ୟକଳାପ ଗୁଡିକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଭଙ୍ଗା ଯାଇଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପିତ କରିବା ପାଇଁ ରାଜ୍ୟ ସରକାର ଯତ୍ନବାନ ହୁଅନ୍ତୁ। ଏହିପରି କାର୍ଯ୍ୟକୁ ଓଡ଼ିଆ ଜାତି କ୍ଷମା କରିବ ନାହିଁ। ରାଜ୍ୟ ସରକାର ଘଟଣା ପ୍ରତି ଯତ୍ନଶୀଳ ହୋଇ ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।

### ଘଟଣା ସ୍ଥଳକୁ ଯିବେ ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର (ସବ୍ୟୁ): ଉକ୍ତ ଘଟଣାର ଅନୁସନ୍ଧାନ ପାଇଁ ବିଜେଡ଼ିର ଏକ ପ୍ରତିନିଧୀ ମଣ୍ଡଳୀ ଶୁକ୍ରବାର (ଆଜି) ଘଟଣାସ୍ଥଳକୁ ଗସ୍ତ କରିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ପ୍ରତିନିଧି ମଣ୍ଡଳୀକୁ ଅନୁମୋଦନ କରାଯାଇଛି। ଏହି ପ୍ରତିନିଧି ଦଳ ସ୍ଥାନୀୟ ଲୋକଙ୍କୁ ଭେଟିବା ସହ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିବେ। ପ୍ରଶାନ୍ତ ମୁଦୁଲିଙ୍କ ସଂଯୋଜନାରେ ଉକ୍ତ ପ୍ରତିନିଧୀ ଦଳରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ବିଧାୟକ ଶାରଦା ପ୍ରସନ୍ନ ଜେନା, ସମ୍ବିତ ରାଉତରାୟ, ଡ. ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ମିନତୀ ବେହେରା, ଲୋରା ମହାପାତ୍ର, ଅରିନ୍ଦମ ସର୍ଖେଲ, ନାରାୟଣ ଜେନା ରହିବେ। ପ୍ରତିନିଧି ଦଳ ସ୍ଥାନୀୟ ଆଇଆଇସି ଏବଂ ଜଗତସିଂହପୁର ଏସ୍‌ପିଙ୍କୁ ଭେଟିବେ। ପ୍ରତିମୂର୍ତ୍ତି ଭଙ୍ଗାରୁଜା ପାଇଁ ଦାୟୀ ବ୍ୟକ୍ତି ମାନଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବା ସହ ପ୍ରତିମୂର୍ତ୍ତିର ଶୀଘ୍ର ପୁନଃସ୍ଥାପନ ପାଇଁ ଦାବି କରିବେ।

# କିଟ୍‌ରେ ଇଂଲିଶ ଆକସେସ୍ ସ୍କଲାରସିପ୍ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଆମେରିକାର ହାଇଦ୍ରାବାଦସ୍ଥିତ କନସୁଲେଟ୍ ଜେନେରାଲ୍ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ କିଟ୍ ରେ ପଢୁଥିବା ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ ବା (ଷ୍ଟେମ୍) ଛାତ୍ରଛାତ୍ରୀଙ୍କ ପାଇଁ ଇଂଲିଶ ଆକସେସ ସ୍କଲାରସିପ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଆମେରିକା ମିଶନ୍ ଇଣ୍ଡିଆର ରିଜିଓନାଲ୍ ଇଂଲିଶ ଲାଙ୍ଗୁଏଜ ଅଫିସ୍ (ରେଲୋ) ସହଯୋଗରେ ଏହି କାର୍ଯ୍ୟକ୍ରମ ବୁଧବାର କିଟ୍ ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହାଇଦ୍ରାବାଦସ୍ଥିତ ଆମେରିକୀୟ କନସୁଲେଟ୍‌ର କନସୁଲ୍ ଜେନେରାଲ୍ ଲାରା ୱିଲିୟମ୍ସଙ୍କ ସମେତ କନସୁଲେଟ୍‌ର ଏକ ପ୍ରତିନିଧି ଦଳ ଉପସ୍ଥିତ ଥିଲେ। ଏହା ଏକ ଏକବର୍ଷିଆ ସ୍କଲାରସିପ୍ କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ ବିଷୟ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ପରିକଳ୍ପନା



କରାଯାଇଛି। ଗବେଷଣା ଓ ଏକାଡେମିକ୍ ଯୋଗାଯୋଗ କ୍ଷେତ୍ରରେ ଆମେରିକୀୟ ମାନଦଣ୍ଡ ସଂପର୍କରେ ଛାତ୍ରଛାତ୍ରୀଙ୍କ ବୁଝାମଣାକୁ ମଜଭୁତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

ଏହି କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବେ। ଆମେରିକା ଓ ଭାରତ ମଧ୍ୟରେ ଅଧିକ ଘନିଷ୍ଠ ସହଯୋଗ ଦିଗରେ ଏହି ପଦକ୍ଷେପ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉଚ୍ଚଶିକ୍ଷା, ଗବେଷଣା ଓ ବୃତ୍ତିଗତ କ୍ଷେତ୍ରରେ ସଫଳତା ହାସଲ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ସହ ଏହି କାର୍ଯ୍ୟକ୍ରମ ସେମାନଙ୍କୁ ବିଶ୍ୱସ୍ତରୀୟ ଅଭିଜ୍ଞତା ଓ ଏକ୍ସପୋଜ ପ୍ରଦାନ କରିବ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଆମେରିକା କନସୁଲେଟ୍ ଜେନେରାଲ୍ ଏବଂ ରେଲୋକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଲେ, ଏହି କାର୍ଯ୍ୟକ୍ରମ ଷ୍ଟେମ୍ ବିଷୟର ଛାତ୍ରଛାତ୍ରୀଙ୍କୁ ନିଜର ଯୋଗାଯୋଗ ଓ ଗବେଷଣା ଦକ୍ଷତାକୁ ଆମେରିକୀୟ ମାନଦଣ୍ଡ ସହିତ ସମନ୍ୱିତ କରିବାରେ ସହାୟତା କରିବ। କିଟ୍ ଛାତ୍ରଛାତ୍ରୀଙ୍କୁ ଏଭଳି ସୁଯୋଗ ମିଳିବା ନିଶ୍ଚିତ ଗୌରବର ବିଷୟ। ଏଭଳି ସୁଯୋଗ ସେମାନଙ୍କୁ ବିଶ୍ୱସ୍ତରରେ ଶିକ୍ଷାଲାଭ, ଯୋଗାଯୋଗ ଓ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଚାକିରି ଦେବା ନାଁରେ କୋଟି କୋଟି ଟଙ୍କା ଠକେଇ

# ଅଭିଯୁକ୍ତର ଜାମିନ ଆବେଦନ ଖାରଜ

କଟକ, (ସବ୍ୟୁ) : ସୁରକ୍ଷା କର୍ମୀ (ସିକ୍ୟୁରିଟି ଗାର୍ଡ) ଏବଂ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ଦେବା ନାଁରେ ସାଧାରଣ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ସତ୍ୟବ୍ରତ ସାହୁଙ୍କ ଜାମିନ୍ ଆବେଦନକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ଠକେଇର ପରିମାଣ ଏବଂ ସାଧାରଣ ଜନତାଙ୍କୁ ପ୍ରତାରଣା କରିଥିବା ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି କୋର୍ଟ ଅଭିଯୁକ୍ତଙ୍କୁ ଜାମିନ୍ ଦେବାକୁ ମନା କରିଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଅଭିଯୁକ୍ତଙ୍କ ଦ୍ୱାରା ଦାଖଲ ହୋଇଥିବା ଜାମିନ୍ ଆବେଦନର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ସୋନପୁର ଥାନାରେ ଦାଖଲ ହୋଇଥିବା ଏଫ୍‌ଆଇଆର୍ ଅନୁସାରେ ଅଭିଯୁକ୍ତ ସତ୍ୟବ୍ରତ ସାହୁ ଜାଲ ପ୍ରମାଣପତ୍ର ଓ ଜାଲ୍ ସ୍ୱାକ୍ଷର ପ୍ରସ୍ତୁତ କରି ବିଭିନ୍ନ ସଂସ୍ଥାରେ ଚାକିରି ଦେବା ନାଁରେ ନିରୀହ ଲୋକଙ୍କୁ ଠକିଥିଲେ। ବିଭିନ୍ନ ବ୍ୟକ୍ତିଙ୍କଠାରୁ ସିକ୍ୟୁରିଟି ଗାର୍ଡ ଚାକିରି ପାଇଁ ଜଣକ ପିଛା ୧ ଲକ୍ଷ ଟଙ୍କା ଏବଂ ଡାଟା ଏଣ୍ଟ୍ରି ଅପରେଟର ପଦ ପାଇଁ ଜଣକ ପିଛା ୧.୮୦ ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିଲା। ତେବେ ଟଙ୍କା ନେବା ପରେ ମଧ୍ୟ କାହାକୁ ଚାକିରି ଦିଆଯାଇ ନଥିଲା। ସୋନପୁର ଥାନା ଆଇଆଇସିଙ୍କ ଦ୍ୱାରା କୋର୍ଟରେ ଦାଖଲ ହୋଇଥିବା ଲିଖିତ ତଥ୍ୟ ଅନୁଯାୟୀ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨.୫ କୋଟିରୁ ଅଧିକ ଟଙ୍କାର କାରବାର ହୋଇଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ମାମଲାର ଶୁଣାଣି ସମୟରେ ଅଭିଯୁକ୍ତଙ୍କ ଓକିଲ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ନିଜ ନିଜର ଯୁକ୍ତି ରଖିଥିଲେ।

# ଏମଟି ୟୁନିଟ୍ ଜାହାଜକୁ ଗିରଫ କର :ହାଇକୋର୍ଟ

କଟକ,(ସବ୍ୟୁ): ପାରାଦୀପ ବନ୍ଦରରେ ପହଞ୍ଚିଥିବା ଜାହାଜ ଏମଟି ୟୁନିଟ୍‌କୁ ଗିରଫ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଇଣ୍ଟରଓସନ୍ ସିଫି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ଆଡମିରାଲିଟି ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ଆଦେଶ ଦେଇଛନ୍ତି। ତେବେ ଯଦି ଜାହାଜରେ କୌଣସି ସାମଗ୍ରୀ ଆସିଥାଏ ଏବଂ ତାହାକୁ ପାରାଦୀପରେ ଅପ୍‌ଲୋଡ କରାଯିବାର ଆବଶ୍ୟକତା ରହିଥାଏ ତାହେଲେ ଏହି ଆଦେଶ ଏଥିରେ କୌଣସି ପ୍ରକାର ପ୍ରତିବନ୍ଧକ ସାଜିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ଶୁଣାଣି ଅକ୍ଟୋବର ୧୨ ତାରିଖକୁ ଧାର୍ଯ୍ୟ ହୋଇଛି। ଇଣ୍ଟରଓସନ୍ ସିଫି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ଅଭିଯୋଗ ହେଲା ଯେ, ଜାହାଜ ମାଲିକଙ୍କଠାରୁ ତାଙ୍କର ୪୨ଲକ୍ଷ ୮୩ ହଜାର ୨୭୧ ଟଙ୍କା ପାଇବାର ଥିଲା। କିନ୍ତୁ ଜାହାଜ ମାଲିକ ଏହି ଅର୍ଥ ନଦେବାରୁ ସେ ବାଧହୋଇ ଏହି ମାମଲା ରୁଜୁ କରିଛନ୍ତି। ଜାହାଜଟି ପାରାଦୀପ ବନ୍ଦର ଛାଡ଼ିବା ପୂର୍ବରୁ ତୁରନ୍ତ ଗିରଫ ପାଇଁ ଆବେଦନକାରୀଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା । ହାଇକୋର୍ଟ ଏହି ପ୍ରାର୍ଥନାକୁ ଗ୍ରହଣ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

### ଓରାଙ୍ଗଉଟାନ ଉଦ୍ଧାର ଘଟଣା

# ଚାପରେ ଥିବାରୁ ଦିଆଯିବ ମ୍ୟୁଜିକ୍ ଥେରାପି, ଆଳୁ ସିଝା ଖାଇ ଝୁଲଣରେ ଝୁଲୁଛନ୍ତି

ଭୁବନେଶ୍ୱର/ବାରଙ୍ଗ (ସବ୍ୟୁ) : ବାଲେଶ୍ୱର ଭୋଗରାଇ ନିକଟ ବିଚିତ୍ରପୁର ଜଙ୍ଗଲରୁ ଓରାଙ୍ଗଉଟାନ ଉଦ୍ଧାର ଘଟଣାକୁ ସରକାର ଗୁରୁତର ସହ ନେଇଥିବା ବେଳେ ଏସ୍‌ଟିଏଫ୍ ତଦନ୍ତକୁ ତ୍ୱରାନ୍ୱିତ କରିଛି । ଏଥିସହ ନନ୍ଦନକାନନରେ ସେମାନଙ୍କ ଯତ୍ନ ଅତି ସତର୍କତା ସହ ନିଆଯାଉଛି । ସେମାନେ ଚାପରେ ଥିବାରୁ ତାଙ୍କୁ ମ୍ୟୁଜିକ୍ ଥେରାପି ଦିଆଯିବା ପାଇଁ ବାୟୋଲୋଜିଷ୍ଟ ପରାମର୍ଶ ଦେଇଛନ୍ତି । କଦଳୀ, ସେଉ ସହ ଗୁରୁବାର ତାଙ୍କୁ ସିଝାଆଳୁ ଖାଇବାକୁ ଦିଆଯାଉଛି । ଖାଇବା ପରେ ଝୁଲଣରେ ଝୁଲି ପପୁ ବୋତଲରେ କ୍ଷୀର ପିଉଛନ୍ତି । ଓ୍ୱାଇଲ୍ଡଲାଇଫ୍ ସେଣ୍ଟର ପକ୍ଷରୁ ନନ୍ଦନକାନନ କର୍ତ୍ତୃପକ୍ଷ ପରାମର୍ଶ ନେବା ସହ ମହୀଶୂର ଚିଡିଆଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ୫ ଓରାଙ୍ଗଉଟାନଙ୍କ ଯତ୍ନ ନିଆଯାଉଥିବା ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି । ୧୦ଦିନ ପରେ ସେମାନେ କେଉଁ ପ୍ରଜାତିର ଜାଣିବା ପାଇଁ ଡିଏନ୍ଏ ଟେଷ୍ଟ ହେବ ।

ବାଂଲାଦେଶ ଓ ମିଆଁମାର ପଠାଇବା ଆନ୍ତର୍ଜାତୀୟ ତସ୍କର ତାଙ୍କୁ ଆଣିଥିବା ସନ୍ଦେହ କରାଯାଉଛି । ହେଲେ ବିମାନ ଯୋଗେ ପଶ୍ଚିମବଙ୍ଗ ଆଣିବା ପରେ ସ୍ଥଳ ପଥରେ ଓଡ଼ିଶା ଆଣିଥାଇ ପାରନ୍ତି । କାରଣ ଜଳପଥରେ ବାଂଲାଦେଶ ଓ ମିଆଁମାର ପଠାଇବାରେ ବିଫଳ ହୋଇ ଜାତୀୟ ରାଜପଥରେ ନଆସି ଭିତର ଗାଉଁଲି ରାସ୍ତାରେ ସେମାନଙ୍କୁ ଆଣି ବିଚିତ୍ରପୁର ଜଙ୍ଗଲରେ ଛାଡିଥାଇପାରନ୍ତି ବୋଲି କୁହାଯାଉଛି । ଏସ୍‌ଟିଏଫ୍ ଓ ଡିଏଫ୍‌ଓ ଟିମ୍ ଗୁରୁବାର ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିଛନ୍ତି । ଏସ୍‌ଟିଏଫ୍ ପକ୍ଷରୁ ୬୦ଘଣ୍ଟାରେ ୫୦ ସିସିଟିଭି ଯାଞ୍ଚ ସରିଲାଣି । ବନ୍ୟଜନ୍ତୁ ଅପରାଧ ନିୟନ୍ତ୍ରଣ ବ୍ୟୁରୋର ଟିମ୍ ମଧ୍ୟ ଘଟଣା ପରେ ତୀକ୍ଷ୍ଣ ନଜର ରଖି ଅନୁଧ୍ୟାନ କରୁଛନ୍ତି । ଦୁଇଟି ଟିମ୍ ଆସି ପଶ୍ଚିମବଙ୍ଗ ଓ ଭୋଗରାଇ ପ୍ରଭୃତି ଅଞ୍ଚଳରେ ଓରାଙ୍ଗଉଟାନଙ୍କୁ ଅଣାଯିବା ଘଟଣାକୁ ନେଇ ଅନୁଧ୍ୟାନ କରୁଛନ୍ତି । ବିଚିତ୍ରପୁର ପାଖ ବଡସାହି ଜଙ୍ଗଲରୁ ତଦନ୍ତକାରୀ ଏସ୍‌ଟିଏଫ୍ ଟିମ୍ ଜରିଆରେ ଥିବା ଏକ ମାକ୍ସ ଜବତ କରିଛି । ସେହି ମାକ୍ସ ଓରାଙ୍ଗଉଟାନଙ୍କୁ ଆଣିଥିବା ତସ୍କରମାନେ ବ୍ୟବହାର କରିଥାଇପାରନ୍ତି ବୋଲି ତଦନ୍ତକାରୀ ଟିମ୍ ସନ୍ଦେହ କରୁଛି । ବୁଧବାର କଳାରଙ୍ଗର ଥାର୍ ଗାଡିର ସିସିଟିଭି ଫୁଟେଜ ସଂଗ୍ରହ କରିଥିଲା ଏସ୍‌ଟିଏଫ୍ । ତଦନ୍ତକାରୀ ଟିମ୍ ପଶ୍ଚିମବଙ୍ଗ କାଲାଘାଟ ଯାଇ ସିସି କ୍ୟାମେରା ଯାଞ୍ଚ କରିଛି ।

ଜଳପଥରେ ବାଂଲାଦେଶ କିମ୍ବା ମିଆଁମାର ପଠାଇବା ପାଇଁ ତସ୍କର ଯୋଜନା କରିଥାଇ ପାରନ୍ତି । ସୀମାରେ ଜଳପଥ ପାଟ୍ରୋଲିଂ କଡାକଡି ହେଉଥିବାରୁ ସେମାନେ ବିଫଳ ହୋଇ ବିଚିତ୍ରପୁର ଜଙ୍ଗଲରେ ସେମାନଙ୍କୁ ଛାଡି ଦେଇଥିବା କୁହାଯାଉଛି । ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାମ ଓରାଙ୍ଗଉଟାନଙ୍କ ଯତ୍ନ ନେଇ ସେମାନଙ୍କୁ ଚାପମୁକ୍ତ କରି ବଞ୍ଚାଇ ରଖିବା । ନନ୍ଦନକାନନରେ ସେମାନଙ୍କ ପାଇଁ ତିନି ସିପଫରେ ୨୪ଘଣ୍ଟିଆ ଡିଉଟି ବ୍ୟବସ୍ଥା କରାଯାଇଛି । ସବୁ ସିପଫରେ କେୟାରଟେକରଙ୍କ ସହ ଜଣେ ଲେଖାଏଁ ଡାକ୍ତର ରହୁଛନ୍ତି । ରାତି ସମୟରେ ସେମାନଙ୍କୁ ସତର୍କତା ସହ ନଜର ରଖାଯାଇ ଦୁଇଘଣ୍ଟାରେ ଥରେ ଲେଖାଏଁ ଖାଇବାକୁ ଦିଆଯାଉଛି । ସେମାନଙ୍କ ଖାଇବା, ପିଇବା ଠିକ୍ ଥିଲେ ମଧ୍ୟ ଚାପରେ ରହୁଥିବାରୁ ବେଳେବେଳେ ବନସ୍ତାପରେ ବସୁଛନ୍ତି । କାରଣ ସେମାନେ ମା'କୁ ଛାଡିଥିବାରୁ ଅବସାଦରେ ରହୁଛନ୍ତି । ଅବସାଦ ମୁକ୍ତ କରିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ମା'ଭଳି ଯତ୍ନ ନେଉଛନ୍ତି । ନନ୍ଦନକାନନ ପଶୁ ଡାକ୍ତରଖାନାରେ ଏସି ରୁମ୍‌ରେ ମିଳିତ ଭାବେ ରହୁଛନ୍ତି ।

### ଓଡ଼ିଶାରେ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ

# 'ସ୍ୱଚ୍ଛତା ହି ସେବା ୨୦୨୬' ପାଳିତ ହେବ

**ସଫେଇ କର୍ମଚାରୀଙ୍କ ସମ୍ମାନ ଓ ସମାବେଶୀ ସହରୀ ଜୀବନ ଉପରେ ଗୁରୁତ୍ୱ**

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦେଶବ୍ୟାପୀ 'ସ୍ୱଚ୍ଛତା ହି ସେବା' -୨୦୨୬ ଅଭିଯାନ ପାଳିତ ହେବ। ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ, ସ୍ୱଚ୍ଛତା ଓ ପରିମଳ, ସଫେଇ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ଏବଂ ସ୍ଥାୟୀ ସହରୀ ଜୀବନଯାତ୍ରାକୁ ଏହି ଅଭିଯାନରେ ପ୍ରାଥମିକତା ଦିଆଯିବ। 'ସ୍ୱଚ୍ଛତା ହି ସେବା ୨୦୨୬' ପାଳନ ସମ୍ପର୍କରେ ଆଜି କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଏସବିଏମ (ସହରାଞ୍ଚଳ) ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକ ପରେ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମର କମିଶନର ଏବଂ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଅଭିଯାନର ସଫଳ, ସମନ୍ୱିତ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, "ସ୍ୱଚ୍ଛତା ହି ସେବା ପାଇଁ ଓଡ଼ିଶାର ପ୍ରସ୍ତୁତି ଶେଷ ହୋଇଛି ଏବଂ କେନ୍ଦ୍ରର ସମସ୍ତ ମାର୍ଗଦର୍ଶିକାକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯିବ । ଓଡ଼ିଶାରେ ଏକ କୋଟି ଦୀପ ପ୍ରଜ୍ୱଳନ ପାଇଁ ମଧ୍ୟ ଯୋଜନା କରାଯାଇଛି, ଯେଉଁଥିରେ ପ୍ରତି ଜିଲ୍ଲାର ପ୍ରତିଟି ପରିବାରକୁ ସାମିଲ କରାଯିବ। ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବିଭାଗ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ପରିମଳ ଓ ସଫେଇ କାର୍ଯ୍ୟ ସହ ଜଳାଶୟଗୁଡ଼ିକର ବିକାଶ କାର୍ଯ୍ୟ ହାତକୁ ନେବ। ସେହିପରି, ବିଭାଗ ସହରାଞ୍ଚଳରେ ଏହିଭଳି କାର୍ଯ୍ୟକ୍ରମ କରିବ । କାର୍ଯ୍ୟ ପୂର୍ବରୁ ଓ ପରେ ଥିବା ସ୍ଥିତିକୁ ଭିଡିଓ ଜରିଆରେ ରେକର୍ଡ କରାଯାଇ ପରିବର୍ତ୍ତନକୁ ପ୍ରଦର୍ଶିତ କରାଯିବ। ଆମକୁ ମିଳିଥିବା ସମସ୍ତ ନିର୍ଦ୍ଦେଶକୁ ତାହାର ପ୍ରକୃତ ଭାବନାରେ ସଫଳତାର ସହ କାର୍ଯ୍ୟକାରୀ କରାଯିବ ।

ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ "ସ୍ୱଚ୍ଛତା ମେଁ ସହଭାଗ, ସ୍ୱଚ୍ଛ ଭାରତ, ବିକଶିତ ଭାରତ" ମୂଳମନ୍ତ୍ରକୁ ଆଧାର କରି ଏହି ଅଭିଯାନ ପାଳିତ ହେବ । ନାଗରିକ, ସରକାରୀ ସଂସ୍ଥା, ଜନପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ, ସାମାଜିକ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଏଥିରେ ସକ୍ରିୟ ଭାବେ ସାମିଲ କରାଯିବ । ଏହି ଅଭିଯାନ ପାଞ୍ଚଟି ପ୍ରମୁଖ ସ୍ତମ୍ଭ ଉପରେ ଆଧାରିତ ହେବ। ସ୍ୱଚ୍ଛତା ଲକ୍ଷ୍ୟ ଏକକ ଏବଂ ଅଳିଆ ଆବର୍ଜନା ପଡୁଥିବା ସ୍ଥାନ ଗୁଡ଼ିକର ଚିହ୍ନଟ ଓ ସମୟୋଚିତ ରୂପାନ୍ତରଣ; 'ସ୍ୱଚ୍ଛତା ଜ୍ଞାନ ଯାତ୍ରା' ଓ 'ସ୍ୱଚ୍ଛତା ସମ୍ବାଦ' ମାଧ୍ୟମରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଅଂଶଗ୍ରହଣ; ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ସଂଯୋଗ ପାଇଁ 'ସଫାଇମିତ୍ର ସୁରକ୍ଷା ଏବଂ ସମ୍ମାନ ଶିବିର'; ଶୂନ୍ୟ-ବର୍ଜ୍ୟବସ୍ତୁ କ୍ରୀଡ଼ା ଓ ପରିବେଶ ଅନୁକୂଳ ଉତ୍ସବ ମାଧ୍ୟମରେ ଜନଭାଗିଦାରୀ; ଏବଂ 'ସ୍ୱଚ୍ଛତା ସେ ସମୃଦ୍ଧି' ଅଧୀନରେ ବର୍ଜ୍ୟବସ୍ତୁରୁ କଳା, ବର୍ଜ୍ୟବସ୍ତୁରୁ ସମ୍ପଦ ଭଳି ଅର୍ଥନୀତି ଅଭ୍ୟାସକୁ ପ୍ରୋତ୍ସାହନ ଦିଆଯିବ ।

ଚିହ୍ନଟ ହୋଇଥିବା ସ୍ଥାନ ଏବଂ ଅଳିଆ ପଡୁଥିବା ଅଞ୍ଚଳଗୁଡ଼ିକରେ ସ୍ୱଚ୍ଛତା, ସୌନ୍ଦର୍ଯ୍ୟକରଣ ଓ ନିରନ୍ତର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବାକୁ ପୌରାଞ୍ଚଳ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ନାଗରିକ, ଜନପ୍ରତିନିଧି, ସରକାରୀ କର୍ମଚାରୀ, ବିଭିନ୍ନ ଅନୁଷ୍ଠାନ ଓ ସାମାଜିକ ସଂଗଠନଗୁଡ଼ିକୁ ଏକାଠି କରି ସ୍ୱଚ୍ଛତା କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅକ୍ଟୋବର ୧ ତାରିଖରେ ରାଜ୍ୟସ୍ତରୀୟ "ଏକ ଦିନ, ଏକ ଘଣ୍ଟା, ଏକ ସାଥ୍" ଶ୍ରମଦାନ କାକ୍ରମ ଅନୁଷ୍ଠିତ ହେବ । ଅକ୍ଟୋବର ୨ ତାରିଖରେ 'ସ୍ୱଚ୍ଛ ଭାରତ ଦିବସ' ପାଳନ ସହ ଅଭିଯାନର ଉଦ୍‌ଯାପନ ହେବ। ସ୍ଥାୟୀ ପରିମଳ ଓ ଉନ୍ନତ ସହରୀ ଜୀବନ ପ୍ରତି ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବା ଲାଗି ପୌରାଞ୍ଚଳ ପରିଷଦର ସ୍ୱତନ୍ତ୍ର ବୈଠକ ମଧ୍ୟ ଅନୁଷ୍ଠିତ ହେବ ।

# ଇ-ଚାଲାଣ ନାଁରେ ୪୦ ହଜାର ଠକେଇ

କଟକ,(ସବ୍ୟୁ): ଇ ଚାଲାଣ ନାଁରେ ଏକ ସାଇବର ଠକେଇ ଘଟଣା ସାମ୍ନାକୁ ଆସିଛି । ସାଇବର ଠକ ଗାଡିର ଜୋରିମାନା ପୈଠ ପାଇଁ ଏକ ଜାଲ ଆପ୍ ମାଧ୍ୟମରେ ଆକାଉଣ୍ଟରୁ ପ୍ରାୟ ୪୦ ହଜାର ଟଙ୍କା ଠକିନେଇଛି । ଏନେଇ କଟକ ସାଇବର ଥାନାରେ ଏତଲା ହୋଇଛି । , ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଉପର ସାହି ମଙ୍ଗଳା ଲେନରେ ଦୀପକ ବାରିକ ରହୁନ୍ତି । କିଛି ଦିନ ତଳେ ସେ ଏକ ଦୁଇ ଚକିଆ ଇଭି ଗାଡି କିଣିଥିଲେ । ନିକଟରେ ହଠାତ ତାଙ୍କ ମୋବାଇଲ ନମ୍ବରକୁ ଏକ ଇ-ଚାଲାଣ ମେସେଜ ଆସିଥିଲା । ଟ୍ରାଫିକ ନିୟମ ଉଲ୍ଲଂଘନ ବାବଦରେ ଜରିମାନା ଭରିବାକୁ ଉକ୍ତ ମେସେଜରେ ଲେଖାଇଥିଲା । ସେହି ମେସେଜ ତଳକୁ ଏକ ଲିଙ୍କ୍ ଥିଲା । ଉକ୍ତ ଲିଙ୍କରେ କ୍ଲିକ କରି ଅନଲାଇନ ମାଧ୍ୟମରେ ଜରିମାନା ପୈଠ କରିବାକୁ କୁହାଯାଇଥିଲା । ତେଣୁ ଦୀପକ ତାହାକୁ ସରକାରୀ ଜରିମାନା ପୈଠକ ବ୍ୟବସ୍ଥା ଭାବି ଉକ୍ତ ଲିଙ୍କ ଉପରେ କ୍ଲିକ କରି ଦେଇଥିଲେ । ଏହାପରେ ଏମ୍. ପ୍ରାଇଭେଟ ନାମକ ଏକ ଆପ୍ ଆପେ ଆପେ ମୋବାଇଲରେ ଇନ୍‌ଷ୍ଟଲ ହୋଇଗଲା । ବାସ ଏହାର କିଛି ସମୟ ପରେ ପର୍ଯ୍ୟାୟକ୍ରମେ ତାଙ୍କର ୩ଟି ଆକାଉଣ୍ଟରୁ ୩୯ ହଜାର ୭୯୪ ଟଙ୍କା କଟିଯାଇଥିଲା । ଟଙ୍କା କଟିଥିବା ନେଇ ମେସେଜ ଦେଖି ଦୀପକ ଚକିତ ହୋଇପଡିଥିଲେ । ଯାଞ୍ଚ ପରେ ଜଣାପଡିଲା ଯେ, ୩ଟି ବ୍ୟାଙ୍କ ଆକାଉଣ୍ଟରୁ ଯଥାକ୍ରମେ ୩୩ ହଜାର ୭୯୪ ଟଙ୍କା, ୪ ହଜାର ଓ ୨ ହଜାର ଟଙ୍କା କରି ମୋଟ ୩୯ ହଜାର ୭୯୪ ଟଙ୍କା କଟିଯାଇଛି । ତେବେ ମେସେଜରେ ଜୋରିମାନା ୫୦୦ ଟଙ୍କା ଲେଖାଥିବା ବେଳେ ୩୯ ହଜାର ଟଙ୍କା କଟିଯିବାକୁ ନେଇ ସେ ସନ୍ଦେହରେ ପଡିଥିଲେ । ସଂଗେ ସଂଗେ ଦୀପକ ଉକ୍ତ ଆପ୍‌କୁ ଅନଇନଷ୍ଟଲ କରିବା ସହ ଘଟଣା ସମ୍ପର୍କରେ ସାଇବର ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ସାଇବର ପୁଲିସ ଏକ ଜିରୋ ଏଫଆଇଆର କରି ମାମଲାକୁ ବାଦାମବାଡି ଥାନାକୁ ଟ୍ରାନ୍ସଫର କରିଛି । ବର୍ତ୍ତମାନ ପୁଲିସ ଉକ୍ତ ଆପ୍ ଓ ଟଙ୍କା ଟ୍ରାନ୍ସଫର ହୋଇଥିବା ଆକାଉଣ୍ଟ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରୁଥିବା ସୂଚନା ମିଳିଛି ।

# ରେଲମଦଦ୍ ମାଧ୍ୟମରେ ଯାତ୍ରୀଙ୍କ ମୂଲ୍ୟବାନ ସାମଗ୍ରୀ ସୁରକ୍ଷିତ ଉଦ୍ଧାର

ଜଟଣୀ, (ସବ୍ୟୁ) : ଯାତ୍ରୀ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ମଣ୍ଡଳ, 'ରେଲମଦଦ୍' ମାଧ୍ୟମରେ ପ୍ରାପ୍ତ ଏକ ଅଭିଯୋଗ ଆଧାରରେ ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ଜଣେ ଯାତ୍ରୀଙ୍କ ଛାଡ଼ି ଯାଇଥିବା ବ୍ୟାଗ୍‌କୁ ତୁରନ୍ତ ଉଦ୍ଧାର କରିବାରେ ସଫଳ ହୋଇଛି। ୧୨୮୪୧ ନମ୍ବର ଟ୍ରେନ୍‌ରେ ଛାଡ଼ି ଯାଇଥିବା ବ୍ୟାଗ୍‌ଟିକୁ ଟିକେଟ୍ ପରୀକ୍ଷକ ଏସ୍. କେ. ସାମନ୍ତରାୟ ତୁରନ୍ତ ନିଜ ହେପାଜତକୁ ନେଇ ସୁରକ୍ଷିତ ଭାବେ ରଖିଥିଲେ। ବ୍ୟାଗ୍‌ରେ ନଗଦ ୨,୭୦୦ ଟଙ୍କା, ଲକେଟ୍ ସହିତ ଗୋଟିଏ ସୁନା ଚେନ୍, ଗୋଟିଏ ଯୋଡ଼ା କାନଫୁଲ,



ଚାରୋଟି ମୁଦି ଏବଂ ଗୋଟିଏ ସାମସଙ୍ଗ ସ୍ମାର୍ଟଫୋନ୍ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ରହିଥିଲା। ଯାତ୍ରୀଙ୍କୁ ତାଙ୍କର ସମସ୍ତ ସାମଗ୍ରୀ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ରେଳ କର୍ମଚାରୀମାନେ ଆନୁଷ୍ଠାନିକ ହସ୍ତାନ୍ତର ପତ୍ର ମାଧ୍ୟମରେ ବ୍ୟାଗ୍‌ଟିକୁ ବିଶାଖାପାଟଣା ରେଳ ସୁରକ୍ଷା ବଳ ନିକଟରେ ହସ୍ତାନ୍ତର କରିଥିଲେ। ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏହି ତ୍ୱରିତ ଓ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମ୍ପୃକ୍ତ ରେଳ କର୍ମଚାରୀମାନଙ୍କୁ ପ୍ରଶଂସା କରିଛନ୍ତି। ଯାତ୍ରୀମାନଙ୍କୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ନିର୍ଭୟ ଯାତ୍ରା ସୁବିଧା ଯୋଗାଇଦେବା ପାଇଁ ଖୋର୍ଦ୍ଧାରୋଡ୍ ମଣ୍ଡଳ ସଦା ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

### ବନ୍ଦ ଖଣିରୁ ଚାଲିଛି ବେଆଇନ ଉତ୍ତୋଳନ

# ଡେପୁଟି ମାଇନିଂ ଅଫିସରଙ୍କୁ ଅଭିଯୋଗ, ଖନନ କାର୍ଯ୍ୟ ବନ୍ଦ ଦାବି

ଖୋର୍ଦ୍ଧା, (ସବ୍ୟୁ): ଏକ ବନ୍ଦ ଥିବା ଖଣିରୁ ବେଆଇନ ଖଣିଜ ଉତ୍ତୋଳନ ଓ ପରିବହନ ନେଇ ଅଭିଯୋଗ ହୋଇଛି। ଏନେଇ ଜଣେ ଅଭିଯୋଗକାରୀ ଖୋର୍ଦ୍ଧା ଡେପୁଟି ମାଇନିଂ ଅଫିସରଙ୍କ ନିକଟରେ ଲିଖିତ ଅଭିଯୋଗ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ଅଭିଯୋଗକାରୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଥର ଖାଦାନ ଦୁଇ ଗୋଟି ନିଲାମ ପାଇଛନ୍ତି। ନିଲାମ ପାଇଥିବା ଖଣି ଦୁଇଟି ନାମ ର୍ଦ୍ଧ(୧) ଗୋଲାପଟୁ ଖୁଆ ଖାତା ନଂ- ୮୩୨/୧, ପ୍ଲ ନଂ- ୯୫୩, ଏରିଆ-ନୂତନ ନିର୍ମାଣ ପଥର ଖଣି (ଖ), ଏ୬.୮୮୦ ଡ଼ିସିମିଲ, ମୌଜା- ନିଜିଗଡ଼ ତାପଙ୍ଗ, ତହସିଲ- ଖୋର୍ଦ୍ଧା, ଥାନା- ସଦର ଖୋର୍ଦ୍ଧା, ଏବଂ ଅନ୍ୟଟି ଖାତା ନଂ- ୩୨୦, ପ୍ଲଟ ନଂ- ୭୫୫, ଏରିଆ-(୨) କିଆଝରୀ ଧଳା ପଥର ଖଣି, ଏ୧,୦୦୦ ଡ଼ିସିମିଲ, ମୋଜା- କିଆଝରୀ, ତହସିଲ ଖୋର୍ଦ୍ଧା, ଥାନା- ଜଙ୍କିଆ, ଅଟେ । ଦୀର୍ଘ ଦୁଇ ବର୍ଷ ଯଥା-୨୦୨୫-୨୬ ଏବଂ ୨୦୨୬-୨୭ ମଧ୍ୟରେ ଜିଲ୍ଲା ପ୍ରଶାସନ, ଡ଼େପୁଟି ମାଇନିଂ ଅଫିସ, ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ ତରଫରୁ ଖଣି କାର୍ଯ୍ୟ କରିବା ପାଇଁ ଅନୁମତି ମିଳୁନାହିଁ । ଫଳରେ ଖଣିର ଖନନ କାର୍ଯ୍ୟ ବନ୍ଦ ରହିଛି। ଏହାର ସୁଯୋଗ ନେଇ ସ୍ଥାନୀୟ କେତେଜଣ ଲୋକ ଓ ଅସାଧୁ ବ୍ୟବସାୟୀ ମାନେ ଖଣି ଓ ଖଣିର ଆଖପାଖ ଏରିଆରୁ ଚୋରା ବ୍ଲାଷ୍ଟି କରିବା ସହ ଖଣିଜ ଉତୋଳନ କରୁଛନ୍ତି । ଏହାଦ୍ୱାରା ସରକାରୀ ରାଜସ୍ୱ କ୍ଷତି ସହ ପରିବେଶ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପଡୁଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଏହି ଅଭିଯୋଗର ସତ୍ୟତା ଯାଞ୍ଚ କରିବା ସହ ଖଣି କାର୍ଯ୍ୟ ବନ୍ଦ କରିବା ଏବଂ ଦୋଷୀଙ୍କ ବିରୋଧରେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ରାଜ୍ୟ କଂଗ୍ରେସ ସେବା ଦଳର ମହିଳା ସଂଗଠିକା ହେଲେ

# ଏଆଇସିସି ସଦସ୍ୟା ଗୀତାଞ୍ଜଳି ମହାନ୍ତି

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ କଂଗ୍ରେସ ସେବା ଦଳର ମହିଳା ସଙ୍ଗଠିକା ହେଲେ ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି. ଏହି ଅବସରରେ ଶ୍ରୀମତୀ ମହାନ୍ତି ଇଓଉଉ ସେବା ଦଳ ମୁଖ୍ୟ ଶ୍ରୀ ଶ୍ରୀନିବାସ ବିଭି, ଓଡିଶା ପ୍ରଭାରୀ ଲଲାଜୀ ଦେଶାଇ, ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ



ଚରଣ ଦାସ, ଓଡିଶା, ସେବା ଦଳ ପ୍ରଭାରୀ ନରେନ୍ଦ୍ର ସିଂ ଭାଟି,ଓଡିଶା ସେବା ଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତିଙ୍କୁ କୃତଜ୍ଞତା ଜଣେଇବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। ଏଥିସହ ଶ୍ରୀମତୀ ମହାନ୍ତି ରାଜ୍ୟର ମହିଳା ମାନଙ୍କୁ ନେହିଁ ସେବା ଦଳ ଙ୍କୁ ସଂଗଠିତ କରିବା ସହିତ କଂଗ୍ରେସ ଦଳକୁ ମଜବୁତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଗୃହରକ୍ଷୀଙ୍କ ବାଇକ୍ ଲୁଟ୍ ମାମଲା, ଦୁଇ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର, (ସବ୍ୟୁ): କାର୍ଯ୍ୟରତ ଜଣେ ଗୃହରକ୍ଷୀଙ୍କୁ ଆକ୍ରମଣ ସହ ତାଙ୍କ ବାଇକ ଲୁଟ ମାମଲାର ଶୁଣାଣି କରି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରିତିକା ଜେନା ଦୁଇଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଝାଡ଼ାଙ୍କୁଲୁ ଗ୍ରାମର ବାବୁ ଓରଫ ସନ୍ତୋଷ କୁମାର ବେହେରା (୩୭) ଓ ଅନ୍ୟଜଣେ ହେଲେ ଟାଉନ ଥାନା ଅନ୍ତର୍ଗତ ଗେଟବଜାର ରମ୍ଭା ସାହିର ମଣ୍ଟୁ ଓରଫ ସାଇରାମ ପାତ୍ର(୩୫) ।

ପ୍ରତ୍ୟେକ ଅଭିଯୁକ୍ତଙ୍କୁ ତିନି ବର୍ଷ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ମାଜିଷ୍ଟ୍ରେଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଏଥିସହ ପ୍ରତ୍ୟେକ ୧୦ ହଜାର ଟଙ୍କା ଲେଖା ଏ ଜରିମାନା ଦେବେ ନଚେତ ଅତିରିକ୍ତ ୧ମାସ ସଶ୍ରମ କାରାଦଣ୍ଡର ନିର୍ଦ୍ଦେଶ ମଧ୍ୟ ରହିଛି । ମାମଲାରୁ ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମର ବିଷ୍ଣୁ କୁମାର ମଲାଣ (୩୮) ଜଣେ ଗୃହରକ୍ଷୀ ଭାବେ କାମ କରୁଥିଲେ । ୨୦୧୭ ଅଗଷ୍ଟ ୨୯ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ସେ ଡ୍ୟୁଟିରେ ଥିଲେ । ରାତ୍ର ସେ ଆମ୍ବପୁଆ ରିଜର୍ଭରୁ କମାଣ୍ଡ ସାର୍ଟିଫିକେଟ ନେଇ ନିଜ ଘରକୁ ଫେରୁଥିଲେ । ଝାଡ଼ାଙ୍କୁଲି ଛକରେ ତିନିଜଣ ଯୁବକ ତାଙ୍କୁ ଅଟକାଇ ଗାଡି ଛଡାଇ ନେବା ପାଇଁ ଉଦ୍ୟମ କରିଥିଲେ ।

ଗୃହରକ୍ଷୀ ଜଣଙ୍କ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ପଥର ଓ ଇଟାରେ ମରଣାନ୍ତକ ଆକ୍ରମଣ କରିଥିଲେ । ତାଙ୍କ ମୁଣ୍ଡ ଫାଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ତାଙ୍କ ଚିତ୍କାର ଶୁଣି ଗାଁଲୋକ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସଦର ଥାନା ପୋଲିସ ମେଡିକାଲରେ ପହଞ୍ଚି ଆହତ ଗୃହରକ୍ଷୀଙ୍କ ଅଭିଯୋଗ ଆଧାରରେ ୧୮୫/୧୭ ରେ ଏକ ମାମଲା ରୁଜୁ କରିଥିଲା ।

ଘଟଣାର ତଦନ୍ତ କରି ପୋଲିସ ଉପରୋକ୍ତ ସନ୍ତୋଷ, ସାଇରାମ ସହ ତାଙ୍କର ଅନ୍ୟଜଣେ ସହଯୋଗୀ ଶିବଶଙ୍କର ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ପୋଲିସ ଘଟଣାରେ ବ୍ୟବହୃତ ବାଇକ ଜବତ କରିଥିବା ବେଳେ ଓ ଲୁଟ ବାଇକ ଜବତ କରି ଅଭିଯୋଗକାରୀଙ୍କୁ ଫେରାଇଥିଲା । ଉକ୍ତ ତିନି ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ତତ୍କାଳୀନ ଏସଆଇ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ମାମଲାର ବିଚାରଣା ଚାଲିଥିବା ବେଳେ ଜାମିନରେ ଥିବା ଶିବ ଶଙ୍କର ସେଠୀ କୋର୍ଟରେ ହାଜର ନହେବାରୁ କୋର୍ଟ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜରି କରିଥିଲା । ଏଯାବତ ଶିବଶଙ୍କରଙ୍କୁ ପୋଲିସ ଗିରଫ କରିପାରିନାହିଁ । ସେହିପରି ମାମଲାର ବିଚାରଣା ବେଳେ କୋର୍ଟରେ ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଛି । ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ।

# ଏନଏସି କର୍ମଚାରୀଙ୍କୁ ୩ ମାସ ହେଲା ମିଳିନି ଦରମା

ବୁଗୁଡ଼ା, (ସବ୍ୟୁ) : ଗତ ଜୁନ ମାସଠାରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ତିନି ମାସ ହେଲା ବୁଗୁଡା ଏନ୍ଏସି କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇନଥିବା ବେଳେ ସେମାନେ ଦରମା ପ୍ରଦାନ ନିମନ୍ତେ କାର୍ଯନିର୍ବାହୀ ଅଧିକାରୀଙ୍କୁ ଲିଖିତାନୁରୋଧ କରିଥିବା ଜଣାଯାଇଛି । କର୍ମଚାରୀଗଣ ସେମାନଙ୍କ ଦରଖାସ୍ତରେ ଦର୍ଶାଇଛନ୍ତି ଯେ, ତିନି ମାସ ହେଲା ଦରମା ନପାଇ ସେମାନେ ଆର୍ଥିକ ଅନାଟନରେ ରହିଛନ୍ତି । ଫଳରେ ପରିବାର ଚଳାଇବା ନିମନ୍ତେ ଖର୍ଚ୍ଚ, ପୁଅଝିଅଙ୍କ ଶିକ୍ଷା ଖର୍ଚ୍ଚ, ବ୍ୟାଙ୍କ ଋଣ କିସ୍ତି ଜମା କରିବା ତଥା ଅତ୍ୟାବଶ୍ୟକୀୟ ଖର୍ଚ୍ଚ ତୁଳାଇବାରେ ସେମାନଙ୍କ ପାଇଁ ବହୁତ କଷ୍ଟକର ହୋଇ ପଡିଛି । ଯଦି ଏଭଳି ଅବସ୍ଥା ଚାଲୁରହେ ତେବେ ସେମାନଙ୍କ ଅବସ୍ଥା ଅସମ୍ଭାଳ ହୋଇ ପଡିବ । ଅନ୍ୟପକ୍ଷରେ ସେମାନଙ୍କ ଦରମାରୁ ଇପିଏଫ ଜମା କରିବା ସକାଶେ ପ୍ରତି ମାସରେ କିସ୍ତି ହିସାବରେ କାର୍ଯ୍ୟାଳୟ ଦ୍ୱାରା କଟାଯାଇଛି । କିନ୍ତୁ ଦୀର୍ଘ ମାସ ହେଲା ଜମା କରାଯାଇ ନାହିଁ । ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା କହିଛନ୍ତି ଯେ, ସେମାନଙ୍କ ଆଲାଟମେଣ୍ଟ ଆସିନଥିବାରୁ ଦରମା ପ୍ରଦାନ କରାଯାଇପାରୁ ନାହିଁ। ଯେତେବେଳେ ଆସିବ ସେତେବେଳେ ସେମାନଙ୍କ ବକେୟା ଦରମା ପ୍ରଦାନ କରାଯିବ ।

# ବିଶ୍ୱ ହିନ୍ଦୁ ପରିଷଦ ମୟୂରଭଞ୍ଜ ବିଭାଗ ବୈଠକ
# ସାଙ୍ଗଠନିକ ଅଭିବୃଦ୍ଧି ଓ ବିସ୍ତାର ଉପରେ ଗୁରୁତ୍ୱ




ବାରିପଦା, (ସବ୍ୟୁ) : ବାରିପଦା ଷ୍ଟାଡିୟମ୍ କନଫରେନ୍ସ ହଲ୍‌ରେ ବିଶ୍ୱ ହିନ୍ଦୁ ପରିଷଦର ମୟୂରଭଞ୍ଜ ବିଭାଗ (ବାରିପଦା/ରାଇରଙ୍ଗପୁର)ର ଏକ ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ମହାମନ୍ତ୍ରୀ ବିନାୟକ ଦେଶପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଗଠନର ସାଂଗଠନିକ ଅଭିବୃଦ୍ଧି, ବିସ୍ତାର ଓ କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ପୂର୍ବ ଓଡ଼ିଶା ପ୍ରାନ୍ତର ସଂଗଠନ ମନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ, ପ୍ରାନ୍ତ ଉପସଭାପତି ଜୟନ୍ତୀ ସିଂହ ଏବଂ ବିଭାଗ ସମ୍ପାଦକ ଖଗେଶ୍ୱର ସିଂହ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତା ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସଂଗଠନର ଆଗାମୀ କାର୍ଯ୍ୟକ୍ରମ, ଦାୟିତ୍ୱ ଓ ବିଭିନ୍ନ ସାଂଗଠନିକ ପ୍ରସଙ୍ଗ ନେଇ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ମୟୂରଭଞ୍ଜ ଜିଲ୍ଲାର ଉଭୟ ବିଭାଗ ଅଧୀନରେ ଥିବା ଅଞ୍ଚଳର ବିଶ୍ୱ ହିନ୍ଦୁ ପରିଷଦର ବିଭିନ୍ନ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

# ଡ୍ରିମ୍ସ ପଲିଟେକନିକ୍ ପରିଚାଳନା ପରିଷଦ ବୈଠକ
# ଶିକ୍ଷାଗତ ଉତ୍କର୍ଷ ଓ ଗୁଣବତ୍ତା ନିଶ୍ଚିତକରଣକୁ ଗୁରୁତ୍ୱ



କଟକ, (ସ୍ୱପ୍ର): ସ୍ୱୟଂଶାସିତ ମାନ୍ୟତା ପାଇବା ପରେ ଡ୍ରିମ୍ସ ପଲିଟେକ୍‌ନିକର ପରିଚାଳନା ପରିଷଦର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ପରିଷଦର ସଭାପତି ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏଥିରେ ପୌରୋହିତ୍ୟ କରିବା ସହ ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ ଭାବରେ ସ୍ୱୟଂଶାସିତ ମାନ୍ୟତା ହାସଲ ଅତ୍ୟନ୍ତ ଗୌରବର ବିଷୟ ଓ ଏହାର ସୁନାମ ବଜାୟ ରଖିବା ଲାଗି ସମସ୍ତଙ୍କର ସହଯୋଗ ଓ ଦିଗଦର୍ଶନର ଆବଶ୍ୟକତା ରହିଛି ବୋଲି କହିଥିଲେ ।

ବିବିଧ ଗୁରୁତ୍ୱପୂର୍ଣ୍ଣ ମଧ୍ୟରେ ଶିକ୍ଷାଗତ ଉତ୍କର୍ଷ, ଗୁଣବତ୍ତା ନିଶ୍ଚିତକରଣ, ଆର୍ଥିକ ପରିଚାଳନା, ପରୀକ୍ଷା ପରିଚାଳନା ସଂକ୍ରାନ୍ତ ନୀତିନିର୍ଦ୍ଧାରଣ , ଭିତ୍ତିଭୂମି ବିକାଶ, ବିବିଧ ଉନ୍ନୟନମୂଳକ କାର୍ଯ୍ୟ, ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଓ ଦକ୍ଷତା ବୃଦ୍ଧିକୁ ଦୃଷ୍ଟିରେ ରଖି ଖସଡା ପ୍ରସ୍ତୁତି ଇତ୍ୟାଦି ଉପରେ ବିସ୍ତୃତ ଆହଲୋଚନା ହୋଇଥିଲା। ଏଥିସହିତ ସ୍ୱୟଂଶାସିତ ଭାବରେ ପରେ ଶିକ୍ଷାନୁଷ୍ଠାନର ପରିଚାଳନାଗତ ନୀତି ନିର୍ଦ୍ଧାରଣ, ଆର୍ଥିକ ବଜେଟ୍ ଆଲୋଚନା ପରେ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଶାନ୍ତନୁ କୁମାର ଶତପଥୀ, ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ (ଏସ୍‌ସିଟିଇ ଆଣ୍ଡ ଭିଟି)ର ସଚିବ ସ୍ୱପ୍ନ କୁମାର ମିଶ୍ର, ଭୁବନାନନ୍ଦ ସ୍କୁଲ ଅଫ ଇଂଜିନିୟରିଂର ଅଧ୍ୟକ୍ଷ ସନ୍ତୋଷ କୁମାର ନାୟକ, ବୈଷୟିକ ଶିକ୍ଷା ଓ ତାଲିମ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଅଜୟ କୁମାର ପଣ୍ଡା, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ରାକେଶ କୁମାର ମହାନ୍ତି ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବରେ ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି ଯୋଗଦେଇ ଗଠନମୂଳକ ପରାମର୍ଶ ଦେଇଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ସ୍ୱାଗତ ଅଭିଭାଷଣ ଓ ଅଧ୍ୟାପକ ଡ. ଶ୍ରୀକାନ୍ତ ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

ଧରାକୋଟ, (ସବ୍ୟୁ) : ଧରାକୋଟ ଅଞ୍ଚଳର ଜଣେ ଆଦର୍ଶ ଶିକ୍ଷକ ଭାବରେ ପରିଚିତ ନିକଟସ୍ଥ ଜାନବିଲି ଗ୍ରାମର କେଶାରାଓ ଦୋରାଙ୍କ ୭୯ ବର୍ଷ ବୟସରେ ପୈତୃକ ବାସଭବନ ଜାନବିଲିରେ ପରଲୋକ ଘଟିଛି । ସେ ଗତ ୧୯୪୭ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଧରାକୋଟ ବ୍ଲକର ବିଭିନ୍ନ ସ୍ଥାନରେ ଶିକ୍ଷକତା କରି ବେଶ ସୁନାମ ଅର୍ଜନ କରିଥିଲେ । ଗତ ୯- ୯-୨୦୨୬ ବୁଧବାର ଦିନ ପରଲୋକ ଗମନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପନି ପାନମା ଦୋରା, ପୁଅ ପ୍ରଦୀପ, ପୁତ୍ର ବଧୂ ସୁନୀତା, ଗୌରୀ, ପୁତୁରା ବୁଚି ରାଓ, ବୋହୂ ମିରା ବାଇ, ଝିଅ ସନ୍ଧ୍ୟା ରାଣୀ, ଜ୍ୱାଇଁ ଲୋକନାଥ, ନାତି ପିଣ୍ଟୁ, ଆଦିତ୍ୟ, ରବି ପ୍ରସାଦ, ସୁଦୀପ, ନାତୁଣୀ ହର୍ଷିତା, ସୁଜ୍ଞାନି ପ୍ରମୁଖ ଉପସ୍ଥିତ ରହିଥିଲେ । ଋଷିକୁଲ୍ୟା ନଦୀର ଉତ୍ତର ବାଙ୍କରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କରି ଶେଷଯାତ୍ରାରେ ଶହଶହ ଲୋକ ସାମିଲ ହୋଇଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

# ବଚସାରୁ ଉତ୍ତେଜନା, ଭିଣୋଇଙ୍କୁ ହାଣିଲା ଶଳା

ବାରିପଦା, (ସବ୍ୟୁ) : ପାରିବାରିକ ବିବାଦକୁ କେନ୍ଦ୍ର କରି ଭିଣୋଇଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛି ଶଳା । ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଧୀନ ଦିଘିନୂଆସାହି ଗ୍ରାମରେ ଘଟିଛି । ଏହି ଆକ୍ରମଣରେ ଭିଣୋଇ କାହ୍ନୁଚରଣ ସିଂ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, କୌଣସି ଏକ ପାରିବାରିକ କାରଣକୁ ନେଇ ଶଳା ରାମ ସିଂ ଓ ତାଙ୍କ ଭିଣୋଇ କାହ୍ନୁଚରଣ ସିଂଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ବଚସା ଉଗ୍ରରୂପ ନେବାରୁ ରାମ ଏକ ଧାରୁଆ ଅସ୍ତ୍ରରେ କାହ୍ନୁଚରଣଙ୍କ ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିବା ଜଣାପଡ଼ିଛି । ଆକ୍ରମଣରେ କାହ୍ନୁ ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ । ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ତାଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ, କାହ୍ନୁଚରଣ ଦୀର୍ଘଦିନ ଧରି ତାଙ୍କ ଶ୍ୱଶୁର ଘରେ ରହୁଥିବା ବେଳେ ପୂର୍ବରୁ ମଧ୍ୟ ଶଳା ଓ ଭିଣୋଇଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହେଉଥିବା ଜଣାପଡ଼ିଛି । ଘଟଣାକୁ ନେଇ ଉଦଳା ପୁଲିସ ତଦନ୍ତ ଆରମ୍ଭ କରିଛି ।

# ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଆର୍ଥିକ ସହାୟତା

ବ୍ରହ୍ମପୁର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ସହାୟତା ଫଣ୍ଡ ହେଉଛି ଓଡ଼ିଶା ସରକାରଙ୍କ ଏକ ରିଲିଫ୍ ପାଣ୍ଠି । ଏହା ୧୯୫୪ ମସିହାରେ ଗଠିତ ହୋଇଥିଲା । ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ଆପତ୍କାଳୀନ ସହାୟତା ଏବଂ ଗୁରୁତର ରୋଗର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ଜଣେ ଦୁର୍ଦ୍ଦଶା ଗ୍ରସ୍ତ ବ୍ୟକ୍ତିଙ୍କୁ ଗାନ୍ଧୀ ନଗର ସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ତହସିଲଦାରଙ୍କ ଉପସ୍ଥିତିରେ ବିଧାୟକ କେ. ଅନିଲ କୁମାରଙ୍କ ଦ୍ୱାରା ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଛି । ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ଲୋକଙ୍କ ପାଖରେ ପହଞ୍ଚାଇବା ହିଁ ସରକାରର ଏକ ମାତ୍ର ଲକ୍ଷ୍ୟ ।

# ୪୬ଗ୍ରାମ ବ୍ରାଉନସୁଗର ଜବତ, ଅଭିଯୁକ୍ତଙ୍କୁ ଜେଲ୍

ବ୍ରହ୍ମପୁର, (ସବ୍ୟୁ) : ଜିଲ୍ଲା ଅବକାରୀ ବିଭାଗ ବଡବଜାର ଥାନା ଅନ୍ତର୍ଗତ ଆଇନା ବନ୍ଧ ଛକରୁ ବ୍ରାଉନ ସୁଗର ଚାଲାଣକାରୀକୁ ବାନ୍ଧିଥିଲା । ଅଭିଯୁକ୍ତ ଜଣକ ଉକ୍ତ ଥାନା ଅନ୍ତର୍ଗତ ପାଣ୍ଡବ ନଗରର ଶରତ ବେହେରା(୩୫) । ପୋଲିସ ତା 'ନିକଟରୁ ୪୬ ଗ୍ରାମ ବ୍ରାଉନ ସୁଗର ଜବତ କରିଛି । ଜେରା ବେଳେ ଅଭିଯୁକ୍ତ ଜଣକ ଗତ ଏକ ବର୍ଷ ଧରି ଏହି କାରବାର କରୁଥିବା ଜଣାପଡ଼ିଛି । ସେ ଭୁବନେଶ୍ୱରରୁ ବ୍ରାଉନ ସୁଗର୍ ଆଣି ବ୍ରହ୍ମପୁରରେ ଏହି କାରବାର ଚଳାଇଥିଲେ । ତାଙ୍କ ଟାର୍ଗେଟରେ ଥିଲେ କଲେଜ୍ ଛାତ୍ର ଏବଂ ଯୁବ ଗୋଷ୍ଠୀ । ଯେଉଁ ଗ୍ରାହକ ଅଭିଯୁକ୍ତଙ୍କୁ ଭାଇ ସୀତାରାମ କହୁଥିଲେ ସେ ତାଙ୍କୁ ବ୍ରାଉନ ସୁଗର୍ ବିକ୍ରି କରୁଥିଲେ । ଅବକାରୀ ବିଭାଗ ଅଭିଯୁକ୍ତଙ୍କ ଅପରାଧିକ ରେକର୍ଡ ଯାଞ୍ଚ କରୁଛି । ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୫ ଲକ୍ଷ ବୋଲି ଅବକାରୀ ଏସପି ପ୍ରବୀଣ କୁମାର୍ ପ୍ରଧାନ ସୂଚନା ଦେଇଛନ୍ତି । ମାମଲା ନଂ ୬୯/୨୬/୨୭ ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ବୋଲି ବିଭାଗ ସୂଚନା ପ୍ରଦାନ କରିଛି ।

# ବିକାଶ ନେଇ ସାଂସଦଙ୍କ ସହ ବିଭିନ୍ନ ସଂଗଠନର ଆଲୋଚନା

ବ୍ରହ୍ମପୁର, (ସବ୍ୟୁ) : ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ପରିସରରେ ବ୍ରହ୍ମପୁରର ସାମୁହିକ ବିକାଶକୁ ନେଇ ବ୍ରହ୍ମପୁର ସଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସହ ବିଭିନ୍ନ ସଂଗଠନ ସହ ମିଳିତ ଆଲୋଚନା କରି ସାଂସଦଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ବ୍ରହ୍ମପୁର ଷ୍ଟେସନରେ ଏଇର କନକରୋର୍ସ ଆକାଶପଥ ସଦୃଶ୍ୟ ବିସ୍ତୃତ ଯାତ୍ରୀ ସମାଗମ ଅଞ୍ଚଳ, ଷ୍ଟେସନ ମୁଖଶାଳାର ପ୍ରତୀକାତ୍ମକ ଐତିହ୍ୟ ଡିଜାଇନ, ଗୋପାଳପୁର-ରାୟଗଡା, ଗୋପାଳପୁର- ରେଢ଼ାଖୋଲ ନୂତନ ରେଳପଥ ନିର୍ମାଣ, ପାଲୁରୁ ବନ୍ଦର ଠାରୁ ଜହ୍ନିକୁଦା ଉପକୂଳ ରାଜପଥ ସଂଯୋଗୀକରଣ ନିମନ୍ତେ ରାସ୍ତା ନିର୍ମାଣ, ବିମାନବନ୍ଦର, ବ୍ରହ୍ମପୁରରେ ନାଇପର ପ୍ରତିଷ୍ଠା, ଜାତୀୟ ରାଜପଥର ପୂର୍ଣ୍ଣାଙ୍ଗ ବିକାଶ, ଆଇଟି ପାର୍କର ବିକାଶ, ପ୍ରବାସୀଙ୍କୁ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ପାଇଁ ସମବାୟ ଓ କୃଷି ଭିତ୍ତିକ ଖୁଦ୍ରଶିଳ୍ପ ପ୍ରତିଷ୍ଠା ନିର୍ମାଣ, ବିଶ୍ୱ କୌଶଳ କେନ୍ଦ୍ର, ଅନ୍ତରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ, ବିରଳ ମୃତ୍ତିକା କଂପ୍ଲେକ୍ସ ଇତ୍ୟାଦି ଓ ଶିକ୍ଷକ ମାନଙ୍କ ବିଭିନ୍ନ ଦାବି ଗୁଡିକ ଉପରେ ଆଲୋଚନା କରାଯାଇଥିଲା । ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ମାନସ ରଞ୍ଜନ ପାତ୍ର, ସୂର୍ଯ୍ୟ ନାରାୟଣ ବେହେରା, ଗଂଜାମ ଜିଲ୍ଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା, ବିନୋଦ ଠାକୁର, ଭି.ସୋମେଶ୍ୱର ରାଓ, ଇ ତେଜେଶ୍ୱର ରାଓ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, କାମରାଜୁ ମହାରଣା, ଅଶୋକ ଦଳେଇ, ମଧୁସୂଦନ ସାହୁ, ବାଳକୃଷ୍ଣ ସାମନ୍ତରାୟ, ପ୍ରବୀଣ ପଟ୍ଟନାୟକ କେରଦାନାଥ ପଣ୍ଡା ପ୍ରମୁଖ ସଙ୍ଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।


## Government of Odisha
### Higher Education Department

11001/313/2627

**Timeline for Phase-II admission into 4 Year Integrated Teacher Education Programme (ITEP) for the Academic Session 2026-27 under SAMS**

The timeline for Phase-II admission into 4-Year ITEP Courses for the Academic Session 2026-27 under the Student Academic Management System (SAMS) is given below. Any changes to the prescribed timeline will be published on the SAMS ITEP Portal and through newspaper advertisements. The eligibility criteria for admission into the said course during Phase-II are as follows:

a) The applicant must have appeared in the National Common Entrance Test (NCET)-2026 conducted for admission to ITEP and must possess a valid NCET-2026 scorecard.

b) The applicant must have passed the Higher Secondary (+2)/equivalent examinations in any stream from a recognized Board/Institution/University in India.

c) The applicant must have secured at least 50% aggregate marks in the +2/equivalent examination, as prescribed for admission to the 4-Year ITEP.

d) All applicants, irrespective of their status in the Phase-I admission process, including those who applied or did not apply, were selected or not selected, or were admitted or not admitted for any reason shall be eligible to apply for the Phase-II admission process.

e) Applicants belonging to the State of Odisha as well as applicants belonging to other States/Union Territories of India shall be eligible to participate in the Phase-II admission process, subject to fulfilment of the prescribed eligibility criteria.
However, preference shall be given to the eligible applicants belonging to the State of Odisha, and applicants from other States/Union Territories shall be considered for selection only after all eligible applicants belonging to the State of Odisha have been considered and seats, if any, remain vacant.
The consideration of applicants from other States/Union Territories shall, therefore, be subject to the availability of vacant seats after completion of the selection process for eligible applicants from Odisha, irrespective of the NCTE marks secured by such applicants.

f) Applicants from Odisha or other States who have not studied Odia as MIL at the HSC/10th level, or as a subject at the +2/equivalent level, or have not passed the specific Odia language examination conducted by the Board of Secondary Education (BSE), Odisha at the 10th-standard level, shall also be eligible to apply for and take admission into the 4-Year ITEP.

g) However, such applicants shall be required to pass the specific Odia language examination conducted by the Board of Secondary Education (BSE), Odisha, at the 10th Standard level during the course period and before completion of the 4-Year ITEP, as per the applicable rules and norms. Also, to submit the certificate in the admitted HEI.

| Sl# | Activities | Timeline |
|---|---|---|
| 1) | Availability of online Common Application Form (CAF) in the SAMS ITEP portal https://degree.samsodisha.gov.in/ITEP/Index.aspx | 10-Sep-2026 (01:00 PM) |
| 2) | **Last date of applying online CAF through** https://degree.samsodisha.gov.in/ITEP/Index.aspx | 20-Sep-2026 (11:45 PM) |
| **N.B. : Once submitted, editing of Common Applicaiton From (CAF) can be done till the last date of CAF submission.** | | |
| **Round-I Selection & Admission Allotment** | | |
| 3) | Publication of Provisional Allotment of Seats (For 1st Round Selection) along with a waiting list in the ratio of 1:30 against the available vacancies as on 20.09.2026 (for the remaining upper choice HEIs-waiting rank wise) | 24-Sep-2026 (04:00 PM) |
| 4) | **Student's Activity:** Reporting of the selected applicants at allotted institutions for taking admission by downloading the intimation letter by the selected students through SAMS (Student's Login) portal & payment of admission fees directly at the level HEIs | 25-Sep-2026 (10:00 AM) to 28-Sep-2026 (05:00 PM) (Except Holiday) |
| 5) | **HEI's Activity :** Verification of document & Data updation of selected students in the e-space by the respective institutions | 25-Sep-2026 (10:00 AM) to 28-Sep-2026 (11.45 PM) |
| **Spot Selection Round** | | |
| 6) | Physical Reporting of interested waitlisted applicants (from the waiting list published on 24.09.2026) for submission of CAF along with relevant documents in their respective HEIs for participating in the waiting list admission Round. The interested applicants must appear in person; however, a representative with valid ID proof may also be permitted to report on their behalf | 29-Sep-2026 (10.00 AM) to 30-Sep-2026 (02.00 PM) |
| 7) | Publication of merit list among the reported waitlisted applicants at the Notice Board / Website of the HEIs & communicate to the selected applicants via phone call/ SMS | 01-Oct-2026 (02:00 PM) |
| 8) | Reporting of the selected applicants for Validation of documents, Final Admission, Collection of Admission Fees(where applicable) directly by the HEIs in online mode (Net Banking/ Bank Challan/NEFT/UPI etc.) | 03-Oct-2026 (10:00 AM) to 05-Oct-2026 (05:00 PM) (Except Holiday) |
| 9) | Reporting of the waitlisted applicants(In case vacancies still remain), for Validation of documents, Admission, Collection of Admission Fees(where applicable) directly by the HEIs in online mode (Net Banking/ Bank Challan/NEFT/UPI etc.) | 06-Oct-2026 (10:00 AM) to 07-Oct-2026 (05.00 PM) |
| 10) | Admission updation for both Selected & Waitlisted applicants in the e-space of the HEIs. | 03-Oct-2026 (10:00 AM) to 07-Oct-2026 (11.45 PM) |

**For more details please contact: e-Admission Helpline (Toll Free) Number 155335 / 1800-345-6770**

Sd/- Joint Secretary to Govt.
PTC Section, Higher Education Department

OIPR : 11001/11001/1/26-27/0051



## ରେଳପଥ ମନ୍ତ୍ରଣାଳୟ
### (ପୂର୍ବ ତଟ ରେଳପଥ)
### ବିଜ୍ଞପ୍ତି

**ଭୁବନେଶ୍ୱର, 25 ଅଗଷ୍ଟ 2026**

**ରେଳବାଇ ଅଧିନିୟମ, 1989ର ଧାରା 20(A)ର ଅଧୀନରେ ସୂଚନା**

**କା.ଆ. 4722(ଅ)** :- ରେଳବାଇ (ସଂଶୋଧନ) ଅଧିନିୟମ 1989 (24/89) ବର୍ତ୍ତମାନ ଠାରୁ ଅଧିନିୟମ ଭାବେ ଅଭିହିତ ହେବାର ଧାରା 20A ର ଉପଧାରା (1) ର କ୍ଷମତାର ପ୍ରୟୋଗ ଅନୁସାରେ କେନ୍ଦ୍ର ସରକାର ଏହି ଯୋଜନାରେ ସନ୍ତୁଷ୍ଟ ହୋଇଛନ୍ତି ଯେ, ରେଳବାଇ (ସଂଶୋଧନ) ଅଧିନିୟମ 1989 ର ଧାରା 20A (1) ସଂଖ୍ୟା (ଅ) ପ୍ରକାଶିତ ବିଜ୍ଞପ୍ତି ଓଡ଼ିଶା ରାଜ୍ୟର ଅନୁଗୋଳ ଜିଲ୍ଲାର ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଯଥା, **"ଜରପଡ଼ା ରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ତୃତୀୟ ଏବଂ ଚତୁର୍ଥ ଲାଇନ (254.4 କିଲୋମିଟର)"**ର ନିର୍ମାଣ ପ୍ରକଳ୍ପର ଯାହା ସର୍ବସାଧାରଣଙ୍କ ଉଦ୍ଦେଶରେ ନିଷ୍ପାଦନ, ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ନିମନ୍ତେ କେନ୍ଦ୍ର ସରକାରଙ୍କୁ ସମସ୍ତ ପ୍ରକାରର ବାଧା/ବୋଝରୁ ମୁକ୍ତ କରାହୋଇ ନ୍ୟସ୍ତ କରାହେବା ନିମନ୍ତେ ଉଦ୍ଦିଷ୍ଟ ଭୂମିର ଅଧିଗ୍ରହଣ ଆବଶ୍ୟକ ହୋଇଅଛି।

ଏଣୁ ଉପରୋକ୍ତ ଅଧିକରଣ ହେବାକୁ ଥିବା ଭୂମିର ସମ୍ବନ୍ଧେ ଯଦି କାହାର କୌଣସି ଆପତ୍ତି ଥାଏ ତେବେ ସେ ଉପରୋକ୍ତ ଅଧିନିୟମର ଧାରା 20D ର ଉପଧାରା (1) ଅନୁସାରେ ଏହି ଅଫିସିଆଲ ଗେଜେଟର ପ୍ରକାଶିତ ହେବାର ତାରିଖରୁ ୩୦ ଦିନ ମଧ୍ୟରେ ନିଜ ଆପତ୍ତି ଜଣାଇ ପାରିବେ।

ଏହିପରି କୌଣସି ଆପତ୍ତିକୁ ଅଧିକୃତ ଅଧିକାରୀ ଅର୍ଥାତ ଭୂମି ଅଧିଗ୍ରହଣ ମଣ୍ଡଳ ଅଧିକାରୀ, ତାଳଚେର-ସମ୍ବଲପୁର ରେଳ ଲିଙ୍କ ପ୍ରକଳ୍ପ, ଅନୁଗୋଳ, ଜରପଡ଼ାରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ତୃତୀୟ ଏବଂ ଚତୁର୍ଥ ଲାଇନ (254.4 କିଲୋମିଟର), ଅନୁଗୁଳ, ଜିଲ୍ଲା- ଅନୁଗୁଳ, ରାଜ୍ୟ - ଓଡ଼ିଶାଙ୍କୁ ଲିଖିତ ଭାବେ ଜଣାଇବ ତଥା ନିଜେ ବା ନିଜର କୌଣସି ଆଇନଗତ ସହଯୋଗୀଙ୍କ ଦ୍ୱାରା ନିଜର ଆପତ୍ତିକୁ ପ୍ରମାଣ ସହିତ ଉପସ୍ଥାପନ କରି ପାରିବେ, ଯେଉଁଥିଲେ ପ୍ରାଧିକୃତ କର୍ତ୍ତୃପକ୍ଷ ଯଦି ଅସନ୍ତୋଷ ଅନୁଭବ କରନ୍ତି ତେବେ ଆଦେଶ ଜାରି କରାଇ ଏହି ଆପତ୍ତି ଗ୍ରହଣ ଅଥବା ଅନାଗ୍ରହ କରାଇପାରିବେ।

ଉପରୋକ୍ତ ଆଇନ ର ଧାରା 20D ର ଉପଧାରା (2) ଅନୁସାରେ ଜାରି ଆଦେଶନାମାକୁ ଚୂଡ଼ାନ୍ତ ବୋଲି ଗ୍ରହଣ କରାଯିବ। ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆଗ୍ରହୀପକ୍ଷ ଭୂମିର, ଭୂମି ସମ୍ବନ୍ଧିୟ ସବିଶେଷ ବିବରଣରୀ ଓ ପ୍ରାପ୍ତ କରିପାରିବେ।

ଅନୁସୂଚୀ

**ଓଡ଼ିଶା ରାଜ୍ୟର ଅନୁଗୁଳ ଜିଲ୍ଲାରେ ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ "ଜରପଡ଼ା ରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ତୃତୀୟ ଏବଂ ଚତୁର୍ଥ ଲାଇନ (254.4 କିଲୋମିଟର)"ର ନିର୍ମାଣ ପ୍ରକଳ୍ପ ନିମିତ୍ତ ଥିବା ଭୂମି ଅଧିଗ୍ରହଣ ହେବାକୁ ଥିବା ନିର୍ମାଣ ସହ କିମ୍ବା ବିନା ନିର୍ମାଣରେ ଜମିର ସଂକ୍ଷିପ୍ତ ବିବରଣୀ।**

ଜିଲ୍ଲାର ନାମ : ଅନୁଗୁଳ

| କ୍ର. ସଂ. | ଗ୍ରାମର ନାମ | ଖାତା ସଂଖ୍ୟା | ପ୍ଲଟ୍ ନଂ | ସମୁଦାୟ କ୍ଷେତ୍ର (ଏକର) | ଅଧିକୃତ ହେବାକୁ ଥିବା କ୍ଷେତ୍ର (ଏକର) | କିସମ | ଜମି ପ୍ରକାର |
|---|---|---|---|---|---|---|---|
| 1 | ଲକ୍ଷ୍ମୀଧରପୁର | 3 | 205 | 0.326 | 0.010 | ତଇଳା | ନିଜସ୍ୱ |
| 2 | ଲକ୍ଷ୍ମୀଧରପୁର | 14 | 216 | 0.781 | 0.030 | ତଇଳା | ନିଜସ୍ୱ |
| 3 | ଲକ୍ଷ୍ମୀଧରପୁର | 32 | 2088 | 0.138 | 0.055 | ଶାରଦ ଅଣଜଳସେଚିତ ଦୁଇ | ନିଜସ୍ୱ |
| 4 | ଲକ୍ଷ୍ମୀଧରପୁର | 32 | 2099 | 0.114 | 0.050 | ତଇଳା | ନିଜସ୍ୱ |
| 5 | ଲକ୍ଷ୍ମୀଧରପୁର | 32 | 2091 | 0.040 | 0.020 | ଶାରଦ ଅଣଜଳସେଚିତ ଦୁଇ | ନିଜସ୍ୱ |
| 6 | ଲକ୍ଷ୍ମୀଧରପୁର | 32 | 2090 | 0.054 | 0.020 | ଶାରଦ ଅଣଜଳସେଚିତ ଦୁଇ | ନିଜସ୍ୱ |
| 7 | ଲକ୍ଷ୍ମୀଧରପୁର | 32 | 2089 | 0.042 | 0.010 | ଶାରଦ ଅଣଜଳସେଚିତ ଦୁଇ | ନିଜସ୍ୱ |
| 8 | ଲକ୍ଷ୍ମୀଧରପୁର | 36 | 595 | 0.025 | 0.005 | ତଇଳା | ନିଜସ୍ୱ |
| 9 | ଲକ୍ଷ୍ମୀଧରପୁର | 38 | 2187 | 0.079 | 0.020 | ବଗାୟତ ଦୁଇ | ନିଜସ୍ୱ |
| 10 | ଲକ୍ଷ୍ମୀଧରପୁର | 41 | 459 | 0.093 | 0.020 | ଶାରଦ ଅଣଜଳସେଚିତ ଦୁଇ | ନିଜସ୍ୱ |
| 11 | ଲକ୍ଷ୍ମୀଧରପୁର | 41 | 458 | 0.161 | 0.010 | ଶାରଦ ଅଣଜଳସେଚିତ ଦୁଇ | ନିଜସ୍ୱ |
| 12 | ଲକ୍ଷ୍ମୀଧରପୁର | 41 | 457 | 0.148 | 0.010 | ଶାରଦ ଅଣଜଳସେଚିତ ଦୁଇ | ନିଜସ୍ୱ |
| 13 | ଲକ୍ଷ୍ମୀଧରପୁର | 41 | 2076 | 0.133 | 0.050 | ତଇଳା | ନିଜସ୍ୱ |
| 14 | ଲକ୍ଷ୍ମୀଧରପୁର | 41 | 2077 | 0.114 | 0.040 | ତଇଳା | ନିଜସ୍ୱ |
| 15 | ଲକ୍ଷ୍ମୀଧରପୁର | 41 | 2078 | 0.158 | 0.075 | ତଇଳା | ନିଜସ୍ୱ |
| 16 | ଲକ୍ଷ୍ମୀଧରପୁର | 41 | 2086 | 0.062 | 0.015 | ତଇଳା | ନିଜସ୍ୱ |
| 17 | ଲକ୍ଷ୍ମୀଧରପୁର | 41 | 2087 | 0.064 | 0.015 | ତଇଳା | ନିଜସ୍ୱ |
| 18 | ଲକ୍ଷ୍ମୀଧରପୁର | 41 | 2085 | 0.069 | 0.035 | ତଇଳା | ନିଜସ୍ୱ |
| 19 | ଲକ୍ଷ୍ମୀଧରପୁର | 45 | 234 | 0.277 | 0.050 | ତଇଳା | ନିଜସ୍ୱ |
| 20 | ଲକ୍ଷ୍ମୀଧରପୁର | 45 | 306 | 0.126 | 0.025 | ତଇଳା | ନିଜସ୍ୱ |
| 21 | ଲକ୍ଷ୍ମୀଧରପୁର | 45 | 308 | 0.304 | 0.005 | ତଇଳା | ନିଜସ୍ୱ |
| 22 | ଲକ୍ଷ୍ମୀଧରପୁର | 47 | 597 | 0.311 | 0.015 | ତଇଳା | ନିଜସ୍ୱ |
| 23 | ଲକ୍ଷ୍ମୀଧରପୁର | 60 | 2180 | 0.036 | 0.010 | ତଇଳା | ନିଜସ୍ୱ |
| 24 | ଲକ୍ଷ୍ମୀଧରପୁର | 60 | 2181 | 0.096 | 0.040 | ଶାରଦ ଅଣଜଳସେଚିତ ଦୁଇ | ନିଜସ୍ୱ |
| 25 | ଲକ୍ଷ୍ମୀଧରପୁର | 60 | 2183 | 0.109 | 0.035 | ତଇଳା | ନିଜସ୍ୱ |
| 26 | ଲକ୍ଷ୍ମୀଧରପୁର | 60 | 2184 | 0.156 | 0.110 | ତଇଳା | ନିଜସ୍ୱ |
| 27 | ଲକ୍ଷ୍ମୀଧରପୁର | 60 | 2189 | 0.236 | 0.010 | ତଇଳା | ନିଜସ୍ୱ |
| 28 | ଲକ୍ଷ୍ମୀଧରପୁର | 60 | 2185 | 0.084 | 0.050 | ତଇଳା | ନିଜସ୍ୱ |
| 29 | ଲକ୍ଷ୍ମୀଧରପୁର | 67 | 319 | 0.647 | 0.055 | ତଇଳା | ନିଜସ୍ୱ |
| 30 | ଲକ୍ଷ୍ମୀଧରପୁର | 67 | 320 | 0.460 | 0.060 | ତଇଳା | ନିଜସ୍ୱ |
| 31 | ଲକ୍ଷ୍ମୀଧରପୁର | 67 | 321 | 0.277 | 0.030 | ତଇଳା | ନିଜସ୍ୱ |
| 32 | ଲକ୍ଷ୍ମୀଧରପୁର | 67 | 322 | 0.457 | 0.035 | ତଇଳା | ନିଜସ୍ୱ |
| 33 | ଲକ୍ଷ୍ମୀଧରପୁର | 67 | 371 | 1.006 | 0.005 | ତଇଳା | ନିଜସ୍ୱ |
| 34 | ଲକ୍ଷ୍ମୀଧରପୁର | 67 | 372 | 0.131 | 0.060 | ତଇଳା | ନିଜସ୍ୱ |
| 35 | ଲକ୍ଷ୍ମୀଧରପୁର | 67 | 1974 | 0.086 | 0.035 | ତଇଳା | ନିଜସ୍ୱ |
| 36 | ଲକ୍ଷ୍ମୀଧରପୁର | 67 | 1975 | 0.272 | 0.075 | ତଇଳା | ନିଜସ୍ୱ |
| 37 | ଲକ୍ଷ୍ମୀଧରପୁର | 67 | 1977 | 0.109 | 0.015 | ତଇଳା | ନିଜସ୍ୱ |
| 38 | ଲକ୍ଷ୍ମୀଧରପୁର | 67 | 1980 | 0.272 | 0.030 | ତଇଳା | ନିଜସ୍ୱ |
| 39 | ଲକ୍ଷ୍ମୀଧରପୁର | 73 | 593 | 0.020 | 0.005 | ତଇଳା | ନିଜସ୍ୱ |
| 40 | ଲକ୍ଷ୍ମୀଧରପୁର | 73 | 594 | 0.032 | 0.005 | ତଇଳା | ନିଜସ୍ୱ |
| 41 | ଲକ୍ଷ୍ମୀଧରପୁର | 76 | 584 | 0.093 | 0.060 | ତଇଳା | ନିଜସ୍ୱ |
| 42 | ଲକ୍ଷ୍ମୀଧରପୁର | 76 | 587 | 0.052 | 0.025 | ତଇଳା | ନିଜସ୍ୱ |
| 43 | ଲକ୍ଷ୍ମୀଧରପୁର | 76 | 588 | 0.046 | 0.020 | ତଇଳା | ନିଜସ୍ୱ |
| 44 | ଲକ୍ଷ୍ମୀଧରପୁର | 76 | 589 | 0.120 | 0.030 | ତଇଳା | ନିଜସ୍ୱ |
| 45 | ଲକ୍ଷ୍ମୀଧରପୁର | 76 | 591 | 0.086 | 0.005 | ତଇଳା | ନିଜସ୍ୱ |
| 46 | ଲକ୍ଷ୍ମୀଧରପୁର | 92 | 230 | 0.791 | 0.075 | ତଇଳା | ନିଜସ୍ୱ |
| 47 | ଲକ୍ଷ୍ମୀଧରପୁର | 100 | 373 | 0.138 | 0.040 | ତଇଳା | ନିଜସ୍ୱ |
| 48 | ଲକ୍ଷ୍ମୀଧରପୁର | 100 | 374 | 0.169 | 0.035 | ତଇଳା | ନିଜସ୍ୱ |
| 49 | ଲକ୍ଷ୍ମୀଧରପୁର | 100 | 378 | 0.094 | 0.030 | ତଇଳା | ନିଜସ୍ୱ |
| 50 | ଲକ୍ଷ୍ମୀଧରପୁର | 100 | 376 | 0.185 | 0.005 | ତଇଳା | ନିଜସ୍ୱ |
| 51 | ଲକ୍ଷ୍ମୀଧରପୁର | 100 | 377 | 0.153 | 0.045 | ତଇଳା | ନିଜସ୍ୱ |
| 52 | ଲକ୍ଷ୍ମୀଧରପୁର | 100 | 460 | 0.064 | 0.020 | ଶାରଦ ଅଣଜଳସେଚିତ ତିନି | ନିଜସ୍ୱ |
| 53 | ଲକ୍ଷ୍ମୀଧରପୁର | 100 | 454 | 0.167 | 0.050 | ତଇଳା | ନିଜସ୍ୱ |
| 54 | ଲକ୍ଷ୍ମୀଧରପୁର | 100 | 450 | 0.025 | 0.005 | ତଇଳା | ନିଜସ୍ୱ |
| 55 | ଲକ୍ଷ୍ମୀଧରପୁର | 100 | 451 | 0.099 | 0.030 | ଶାରଦ ଅଣଜଳସେଚିତ ତିନି | ନିଜସ୍ୱ |
| 56 | ଲକ୍ଷ୍ମୀଧରପୁର | 100 | 452 | 0.080 | 0.025 | ଶାରଦ ଅଣଜଳସେଚିତ ତିନି | ନିଜସ୍ୱ |
| 57 | ଲକ୍ଷ୍ମୀଧରପୁର | 100 | 453 | 0.099 | 0.015 | ତଇଳା | ନିଜସ୍ୱ |
| 58 | ଲକ୍ଷ୍ମୀଧରପୁର | 109 | 2073 | 0.099 | 0.025 | ତଇଳା | ନିଜସ୍ୱ |
| 59 | ଲକ୍ଷ୍ମୀଧରପୁର | 109 | 2074 | 0.109 | 0.010 | ତଇଳା | ନିଜସ୍ୱ |
| 60 | ଲକ୍ଷ୍ମୀଧରପୁର | 109 | 2075 | 0.267 | 0.075 | ତଇଳା | ନିଜସ୍ୱ |
| 61 | ଲକ୍ଷ୍ମୀଧରପୁର | 110 | 2167 | 0.215 | 0.005 | ତଇଳା | ନିଜସ୍ୱ |
| 62 | ଲକ୍ଷ୍ମୀଧରପୁର | 110 | 2168 | 0.166 | 0.130 | ତଇଳା | ନିଜସ୍ୱ |
| 63 | ଲକ୍ଷ୍ମୀଧରପୁର | 136/71 | 232 | 0.766 | 0.015 | ତଇଳା | ନିଜସ୍ୱ |
| 64 | ଲକ୍ଷ୍ମୀଧରପୁର | 136/3 | 2175 | 0.2273 | 0.105 | ତଇଳା | ନିଜସ୍ୱ |
| 65 | ଲକ୍ଷ୍ମୀଧରପୁର | 136/3 | 2174 | 0.1334 | 0.005 | ତଇଳା | ନିଜସ୍ୱ |
| | | | | ମୋଟ | **2.135** | | |
| 66 | କୁମୁରସିଙ୍ଗା | 87 | 169 | 0.049 | 0.020 | ଶାରଦ ଅଣଜଳସେଚିତ ତିନି | ନିଜସ୍ୱ |
| 67 | କୁମୁରସିଙ୍ଗା | 87 | 125 | 0.069 | 0.030 | ତଇଳା | ନିଜସ୍ୱ |
| 68 | କୁମୁରସିଙ୍ଗା | 87 | 124 | 0.106 | 0.025 | ତଇଳା | ନିଜସ୍ୱ |
| 69 | କୁମୁରସିଙ୍ଗା | 87 | 122 | 0.091 | 0.010 | ଶାରଦ ଅଣଜଳସେଚିତ ତିନି | ନିଜସ୍ୱ |
| 70 | କୁମୁରସିଙ୍ଗା | 87 | 123 | 0.067 | 0.025 | ଶାରଦ ଅଣଜଳସେଚିତ ତିନି | ନିଜସ୍ୱ |
| 71 | କୁମୁରସିଙ୍ଗା | 87 | 178 | 0.104 | 0.010 | ତଇଳା | ନିଜସ୍ୱ |
| 72 | କୁମୁରସିଙ୍ଗା | 87 | 179 | 0.079 | 0.005 | ତଇଳା | ନିଜସ୍ୱ |
| 73 | କୁମୁରସିଙ୍ଗା | 87 | 183 | 0.193 | 0.025 | ତଇଳା | ନିଜସ୍ୱ |
| 74 | କୁମୁରସିଙ୍ଗା | 87 | 182 | 0.1186 | 0.005 | ତଇଳା | ନିଜସ୍ୱ |
| 75 | କୁମୁରସିଙ୍ଗା | 155 | 52 | 0.353 | 0.020 | ଶାରଦ ଅଣଜଳସେଚିତ ତିନି | ନିଜସ୍ୱ |
| 76 | କୁମୁରସିଙ୍ଗା | 158 | 48 | 0.811 | 0.030 | ତଇଳା | ନିଜସ୍ୱ |
| 77 | କୁମୁରସିଙ୍ଗା | 234/118 | 50 | 0.259 | 0.035 | ଶାରଦ ଅଣଜଳସେଚିତ ତିନି | ନିଜସ୍ୱ |
| 78 | କୁମୁରସିଙ୍ଗା | 234/123 | 180 | 0.0818 | 0.145 | ତଇଳା | ନିଜସ୍ୱ |
| 79 | କୁମୁରସିଙ୍ଗା | 234/131 | 49 | 0.6326 | 0.560 | ତଇଳା | ନିଜସ୍ୱ |
| 80 | କୁମୁରସିଙ୍ଗା | 234/134 | 184 | 0.2817 | 0.005 | ତଇଳା | ନିଜସ୍ୱ |
| | | | | ମୋଟ | **0.950** | | |
| 81 | ଆନନ୍ଦମୁଣ୍ଡା | 49/111 | 428 | 0.610 | 0.085 | ତଇଳା ଦୁଇ | ନିଜସ୍ୱ |
| | | | | ମୋଟ | **0.085** | | |
| 82 | କଦଳୀମୁଣ୍ଡା | 103/1 | 670/1005 | 0.040 | 0.040 | ଘରବାରି | ନିଜସ୍ୱ |
| 83 | କଦଳୀମୁଣ୍ଡା | 103/2 | 670/1006 | 0.040 | 0.040 | ଘରବାରି | ନିଜସ୍ୱ |
| 84 | କଦଳୀମୁଣ୍ଡା | 103/3 | 670/1007 | 0.040 | 0.040 | ଘରବାରି | ନିଜସ୍ୱ |
| 85 | କଦଳୀମୁଣ୍ଡା | 103/4 | 670/1008 | 0.040 | 0.040 | ଘରବାରି | ନିଜସ୍ୱ |
| | | | | ମୋଟ | **0.160** | | |
| 86 | ନୂନୁକାପଶି | 134/8 | 615/1206 | 0.040 | 0.040 | ଘରବାରି | ନିଜସ୍ୱ |
| 87 | ନୂନୁକାପଶି | 134/70 | 615/1205 | 0.040 | 0.040 | ଘରବାରି | ନିଜସ୍ୱ |
| | | | | ମୋଟ | **0.080** | | |
| 88 | ଠେଲକନାଳି | 62 | 881 | 0.040 | 0.025 | ଘରବାରି | ନିଜସ୍ୱ |
| | | | | ମୋଟ | **0.025** | | |

| କ୍ର. ସଂ. | ଗ୍ରାମର ନାମ | ଅଧିକୃତ ହେବାକୁ ଥିବା କ୍ଷେତ୍ର (ଏକର) | କ୍ର. ସଂ. | ଗ୍ରାମର ନାମ | ଅଧିକୃତ ହେବାକୁ ଥିବା କ୍ଷେତ୍ର (ଏକର) |
|---|---|---|---|---|---|
| 1 | ଲକ୍ଷ୍ମୀଧରପୁର | 2.135 | 4 | କଦଳୀମୁଣ୍ଡା | 0.160 |
| 2 | କୁମୁରସିଙ୍ଗା | 0.950 | 5 | ନୂନୁକାପଶି | 0.080 |
| 3 | ଆନନ୍ଦମୁଣ୍ଡା | 0.085 | 6 | ଠେଲକନାଳି | 0.025 |
| | | | | ମୋଟ | **3.435** |

PR-191/CJ/26-27

ଉପ ମୁଖ୍ୟ ଯନ୍ତ୍ରୀ/(ନିର୍ମାଣ)/ସମ୍ବଲପୁର

## ଏସଆଇଆର ପ୍ରକ୍ରିୟାରେ ଅନିୟମିତତା, ବିଡ଼ିଓଙ୍କୁ ଦାବିପତ୍ର

ରାଜକନିକା ,(ସବ୍ୟ) : ରାଜକନିକା ବ୍ଲକର ବିଭିନ୍ନ ପଞ୍ଚାୟତରେ ସଂଶୋଧନ ଆଳରେ ଉଦ୍ଦେଶ୍ୟମୂଳକ ଭାବରେ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ଭୋଟରଙ୍କ ନାମ ଅଭିଯୋଗ ଆଳରେ ବାଦ ଦେବା ଷଡ଼ଯନ୍ତ୍ର ବନ୍ଦ କରିବାକୁ ବିଜେଡ଼ି ପକ୍ଷରୁ ଏକ ଦାବିପତ୍ର ରାଜକନିକା ବିଡ଼ିଓ ଙ୍କୁ ପ୍ରଦାନ କରାଯାଇଛି । ଆସନ୍ତା ନିର୍ବାଚନକୁ ନିଜ ସପକ୍ଷରେ ନେବାକୁ ଅପଚେଷ୍ଟା ଚାଲିଛି ବୋଲି ବିଜେଡ଼ି ଅଭିଯୋଗ କରିଛି । ବିଜେଡ଼ି ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ଦାସ, ବ୍ଲକ ବିଜେଡ଼ି ସଭାପତି ବିଦ୍ୟାଧର ବେହେରା, ସାଧାରଣ ସମ୍ପାଦକ ସାରଙ୍ଗଧର ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଅମିତା ସାହୁ,ପ୍ରବୀଣା ଦାସ,ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ,ରବି ନାରାୟଣ ବେହେରା, ବାସୁଦେବ ବିଶ୍ୱାଳ, ଅୟସ ସାମଲ, ସରପଞ୍ଚ ଅରୁଣ ରାଉତ, ତ୍ରିଲୋଚନ ବିଶ୍ୱାଳ, ନାହୁଷ ନାୟକ, ବେଣୁଧର ସାମଲ, ଭରତ ମହାପାତ୍ର, ନିରଞ୍ଜନ ନାୟକ ପ୍ରମୁଖ ଙ୍କ ନେତୃତ୍ୱ ରେ ଏକ ଶୋଭାଯାତ୍ରା ବିଜେଡ଼ି କାର୍ଯ୍ୟାଳୟ ରୁ ବାହାରି ବିଡ଼ିଓଙ୍କୁ ଏକ ସ୍ମାରକ ପତ୍ର ଦେଇଛନ୍ତି । ବିକାଶ ଦାସଙ୍କ ନେତୃତ୍ୱ ରେ ବ୍ଲକ ର ୨୯ ପଞ୍ଚାୟତ ସ୍ତରୀୟ ନେତା ଓ ଭୋଟରଙ୍କ ଦ୍ୱାରା ଅନୁଷ୍ଠିତ ପ୍ରତିବାଦ ରେ ଭୋଟର ଙ୍କ ମୌଳିକ ଅଧିକାର ଙ୍କୁ ସୁରକ୍ଷା ଦେବା ପାଇଁ ଯଦି ପ୍ରଶାସନ ଓ ସରକାରୀ ବ୍ୟବସ୍ଥା ତତ୍ପର ନହୁଏ, ତେବେ ଆଗାମୀ ଦିନରେ ଗାଁ ରୁ ଜିଲ୍ଲା ପର୍ଯ୍ୟନ୍ତ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି ।

## ନିୟନ୍ତ୍ରିତ ବଜାର କମିଟି ଗୋଦାମ ଗୃହ ଓ ସଭାକକ୍ଷ ନିର୍ମାଣ ନିମନ୍ତେ ଭୂମିପୂଜନ

ଜଗତସିଂହପୁର ,(ସବ୍ୟ) : ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟିର ମୁଖ୍ୟ ବଜାର ପ୍ରାଙ୍ଗଣରେ ନୂତନ ଗୋଦାମ ଗୃହ ଓ ସଭା କକ୍ଷ ନିମନ୍ତେ ଭୂମି ପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ତଥା ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଭୂମି ପୂଜନ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ନିୟନ୍ତ୍ରିତ ବଜାର କମିଟିର ଉପାଧ୍ୟକ୍ଷ ଦୀପ୍ତି ଦାସ,ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ,



କମିଟିର ସଦସ୍ୟ ବିପ୍ଳବ ଚୌଧୁରୀ, ପୂର୍ବତନ ପୌରପରିଷଦ ଅଧ୍ୟକ୍ଷ ମଧୁସୂଦନ ସାହୁ, ସୁରେଶ ଚନ୍ଦ୍ର ନନ୍ଦ, ଲାଲା ଅରୁଣ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହାପରେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ୬୪ତମ ସାଧାରଣ କମିଟି ବୈଠକ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବଜାର କମିଟି ପକ୍ଷରୁ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କୁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲାଏହି ବୈଠକରେ ସଭ୍ୟମାନେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ । ବିଧାୟକ ଜଗତସିଂହପୁର ଓ ନାଉଗାଁ ଠାରେ ୨ଟି ଶୀତଳ ଭଣ୍ଡାର କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଶେଷରେ ନିୟନ୍ତ୍ରିତ ବଜାର କମିଟିର ବରିଷ୍ଠ ହିସାବ ରକ୍ଷକ ସନ୍ଦୀପ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ସରକାରୀ ଅର୍ଥରେ ବ୍ୟକ୍ତିଗତ ଜମିରେ ଭୋଗମଣ୍ଡପ ନିର୍ମାଣ

ନାଉଗାଁ ,(ସବ୍ୟ) : ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତର ବରଦା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ ସରକାରୀ ଅର୍ଥରେ ଭୋଗମଣ୍ଡପ ନିର୍ମାଣକରାଯାଉଥିବା ନେଇ ଅଭିଯୋଗ ହୋଇଛି । ଏନେଇ ଗ୍ରାମର ଆଦିତ୍ୟ ନାରାୟଣ ପରିଡ଼ା, ଭାବଗ୍ରାହୀ ବରାଳ, ପ୍ରକାଶ ଚନ୍ଦ୍ର ପରିଡ଼ା, ସୁଶାନ୍ତ କୁମାର ପରିଡ଼ା ପ୍ରମୁଖ ନାଉଗାଁ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ବରଦା ଗ୍ରାମର ଅଲେଖ ମଠ ଭୋଗମଣ୍ଡପନିର୍ମାଣ ପାଇଁ "ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି କାର୍ଯ୍ୟ ସରକାରୀ ଜମିରେ ନିର୍ମାଣ କରାଯିବାକୁ ସ୍ଥିର ହୋଇଥିବା ବେଳେ ଏବେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗକାରୀମାନେ ଦର୍ଶାଇଛନ୍ତି । ଏହାକୁ ନେଇ ଅଭିଯୋଗକାରୀମାନେ କାର୍ଯ୍ୟର ନିରପେକ୍ଷ ତଦନ୍ତ କରିବା ସହ ବ୍ୟକ୍ତିଗତ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବା ଏବଂ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ କୌଣସି ବିଲ ପ୍ରଦାନ ନକରିବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ବିଡିଓ ନିରଞ୍ଜନ ପରିଡ଼ାଙ୍କୁ ପଚାରିବାରେ, ଅଭିଯୋଗ ପାଇବା ପରେ କାର୍ଯ୍ୟ ବନ୍ଦ ରଖିବାକୁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ପରେ ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ପଞ୍ଚାୟତ ପ୍ରତିନିଧି, ବ୍ଲକ କର୍ମଚାରୀଙ୍କ କର୍ମଶାଳା

ଧର୍ମଶାଳା,(ସବ୍ୟ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଷ୍ଟାଡିୟମ ହଲରେ ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଗ୍ରମୀଣ ଅଜୀବିକା ମିଶନ ଭିବିଜି ରାମଜି ସମ୍ବନ୍ଧୀୟ ପଞ୍ଚାୟତ ପ୍ରତିନିଧି ଓ ବ୍ଲକ କର୍ମଚାରୀମାନଙ୍କ ଏକ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହଯୋଗକ୍ରମେ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ହଲରେ ଏହା ଆଜି ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ସିଡିଓ , ଏମଜିଏନଆରଜିଏସ ଚୋଅର୍ଡିନେଟର , ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୂଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଧର୍ମଶାଳା ବିଡିଓ ଜେ୍ୟାତିର୍ମୟ କର, ରସୁଲପୁର ବିଡିଓ , ଏଇଇ ରସୁଲପୁର, ଏଇଇ ଧର୍ମଶାଳା, ସମସ୍ତ ବ୍ଲକ କର୍ମଚରୀ, ଲୋକପ୍ରତିନିଧି ଓ ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତ ଭିଜି ରାମଜିର ଉପକାରିତା ସମ୍ପର୍କରେ ଅବଗତ କରାଯାଇଥିଲା। ୨୦୪୭ ସୁଦ୍ଧା ଭାରତକୁ ଓ ୨୦୩୬ ସୁଦ୍ଧା ଓଡିଶାକୁ କିଭଳି ବିକଶିତ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାବାଦ ପଂଚାୟତ ପ୍ରତିନିଧିମାନେ ନିଜ ପଂଚାୟତରୁ ଟିକସ ଉଠାଇ ପାଂଚାୟତରେ କିଭଳି ଉନ୍ନତିମୁଳକ କାର୍ଯଯ କରିପାରିବେ ଓ ଏମଜିଏନଆରଜିଏସରେ କିଛିଟା ପରିବର୍ତନ ଅଣାଯାଇ ପୂର୍ବରୁ ୨୪୭ ପ୍ରୋଜେକଟ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏବେ ଏହି ଯୋଜନାରେ ଏହାକୁ ବୃଦ୍ଧି କରାଯାଇ ୩୦୦ ପର୍ଯ୍ୟନ୍ତ ପ୍ରୋଜେକଟ କରାଯାଇଛି। ଏଥିସହ ଶ୍ରମୀକମାନଙ୍କ ମଜୁରୀ ପୁର୍ବରୁ ୨୬୨ ରହିଥିବା ବେଳେ ଏବେ ଏହାକୁ ୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ୯ ପଞ୍ଚାୟତ ସମେତ ଧର୍ମଶାଳା ବ୍ଲକର ସମସ୍ତ ୪୫ ପଞ୍ଚାୟତର ଜନପ୍ରତିନିଧିମାନେ ଉପସ୍ଥିତ ରହିଥିଲେ ବୋଲି ବିଡିଓ ଜେ୍ୟାତିର୍ମୟ କର ସୂଚନା ଦେଇଛନ୍ତି।

## ପିସି ଏବଂ ପିଏନଡିଟି ଆଇନର କଡ଼ାକଡ଼ି ଅନୁପାଳନ ଓ ବେଆଇନ ଲିଙ୍ଗ ନିରୂପଣ ରୋକିବା ଉପରେ ଗୁରୁତ୍ୱ

ବ୍ୟାସନଗର, (ଜିପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପିସି ଏବଂ ପିଏନଡିଟି ଆଇନ,୧୯୯୪ ଅଧୀନରେ ଜିଲ୍ଲା ପରାମର୍ଶଦାତା କମିଟି ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପିସି ଏବଂ ପିଏନଡିଟି ଆଇନର କଡ଼ାକଡ଼ି ଅନୁପାଳନ, କନ୍ୟା ଭ୍ରୂଣ ହତ୍ୟା ରୋକିବା, ବେଆଇନ ଲିଙ୍ଗ ନିରୂପଣ ଉପରେ ରୋକ ଲଗାଇବା ଏବଂ ଜିଲ୍ଲାରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକର ନିୟମିତ ଯାଂଚ ଓ ନିରୀକ୍ଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିସହିତ ଉକ୍ତ ଆଇନର ଉଲ୍ଲଂଘନ ହେଉଥିବା ଘଟଣା ଗୁଡ଼ିକ ଉପରେ ଦ୍ରୁତ ଓ ଦୃଢ଼ ଆଇନଗତ ପଦକ୍ଷେପ ଗ୍ରହଣ, ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକର ରେକର୍ଡ ଓ ଦଲିଲପତ୍ରର ଯାଂଚ, ଅନ ଲାଇନ ଫର୍ମଐ ପୂରଣ କରି ଠିକ ସମୟରେ ଅପଲୋଡ଼ କରିବା ଏବଂ ଆଇନର ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଯାଜପୁର ଜିଲ୍ଲା ରାଜ୍ୟରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ବିଶ୍ଳେଷଣ ସମୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିଥିବା ସିଡିଏମଓ ପ୍ରକାଶ କରିଥିଲେ । କନ୍ୟା ଶିଶୁଙ୍କ ସୁରକ୍ଷା, ଲିଙ୍ଗ ଅସମାନତା ଦୂରୀକରଣ ଏବଂ ସମାଜରେ କନ୍ୟା ଶିଶୁଙ୍କ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି ପାଇଁ ବିଭିନ୍ନ ବିଭାଗ ଓ ସମ୍ପୃକ୍ତ ସଂସ୍ଥାଗୁଡ଼ିକର ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲା ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ବିଭାଗ) ଡ଼ଃ ଗୋପାଳ ଚନ୍ଦ୍ର ମଲ୍ଲିକ, ଡ଼ିଏଚଏଚ ଯାଜପୁରର ବରିଷ୍ଠ ବିଶେଷଜ୍ଞ ଡା.ପ୍ରୀତି ସାମଲ, ଡା.ପ୍ରଫୁଲ୍ଲ ଚନ୍ଦ୍ର ଦୀକ୍ଷିତ, ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର କେଦାର ନାଥ ଦାସ, ସମାଜସେବୀ ଡା.ରାଜକିଶୋର ପଣ୍ଡା, ମୋନାଲି ରାୟସା, ପ୍ରେମଲତା ପଣ୍ଡା ସୁଧାଂଶୁ ଶେଖର ନାୟକ, ଦେବାଶିଷ ପ୍ରଧାନ ଏବଂ ଚିତରଞ୍ଜନ ମିଶ୍ରଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ସାଇ ମଲ୍‌ଟିସ୍ପେସିଆଲିଷ୍ଟ ହସ୍ପିଟାଲରେ ଫିଜିଓଥେରାପି

କୁଆଖିଆ ,(ସବ୍ୟ) : କୁଆଖିଆ ପରିବା ମାର୍କେଟ ନିକଟରେ ନୂତନ ଭାବେ ପ୍ରତିଷ୍ଠା ହୋଉଥିବା ସାଇ ମଲଟିସ୍ପେସିଆଲିଷ୍ଟ ହସ୍ପିଟାଲ ପରିସରରେ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଯାଇଛି ।ହସ୍ପିଟାଲର ପରିଚାଳନା ମୁଖ୍ୟ ପଦ୍ମଲୋଚନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରସୁଲପୁର ବ୍ଲକର ବିଡିଓ ସତ୍ୟାନନ୍ଦ ଦାସ,ମୁଖ୍ୟ ବକ୍ତା କୁଆଖିଆ ଥାନାର ଆଇ.ଆଇ. ସି ସୁଶାନ୍ତ କୁମାର ସେଠି,ସମ୍ମାନିତ ଅତିଥି ଆନନ୍ଦପୁର ସରକାରୀ ହସ୍ପିଟାଲର ଫିଜିଓଥେରାପି ଡ଼କଟର ଦୀପ୍ତି ରଞ୍ଜନ ସାହୁ, ଜିଲ୍ଲାପରିଷଦ ସଭ୍ୟ ଶିଶିର ମହାନ୍ତି,ସାଇ ଫିଜିଓଥେରାପି କଲେଜର ମୁଖ୍ୟ ଅଧିକାରୀ ଡ଼କଟର ଅବିନାଶ କୁମାର, ଡ଼କଟର ଶୁଭଦର୍ଶନୀ ପାତ୍ର, ଫାର୍ମାସିଷ୍ଟ ଭାନସି ମହାନ୍ତି, ପ୍ରଜ୍ଞା ମହାପାତ୍ର, ସାଇ ନର୍ସିଙ୍ଗ ଟୁଇଟର ଶତ୍ରୁଜିତ ସାହୁ,ସରିତା ବିରୁଆ, ସାଇ ଗ୍ରୁପର ଆଡିମିଷ୍ଟ୍ରେଟିଭ




ଅଫିସର ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇ ବିଶ୍ୱ ଫିଜିଓଥରାପି ଦିବସର ତାର୍ପଜ୍ୟ,ଫିଜିଓଥେରାପି ଶିକ୍ଷାର ପ୍ରଚାର ପ୍ରସାର, ଚିକିତ୍ସା ସୁବିଧା, ଚିକିତ୍ସାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଏହି ହସ୍ପିଟାଲରେ ପନ୍ଦର ଦିନ ପ୍ରଯ୍ୟନ୍ତ ଫ୍ରି ରେ ଫିଜିଓଥେରାପି ଚିକିତ୍ସା କରାଯିବ ସହ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ପରିଚାଳନା ମୁଖ୍ୟ ପଦ୍ମଲୋଚନ ନାୟକ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ହସ୍ପିଟାଲ ତରଫରୁ ଡ଼କ୍ଟର ଦୀପ୍ତି ରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧନ । କରାଯାଇଥିଲା । ଛାତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୃଥିବୀ ରାଜ ସାହୁ, ସନ୍ତୋଷ ଏବଂ ବହୁ ଛାତଛାତ୍ରୀଙ୍କ ସହ ବିଭିନ୍ନ ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ ।

## ଡାକ୍ତର ନିଯୁକ୍ତି ଦାବିରେ ଅନଶନ

ଯାଜପୁରସଦର ,(ସବ୍ୟ) :ବିଞ୍ଝାରପୁର ଥାନା ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଲୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ସହ ଅନ୍ୟ ୨ ଦାବିପୂରଣ ପାଇଁ ବୁଧବାର ଅନଶନ କରାଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ସ୍ଥାନୀୟ ଅଞ୍ଚଳବାସୀ ଅନଶନ କରିଥିଲେ । ଅପରାହ୍ନରେ ସିଡିଏମଓଙ୍କ ନିର୍ଦ୍ଦେଶକ୍ରମେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଫିସର ସାଂସି ନାୟକ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ । ସିଡିଏମଓଙ୍କ ନିର୍ଦ୍ଦେଶମତେ ଅନଶନକାରୀଙ୍କ ଦାବି ଶୀଘ୍ର ପୂରଣ ହେବ ବୋଲି ନାୟକ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଅଞ୍ଚଳବାସୀ ଅନଶନରୁ ଓହରିଥିଲେ । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ୨୦୦୯ରେ ପ୍ରତିଷ୍ଠା ହୋଇଥିଲା । ମାତ୍ର ସେବେଠାରୁ ଏହା ଅବହେଳିତ ଅବସ୍ଥାରେ ରହିଛି । ଏହାକୁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ଅଣଦେଖା କରିଛି ବୋଲି ଅନଶନକାରୀ ଅଭିଯୋଗ କରିଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ୪ ବର୍ଷ ହେଲା ଡାକ୍ତର ନାହାନ୍ତି । ଫଳରେ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଲୋକେ ବାଧ ହୋଇ ବିଞ୍ଝାରପୁର ଏବଂ ଯାଜପୁରକୁ ଯାଉଛନ୍ତି । ସେହିପରି ଏଠାରେ ଆଟେଣ୍ଡାଣ୍ଟ ପଦବୀ ଖାଲି ପଡ଼ିଛି । ନର୍ସିଂ ଅଫିସର ନିଯୁକ୍ତ ହୋଇଥିଲେ ମଧ୍ୟ ସେ ଅନ୍ୟତ୍ର କାର୍ଯ୍ୟ କରୁଛନ୍ତି ।ତେଣୁ ଡାକ୍ତର ଓ ଆଟେଣ୍ଡାଣ୍ଟ ନିଯୁକ୍ତି ସହ ଅନ୍ୟତ୍ର କାର୍ଯ୍ୟ କରୁଥିବା ନର୍ସିଂ ଅଫିସର ତୁରନ୍ତ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗଦେବା ଦାବିରେ ଅଞ୍ଚଳବାସୀ ବାରମ୍ବାର ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଧିକାରୀ ଓ ଯାଜପୁର ସିଡିଏମଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ହେଲେ କିଛି ସୁଫଳ ନ ମିଳିବାରୁ ଶେଷରେ ନିରାଶ ହୋଇ ଅନଶନକୁ ଓହ୍ଲାଇଥିଲେ ବୋଲି କହିଛନ୍ତି । ସାମାଜିକ କର୍ମୀ ଧର୍ମେନ୍ଦ୍ର ସାମଲ, ବସନ୍ତ ରାଉତ, ଦିଗାମ୍ବର ପରିଡ଼ା, ରାଘବ ଚରଣ ଜେନା, ବାସନ୍ତୀ ସାମଲ, ପ୍ରସନ୍ନ ରଥ, ଚନ୍ଦ୍ରଶେଖର ସାମଲ, ଅଭିଜିତ ରାୟ, ଫାର୍ମାସିଷ୍ଟ ମହେଶ୍ୱର ସେଠୀ, ଆଶୀର୍ବାଦ ସାମଲ, ସ୍ମୃତିରେଖା ମଲ୍ଲିକ, ହେମନ୍ତ ମଲ୍ଲିକ, ପ୍ରଶାନ୍ତ ସାମଲ, ପ୍ରମୋଦ ସାମଲ, ନିମାଇ ଚରଣ ପଣ୍ଡା, କୁଞ୍ଜବିହାରୀ ସାମଲଙ୍କ ସମେତ ବହୁବ୍ୟକ୍ତି ଅନଶନରେ ସାମିଲ ହୋଇଥିଲେ ।

## କେନ୍ଦ୍ରାପଡା ପୌରସଂସ୍ଥା : ୯ଟି ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ

କେନ୍ଦ୍ରାପଡା,(ସବ୍ୟ) :ରାଜ୍ୟର ଅନ୍ୟତମ ପୁରୁଣା ପୌରସଂସ୍ଥା ଭାବେ ପରିଚିତ କେନ୍ଦ୍ରାପଡା ପୌରସଂସ୍ଥାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଚାଲୁଥିବାବେଳେ ଗୁରୁବାର ପୌରସଂସ୍ଥା ତରଫରୁ ବିଭିନ୍ନ ଓ୍ୱାର୍ଡରେ ୯ଗୋଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌରାଂଚଳର ୭ ନମ୍ବର ଓ୍ୱାର୍ଡର ଗୋପଠାରେ ଥିବା ମଇଳା ଉପଚାର କେନ୍ଦ୍ର ନୂତନ ପ୍ରକଳ୍ପ ଉଦଘାଟନ । ପୌରସଂସ୍ଥାର ୧୧ ନମ୍ବର ୱାର୍ଡର ୨୮ ଗୋଟି ନୂତନ ଦୋକାନ, ତୁଳସୀ ମହିଳା ମହାବିଦ୍ୟାଳୟର ଶ୍ରେଣୀଗୃହର ଶିଳାନ୍ୟାସ, ତୁଳସୀ ମହିଳା ମହାବିଦ୍ୟାଳୟ ନିକଟରେ ଶ୍ରେଣୀଗୃହ ଶିଳାନ୍ୟାସ, ୧୩ ନମ୍ବର ଓ୍ୱାର୍ଡରେ ଥିବା ଉର୍ଦ୍ଦୁ ଲାଇବ୍ରେରୀର ପ୍ରଶସ୍ତିକରଣ, ୧୮ ନମ୍ବର ଫୱାର୍ଡର ଗୋବରୀ ବାଇପାସ୍ ରାସ୍ତାରେ ନୂତନ ଦୋକାନ ଗୃହର ଶିଳାନ୍ୟାସ,




ଗୋପବନ୍ଧୁ ଲାଇବ୍ରେରୀର ପ୍ରଶସ୍ତିକରଣ, ତିନିମୁହାଣୀ ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ ତିନିମୁହାଣୀ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ନିକଟରେ କଲ୍ୟାଣୀ ମଣ୍ଡପର ଶିଳାନ୍ୟାସ ପ୍ରଭୃତି କରାଯାଇଛି । ଆୟୋଜିତ ଏହି ୯ଗୋଟି ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷା ସରିତା ସାହୁ, ଉପାଧ୍ୟକ୍ଷା ଆକବରୀ ଖାତୁନ, କାଉନ୍‌ସିଲର କାଳୀପ୍ରସାଦ ମିଶ୍ର, ପ୍ରଭାଶିଶ ପଣ୍ଡା, ଉମେଶ ଚନ୍ଦ୍ର ନାୟକ, ଚୌଧୁରୀ ସୁକୁମାର ଦାସ, ସେକ୍ ଆସଲାମ୍, ନିରାକାର ସ୍ୱାଇଁ, ଜୟନ୍ତୀ ପାଣି, ପୁଷ୍ପାଞ୍ଜଳି ବସ୍ତିଆ, ହବିବା ବେଗମ୍, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ ହିରଣ୍ୟ କୁମାର ପଣ୍ଡା, ସୌମରେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଗତିଶୀଳ ଚାଷୀଙ୍କ ପାଇଁ ରପ୍ତାନୀ ଭିତ୍ତିକ କ୍ଷମତା ବିକାଶ କାର୍ଯ୍ୟକ୍ରମ

ରଘୁନାଥପୁର, (ସବ୍ୟ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଡୁଆ ନୂଆଗଡ ସ୍ଥିତ ବେସରକାରୀ ସଂଗଠନ ଲାଲ ପରିସରରେ ପ୍ରଗତିଶୀଳ ଚାଷୀଙ୍କ ପାଇଁ ଆପେଡା ପକ୍ଷରୁ ପ୍ରଗତିଶୀଳ ଚାଷୀଙ୍କ ପାଇଁ ରପ୍ତାନୀ ଭିତ୍ତିକ ଏକ କ୍ଷମତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ୨୦ଟି କୃଷକ ଉତ୍ପାଦକ ସଂଗଠନ ଓ ଏକ ଶହରୁ ଉର୍ଦ୍ଧ୍ୱ ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ । ଏହି ଏକ ଦିବସୀୟ ରପ୍ତାନୀ ଭିତ୍ତିକ କ୍ଷମତା ବିକାଶ କାର୍ଯ୍ୟକ୍ରମକୁ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଆପେଡାର ପୂର୍ବ ଭାରତୀୟ ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ ଏହାର ସଂଯୋଜନା କରିଥିଲାବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ,ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ସେଠୀ, ନିମକଣା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଜିବନ ଜ୍ୟୋତି ସେନ,ଇସିଜିସିର ଶାଖା ପରିଚାଳକ ପାପୁ ରଞ୍ଜନ ସାହୁ,ପାଲାଡିୟମର ପରିଚାଳକ ଅଞ୍ଜନ କୁମାର ପଣ୍ଡା,ଓରମାସର ଡେପୁଟି ସିଇଓ ଓ ଲାଲର ସଂପାଦିକା କାଦମ୍ବିନୀ ବେହେରା ପ୍ରମୁଖ ଯୋଗଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଉତ୍ପାଦିତ ଦ୍ରବ୍ୟର ସୂଚାରୁ ରପ୍ତାନୀ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଲାଲର କ୍ଷେତ୍ରମୋହନ ବେହେରା ଓ ସୁଧିରଞ୍ଜନ ବାରିକ ସୂଚାରୁରୂପେ ପରିଚାଳନା କରିଥିଲେ ।

## ଶୃଙ୍ଖଳିତ ଗଣେଷ ପୂଜା ପାଇଁ ବୈଠକ

ସାଲେପୁର,(ସବ୍ୟ) :ସାଲେପୁରଆଦର୍ଶ ଥାନା ପକ୍ଷରୁ ଶୃଙ୍ଖଳିତ ଗଣେଷ ପୂଜା ପାଇଁ ଏକ ବୈଠକ ସାଲେପୁର ମଧୁସୂଦନ ମଣ୍ଡପ ଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ନାରାୟଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଲେପୁର ଥାନା ଅନ୍ତର୍ଗତ ଗଣେଷ ପୂଜା କରୁଥିବା ଅନୁଷ୍ଠାନ ଓ ବିଭିନ୍ନ କ୍ଲବର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ । ସାଲେପୁର ଆଦର୍ଶ ଥାନା ଅଧିକାରୀ ମହେଶ୍ୱର ବେହେରା ଉପସ୍ଥିତ କ୍ଲବ ଓ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କୁ ଆସନ୍ତା ଗଣେଷ ପୂଜା ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ଡିଜେ ଓ ଆତସବାଜୀ ମୁକ୍ତ ପୂଜା ଓ ଭଷାଣି କରାଯିବା ଉପରେ ସାଲେପୁର ପୋଲିସ ପକ୍ଷରୁ ଆଲୋଚନା ପୂର୍ବକ ସମସ୍ତ ଅନୁଷ୍ଠାନମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ଅନୁଷ୍ଠାନର ଭଷାଣି ଅପରାହ୍ନ ୪ ଘଟିକାରୁ ଆରମ୍ଭ ହୋଇ ରାତ୍ର ୧୦ ଘଟିକା ଶୁଦ୍ଧା ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ନିଶାମୁକ୍ତ ଭାଷାଣୀ ଓ ନିୟମାବଳୀ ଅନୁଯାୟୀ ଶବ୍ଦ ପ୍ରଦୂଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସାଲେପୁର ଆଦର୍ଶ ଥାନାର ଏସ.ଆଇ ବିପିନ ବିହାରୀ ଦେଉରି, ଉଦୟଭାନୁ ପାତ୍ର, ଏ.ଏସ. ଆଇ ମାନଗୋବିନ୍ଦ ପଣ୍ଡା, କବିତା ସ୍ୱାନ୍ତି ଓ ଜପକୁଦ ଫାଣ୍ଡି ଅଧିକାରୀ ଶେଷଦେବ ରାଜ ଓ ବିଭିନ୍ନ ପୂଜା ଅନୁଷ୍ଠାନ ଏବଂ କ୍ଲବର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଶିକ୍ଷକ ସଂସ୍କୃତିର ଧାରକ ଓ ବାହକ

ଯାଜପୁର,(ସବ୍ୟ) : ଶିକ୍ଷକ ସଂସ୍କୃତିର ଧାରକ ଓ ବାହକ। ଏ ଜାତିର ନିର୍ମାତା, ସଂସ୍କୃତିର ପ୍ରବକ୍ତା ଓ ଏ ଜାତିର ଚରିତ୍ର ଗଠନରେ ବିଶ୍ୱକର୍ମା ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ଭାରତର ପ୍ରାକ୍ତନ ରାଷ୍ଟ୍ରପତି ଭାରତରନି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୯ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ସମାରୋହ- ୨୦୨୬ ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। "ସାରସ୍ୱତ ସମାବେଶ ମଂଚ, ଓଡ଼ିଶା' ଓ "ଭାରତ ରନିଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୯ତମ ଜୟନ୍ତୀ କମିଟି, ଯାଜପୁର' ପକ୍ଷରୁ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଓ ମନୋଜ୍ଞ ସମାରୋହରେମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ଫନୀ ମହାନ୍ତି ପ୍ରଦୀପ ଜାଳି ସମାରୋହକୁ ଶୁଭ ଉଦଘାଟନ କରିଥିଲେ। "ସାରସ୍ୱତ ସମାବେଶ ମଞ୍ଚ'ର ସଭାପତି ସାହିତ୍ୟକ ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହିସମାରୋହରେ ଓଡ଼ିଶାର ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ମୁଖ୍ୟବକ୍ତା, ସମାଜସେବୀ ପ୍ରଶାନ୍ତ କୁମାର ରାୟ ଓ ପ୍ରାକ୍ତନ ଜିଲ୍ଲାପାଳରମେଶ ଚନ୍ଦ୍ର



ରାଉତ ବିଶିଷ୍ଟ ଅତିଥି, ଅତିରିକ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଡା. ମନୋଜ କୁମାର ସେନାପତି, ଜଳସଂପଦ ବିଭାଗରପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ଯାମିନିକାନ୍ତ ଦାସ, ଯୁବନେତା ବନୋଜ କୁମାର ଜେନା, ଚଳଚିତ୍ର ପ୍ରଯୋଜକ କେଦାର ଚନ୍ଦ୍ର ରାଉତ ଓ ପ୍ରାକ୍ତନବାୟୁସେନା ଅଧିକାରୀ ସିତେଶ କୁମାର ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ରୂପେ ଯୋଗଦେଇ ଗୁରୁଦିବସ ପାଳନର ପ୍ରାସଂଗିକତା ସଂପର୍କରେ ଆଲୋଚନା କରିବା ସହିତ ଡ. ରାଧାକ୍ରିଷ୍ଣନଙ୍କୁ ଜଣେ ପ୍ରବୀଣ ଶିକ୍ଷାବିତ୍, ସମର୍ଥ ରାଷ୍ଟ୍ରନୀତିଜ୍ଞ ଓ ମହାନ୍ ଦାର୍ଶନିକ ବୋଲି ଅଭିହିତ କରିଥିଲେ। କବୟିତ୍ରୀ ଲକ୍ଷ୍ମୀପ୍ରିୟା ମହାପାତ୍ର ଗୁରୁବନ୍ଦନା, ଯୁଗ୍ମ ସଂପାଦିକା ରୁକ୍ମଣୀ ତ୍ରିପାଠୀ ମଂଚ ନିମନ୍ତ୍ରଣ କରିଥିବାବେଳେ ସାଂସ୍କୃତିକ ସଂପାଦିକା ଡ. ମମତାମୟୀ ଦାଶ ମାନପତ୍ର ପାଠ କରିଥିଲେ। ସମାଜସେବୀ ସନ୍ତୋଷ କୁମାର ନନ୍ଦ ଅତିଥିମାନଙ୍କ ପରିଚୟପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ରାୟ ସ୍ୱାଗତ ଭାଷଣ ଓ ସେକ୍ ଅବଦୁଲ ସାଜିଦ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ଓଡ଼ିଶାର ଶିକ୍ଷା, ସମାଜସେବା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗୀକୃତ ସେବା ଓ ସାଧନାନିମନ୍ତେ ଡ. ଫନୀ ମହାନ୍ତି, ପଞ୍ଚାନନ କାନୁନ୍‌ଗୋ ଓ ଡା. ମନୋଜ କୁମାର ସେନାପତିଙ୍କୁ ମାନପତ୍ର, ଉତରୀୟ ଓ ଉପଢୌକନପ୍ରଦାନ କରାଯାଇ ନାଗରିକ ସଂବର୍ଦ୍ଧନା ଦିଆଯାଇଥିଲା। ଏତଦ୍‌ଭିନ୍ନ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ତଥା ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଗୁରୁ ମାଧବାନନ୍ଦଦାସଙ୍କ ସଂଯୋଜନାରେ "ଭକ୍ତିତୀର୍ଥ' ସଂଗୀତାନୁଷ୍ଠାନର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା "ବନ୍ଦେ ଉତ୍କଳ ଜନନୀ' ଉତ୍କଳ ସଙ୍ଗୀତ ଗାନକରାଯାଇଥିଲା।

## ଯାଜପୁର ଜିଲ୍ଲା ଗୋଲା ସମାଜର ସାମ୍ବିଧାନିକ ସମ୍ମିଳନୀ

ବରୀ, (ସବ୍ୟ ): ନିଖିଳ ଉତ୍କଳ ଗୋଲା ସମାଜ ଯାଜପୁର ଜିଲ୍ଲା ସାମ୍ବିଧାନିକ ସମ୍ମିଳନୀ ଅଜଣାବନଠାରେ ଶିକ୍ଷକ ନେତା କର୍ଣ୍ଣଚନ୍ଦ୍ର ଘଡାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମ୍ପାଦକ ମକରଧ୍ୱଜ ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ ପୂର୍ବକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବିବରଣୀ ଉପରେ ସର୍ବଶ୍ରୀ ଅନିରୁଦ୍ଧ ମଲ୍ଲ, ଡ ନୃସିଂହ ଚରଣ ବେହେରା, ବୈଷ୍ଣବ ଚରଣ ଦାସ, ବିଜୟ କୁମାର ଜେନା, ଚିତ୍ତରଂଜନ ମହାନ୍ତି, କୈଳାସ ଚନ୍ଦ୍ର ବାସୁଲାଇ, ଅମୂଲ୍ୟ କୁମା ଜେନା, ଚିନ୍ତାମଣି ଜେନା ପ୍ରମୁଖ ଆଲୋଚନା କରିବା ପରେ ବିବରଣୀକୁ ପାରିତ କରାଯାଇଥିଲା । ଆଗାମୀ ତିନି ବର୍ଷ ପାଇଁ ନିମ୍ନ ଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବାକୁ ସ୍ଥିର କରାଯାଇଥିଲା । ଜିଲ୍ଲାର ପ୍ରତିବ୍ଲକ ଓ ପଞ୍ଚାୟତ ସ୍ତରରେ ସଂଗଠନକୁ ସୁଦୃଢ କରିବା ସହିତ ଶିକ୍ଷାରୁ ଯେପରି କେହି ବଞ୍ଚିତ ନ ହେବେ ସେଥି ପ୍ରତିଦୃଷ୍ଟି ଦେବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର କରାଗଲା । ଆଗାମୀ ଜାତି ଭିତ୍ତିକ ଜନଗଣନାରେ ସକ୍ରିୟ ଅଂଶ ଗ୍ରହଣ ସହିତ ସମାନୁପାତିକ ସଂରକ୍ଷଣ କିପରି କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯିବ । ସାମାଜିକ କଲ୍ୟାଣ କ୍ଷେତ୍ରରେ ଜୀବନ ବ୍ୟାପି ସେବା ପ୍ରଦାନକାରୀଙ୍କୁ ଚିହ୍ନଟ କରାଯାଇ ପ୍ରତିଭାପୂଜାର ବ୍ୟବସ୍ଥା କରାଯିବ । ଶେଷରେ ମନୋନୟନ ପ୍ରକ୍ରିୟାରେ ନିର୍ବାଚନ କରାଯାଇ ବିଜୟ କୁମାର ଜେନା ସଭାପତି, ସନାତନ ଜେନା ଉପସଭାପତି, ମକରଧ୍ୱଜ ସାହୁ ସମ୍ପାଦକ, କୈଳାସ ଚନ୍ଦ୍ର ବାସୁଲାଇ ସହ ସମ୍ପାଦକ, ଦିନବନ୍ଧୁ ଭୂୟାଁ କୋଷାଧ୍ୟକ୍ଷଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ରାଜ୍ୟ କମିଟକୁ ୫ଜଣ ଓ ଜିଲ୍ଲା କମିଟିକୁ ୨୫ଜଣ ଓ ୨ଜଣ ଉପଦେଷ୍ଟା ରୂପେ ମନୋନୟନ କରାଗଲା । ଶେଷରେ ଅଭିରାମ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରେସକ୍ଲବର ପ୍ରାକ୍ତନ ସଭାପତି ପ୍ରଦୀପ୍ତ ବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳିତ

ଚଣ୍ଡିଖୋଲ,(ସବ୍ୟ) ଯାଜପୁର ଜିଲ୍ଲାର ସର୍ବ ପୁରାତନ ପ୍ରେସକ୍ଲବ ଚଣ୍ଡିଖୋଲର ପ୍ରାକ୍ତନ ସଭାପତି, ତଥା କଳିଙ୍ଗପ୍ରଭାର ସମ୍ପାଦକ ସ୍ୱର୍ଗତ ପ୍ରଦୀପ୍ତକୁମାର ପରିଡ଼ାଙ୍କର ତୃତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବ ଗୁରୁବାର ଦିନ ପାଳିତ ହୋଇଯାଇଛି । ତାଙ୍କ ନିଜ ଗ୍ରାମ ବଡଚଣା ବ୍ଲକ କୁନ୍ଦଳ ପାଞ୍ଚୟତର ଗରଗାଲି ଠାରେ ଏହି ଶ୍ରାଦ୍ଧୋତ୍ସବ ପାଳନ ହୋଇଥିଲା ବେଳେ ତାଙ୍କର ଏକ



ମାତ୍ର ପୁତ୍ର ଡାକ୍ତର ପ୍ରଶାନ୍ତକୁମାର ପରିଡ଼ା ଉତ୍ସବ ପରିଚାଳନା କରିଥିଲେ । ଇତ୍ୟବସରରେ ଏକ ସତସଙ୍ଗ ଆୟୋଜିତ ହୋଇଥିଲା । ଏଥିରେ ପ୍ରେସକ୍ଲବ ସମ୍ପାଦକ ହେମଶକୁମାର ଜେନା,ଉପ ସଭାପତି ସମରେନ୍ଦ୍ର ମହଲା, ପ୍ରଶାନ୍ତକୁମାର ଜେନା, ଉପଦେଷ୍ଟା ଶିବରାମ ସାହୁ, ଅଭିମନ୍ୟୁ ଧଳ,ପ୍ରସନ୍ନକୁମାର ବିଶ୍ୱାଳ,ପ୍ରକାଶଚନ୍ଦ୍ର ଧଳ, ଭାରତଭୁଷଣ ପଣ୍ଡା, ପ୍ରତାପ ଗୋଛାୟତ, ବସନ୍ତକୁମାର ପଲେଇ, ଡମ୍ବରୁଧର ଜେନା, ବାବୁଲି ବେହେରା, ଦୟାସାଗର ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ପ୍ରତାପ ଦାସଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପରିଡାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ

# ଏସଏଚଜି ନାମରେ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ




ଆଠଗଡ ,(ସବ୍ୟୁ): ମହିଳା ସଶକ୍ତିକରଣ ପାଇଁ ଗଠନ ହେଲା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ମହିଳାମାନେ ସ୍ୱାବଲମ୍ବୀ ହେବା ଉଦ୍ଦେଶ୍ୟରେ ବ୍ୟାଙ୍କ ସହାୟତାରେ କମ ସୁଧ ହାରରେ ଋଣ ଦିଆଗଲା। ସେଥିପାଇଁ ସହଯୋଗ କରିବା ପାଇଁ ରାଜ୍ୟ ସରକାର ଏମ ବି କେ ଏବଂ ସିଆରପି ନିଯୁକ୍ତି କଲେ। ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ସମନ୍ୱୟ ରକ୍ଷା କରି ଟଙ୍କା ଦେଣନେଣ କରିବେ। କିନ୍ତୁ ଏମ ବି କେ ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଟଙ୍କା ଠିକ ସମୟରେ ବ୍ୟାଙ୍କରେ ପରିଶୋଧ ନ କରିବା ଏପରି କି ଋଣ ଟଙ୍କା ହଡ଼ପ କରିଥିବାର ଅଭିଯୋଗ ଆସିଛି ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଗ୍ରାମରେ। ଏଠାରେ ଏମ ବି କେ ଥିବା ଅର୍ପିତା ଦାସ ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଟଙ୍କା ପରିଶୋଧ ନ ନ କରି ହଡ଼ପ କରିଥିବାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଋଣ ଉଠାଇ ଆତ୍ମସାତ କରିଥିବା ଗୁରୁବାର ଦିନ ଆଠଗଡ଼ ଥାନା ରେ ଅଭିଯୋଗ ହୋଇଛି। ଏହି ଅର୍ଥ ହେରଫେର କରିଥିବା ଘଟଣା ଉପରେ ପୂର୍ବରୁ ମହିଳାମାନେ ଆଠଗଡ଼ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ଜଣାପଡିଛି।ଏମବିକେ ଥିବା ଅର୍ପିତା ଦାସ ଏବଂ ସିଆରପି ମୋନାଲିସା ମହାନ୍ତି ଙ୍କ ତ୍ୱାବଧାନରେ କନ୍ଦରପୁର ମା ପଞ୍ଚେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗତ ୨୦-୦୬-୨୪ ରେ ଆଠଗଡ଼ ଆଇସିଆଇସିଆଇ ବ୍ୟାଙ୍କ ରୁ ୨ ଲକ୍ଷ ଟଙ୍କା ଏବଂ ଶ୍ରୀମା ସ୍ୱୟଂ ସହାୟକ ଗୋଷ୍ଠୀ ଗତ ୦୬--୦୯-୨୪ ରେ ୪ ଲକ୍ଷ ଟଙ୍କା ଏବଂ ମା କାଳିଆଶୁଣୀ ସ୍ୱୟଂ ସହାୟକ ଗୋଷ୍ଠୀର ୪ ଲକ୍ଷ ଟଙ୍କା ଋଣ ଉଠାଣ କରିଥିଲେ। କିନ୍ତୁ ଋଣ ପରିଶୋଧର ନିର୍ଦ୍ଧାରିତ ସମୟ ଶେଷ ହେବା ପୂର୍ବରୁ ବ୍ୟାଙ୍କରୁ ଗୋଷ୍ଠୀକୁ ଋଣ ଦେଣନେଣ ଅନିୟମିତତା ନୋଟିସ ଆସିଲା। ଖବର ନେବାରେ ଜଣା ପଡିଲା ଯେ ଏମ ବି କେ ମା ପଞ୍ଚେଇ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ୨ ଲକ୍ଷ କହି ୪ ଲକ୍ଷ ଟଙ୍କା ଋଣ ଉଠାଣ କରିଛନ୍ତି। କିନ୍ତୁ ଋଣ ପରିମାଣ ମହିଳାମାନଙ୍କ ଠାରୁ ନେଇ ମଧ୍ୟ ଠିକ ସମୟରେ ପରିଶୋଧ କରୁ ନାହାନ୍ତି। ଏ ବାବଦରେ ଗତ ଅଗଷ୍ଟ ୨ ରେ ଗ୍ରାମ ମୁରବୀ ଙ୍କ ସହିତ ସଂପୃକ୍ତ ବ୍ୟାଙ୍କ ଅଧିକାରୀ ଜନପ୍ରତିନିଧି ମହିଳାମାନଙ୍କ ଉପସ୍ଥିତି ରେ ଏମ ବି କେ ଅର୍ପିତା ଦାସ ଋଣ ଅନିୟମିତତା କରିଥିବା ସ୍ୱୀକାର କରିଥିବା ଏବଂ ୭ ଦିନ ମଧ୍ୟରେ ସମୁଦାୟ ସୁଧ ଆକାରରେ ଟଙ୍କା ପରିଶୋଧ କରିବା ପାଇଁ ମାନିଥିଲେ। କିନ୍ତୁ ଏହି ଘଟଣାକୁ ମାସେରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସେ କୌଣସି ଟଙ୍କା ଜମା କରି ନାହାନ୍ତି। କନ୍ଦରପୁରରେ ୬୦ ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ତେବେ ଅନ୍ୟ ଗୋଷ୍ଠୀ ଗୁଡ଼ିକରେ ଏଭଳି ଆର୍ଥିକ ଅନିୟମିତତା ହୋଇଛି କି ନାହିଁ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ବୀରଗୋବିନ୍ଦପୁର ହାଇସ୍କୁଲରେ ମଣ୍ଡଳସ୍ତରୀୟ 'ଉଲ୍ଲାସ' ପ୍ରଶିକ୍ଷଣ ଶିବିର

ସାକ୍ଷୀଗୋପାଳ, (ସବ୍ୟୁ) : ସତ୍ୟବାଦୀ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବୀରଗୋବିନ୍ଦପୁର ହାଇସ୍କୁଲ ପରିସରରେ ମଣ୍ଡଳସ୍ତରୀୟ 'ଉଲ୍ଲାସ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସାକ୍ଷରତା ଓ ଜନଶିକ୍ଷା କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ ଓ ଫଳପ୍ରଦ କରିବା ଏହି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସତ୍ୟବାଦୀ ଶିକ୍ଷା ମଣ୍ଡଳର ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାତ୍ରୀ ଶିବିରରେ ସଭାପତିତ୍ୱ କରିଥିଲେ । ଶିବିରର ପରିଚାଳନାରେ ସହକାରୀ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନ ସଂଯୋଜକ ପ୍ରଭାସ ଚନ୍ଦ୍ର କରଣ ଏବଂ ସହକାରୀ ଶିକ୍ଷାଧିକାରୀ ଛାଟୋଇ ମୋତିଲାଲ ରାୟ ଉପସ୍ଥିତ ରହି ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ସହଯୋଗ କରିଥିଲେ ।ଏହି ପ୍ରଶିକ୍ଷଣ ଶିବିରରେ ସତ୍ୟବାଦୀ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ୧୪ଟି କ୍ଲଷ୍ଟରର ସି ଆର୍ ସି ସି,ସି, ସି,ଆର୍ ଜି, ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ଯୋଗଦେଇଥିଲେ । ପ୍ରଶିକ୍ଷଣରେ 'ଉଲ୍ଲାସ' କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, କାର୍ଯ୍ୟପଦ୍ଧତି ଓ ଏହାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।ଏଥିସହିତ ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳନ ସମ୍ପର୍କରେ ମଧ୍ୟ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା ।

ଶିକ୍ଷାର ଗୁରୁତ୍ୱ, ସମସ୍ତଙ୍କ ପାଇଁ ସମାନ ଶିକ୍ଷାର ସୁଯୋଗ, ନିରକ୍ଷରତା ଦୂରୀକରଣ ଏବଂ ସମାଜରେ ଶିକ୍ଷାର ପ୍ରସାର ପାଇଁ ସାମୂହିକ ଉଦ୍ୟମର ଆବଶ୍ୟକତା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ଶିବିରରେ ଯୋଗଦେଇଥିବା ସମସ୍ତ ସି ଆର୍ ସି ସି, ସି ଆର୍ ଜି, ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀମାନେ 'ଉଲ୍ଲାସ' କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ଅଧିକ ସକ୍ରିୟ କରିବା ସହ ଶିକ୍ଷାରୁ ବଞ୍ଚିତ ବ୍ୟକ୍ତିମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ପରିଶେଷରେ ସି ଆର ସି ସି ସୁମନ୍ତ କୁମାର ପାଲ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ସହ ପ୍ରଶିକ୍ଷଣ ଶିବିରର ସମାପନ କରାଯାଇଥିଲା ।

# ବେଆଇନ ବାଲି ଗାଡ଼ି ରୋକିବାରୁ ତହସିଲଦାରଙ୍କୁ ଆକ୍ରମଣ

ବାରଙ୍ଗ ,(ସବ୍ୟୁ): ବାରଙ୍ଗରେ ବେଆଇନ ଭାବେ ଲଘୁ ଖଣିଜଦ୍ରବ୍ୟ ଚୋରାଚାଲାଣ ହେଉଛି।ବୁଧବାର ରାତିରେ ଚୋରାରେ ବାଲି ନେଇ ଆସୁଥିବା ହାଇୱାକୁ ରୋକିବାକୁ ଉଦ୍ୟମ କରିବାରୁ ବାରଙ୍ଗ ତହସିଲ ଦାର ଓ ଡ୍ରାଇଭରଙ୍କୁ ଆକ୍ରମଣ ହୋଇଥିବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି।ପ୍ରକାଶ ଯେ, ବାରଙ୍ଗ ତହସିଲ ଅଧିନସ୍ଥ କେଲେଙ୍ଗଛିଆ ଗ୍ରାମମୁହଁ ନଦୀ ରୁ ବୁଧବାର ରାତିରେ ବେଆଇନ ଭାବେ ବାଲି ଉଠୁଥିବାର ତହସିଲଦାର ଡ.ତୁଷାର ଜ୍ୟୋତିରଞ୍ଜନଙ୍କ ପାଖରେ ସୂଚନା ଆସିଥିଲା।ସୂଚନା ଆଧାରରେ ତହସିଲଦାର ଡ୍ରାଇଭରଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଯାଇ ଗାଡ଼ିଟିକୁ ରୋକିଥିଲେ।

ଏହି ଖବର ପାଇ ବେଆଇନ ଭାବେ ବାଲି ଆଣୁଥିବା ହାଇୱା ଗାଡ଼ିମାଲିକ ଆସି ତହସିଲ ଦାରଙ୍କ ଡ୍ରାଇଭରଙ୍କୁ ମାରଧର କରିବା ସହ ତହସିଲଦାରଙ୍କୁ ଧକା ମାରିବା ସହ ଅଶ୍ଳୀଳଭାଷାରେ ଗାଳିଗୁଲଜ କରିଥିଲା।ଗାଡ଼ି ଚଢ଼ାଇଦେବାର ଧମକ ଦେବାପରେ ଡରିକରି ତହସିଲଦାର ଗାଡ଼ି ଆଗରୁ ପଳାଇଆସିବାରୁ ଗାଡ଼ି ମାଲିକ ବାଲି ନେଇ ପଳିଆସିଥିଲେ ବୋଲି ତହସିଲଦାର ବାରଙ୍ଗ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ମା ଜାଗୁଲାଇ ଏସଏଚଜି ଗୋଷ୍ଠୀ ରାସନ ବାଣ୍ଟିବା ପ୍ରତିବାଦରେ ବ୍ଲକ ଘେରିଲେ ମହିଳା



ଗୋପ, (ସବ୍ୟୁ): ମା ଜାଗୁଲାଇ ଏସଏଚଜି ଗୋଷ୍ଠି ରାସନ ବାଣ୍ଟିବା ପ୍ରତିବାଦରେ ଗୁରୁବାର ଦିନ ବ୍ଲକ ଘେରିଲେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ମହିଳା ।ଖବରରୁ ପ୍ରକାଶ ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ପଂଚାୟତରେ ଥିବା ମା ଜାଗୁଲାଇ ସ୍ୱୟଂ ସହାୟକ ଗୋଷ୍ଠୀ ନିରବ ଛିନ୍ନ ଭାବରେ ଦୀର୍ଘ ବର୍ଷ ଧରି ୧୨ଶହରୁ ଉର୍ଦ୍ଧ୍ୱ ପରିବାରକୁ ଯୋଗାଣ ସାମଗ୍ରୀ ବଣ୍ଟନ କରୁଥିବା ବେଳେ ୨୦୨୦ମସିହାରେ କୋଭିଡ ମହାମାରୀ ସମୟରେ ମଧ୍ୟ ହିତାଧିକାରୀଙ୍କ ଘରକୁ ଘର ବୁଲି ରାସନ ସାମଗ୍ରୀ ସୁଚାରୁ ରୁପେ ପ୍ରଦାନ କରିଛନ୍ତି ।କିନ୍ତୁ ଏହି ଗୋଷ୍ଠୀକୁ କିଛି ରାଜନୈତିକ ନେତାଙ୍କ ମନ୍ଦ ଉଦ୍ଦେଶ୍ୟ ରଖି ବ୍ଲକ ପ୍ରଶାସନକୁ ହାତ ବାରିସୀ କରି ମା ଜଗୁଲାଇ ଗୋଷ୍ଠୀକୁ ବାଦ ଦେଇ ଅନ୍ୟ ପଞ୍ଚାୟତ ଯଥା ବଡତରା,ଏରବଙ୍ଗ ଗୋଷ୍ଠୀକୁ ଟ୍ୟାଗ କରିବା ଏବେ ଗୋପ ବ୍ଲକ ପ୍ରଶାସନ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି ।ଦୀର୍ଘଦିନ ଧରି ମା ଜଗୁଲାଇ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଡ଼ିଓଙ୍କ ଠାରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରି ନିରାଶ ହେବା ପରେ ଗୁରୁବାର ଦିନ ମହିଳା ମାନେ ନିଜର ଶକ୍ତି ପଦର୍ଶନ କରିଛନ୍ତି ।

ସ୍ୱର୍ଣ୍ଣ ଲତା ପାଢ଼ୀ,ରିତାଞ୍ଜଳି ବେହେରା,ନିରୂପମା ବେହେରା,ସଞ୍ଜୁ ବେହେରା, ମିନା ମୁଦୁଲି, ପ୍ରମୁଖ ଉପସ୍ଥିତ ରେ ଗୋପ ଆଖଣ୍ଡଳସୱର ମନ୍ଦିର ନିକଟରୁ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ମହିଳା ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋପ ବିଡ଼ିଓ ସୂର୍ଯ୍ୟଶଙ୍କର ଦାଶଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ୧୫ ଦିନ ମଧ୍ୟରେ ମହିଳା ଗୋଷ୍ଠୀଙ୍କୁ ନ୍ୟାୟ ନମିଳିଲେ ରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଥିଲେ । ତେବେ ବିଡ଼ିଓ ଶ୍ରୀ ଦାଶ ୧୫ ଦିନ ମଧ୍ୟରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଅସୁସ୍ଥ ସାମ୍ବାଦିକ କିଶୋର ମହାପାତ୍ରଙ୍କୁ ଭେଟିଲେ ଉମାସାମନ୍ତରାୟ

ସାକ୍ଷୀଗୋପାଳ , (ସବ୍ୟୁ): ସାକ୍ଷୀଗୋପୀନାଥ ଦେବ ମନ୍ଦିରର ବରିଷ୍ଠ ସେବାୟତ ତଥା ସତ୍ୟବାଦୀର ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ମହାପାତ୍ର ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କ ଅସୁସ୍ଥତା ଖବର ପାଇ ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ ହସ୍ପିଟାଲରେ ପହଞ୍ଚି ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଏହି ଅବସରରେ ଶ୍ରୀ ସାମନ୍ତରାୟ ଶ୍ରୀ ମହାପାତ୍ର ଚିକିତ୍ସିତ ହେଉଥିବା ବିଭାଗର ଡାକ୍ତର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଚିକିତ୍ସା ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ । ତାଙ୍କୁ ଉତ୍ତମ ଚିକିତ୍ସା ସହ ଆବଶ୍ୟକ ସମସ୍ତ ସୁବିଧା ଯୋଗାଇଦେବାକୁ ସେ ଡାକ୍ତରୀ ଟିମକୁ ଅନୁରୋଧ କରିଥିଲେ । ଶ୍ରୀ ମହାପାତ୍ରଙ୍କ ଶୀଘ୍ର ଆରୋଗ୍ୟ କାମନା କରି ପରିବାର, ସହକର୍ମୀ, ସେବାୟତ ଓ ଶୁଭେଚ୍ଛୁମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ସଂସ୍ଥାରେ ଦୁଇଦିନିଆ କର୍ମଶାଳା



ଭୁବନେଶ୍ୱର, (ସବ୍ୟୁ): ଦକ୍ଷିଣ ପୂର୍ବ ଏସିଆ ସଂଗଠନ ଦେଶମାନମାନଙ୍କର ତଥା ବିଶ୍ୱ ଆର୍ୟୁର୍ବେଦିକ କଂଗ୍ରେସର ପୂର୍ବ ପ୍ରସ୍ତୁତି ଅନ୍ତର୍ଗତ କାର୍ଯ୍ୟକ୍ରମ ଅନ୍ତର୍ଗତ ପାଣ୍ଡୁଲିପି ବିଜ୍ଞାନ ବିଷୟ ଶୀର୍ଷକ ୨ ଦିନିଆ କର୍ମଶାଳା କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ସଂସ୍ଥା ଭରତପୁର ଠାରେ ଗୁରୁବାର ଦିନ ଶୁଭାରମ୍ଭ ହୋଇଛି କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ ,ଭୁବନେଶ୍ୱର ଓ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ହୋରିଟେଜ ହାଇଦ୍ରାବାଦର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି କର୍ମଶାଳାକୁ ମୁଖ୍ୟ ଅତିଥି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଉଦଘାଟନ କରି ସେ ତାଙ୍କ ଉଦବୋଧନରେ ସେ ପ୍ରାଚୀନ ଚିକିତ୍ସାବିଜ୍ଞାନ ଓ ପାଣ୍ଡୁଲିପିରେ ନିହିତ ମୂଲ୍ୟବାନ ପାରମ୍ପାରିକ ଐତିହ୍ୟକୁ ଭବିଷ୍ୟତ ପୀଢ଼ି ପାଇଁ ସୁରକ୍ଷିତ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ପ୍ରଫେସର ଡ. ଏମ . ଏମ . ରାଓ, ସି ସି ଆ ର ଏ ସ - ସି ଅ ରା ର ଆ ଇ ଭୁବନେଶ୍ୱର ସ୍ୱାଗତ ଭାଷଣ ଦେଇଥିଲା ବେଳେ କର୍ମଶାଳାର ସଭାପତି ପ୍ରଫେସର ବୈଦ୍ୟ ରବି ନାରାୟଣ ଆଚାର୍ଯ୍ୟ , ମହାନିର୍ଦ୍ଦେଶକ ସିସିଆରଏସ ନୂଆଦିଲୀ ଡ. ଜି . ପି ପ୍ରସାଦ, ଡ. ଅଞ୍ଜନା ପଣ୍ଡା, ନର୍ଦ୍ଦେଶକ ଆୟୁଷ, ଓଡିଶା ସରକାର ଏବଂ ଡ. ସାକେଂତ ରାମ,ଗେବଷଣା ଅଧକାରୀ ଓ ସେଂଯାଜକ,ସିସିଅରଏସ,ହାଇଦ୍ରାବାଦ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପ୍ରଚୀନ ପାଣ୍ଡୁଲିପତର ସଂରକ୍ଷଣ ଉପରେ ମୁଲ୍ୟବାନ ମତାମତ ଦେଇଥିଲେ ।

# ଲୁହାରଡରେ ଆକ୍ରମଣ, ଜଣେ ଗିରଫ

ବାରଙ୍ଗ,(ସବ୍ୟୁ): ଫିଟନେସ ଜିମ ପାଖରେ ବସିଥିବା ବେଳେ ମଦ୍ୟପାନ କରି ଦୁଇଜଣ ଯୁବକ ଲୁହାରଡରେ ଆକ୍ରମଣ କରି ମୁଣ୍ଡ ଫଟାଇଦେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।ସିଏ ହେଲେ ଗଣ୍ଡରପୁର ଗ୍ରାମର ରଞ୍ଜନ ଓରଫ ଚିଣ୍ଟୁ ବାରିକ । ଗଣ୍ଡରପୁର ହାଇସ୍କୁଲ ଛକ ନିକଟସ୍ଥ ଫିଟନେସ ଜିମ ପାଖରେ ଗଣ୍ଡରପୁର ଗ୍ରାମର ସଂଗ୍ରାମ ରାଉତ ବସିଥିବା ସମୟରେ ତାଙ୍କ ଗ୍ରାମର ପବିତ୍ର ଓରଫ ପିଣ୍ଟୁ ବାରିକ ଓ ରଞ୍ଜନ ଓରଫ ଚିଣ୍ଟୁ ବାରିକ ମଦ୍ୟପାନ କରି ଆସି ଯୁକ୍ତିତର୍କ କରିଥିଲେ।ଏହାପରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲୁହା ରଡ୍ରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସଂଗ୍ରାମ ରାଉତଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ବୋଲି ସୋମବାର ନନ୍ଦନ କାନନ ଥାନାରେ କରିଥିବା ଅଭିଯୋଗ ରେ ଦର୍ଶାଇଥିଲେ।ଆଇଆଇସି ବିଭୂତି ଭୂଷଣ ମୁଦୁଲି ମକଦ୍ଦମା ରୁଜୁ କରି ତଦନ୍ତ କରିବା ସହ ରଞ୍ଜନ ଓରଫଚିଣ୍ଟୁ ବାରିକଙ୍କୁ ଗିରଫ କରି ଗୁରୁବାରଦିନ କୋର୍ଟଚାଲାଣ କରିଛନ୍ତି ।

## ଟ୍ରକ ଦୁର୍ଘଟଣା: ଡ୍ରାଇଭର ଆହତ

ବୋଲଗଡ଼ ,(ସବ୍ୟୁ) : ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ବିଲ ଭିତରକୁ ପଶିଯାଇ ଏକ । ସିମେଣ୍ଟ ବୋଝେଇ ଟ୍ରକ ଦୁର୍ଘଟଣା ହୋଇଛି । ଏହି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଆହତ ହୋଇଥିବା ଜଣାପଡ଼ିଛି । ଘଟଣା ଘଟିଛି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ-ବେଗୁନିଆ ମଧ୍ୟରେ । ଏକ ଇଟା ଫ୍ୟାକ୍ଟ୍ରି ନିକଟରେ ନୟାଗଡ଼ ଅଭିମୁଖେ ଯାଉଥିବା ସିମେଣ୍ଟ ବୋଝେଇ ଟ୍ରକଟି ହଠାତ ଭାରସାମ୍ୟ ହରାଇଥିଲା ।ଫଳରେ ଟ୍ରକଟି ରାସ୍ତା ପାର୍ଶ୍ୱରେ ଥିବା ବିଲ ଭିତରକୁ ପଶିଯାଇଥିଲା । ଦୁର୍ଘଟଣାରେ ଡ୍ରାଇଭର ଆହତ ହୋଇଛନ୍ତି । ଘଟଣା ସମ୍ପର୍କରେ ଖବର ପାଇ ବାଘମାରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି ।

# ବିଜେପିରେ ଯୋଗଦେଲେ ଭୋଦର ପଞ୍ଚାୟତର ବିଜେଡି କର୍ମୀ

ନିମାପଡ଼ା, (ସବ୍ୟୁ) : ପୁରୀଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଦର ଗ୍ରାମପଞ୍ଚାୟତର ଶତାଧିକ ବିଜେଡି କର୍ମୀ ମଙ୍ଗଳବାର ଦିନ ବିଜେପିରେ ଯୋଗ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସରକାରୀ ବାସଭବନଠାରେ ସେମାନେ ଦଳରେ ସାମିଲ ହୋଇଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ନୂତନ ଭାବେ ଯୋଗଦେଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ତରୀୟ ପିନ୍ଧାଇ ବିଜେପି ପରିବାରକୁ ସ୍ୱାଗତ ଜଣାଇବା ସହ ତୃଣମୂଳ ସ୍ତରରେ ଦଳର ସଂଗଠନକୁ ଆହୁରି ମଜଭୁତ କରିବାକୁ କହିଥିଲେ ।

୨୧ ନଂ ଜୋନ ର ବିଜେପି ନେତା ପ୍ରଦୀପ ନାୟକ, ଭୋଦର ପଞ୍ଚାୟତ ସଭାପତି କୃଷ୍ଣ ଚନ୍ଦ୍ର ନାୟକ,ଲିଙ୍ଗରାଜ ସେନାପତି, ଅନ୍ତର୍ଯ୍ୟାମୀ ସେନାପତିଙ୍କ ଉପସ୍ଥିରେ ଓଳାଂଶ ଗ୍ରାମର ଦୀପକ କୁମାର ବେହେରା, ପୁରୁଷୋତ୍ତମ ବେହେରା, ପ୍ରଭାକର ବେହେରା, କୈଳାଶ ଭୋଇ, କାଳନ୍ଦୀ ଚରଣ ଭୋଇ, କୃଷ୍ଣ ଚନ୍ଦ୍ର ବେହେରା,ପ୍ରତାପ କୁମାର ଜେନା, ଶିଶିର ପ୍ରଧାନ, ପଦର୍ବିନ୍ଦ ରାଉତ, ପ୍ରଶାନ୍ତ କୁମାର ସାହୁ, ରଞ୍ଜନ ସେନାପତି,ଜଗନ୍ନାଥ ଦାସ, ସତ୍ୟ ପ୍ରକାଶ ଭୋଇ, ରାଜେନ୍ଦ୍ର କୁମାର ରାଉତ,ଦିଲ୍ଲୀପ ଦାସ, ପ୍ରଦୀପ ସେନାପତି,ବିଭୂତିଭୂଷଣ ଭୋଇ, ପ୍ରଶାନ୍ତ ଭୋଇ,ଅକ୍ଷୟ ରାଉତ, କ୍ଷେତ୍ରମୋହନ ସେନାପତି, ଯତିନ୍ଦ୍ର ସେନାପତି,ପ୍ରଦୀପ ଜେନା, ଗଡଝିଙ୍କିରିଆ ଗ୍ରାମର ସୁବୋଧ ପାତ୍ର, ଆଶିଷ ପାତ୍ର, ସୁଭଜୀତ ପାତ୍ର, ନବଘନ ପାତ୍ର,ବିକାଶ ରାୟ,କୈଳାଶ ପାତ୍ର,ସୋମନାଥ ପାତ୍ର, କଣ୍ଟିଲୋ ଗ୍ରାମର ଶେଖର ମଲ୍ଲିକ,ଦିଲ୍ଲୀପ ପାତ୍ର ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ବିଜେଡି ଦଳ ପରିତ୍ୟାଗ କରି ବିଜେପିରେ ଯୋଗ ଦେଇଥିଲେ ।

# ରାମେଶ୍ୱରୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ଗୋପ,(ସବ୍ୟୁ): ଦୁଇ ଦିନ ମଧ୍ୟରେ ତିନୋଟି ମନ୍ଦିର ରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟିନେଲେ ଲୁଟେରା।ପୋଲିସକୁ ଖୋଲା ଖୋଲି ଚ୍ୟାଲେଞ୍ଜ ଦେଇ ଲୁଟେରା ଗ୍ୟାଙ୍ଗ ଲୁଟପାଟ କରି ପୋଲିସର ନିଦ ହଜାଇ ଦେଇଛନ୍ତି।ବୁଧବାର ବିଳମ୍ବିତ ରାତିରେ ଗୋପ ଥାନା ନିକଟସ୍ଥ ତଥା ଗୋପ-ପିପିଲି ରାଜ୍ୟ ରାଜପଥ ଉପରେ ଥିବା କୁସୁପୁର ଗ୍ରାମର ଆରାଧ୍ୟ ଠାକୁରାଣୀ ମାରାମେଶ୍ୱରୀଙ୍କ ମନ୍ଦିର କୋଲପ କାଟି ଦୃବୃତମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ବାସନ କୁସନ ଲୁଟି ନେଇଛନ୍ତି। ଗ୍ରାମବାସୀମାନେ ଗୋପ ଥାନାକୁ ଖବର ଦେବାରୁ ଗୋପ ଥାନା ସବ ଇନିସିପେକ୍ଟର ବୁଦ୍ଧରାୟ ମାଝୀଙ୍କ ନେତୃତ୍ୱରେ ଏକ ଟିମ ପହଂଚି ତଦନ୍ତ ଆରମ୍ଭ କରିଛି। ଗୋଟିଏ ଆସ୍ଥାନରେ ପ୍ରଭୁ ରାମେଶ୍ୱର ଓ ମା ରାମେଶ୍ୱରୀ ପୂଜା ପାଉଛନ୍ତି। ଲୁଟେରାମାନେ ବିଳମ୍ବିତ ରାତିରେ କୋଲପ କାଟି ମାରାମେଶ୍ୱରୀ ପିନ୍ଧିଥିବା ରୁପା ମୁକୁଟ, କିରଟ,ମାଳ, ସହିତ ରାମେଶ୍ୱରଙ୍କର ମଧ୍ୟ ମୁକୁଟ ଲୁଟି ନେବା ସହିତ ଏକ ଟ୍ରଙ୍କରେ ଥିବା ବିଭିନ୍ନ ଅଳଙ୍କାର ପିତଳ ବାସନ କୁସନ ଓ ଗରା,ବାଲିଟିକୁ ମଧ୍ୟ ଲୁଟେରାମାନେ ଛାଡିନାହାନ୍ତି।ସୂଚନା ଥାଉକି ମଙ୍ଗଳବାର ରାତିରେ ନିକଟସ୍ଥ କୁଣ୍ଡିସ ଠାରେ ଥିବା ମାତାରିଣୀ ମନ୍ଦିର ଓ କୁନ୍ଦୁରା ଛକରେ ଥିବା ପ୍ରଭୁ ଧବଳେଶ୍ୱରଙ୍କ ମନ୍ଦିର ରୁ ମଧ୍ୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଥିଲେ ଲୁଟେରା।

# ଓଡ଼ିଆ ଚଳଚ୍ଚିତ୍ର 'ଜଙ୍ଘ'ର ଶୁଭ ମହୁରତ



ପିପିଲି, (ସବ୍ୟୁ): ଶଗୁନ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା ଜଙ୍ଘର ଶୁଭ ମହୁରତ ଏବଂ ଟାଇଟିଲ ଘୋଷଣା ବୁଧବାର ଦିନ ଉତ୍ତରା ଉପକଣ୍ଠ ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି।ଟାଇଟିଲ ଘୋଷଣା ଅବସରରେ ଫିଲ୍ମର ସମସ୍ତ ସକ୍ରିୟ ମେମ୍ବର, କଣ୍ଠଶିଳ୍ପୀ, କଳାକାର ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ ।

ନୂଆ ପିଢ଼ିର ପ୍ରଯୋଜକ, ନିର୍ଦ୍ଦେଶକ, ଲେଖକଙ୍କ ଭିନ୍ନ ଏକ ପରିକଳ୍ପନା ଜଙ୍ଘ । ଅନେକ ମୌଳିକ କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ଧାରା ଚାଲିଥିବା ବେଳେ ଯୁବ ପ୍ରଯୋଜକ ଶୁଭ୍ରଜିତ ଜେନା ମଧ୍ୟ ସେହିଭଳି ପରିକଳ୍ପନା କରିଛନ୍ତି । ଯାହାକୁ ନିର୍ଦ୍ଦେଶନା ଦେଇଛନ୍ତି ନିଜେ ଶୁଭ୍ରଜିତ ଜେନା ଏବଂ ରାହୁଲ ରାୟ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ବହୁ ଅଭିଜ୍ଞ ସିଦ୍ଧାର୍ଥ ଗୌତମ । ବିଶ୍ୱଜିତ କୁଲଡି (ଡିଓପି) ଦାୟିତ୍ୱ ନେଇଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସସ୍ମିତ କୁମାର ମହାନ୍ତି, ମହାଦେବ ରାଉତ ଏବଂ ମ୍ରିନ୍ମୟ ଏମ ଏସ । କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, କୁଲଦୀପ ପଟ୍ଟନାୟକ, ସତ୍ୟଜିତ୍ ପ୍ରଧାନ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଏବଂ ମ୍ରିନ୍ମୟ ଏମ.ଏସ । ଅନେକ ଯୁବ ଅଭିଜ୍ଞ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଏସଡି ମଣ୍ଡଳ, ପାର୍ଥ ସାରଥୀ ରାୟ, ବିଶରୂପା ରାଉତ, ଜଗନ୍ନାଥ ସେଠ, ଉମାକାନ୍ତଙ୍କ ଭଳି ଆହୁରି ଅନେକ କଳାକାର । ତେବେ ଜଙ୍ଘ ବିଷୟରେ ଅନେକେ ଆଈ ମାଆ କାହାଣୀ ବା ଲୋକକଥା ଭାବନ୍ତି ତ କେହି ପୌରାଣିକ କଥା ବସ୍ତୁ ଭାବିଥାନ୍ତି । ଏହି କାହାଣୀକୁ ଦୀର୍ଘ ଦୁଇବର୍ଷ ଧରି ଗବେଷଣା କରିଛନ୍ତି ସିଦ୍ଧାର୍ଥ ଗୌତମ । ଏଥିରେ ଆମ ଜଗନ୍ନାଥ ସଂସ୍କୃତିର କଥା ରହିଛି, ଆମ ରାଜ ରାଜୁଡା ସମୟର କଥା ରହିଥିବା ବେଳେ ସମ୍ପୂର୍ଣ୍ଣ ପାରିବାରିକ. ଖୁବ ଶୀଘ୍ର ସୁଟିଂ ଫ୍ଲୋର କୁ ଯିବ ଏବଂ ଏହା ଆସନ୍ତା ୨୦୨୭ ରେ ନୂଆ ବର୍ଷ ଅବସରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜକ ଶୁଭ୍ରଜିତ ଜେନା ସୂଚନା ଦେଇଛନ୍ତି ।

# ଜାତୀୟ କୃମିନାଶକ ଦିବସରେ ୨୨,୫୪୦ ଜଣଙ୍କୁ ଔଷଧ ପ୍ରଦାନ

ଖଣ୍ଡପଡ଼ା ,(ସବ୍ୟୁ): ଜାତୀୟ କୃମି ନାଶକ ଦିବସ ଅବସରରେ ଖଣ୍ଡପଡ଼ା ବ୍ଲକର ନୂଆ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ସମସ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ର,ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ ପିଲା ଓ ପରିବାର ସଦସ୍ୟଙ୍କ ସମେତ ସର୍ବମୋଟ ୨୨,୫୪୦ ଜଣଙ୍କୁ କୃମିନାଶକ ଔଷଧ ବିତରଣ କରାଯାଇଥିବା ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡାଙ୍କ ଠାରୁ ପ୍ରକାଶ ।ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ୧୮୯ ଟି ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ କର୍ମୀ, ଆଶା କର୍ମୀ,ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ । ୧ ରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ୫,୩୦୨ ଜଣଙ୍କୁ କୃମି ନାଶକ ସିରପ ପ୍ରଦାନ କରାଯାଇଥିବା ବେଳେ ବିଦ୍ୟାଳୟମୁଖୀ ୧୪,୧୦୦ ଛାତ୍ରଛାତ୍ରୀଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯାଇଥିବା ଜଣାପଡିଛି ।ମହାବିଦ୍ୟାଳୟରେ ଅଧ୍ୟୟନରତ ୩୧୩୮ ଛାତ୍ରଛାତ୍ରୀଙ୍କ ସମେତ ୨୬୫୪ ଜଣ ମହିଳାଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯାଇଥିବା ଜଣାପଡିଛି ।ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ସମସ୍ତଙ୍କୁ ଏହି କୃମିନାଶକ ଔଷଧ ବିତରଣ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ନୂଆ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନେ ସହଯୋଗ କରିଥିଲେ ।

# ନୂତନ ଯୋଗାଣ ନିରୀକ୍ଷକଙ୍କ ଯୋଗଦାନ

ଦଶପଲ୍ଲା, (ସବ୍ୟୁ): ଦଶପଲ୍ଲା ବ୍ଲକରେ ନୂତନ ଯୋଗାଣ ନିରୀକ୍ଷକ (ଏମଆଇ) ଭାବେ କିରଣ କୁମାର ବେହେରା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥିପୂର୍ବରୁ ଶ୍ରୀ ବେହେରା କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର ଏମଆଇ ଭାବେ କାର୍ଯ୍ୟ କରି ଆସୁଥିଲେ । ଦଶପଲ୍ଲା ବ୍ଲକରେ ପୂର୍ବରୁ କାର୍ଯ୍ୟରତ ଏମଆଇ ରାଧାକାନ୍ତ ସାହୁଙ୍କର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହେବାପରେ ଶ୍ରୀ ବେହେରା ନୂତନ ଏମଆଇ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବ୍ଲକ ଅଞ୍ଚଳରେ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି ।

# ଖୋଲିଲା ନେକ୍ସଏଜ୍ କ୍ୟାପିଟାଲ ଶାଖା

ବାଲିଅନ୍ତା (ସବ୍ୟୁ): ସ୍ୱାଧୀନ ସମ୍ପତ୍ତି ପ୍ରବନ୍ଧନ ଓ ବହୁ-ପାରିବାରିକ କାର୍ଯ୍ୟାଳୟ ସଂସ୍ଥା ନେକ୍ସଏଜ୍ କ୍ୟାପିଟାଲ ଓଡ଼ିଶାରେ ନିଜର ଯାତ୍ରା ଆରମ୍ଭ କରିଛି । ଏହି ଅବସରରେ ଭୁବନେଶ୍ୱରରେ ଏହାର ନୂତନ ଶାଖା ଖୋଲାଯାଇଛି । ରାଜ୍ୟରେ ସଂସ୍ଥାର ବ୍ୟବସାୟିକ କାର୍ଯ୍ୟକଳାପର ନେତୃତ୍ୱ ନେବା ପାଇଁ ଉପେନ୍ଦ୍ର ସ୍ୱାଇଁଙ୍କୁ ଫାଉଣ୍ଡିଂ ଟିମରେ ସାମିଲ କରାଯାଇଛି । ବର୍ତ୍ତମାନ ନେକ୍ସଏଜ୍ କ୍ୟାପିଟାଲ ୧୩୦୦ରୁ ଅଧିକ ଅଲ୍ଟ୍ରା-ହାଇ-ନେଟ୍‌ୱର୍ଥ ବ୍ୟକ୍ତି ଓ ପରିବାରକୁ ପରାମର୍ଶ ପ୍ରଦାନ କରୁଛି । ସଂସ୍ଥା ୩ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ସମ୍ପତ୍ତି ପରିଚାଳନା କରୁଥିବାବେଳେ ୨୪୦ରୁ ଅଧିକ ପେସାଦାରଙ୍କ ମାଧ୍ୟମରେ ୧୧ଟି ସହରରେ ସେବା ଯୋଗାଇ ଦେଉଛି ।

# ଗଣେଶ ପୂଜାକୁ ନେଇ ପୋଲିସର କଡ଼ା ନିୟମ, ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ



ଫୁଲନଖରା, (ସବ୍ୟୁ): ଆଗାମୀ ପବିତ୍ର ଗଣେଶ ପୂଜାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ କଟକ ସଦର ଥାନା ଅଞ୍ଚଳରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇ ପୀଠ ପରିସରରେ ଆୟୋଜିତ ଏହି ବୈଠକରେ ପୂଜା ଓ ଭସାଣୀ ସମୟରେ ଆଇନଶୃଙ୍ଖଳା, ଟ୍ରାଫିକ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଓ ବିସର୍ଜନ ପ୍ରକ୍ରିୟା ନେଇ ବିସ୍ତୃତ ଆଲୋଚନା ହୋଇଛି । ବୈଠକରେ ମୁଖ୍ୟ ଅତିଥି ଭାବେ ଏଡିପିପି ରଣଜିତ ପୃଷ୍ଟି ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜୋନ-୪ ଏସିପି ଅମିତାଭ ମହାପାତ୍ର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗୋପାଳପୁର ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା, ସଂଗଠକ ସ୍ୱାଧୀନଚେତା ମହାନ୍ତି, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, କର୍ପୋରେଟର ପୂର୍ଣ୍ଣିମା ସୱାଇଁ, ଆଇଆଇସି ତୁଷାରକାନ୍ତ ସେଠୀ, ସମାଜସେବୀ ନିମାଇଁ ଚରଣ ଲେଙ୍କା, ଅତିରିକ୍ତ ଆଇଆଇସି ପ୍ରଶାନ୍ତ ପାଣି, ପ୍ରମୋଦ ସ୍ୱାଇଁ ଓ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ନେତା ବିକ୍ରମ ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଗଣେଶ ପୂଜା ନାଁରେ ଜବରଦସ୍ତ ଚାନ୍ଦା କିମ୍ବା ବଟି ଆଦାୟ ଉପରେ କଡ଼ା ରୋକ ଲଗାଯାଇଛି ।

କୌଣସି କ୍ଲବ, ସାହି କିମ୍ବା ପୂଜା କମିଟି ପକ୍ଷରୁ ବ୍ୟକ୍ତିବିଶେଷ, ଦୋକାନୀ କିମ୍ବା ଗାଡ଼ି ଚାଳକଙ୍କ ଉପରେ ଚାନ୍ଦା ପାଇଁ ଚାପ ପ୍ରୟୋଗ କରାଗଲେ ସମ୍ପୃକ୍ତ ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ । ଏପରିକି ଭବିଷ୍ୟତରେ ସମ୍ପୃକ୍ତ କମିଟିକୁ ପୂଜା ପାଇଁ ଅନୁମତି ନଦେବା ନେଇ ମଧ୍ୟ କୁହାଯାଇଛି । ପୂଜାମଣ୍ଡପରେ ମନୋରଞ୍ଜନ କାର୍ଯ୍ୟକ୍ରମ କିମ୍ବା ମେଲୋଡି ଆୟୋଜନ କରିବାକୁ ହେଲେ ଡିସିପି, କଟକଙ୍କ ଠାରୁ ଅନୁମତି ନେବାକୁ ପଡ଼ିବ । ସମସ୍ତ କାର୍ଯ୍ୟକ୍ରମ ରାତି ୧୦ଟା ମଧ୍ୟରେ ଶେଷ କରିବା ସହ ଟ୍ରାଫିକ ଚଳାଚଳ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପ୍ରତି ପୂଜା କମିଟିଗୁଡ଼ିକ ଦୃଷ୍ଟି ଦେବେ । ଭସାଣୀ ଶୋଭାଯାତ୍ରାକୁ ନେଇ ମଧ୍ୟ ପୋଲିସ ପକ୍ଷରୁ କଡ଼ା ନିୟମ ଜାରି କରାଯାଇଛି । ଶୋଭାଯାତ୍ରାରେ ଗଣେଶ ମୂର୍ତ୍ତି ବ୍ୟତୀତ ଅନ୍ୟ କୌଣସି ମୂର୍ତ୍ତି କିମ୍ବା ପ୍ଲାକାର୍ଡ ନେଇଯିବାକୁ ଅନୁମତି ନାହିଁ ଓ ବାଣ ଫୁଟାଇବା ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବା ବେଳେ କାଚ ବୋତଲ, ଲାଠି, ମାରଣାସ୍ତ୍ର କିମ୍ବା ଅନ୍ୟ କୌଣସି ବିପଜ୍ଜନକ ସାମଗ୍ରୀ ନେଇ ଶୋଭାଯାତ୍ରାରେ ସାମିଲ ହେବାକୁ ମଧ୍ୟ ବାରଣ କରାଯାଇଛି ।

ପ୍ରତ୍ୟେକ ପୂଜା କମିଟିର ଭସାଣୀ ଶୋଭାଯାତ୍ରାର ଲମ୍ବ ୧୦୦ ମିଟରରୁ ଅଧିକ ହୋଇପାରିବ ନାହିଁ । ପରିବେଶ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ମେଢ଼ଗୁଡ଼ିକୁ ନଦୀରେ ବିସର୍ଜନ ନକରି ନିର୍ଦ୍ଧାରିତ ୧୦ଟି କୃତ୍ରିମ ପୋଖରୀରେ ବିସର୍ଜନ କରାଯିବ । ବିସର୍ଜନ ଘାଟରେ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଅଗ୍ନିଶମ ବାହିନୀ ଆବଶ୍ୟକ ଯାନବାହନ ସହ ପ୍ରସ୍ତୁତ ରହିବାକୁ ଅନୁରୋଧ କରାଯାଇଛି । ଏଥିସହ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅନୁସରଣ କରି ରାସ୍ତା ଅବରୋଧ କରି ବିଦ୍ୟୁତ ଗେଟ, ପୂଜା ମଣ୍ଡପ କିମ୍ବା ମେଲୋଡି ଷ୍ଟେଜ ନିର୍ମାଣ ନକରିବାକୁ ପୂଜା କମିଟିଗୁଡ଼ିକୁ କୁହାଯାଇଛି ।

ପ୍ରତ୍ୟେକ ମଣ୍ଡପରେ ରେକର୍ଡିଂ ସୁବିଧା ସହ ସିସିଟିଭି କ୍ୟାମେରା ଲଗାଇବାକୁ କୁହାଯାଇଛି । ବିଦ୍ୟୁତ ସାଜସଜ୍ଜା ସୁରକ୍ଷିତ ଥିବା ନେଇ ବିଦ୍ୟୁତ ବିଭାଗଙ୍କ ଠାରୁ ଫିଟନେସ ସାର୍ଟିଫିକେଟ ଆଣିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି । ପ୍ରତ୍ୟେକ ପୂଜା କମିଟିର ୫ ଜଣ ସ୍ୱେଚ୍ଛାସେବୀଙ୍କୁ ପରିଚୟପତ୍ର ଯୋଗାଇ ଦିଆଯିବ । ସେମାନେ ପୂଜା ଓ ଭସାଣୀ ସମୟରେ ଟ୍ରାଫିକ ଓ ଶୃଙ୍ଖଳା ନିୟନ୍ତ୍ରଣରେ ପୋଲିସକୁ ସହଯୋଗ କରିବେ । ପୂଜା ପୂର୍ବରୁ ସ୍ୱେଚ୍ଛାସେବୀଙ୍କ ନାମ ଓ ଫୋନ ନମ୍ବର ନିଜ ଥାନାର ଆଇଆଇସିଙ୍କୁ ପ୍ରଦାନ କରିବାକୁ କମିଟିଗୁଡ଼ିକୁ କୁହାଯାଇଛି । ନିଶାମୁକ୍ତ ପରିବେଶରେ ଶାନ୍ତି ଓ ଶୃଙ୍ଖଳାର ସହ ପୂଜା ଓ ଭସାଣୀ ସମାପନ କରୁଥିବା ଶ୍ରେଷ୍ଠ ପୂଜା କମିଟିଗୁଡ଼ିକୁ ପୁରସ୍କୃତ କରାଯିବା ନେଇ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି ।

ସାମଗ୍ରିକ ଭାବେ ଗଣେଶ ପୂଜାକୁ ଉତ୍ସବମୁଖର କରିବା ସହ ଜନସାଧାରଣଙ୍କ ସୁରକ୍ଷା, ଆଇନଶୃଙ୍ଖଳା ଓ ଯାତାୟାତ ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂଜା ପାଳନ କରିବାକୁ ପୋଲିସ ପକ୍ଷରୁ ସମସ୍ତ ପୂଜା କମିଟି ଓ ଅଞ୍ଚଳବାସୀଙ୍କୁ ଆହ୍ୱାନ କରାଯାଇଛି ।

# ଓଡିଶା ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ



ବାଲିପାଟଣା, (ସବ୍ୟୁ) : ଭାକରସାହି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଛି । ଅଧକ୍ଷ ସନ୍ତୋଷ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ବନମାଳୀପୁର ମହାବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସୂର୍ଯ୍ୟ ନାରାୟଣ ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଂସ୍କୃତରେ ପ୍ରାଞ୍ଜଳ ଭାବେ ଭାଷଣ ଦେବା ସହିତ ସଂସ୍କୃତ ସଂଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ ।

ଛାତ୍ରୀ ଜ୍ୟୋତି ଜେଠୀ ଓ ସ୍ୱାତୀ ସାଗତିକା ଜେଠୀ ସଂସ୍କୃତ ଭାଷାରେ କାର୍ଯ୍ୟକ୍ରମକୁ ଉପସ୍ଥାପିତ କରିଥିଲେ ।ସଂସ୍କୃତ ଶିକ୍ଷକ ଶେଷଦେବ ପରିଡାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ଦାସ, ସୁଶ୍ରୀ ସଂଗୀତା ବିଶ୍ୱାଳ, ରାଜଶ୍ରୀ ବେହେରା, ରଜନୀ ସାହୁ, ମୋନାଲିସା ରଥ ଶୁଭଙ୍କରୀ ବେହେରା, ସରସୀ ଦାସ ସାବିତ୍ରୀ ପ୍ରଧାନ ସସ୍ମିତା ସାହୁ ବର୍ଷା ରାଣୀ ଦଳାଇ, ଶିକ୍ଷକ ରମାକାନ୍ତ ସାହୁ, ରାକେଶ ଦାସ ସୁଧୀର ପ୍ରଧାନ ଓ ସର୍ବେଶ୍ୱର ବୈଠାରୁ ପ୍ରମୁଖ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ ଉପହାରମାନ ପ୍ରଦାନ କରାଯାଇଥିଲା ।

## ସମ୍ପାଦକୀୟ

# ଓଡ଼ିଆଙ୍କ ଓଡ଼ିଶାର ଉନ୍ନତି

ଆଉ ଦଶ ବର୍ଷ ପରେ ଓଡ଼ିଶା ତା' ରାଜ୍ୟ ଗଠନର ଏକ ଶତ ବର୍ଷର ଉତ୍ସବ ହୁଏ ତ ପାଳନ କରିବ । ପୂର୍ବପରି ଓଡ଼ିଶାର ଲୋକେ ଅନୁନ୍ନତ ଅବସ୍ଥାରେ ନାହାନ୍ତି ସତ, କିନ୍ତୁ ଜୀବନ ଧାରଣର ମାନଦଣ୍ଡରେ ସମସ୍ତଙ୍କର ଉନ୍ନତି ହୋଇ ପାରି ନାହିଁ ।

ଆଗେ ଯେଉଁ ଜାତିପ୍ରଥା ଥିଲା, ଛୁଆଁ ଅଛୁଆଁ ଭେଦଭାବ ଥିଲା, ତା' ଆଉ ନାହିଁ । କିନ୍ତୁ ଆର୍ଥିକ ସ୍ୱଚ୍ଛଳତାକୁ ନେଇ ଥିଲାବାଲା, ଅଳ୍ପ ଥିଲାବାଲା ଓ ନଥିଲାବାଲା ଏହିପରି ତିନିଗୋଟି ଶ୍ରେଣୀରେ ଓଡ଼ିଆମାନଙ୍କୁ ବିଭକ୍ତ କରି ହେବ । ମଧ୍ୟମ ଶ୍ରେଣୀ ବା ନିମ୍ନ ଶ୍ରେଣୀ ଓଡ଼ିଆଙ୍କୁ ବିଭକ୍ତ କରି ହେବ । ମଧ୍ୟମ ଶ୍ରେଣୀ ବା ନିମ୍ନ ଶ୍ରେଣୀର ଲୋକଙ୍କର ଉନ୍ନତି ଏତେ ବର୍ଷ ପରେ ମଧ୍ୟ ନ ହେବାର କାରଣ ଜଣାପଡୁ ନାହିଁ ।

**ରାଜ୍ୟ ସରକାର ଓଡ଼ିଆ ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ପାଇଁ ଯାବତୀୟ ଉଦ୍ୟମ କରୁଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆରବୀୟ ରାଷ୍ଟ୍ରମାନଙ୍କୁ ଯାଇ ପୁଞ୍ଜିନିବେଶ ସମେତ ଭାଗୀଦାରୀ ସୂତ୍ରରେ ଓଡ଼ିଶାକୁ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ସମୃଦ୍ଧ କରିବା ସହିତ ଓଡ଼ିଆ ପିଲାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ଏବେ ବିଦେଶ ଗସ୍ତରେ ଯାଇ ୧୪ଟି ପ୍ରକଳ୍ପ ସକାଶେ ୨ କୋଟି ଲକ୍ଷେ ଟଙ୍କାର ପୁଞ୍ଜି ନିବେଶ ସକାଶେ ବୁଝାମଣା କରି ପାରିଛନ୍ତି । ପ୍ରାୟ ୮ ଲକ୍ଷ ୬୮ ହଜାର ନୂତନ ନିଯୁକ୍ତି ସୃଷ୍ଟିର ସମ୍ଭାବନା ସୃଷ୍ଟି ହୋଇଛି । ଆଶା କରାଯାଉଛି, ଭବିଷ୍ୟତର ଓଡ଼ିଶା ଏକ ଉଜ୍ଜ୍ୱଳ ଓ ଉନ୍ନତ ରାଷ୍ଟ୍ରରେ ପରିଣତ ହେବ ।**

ରାଜନୀତି ହିଁ ଓଡ଼ିଶାକୁ ନିୟନ୍ତ୍ରଣ କରି ଆସିଛି । ପ୍ରଥମେ, ଅର୍ଥାତ୍ ସ୍ୱାଧୀନତାର ପ୍ରାକ୍ ଓ ଉତ୍ତର କାଳରେ କଂଗ୍ରେସ ଦଳ ହିଁ ଗୁରୁତ୍ୱପୂର୍ଣ୍ଣ ଦଳ ଥିଲା । ଷାଠିଏ ଦଶକରେ ଅଣ କଂଗ୍ରେସ ଦଳଗୁଡିକ ଶାସନ କ୍ଷମତାରେ ମୁଣ୍ଡ ଟେକି ଉଠିଲେ । କିଛି ବର୍ଷ ପରେ ପୁଣି କଂଗ୍ରେସ ଦଳ ଶାସନ କ୍ଷମତାକୁ ଆସିଲା । ତା ପରେ ମଧ୍ୟ ଅଣ କଂଗ୍ରେସ ଦଳର ବିଜୁ ଜନତା ଦଳ ଓଡ଼ିଶାରେ ଚବିଶ ବର୍ଷ ପର୍ଯ୍ୟନ୍ତ କ୍ଷମତାସୀନ ରହିଲା । ଏହା ପରେ ଶାସନର ପରିବର୍ତ୍ତନ ହେଲା । ବିଜେପି ଏକାକୀ ଓଡ଼ିଶାରେ କ୍ଷମତାସୀନ ହେବାର ଦୁଇ ବର୍ଷ ଓ ମାସ କେତୋଟି ଅତିକ୍ରାନ୍ତ କଲାଣି । ନୂଆ ଭାରତ ଗଠନ ପାଇଁ ଆଗଭର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଉପରେ ସ୍ୱତନ୍ତ୍ର ଦୃଷ୍ଟି ପକାଇବାରୁ ଓଡ଼ିଶାରେ ମୋହନଚରଣ ମାଝୀଙ୍କ ନେତୃତ୍ୱରେ ଏକାକୀ ବିଜେପି ଶାସନ କରୁଛି ଏବେ । ଏହା ପୂର୍ବରୁ ବିଜେଡି ଓ ବିଜେପିର ମିଳିତ ସରକାର ଓଡ଼ିଶାରେ ପ୍ରାୟ ଆଠ/ନଅ ବର୍ଷ ଯାଏଁ ଚାଲିଥିଲା ।

ଏବେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଓଡ଼ିଶାର ସାଧାରଣ ଜୀବନଯାତ୍ରା ସୁରୁଖୁରୁରେ ଚାଲି ପାରି ନାହିଁ । ଯେଉଁମାନେ ସହର ବଜାରରେ ରହିଛନ୍ତି, ଉଚ୍ଚସ୍ଥାନରେ ରହିଛନ୍ତି, ସେମାନେ ବନ୍ୟା ଦୁର୍ଗତଙ୍କ ଅଭାବ ଓ ଅସୁବିଧାକୁ ଆଦୌ ଅନୁଭବ କରି ପାରିବେ ନାହିଁ । ଏଥର ଓଡ଼ିଶାରେ ସର୍ବାଧିକ ବର୍ଷା ହୋଇ ଓଡ଼ିଶାବାସୀଙ୍କୁ ଅସ୍ତବ୍ୟସ୍ତ କରି ପକାଇଲା । ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇ ଓଡ଼ିଶାର ନଦନଦୀମାନଙ୍କରେ ଯେଉଁ ବନ୍ୟା ଆସିଲା, ସେଥିରେ ତଳ ଅଞ୍ଚଳର ଲୋକେ ବହୁ ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି ।

ରାଜ୍ୟ ସରକାର ଓଡ଼ିଆ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ଯାବତୀୟ ଉଦ୍ୟମ କରୁଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆରବୀୟ ରାଷ୍ଟ୍ରମାନଙ୍କୁ ଯାଇ ପୁଞ୍ଜିନିବେଶ ସମେତ ଭାଗୀଦାରୀ ସୂତ୍ରରେ ଓଡ଼ିଶାକୁ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ସମୃଦ୍ଧ କରିବା ସହିତ ଓଡ଼ିଆ ପିଲାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ଏବେ ବିଦେଶ ଗସ୍ତରେ ଯାଇ ୧୪ଟି ପ୍ରକଳ୍ପ ସକାଶେ ୨ କୋଟି ଲକ୍ଷେ ଟଙ୍କାର ପୁଞ୍ଜି ନିବେଶ ସକାଶେ ବୁଝାମଣା କରି ପାରିଛନ୍ତି । ପ୍ରାୟ ୮ ଲକ୍ଷ ୬୮ ହଜାର ନୂତନ ନିଯୁକ୍ତି ସୃଷ୍ଟିର ସମ୍ଭାବନା ସୃଷ୍ଟି ହୋଇଛି । ଆଶା କରାଯାଉଛି, ଭବିଷ୍ୟତର ଓଡ଼ିଶା ଏକ ଉଜ୍ଜ୍ୱଳ ଓ ଉନ୍ନତ ରାଷ୍ଟ୍ରରେ ପରିଣତ ହେବ ।

୧୯୯୯ ମସିହାରେ ଉପକୂଳ ଓଡ଼ିଶାରେ ମହାବାତ୍ୟା ଓ ପରେ ପରେ ଫନୀ ଓ ଫାଇଲିନ ପ୍ରଭୃତି ବାତ୍ୟା ଓ ବନ୍ୟା ବିଭୀଷିକା ଓଡ଼ିଶାର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ସେ ସବୁର କ୍ଷୟକ୍ଷତିର ପ୍ରତିକାର ଏ ପର୍ଯ୍ୟନ୍ତ ମଧ୍ୟ ସମ୍ପୂର୍ଣ୍ଣ ଭାବେ ହୋଇ ପାରିନାହିଁ । ଏବେ ବି ଘର ଖଣ୍ଡିଏ କରି ଗଣ୍ଡେ ଖାଇବାକୁ ବା ଟାଖଣ୍ଡେ ପିନ୍ଧିବାକୁ ସବୁ ଓଡ଼ିଆମାନେ ସକ୍ଷମ ହୋଇ ପାରି ନାହାନ୍ତି ।

୧୮୬୬ରେ ଯେଉଁ ନଅଙ୍କ ଦୁର୍ଭିକ୍ଷ ହୋଇଥିଲା ଓଡ଼ିଶାରେ, ତାର କରାଳ ରୂପର ଇତିହାସକୁ ଆମେ ଓଡ଼ିଆମାନେ ପାଶୋରି ପକାଇଛୁଁ । ପୁରୀର ଗଜପତି ମହାରାଜାଙ୍କ ନବମ ଅଙ୍କରେ ଏ ଯେଉଁ ଦୁର୍ଭିକ୍ଷ ଘଟିଥିଲା, ତାହା ତତ୍କାଳୀନ ଇଂରେଜ ସରକାରଙ୍କ ଉଦାସୀନତା ଓ ଇଂରେଜ କର୍ମଚାରୀ ଓ ଅଧିକାରୀଙ୍କ ଅପାରଗତା ଯୋଗୁଁ ଯେ ହୋଇଥିଲା, ଆଉ ସରକାରୀ ହିସାବରେ ଅନାହାରରେ ଦଶଲକ୍ଷ ଲୋକ ପୋକମାଛି ପରି ମରି ଯାଇଥିଲେ । ସେ କଥାରୁ ଏବେ ଶିକ୍ଷାଲାଭ କରି ସରକାର ବା ସରକାରୀ ଅଧିକାରୀ ଓ ସରକାରୀ କର୍ମଚାରୀମାନେ ବର୍ତ୍ତମାନ ଓ ଭବିଷ୍ୟତର ଓଡ଼ିଶା ପାଇଁ ସଚେତନ ନହେଲେ, ଓଡ଼ିଶାର ଜନ୍ମ ଶତବାର୍ଷିକ ୨୦୩୬ରେ ପାଳନ କରିବା ଏତେ ସହଜ ହୋଇ ନ ପାରେ । ଏହା ହିଁ ଆଶଙ୍କା କରାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଦୁର୍ବଳ ପାଞ୍ଚ



ଡକ୍ଟର ସନ୍ତୋଷ କୁମାର ମହାପାତ୍ର

ଭାରତର ୮୦ତମ ସ୍ୱାଧୀନତା ଦିବସ ନିଶ୍ଚିତ ଭାବେ ଜାତୀୟ ଉତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବା ଉଚିତ । କିନ୍ତୁ ଆତ୍ମସମୀକ୍ଷା ବିନା ଉତ୍ସବ ପାଳନ ସହଜରେ ଆତ୍ମପ୍ରଶଂସାରେ ପରିଣତ ହୋଇପାରେ । ତେଣୁ ଭାରତର ଯାତ୍ରାକୁ ବହୁଚର୍ଚ୍ଚିତ 'ଫ୍ରାଜାଇଲ ଫାଇଭ' ବା 'ଦୁର୍ବଳ ପାଞ୍ଚ'ରୁ ଏକ ପ୍ରମୁଖ ବିଶ୍ୱ ଅର୍ଥନୈତିକ ଶକ୍ତିରେ ପରିଣତ ହେବାର କାହାଣୀ ଭାବେ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ଏକ ଅଧିକ ସନ୍ତୁଳିତ ଓ ସମସାମୟିକ ବିଶ୍ଳେଷଣର ଆଶ୍ୟକତା ରହିଛି । ପ୍ରଥମତଃ କୌଣସି ଏକ ଶାସକଙ୍କର ଏକ ବର୍ଷର ସ୍ଥିତି ସହିତ ତୁଳନା କରାଯାଏନି । 'ଦୁର୍ବଳ ପାଞ୍ଚ' (Fragile Five) ଶବ୍ଦଟି ୨୦୧୩ରେ ମୋର୍ଗାନ୍ ଷ୍ଟାନ୍ଲି ପକ୍ଷରୁ ବ୍ୟବହୃତ ହୋଇଥିଲା । ଏହା ଅଧୀନରେ ବ୍ରାଜିଲ୍, ଭାରତ, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀକୁ ରଖାଯାଇଥିଲା । ବିଦେଶୀ ପୁଞ୍ଜି ଉପରେ ନିର୍ଭରଶୀଳତା, ବଢୁଥିବା ଚଳନ୍ତି ଖାତା ନିଅଣ୍ଟ, ମୁଦ୍ରାର ଦୁର୍ବଳତା, ମୁଦ୍ରାସ୍ଫୀତି ଓ ପୁଞ୍ଜି ପ୍ରବାହର ବର୍ହିଗମନ ଯୋଗୁଁ ଏହି ଉଦୀୟମାନ ଅର୍ଥନୀତିଗୁଡ଼ିକୁ ବିଶେଷ ଭାବେ ଦୁର୍ବଳ ବୋଲି ବିବେଚନା କରାଯାଇଥିଲା । କିନ୍ତୁ ୨୦୧୩ରେ ଭାରତକୁ ଯେଉଁ ସଙ୍କଟ ସାମ୍ନା କରିବାକୁ ପଡ଼ିଥିଲା, ତାହାର ପୃଷ୍ଠଭୂମି ବୁଝିବା ଅତ୍ୟନ୍ତ ଜରୁରୀ । ଏହାକୁ କେବଳ ତତ୍କାଳୀନ ୟୁପିଏ ସରକାରର ନୀତିଗତ ବିଫଳତାର ପରିଣାମ ବୋଲି କହିବା ଠିକ୍ ନୁହେଁ । ଠିକ୍ ଯେମିତି କରୋନା ମହାମାରୀ ସମୟର ଅର୍ଥନୀତିକୁ ନେଇ ନରେନ୍ଦ୍ର ମୋଦିଙ୍କ ଶାସନ ଉପରେ ସମୀକ୍ଷା କରି ହେବନି ।

ବାସ୍ତବରେ, ସେହି ସଙ୍କଟ ମୁଖ୍ୟତଃ ଆମେରିକାର ଫେଡେରାଲ୍ ରିଜର୍ଭ ପକ୍ଷରୁ ପରିମାଣାତ୍ମକ ସହଜୀକରଣ ବା କ୍ୱାଣ୍ଟିଟେଟିବେ ଇଜିଂ (Quantitative Easing-QE) ବା ବଣ୍ଡ କିଣିବା କାର୍ଯ୍ୟକ୍ରମକୁ ଧୀରେ ଧୀରେ କମାଇବାର ସଙ୍କେତ ଦେବା ଫଳରେ ଉଦ୍ଭବ ହୋଇଥିଲା । ଏହାକୁ 'ଟେପର୍ ଟାଣ୍ଟ୍ରମ୍' କୁହାଯାଏ । ଏହା ଉଦୀୟମାନ ଅର୍ଥନୀତିର ବଜାରଗୁଡ଼ିକରୁ ବ୍ୟାପକ ପୁଞ୍ଜି ପ୍ରତ୍ୟାହାରକୁ ସାହାଯ୍ୟ କରିଥିଲା ଏବଂ ଭାରତକୁ ଦୁର୍ବଳ ପାଞ୍ଚ ଦେଶମାନଙ୍କ ମଧ୍ୟରେ ସାମିଲ କରାଯାଇଥିଲା । ପରିମାଣାତ୍ମକ ସହଜିକରଣ ହେଉଛି ଏକ ଅସାଧାରଣ ମୁଦ୍ରାନୀତି, ଯେଉଁଥିରେ ଆମେରିକାର ଫେଡେରାଲ୍ ରିଜର୍ଭ ଡିଜିଟାଲ୍ ମୁଦ୍ରା ସୃଷ୍ଟି କରି ସରକାରୀ ବଣ୍ଡ୍ ଓ ମର୍ଟଗେଜ୍-ବ୍ୟାକ୍ଡ ସିକ୍ୟୁରିଟି ପରି ଦୀର୍ଘମିଆଦୀ ସମ୍ପତ୍ତି ବ୍ୟାପକ ଭାବେ କ୍ରୟ କରେ । ଏହା ଅର୍ଥନୈତିକ ବ୍ୟବସ୍ଥାରେ ନଗଦ ପ୍ରବାହ ବଢ଼ାଏ, ଦୀର୍ଘମିଆଦୀ ସୁଧହାର କମାଏ ଏବଂ ସାଧାରଣ ସୁଧହାର ହ୍ରାସ ନୀତି କାମ ନ କଲେ ଋଣ ପ୍ରଦାନକୁ ଉତ୍ସାହିତ କରେ ।

ତେଣୁ ୨୦୧୩ର ଶିକ୍ଷା କେବଳ ଏତିକି ନୁହେଁ ଯେ ଭାରତ ଦୁର୍ବଳ ଥିଲା । ଏହାର ଗଭୀର ଶିକ୍ଷା ହେଉଛି-ଆର୍ଥିକ ବିଶ୍ୱାୟନ ସୀମାପାର ଝଟକାକୁ ଅତ୍ୟନ୍ତ ଦ୍ରୁତ ଗତିରେ ପ୍ରସାରିତ କରିପାରେ । ବର୍ତ୍ତମାନର ପରିସ୍ଥିତିକୁ ମଧ୍ୟ ଅନିବାର୍ଯ୍ୟ ଭାବେ ୨୦୧୩ ସହ ତୁଳନା କରିବା ଆବଶ୍ୟକ । ମନମୋହନ ସିଂହ ମେ ୨୦୦୪ରେ ପ୍ରଧାନମନ୍ତ୍ରୀ ହେବା ସମୟରେ ଡଲାର୍ ପିଛା ଟଙ୍କାର ମୂଲ୍ୟ ପ୍ରାୟ ୪୫.୩୧ ଥିଲା । ୨୦୧୪ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ସମୟରେ ଏହା ପ୍ରାୟ ୫୯.୬୫ରେ ପହଞ୍ଚିଥିଲା-ଅର୍ଥାତ୍ ପ୍ରାୟ ୩୧.୬ ପ୍ରତିଶତ ଅବମୂଲ୍ୟାୟନ । ତା'ପରବର୍ତ୍ତୀ ପତନ ଆହୁରି ତୀବ୍ର ହୋଇଛି ।

୨୦୨୬ ଅଗଷ୍ଟ ସୁଦ୍ଧା ୨୦୧୪ ସ୍ତର ତୁଳନାରେ ଟଙ୍କାର ମୂଲ୍ୟ ୬୦ ପ୍ରତିଶତ ଅଧିକ ହ୍ରାସ ପାଇଛି । ୨୦୨୫-୨୬ ବର୍ଷର ଆରମ୍ଭରେ ଡଲାର୍ ପିଛା ଟଙ୍କା ପ୍ରାୟ ୮୫.୫୯ ଥିଲା ଏବଂ ୨୦ ମେ ୨୦୨୬ରେ ଏହା ଅଭୁତପୂର୍ବ ଭାବେ ୯୬.୭୯କୁ ହ୍ରାସ ପାଇଥିଲା । ଟଙ୍କାର ଦୁର୍ବଳତା କେବଳ ଆର୍ଥିକ ପରଦାରେ ଦେଖାଯାଉଥିବା ଏକ ସଂଖ୍ୟା ନୁହେଁ । ଏହାର ପ୍ରଭାବ ଦୈନନ୍ଦିନ ଜୀବନ ଉପରେ ପଡ଼େ । ଭାରତ ଅଶୋଧିତ ତୈଳ, ଯନ୍ତ୍ରପାତି, ଇଲେକ୍ଟ୍ରୋନିକ୍ ଉପାଦାନ, ରାସାୟନିକ ପଦାର୍ଥ, ସାର ଏବଂ ଅନେକ ଆବଶ୍ୟକୀୟ ଉପାଦାନ ଆମଦାନୀ କରେ । ଟଙ୍କା ଦୁର୍ବଳ ହେଲେ ଆମଦାନୀ ମହଙ୍ଗା ହୁଏ । ଏହି ଅତିରିକ୍ତ ଖର୍ଚ୍ଚ ଶେଷରେ ସମଗ୍ର ଅର୍ଥନୀତି ମଧ୍ୟରେ ପ୍ରସାରିତ ହୁଏ-କାରଖାନାରୁ ପରିବହନକୁ, ପରିବହନରୁ ବଜାରକୁ ଏବଂ ବଜାରରୁ ପରିବାରର ଘରଖର୍ଚ୍ଚକୁ ।

ତେଣୁ ପ୍ରଶ୍ନ କେବଳ ଏହା ନୁହେଁ ଯେ ଗୋଟିଏ ଡଲାର୍ କିଣିବା ପାଇଁ କେତେ ଟଙ୍କା ଦେବାକୁ ପଡୁଛି । ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି-ଟଙ୍କାର ମୂଲ୍ୟ ହ୍ରାସ ପାଇଲେ ଜଣେ ଭାରତୀୟ ପରିବାରର କେତେ କ୍ରୟକ୍ଷମତା ହରାଉଛି ? ସରକାରୀ ପରିସଂଖ୍ୟାନରେ ପ୍ରାୟତଃ ମୋଟ ଏଫଡିଆଇ ପ୍ରବାହକୁ ବିଦେଶୀ ନିବେଶକଙ୍କ ପାଇଁ ଭାରତର ଆକର୍ଷଣର ପ୍ରମାଣ ଭାବେ ଉପସ୍ଥାପନ କରାଯାଏ । ୨୦୨୫-୨୬ରେ ଭାରତ ପ୍ରାୟ ୯୪.୫ ବିଲିୟନ୍ ଡଲାର୍ ମୋଟ ଏଫଡିଆଇ ପ୍ରବାହ ରେକର୍ଡ କରିଥିଲା, ଯାହା ୨୦୨୪-୨୫ର ୮୦.୬ ବିଲିୟନ୍ ଡଲାର୍ ତୁଳନାରେ ଅଧିକ । କିନ୍ତୁ ମୋଟ ପ୍ରବାହ କାହାଣୀର କେବଳ ଅଧା ଅଂଶ କହେ । ବିଦେଶୀ ନିବେଶକମାନେ ୨୦୨୫-୨୬ରେ ପ୍ରାୟ ୫୩.୬ ବିଲିୟନ୍ ଡଲାର୍ ପୁନଃ ପ୍ରତ୍ୟାହାର କିମ୍ବା ନିବେଶ ପ୍ରତ୍ୟାହାର କରିଥିଲେ, ଯାହା ପୂର୍ବବର୍ଷ ୫୧.୫ ବିଲିୟନ୍ ଡଲାର୍ ଥିଲା । ସେହି ସମୟରେ ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ବିଦେଶରେ ନିବେଶ ବଢ଼ାଇଥିଲେ ଏବଂ ଭାରତର ବାହ୍ୟ ଏଫଡିଆଇ ପ୍ରାୟ ୩୩.୩ ବିଲିୟନ୍ ଡଲାରରେ ପହଞ୍ଚିଥିଲା ।

ଏହାର ପରିଣାମ ଅତ୍ୟନ୍ତ ଅର୍ଥପୂର୍ଣ୍ଣ । ୨୦୨୦-୨୧ରେ ପ୍ରାୟ ୪୪ ବିଲିୟନ୍ ଡଲାରରେ ପହଞ୍ଚିଥିବା ନେଟ୍ ଏଫ୍ ଡିଆଇ ୨୦୨୫-୨୬ରେ ନାଟକୀୟ ଭାବେ ହ୍ରାସ ପାଇ ପ୍ରାୟ ୬.୩ ବିଲିୟନ୍ ଡଲାରରେ ରହିଛି । ଏହା ଗୋଟିଏ ଦ୍ୱାର ଦେଇ କେତେ ଟଙ୍କା ଘରକୁ ପ୍ରବେଶ କରୁଛି ବୋଲି ଉତ୍ସବ ପାଳନ କରିବା ଏବଂ ବାସ୍ତବରେ କେତେ ଟଙ୍କା ଘର ଭିତରେ ରହୁଛି ବୋଲି ପଚାରିବା ମଧ୍ୟରେ ଥିବା ପାର୍ଥକ୍ୟ । ପୋର୍ଟଫୋଲିଓ ନିବେଶ କ୍ଷେତ୍ରରେ ମଧ୍ୟ ଏହି ସତର୍କତା ପ୍ରଯୁଜ୍ୟ । ୨୦୨୫ରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ଭାରତୀୟ ଇକ୍ୱିଟିରୁ ପ୍ରାୟ ୧.୫୮ ଲକ୍ଷ କୋଟି ପ୍ରତ୍ୟାହାର କରିଥିଲେ । ୨୦୨୬ ଜାନୁଆରୀରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଏହି ବର୍ହିଗମନ ପ୍ରାୟ ୨.୪୧ ଲକ୍ଷ କୋଟିରେ ପହଞ୍ଚିଥିଲା । ବିଦେଶୀ ପୁଞ୍ଜି ଦ୍ରୁତ ଗତିରେ ପ୍ରବେଶ କଲେ ଏହା ପ୍ରଚୁରତାର ଏକ ଭ୍ରମ ସୃଷ୍ଟି କରିପାରେ । କିନ୍ତୁ ଏହା ସେହି ଦ୍ରୁତ ଗତିରେ ବାହାରିଗଲେ ଅନ୍ତର୍ନିହିତ ଦୁର୍ବଳତା ସ୍ପଷ୍ଟ ହୋଇଯାଏ ।

ଭାରତର ରପ୍ତାନୀ ପ୍ରଦର୍ଶନ ଆଉ ଏକ ଚିନ୍ତାଜନକ ବିରୋଧାଭାସ ସାମ୍ନାକୁ ଆଣୁଛି । ଚୀନ୍‌କୁ ଆମଦାନୀ ନିର୍ଭରଶୀଳତା କମାଇବା ଏବଂ ଆତ୍ମନିର୍ଭର ଭାରତ ଗଢ଼ିବାର ବଡ଼ ବଡ଼ ଘୋଷଣା ସତ୍ତ୍ୱେ ରପ୍ତାନିରେ ସେହି ଅନୁପାତରେ ବୃଦ୍ଧି ହୋଇନାହିଁ । ଆମଦାନୀ ଏବେ ମଧ୍ୟ ରପ୍ତାନୀଠାରୁ ଅଧିକ ରହିଛି, ଫଳରେ ବାଣିଜ୍ୟ ନିଅଣ୍ଟ ବଢୁଛି ଏବଂ ବାହ୍ୟ ଦୁର୍ବଳତା ବୃଦ୍ଧି ପାଉଛି । ୨୦୧୩-୧୪ରେ ସାମଗ୍ରୀ ଓ ସେବା ରପ୍ତାନୀ ଜିଡିପିର ପ୍ରାୟ ୨୫.୪ ପ୍ରତିଶତ ଥିଲା । ୨୦୨୫-୨୬ରେ ଏହା ହ୍ରାସ ପାଇ ପ୍ରାୟ ୨୨-୨୩ ପ୍ରତିଶତ ରହିଛି । ବିଡ଼ମ୍ବନାର ବିଷୟ, ଆମଦାନୀକୃତ ବିଳାସୀ ସାମଗ୍ରୀର ସର୍ବାଧିକ ଉପଭୋଗ ପ୍ରାୟତଃ ସମ୍ପନ୍ନ ଓ ରାଜନୈତିକ ଭାବେ ପ୍ରଭାବଶାଳୀ ବର୍ଗ କରୁଥିବାବେଳେ ସାଧାରଣ ଲୋକଙ୍କୁ ସଂଯମର ଉପଦେଶ ଦିଆଯାଉଛି ।

**ଆତ୍ମନିର୍ଭରତା କେବଳ ଭାବପ୍ରବଣ ସ୍ଲୋଗାନ୍, ଟେଲିଭିଜନରେ ଆହ୍ୱାନ କିମ୍ବା ପ୍ରତୀକାତ୍ମକ ଜାତୀୟତାବାଦ ମାଧ୍ୟମରେ ଗଢ଼ାଯାଇ ପାରିବ ନାହିଁ । ଚୀନ୍ ବିଶ୍ୱର ଏକ ବୃହତ୍ ଉତ୍ପାଦନ କେନ୍ଦ୍ର ଭାବେ ଉଭା ହୋଇନାହିଁ କେବଳ ତାହାର ନାଗରିକମାନଙ୍କୁ କମ୍ ଉପଭୋଗ କରିବା ପାଇଁ ବାରମ୍ବାର କହିବା ଦ୍ୱାରା । ଏହାର ପରିବର୍ତ୍ତନ ଦଶନ୍ଧି ଧରି ଚାଲିଥିବା ରଣନୀତିକ ଶିଳ୍ପନୀତି, ରପ୍ତାନିମୁଖୀ ବିସ୍ତାର, ପ୍ରଯୁକ୍ତିଗତ ଉନ୍ନତି, ବ୍ୟାପକ ଭିତ୍ତିଭୂମି ନିର୍ମାଣ, ରାଜ୍ୟ ସମର୍ଥିତ ଉତ୍ପାଦନ ପରିବେଶ ଏବଂ ଉତ୍ପାଦନ କ୍ଷମତାରେ ନିରନ୍ତର ନିବେଶ ଦ୍ୱାରା ସମ୍ଭବ ହୋଇଛି । ଅପରପକ୍ଷରେ, ଭାରତର ଉତ୍ପାଦନ କ୍ଷେତ୍ର ଏବେ ମଧ୍ୟ ଗଠନାତ୍ମକ ଦୁର୍ବଳତା ଓ ଅପର୍ଯ୍ୟାପ୍ତ ରୋଜଗାର ସୃଷ୍ଟି ସମସ୍ୟାରେ ସଂଘର୍ଷ କରୁଛି ।**

୨୦୧୪ରେ ଆରମ୍ଭ ହୋଇଥିବା ବହୁଚର୍ଚ୍ଚିତ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଉତ୍ପାଦନ କ୍ଷେତ୍ରର ଜିଡିପିରେ ଅଂଶକୁ ୨୦୧୩-୧୪ର ୧୭.୩ ପ୍ରତିଶତରୁ ୨୫ ପ୍ରତିଶତକୁ ବଢ଼ାଇବାର ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ୨୦୨୫-୨୬ରେ ଉତ୍ପାଦନ କ୍ଷେତ୍ରର ଅବଦାନ GDPର ପ୍ରାୟ ୧୪ ପ୍ରତିଶତ ମାତ୍ର-ଏହା ଘୋଷଣା ଓ ବାସ୍ତବତା ମଧ୍ୟରେ ଥିବା ବିଶାଳ ବ୍ୟବଧାନର ଏକ ଚିନ୍ତାଜନକ ସ୍ମାରକ ।

ଭାରତର ବିଦେଶୀ ମୁଦ୍ରା ଭଣ୍ଡାରକୁ ବାରମ୍ବାର ଅର୍ଥନୈତିକ ଶକ୍ତିର ପ୍ରତୀକ ଭାବେ ପ୍ରଦର୍ଶନ କରାଯାଉଥିଲେ ମଧ୍ୟ ତୁଳନାତ୍ମକ ଭାବେ ବିଶ୍ଳେଷଣ କଲେ ଏଥିରେ ଗଭୀର ଦୁର୍ବଳତା ପ୍ରକାଶ ପାଏ । ୨୦୨୬ ଜୁଲାଇ ଶେଷ ସୁଦ୍ଧା ଚୀନରେ ବିଦେଶୀ ମୁଦ୍ରା ଭଣ୍ଡାର ୪.୧୭୪ ଟ୍ରିଲିୟନ୍ ଡଲାର୍, ଜାପାନର ୧.୨୮୭ ଟ୍ରିଲିୟନ୍ ଡଲାରୁ ଅଧିକ ଥିବାବେଳେ, ୭ ଅଗଷ୍ଟ ୨୦୨୬ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୭୦୭ ବିଲିୟନ୍ ଡଲାର୍ ଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ଭାରତର ମୋଟ ବାହ୍ୟ ଋଣ ୭୬୨.୮ ବିଲିୟନ୍ ଡଲାର୍ ଥିବାବେଳେ ବିଦେଶୀ ମୁଦ୍ରା ଭଣ୍ଡାର ଦେଶର ମୋଟ ବାହ୍ୟ ଋଣ ଦାୟିତ୍ୱର ପ୍ରାୟ ୯୦ରୁ ୯୫ ପ୍ରତିଶତକୁ ଆବରଣ କରୁଛି । ଚୀନ୍ କିମ୍ବା ଦକ୍ଷିଣ କୋରିଆ ପରି ଦେଶ ନିରନ୍ତର ରପ୍ତାନିମୁଖୀ ବିକାଶ ମାଧ୍ୟମରେ ସୁଦୃଢ଼ ବିଦେଶୀ ମୁଦ୍ରା ଭଣ୍ଡାର ଗଢ଼ିଥିବାବେଳେ ଭାରତ ଏବେ ମଧ୍ୟ ଅସ୍ଥିର ପୁଞ୍ଜି ପ୍ରବାହ ଓ କଳ୍ପନାନିର୍ଭର ବିଦେଶୀ ନିବେଶ ଉପରେ ବିପଜ୍ଜନକ ଭାବେ ନିର୍ଭରଶୀଳ । ଭାରତ ଐତିହାସିକ ଭାବେ ଏବଂ ବର୍ତ୍ତମାନ ମଧ୍ୟ ବିଶ୍ୱବ୍ୟାଙ୍କର ସର୍ବାଧିକ ଋଣଗ୍ରାହୀ ଦେଶମାନଙ୍କ ମଧ୍ୟରେ ରହିଛି-ଏହାର ବିଶ୍ୱବ୍ୟାଙ୍କ ଋଣ ପ୍ରାୟ ୩୪ ବିଲିୟନ୍ ୩୯ ବିଲିୟନ୍ ଡଲାର୍ ମଧ୍ୟରେ ରହିଛି ।

ଏହା ସହିତ ମୁଦ୍ରାସ୍ଫୀତିର ଚାପ ମଧ୍ୟ ବଢୁଛି । ୨୦୨୨-୨୩ ଆଧାର ବର୍ଷ ଶୃଙ୍ଖଳା ଅନୁଯାୟୀ, ଜୁଲାଇରେ ପାଇକାରୀ ମୂଲ୍ୟ ସୂଚକ (WPI) ମୁଦ୍ରାସ୍ଫୀତି ହାର ୯.୭୮ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ମାର୍ଚ୍ଚ ୨୦୨୬ର ୩.୮୮ ପ୍ରତିଶତ ତୁଳନାରେ ଏକ ନାଟକୀୟ ବୃଦ୍ଧି । ଭାରତର ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ଜୁନରେ ୪.୩୮ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୬ ଜୁଲାଇରେ ୪.୪୫ ପ୍ରତିଶତ ହୋଇଛି । ଏହା କ୍ରମାଗତ ଦ୍ୱିତୀୟ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କର ୪ ପ୍ରତିଶତ ଲକ୍ଷ୍ୟଠାରୁ ଅଧିକ ରହିଛି । ପୂର୍ବରୁ ବଢୁଥିବା ଜୀବନଯାପନ ଖର୍ଚ୍ଚରେ ସଂଘର୍ଷ କରୁଥିବା ସାଧାରଣ ପରିବାର ପାଇଁ ଏହାର ପରିଣାମ ଅତ୍ୟନ୍ତ ଗମ୍ଭୀର ।


ଭାରତର ବିକାଶର ଯେଉଁ ଗୌରବମୟ କାହାଣୀ ପ୍ରଚାର କରାଯାଉଛି, ତାହା କ୍ରମଶଃ ସମଗ୍ର ଅର୍ଥନୈତିକ ପରିସଂଖ୍ୟାନର ସୁବିଧାଜନକ ଚିତ୍ର ଉପରେ ନିର୍ଭର କରୁଛି । ଏହାର ତଳେ ପରିବାର ସ୍ତରର ଅର୍ଥନୈତିକ ଦୁର୍ଦ୍ଦଶା ନିରବରେ ଗଭୀର ହେଉଛି । ପରିବାରଗୁଡ଼ିକ କମ୍ ସଞ୍ଚୟ କରୁଛନ୍ତି, ଅଧିକ ଋଣ ନେଉଛନ୍ତି ଏବଂ କେବଳ ମୌଳିକ ଉପଭୋଗ ବଜାୟ ରଖିବା ପାଇଁ ନିଜର ଆର୍ଥିକ ସୁରକ୍ଷା ସଞ୍ଚୟକୁ ଶେଷ କରୁଛନ୍ତି ।

ଜୁନ ୨୦୨୬ର ରିଜର୍ଭ ବ୍ୟାଙ୍କର ଆର୍ଥିକ ସ୍ଥିରତା ରିପୋର୍ଟ (Financial Stability Report ) ଅନୁଯାୟୀ, ଭାରତର ପରିବାର ଋଣ ଜିଡିପିର ୪୫.୫ ପ୍ରତିଶତକୁ ବୃଦ୍ଧି ପାଇଛି । ୨୦୧୩-୧୪ରେ ଏହା ୧୦ ପ୍ରତିଶତ ଥିଲା, ଯାହା ୨୦୧୮-୧୯ରେ ୩୩.୯ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି-ପରିବାରଗୁଡ଼ିକ ଯେଉଁ ପ୍ରକାରର ଋଣ ନେଉଛନ୍ତି, ସେଥିରେ ମଧ୍ୟ ପରିବର୍ତ୍ତନ ଆସିଛି । ଘର ଭଳି ସମ୍ପତ୍ତି ଆଧାରିତ ଋଣ ପରିବର୍ତ୍ତେ ଅସୁରକ୍ଷିତ ଏବଂ ଆୟ ଉପରେ ନିର୍ଭରଶୀଳ ଋଣ ବଢୁଛି । ଏହି ପ୍ରବଣତା କିଛି ବର୍ଷ ଧରି ଗଢ଼ିଉଠୁଛି ଏବଂ ଏହା ବଡ଼ ସମସ୍ୟାର ରୂପ ନେବା ପୂର୍ବରୁ ଏହାକୁ ଅଧିକ ଗମ୍ଭୀରତାର ସହ ଦେଖିବା ଆବଶ୍ୟକ ବୋଲି ରିଜର୍ଭ ବ୍ୟାଙ୍କ୍ ମଧ୍ୟ ମନେ କରୁଛି । ଯେତେବେଳେ ଜିଡିପି ବଢ଼େ କିନ୍ତୁ ସଞ୍ଚୟ ହ୍ରାସ ପାଏ, ଯେତେବେଳେ ଋଣ ନେଇ ଉପଭୋଗ ବଜାୟ ରଖିବାକୁ ପଡ଼େ ଏବଂ ପରିବାରର ଆର୍ଥିକ ସୁରକ୍ଷା ସଞ୍ଚୟ ଶେଷ ହୋଇଯାଏ-ତେବେ ଆମେ ଏହାକୁ ସମୃଦ୍ଧି କହିବା କି, କେବଳ ଭବିଷ୍ୟତର ଦୁର୍ଦ୍ଦଶାକୁ ଆଜି ପାଇଁ ଘୁଞ୍ଚାଇ ଦେବା?

୨୦୧୩ର ସଙ୍କଟ ସମୟରେ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ସରକାର ପରିସ୍ଥିତିର ଗମ୍ଭୀରତାକୁ ଖୋଲାଖୋଲି ସ୍ୱୀକାର କରିଥିଲା । ରଘୁରାମ ରାଜନଙ୍କ ନେତୃତ୍ୱାଧୀନ ରିଜର୍ଭ ବ୍ୟାଙ୍କ୍ ମୁଦ୍ରାନୀତି ସମ୍ବନ୍ଧୀୟ ପଦକ୍ଷେପ ସହିତ ବାହ୍ୟ ଦୁର୍ବଳତାକୁ ନିୟନ୍ତ୍ରଣ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେଇଥିଲା । ପ୍ରତ୍ୟେକ ପଦକ୍ଷେପ ସଂପୂର୍ଣ୍ଣ ଥିଲା କି ନାହିଁ, ତାହା ମୁଖ୍ୟ ପ୍ରଶ୍ନ ନୁହେଁ । ମୁଖ୍ୟ କଥା ହେଉଛି-ଅର୍ଥନୈତିକ ସଙ୍କଟ ପାଇଁ ପ୍ରତିଷ୍ଠାନଗତ ସଚ୍ଚୋଟତା ଆବଶ୍ୟକ । ସରକାରଗୁଡ଼ିକ ପ୍ରତ୍ୟେକ ବିଶ୍ୱସ୍ତରୀୟ ଆର୍ଥିକ ନିୟନ୍ତ୍ରଣ କରିପାରିବେ ନାହିଁ । ତୈଳ ମୂଲ୍ୟ, ଯୁଦ୍ଧ, ଆମେରିକାର ସୁଧହାର, ଭୂ-ରାଜନୈତିକ ଉତ୍ତେଜନା ଏବଂ ଅନ୍ତର୍ଜାତୀୟ ପୁଞ୍ଜି ପ୍ରବାହ ଭଳି ଅନେକ କାରକ ଭାରତୀୟ ସରକାରର ନିୟନ୍ତ୍ରଣ ବାହାରେ । କିନ୍ତୁ ସରକାର କିପରି ପ୍ରତିକ୍ରିୟା କରିବ, ତାହା ତାଙ୍କ ନିୟନ୍ତ୍ରଣରେ ରହିଛି । ସେମାନେ ଦେଶୀୟ ଚାହିଦାକୁ ସୁଦୃଢ଼ କରିପାରନ୍ତି । ଉତ୍ପାଦନ କ୍ଷମତାରେ ନିବେଶ କରିପାରନ୍ତି । ରପ୍ତାନୀକୁ ପ୍ରୋତ୍ସାହନ ଦେଇପାରନ୍ତି । ରୋଜଗାରକୁ ସୁରକ୍ଷା ଦେଇପାରନ୍ତି । ସାର୍ବଜନୀନ ପ୍ରତିଷ୍ଠାନଗୁଡ଼ିକୁ ସୁଦୃଢ଼ କରିପାରନ୍ତି । ଅସ୍ଥିର ପୁଞ୍ଜି ଉପରେ ଅତ୍ୟଧିକ ନିର୍ଭରଶୀଳତା କମାଇ ପାରନ୍ତି ଏବଂ ସବୁଠାରୁ ବଡ଼ କଥା-ସେମାନେ ନାଗରିକମାନଙ୍କୁ ସତ୍ୟ କହିପାରନ୍ତି । ଯେଉଁ ସରକାର ନିଜର ଦୁର୍ବଳତାକୁ ସ୍ୱୀକାର କରେ, ସେହି ସରକାର ତାହାକୁ ସୁଧାରିପାରେ । କିନ୍ତୁ ଯେଉଁ ସରକାର ସମାଲୋଚନାକୁ ଷଡ଼ଯନ୍ତ୍ର ବୋଲି ଭାବେ, ସେହି ସରକାର ନିଜେ ନିର୍ମାଣ କରିଥିବା କାହାଣୀ ମଧ୍ୟରେ ଆବଦ୍ଧ ହୋଇ ପଡ଼ିପାରେ ।

**ଅର୍ଥନୀତିଜ୍ଞ ତଥା ସ୍ତମ୍ଭକାର**
**ମୋ-୯୪୩୭୨୦୮୭୬୨**

# ମହାନ ଦେଶପ୍ରେମୀ ଗୌରଚନ୍ଦ୍ର



ବ୍ରଜମୋହନ ମିଶ୍ର

ଗୋଟାଏ ଦେଶ ପାଇଁ ଏପରି ବିଷମ କାଳ ଆସେ ଯେତେବେଳେ ଏଥିରେ ପ୍ରପୀଡ଼ିତ ଦେଶବାସୀ ଖୁବ୍ ବିପର୍ଯ୍ୟସ୍ତ ହୋଇ ଆପଣାର ସ୍ଥିତିକୁ ନିନ୍ଦନ୍ତି । ଭାରତ ପରି ଏକ ଭୂଖଣ୍ଡର ପରାଧୀନତା ସେହିପରି ଏକ ବିପର୍ଯ୍ୟୟର କାଳ ଯାହା ତାର ଚିରନ୍ତନ ସୌନ୍ଦର୍ଯ୍ୟ (ସଭ୍ୟତା, ସଂସ୍କୃତି, ସାହିତ୍ୟ, ଧର୍ମ, ଆଧ୍ୟାତ୍ମିକତା)ରେ ଅନେକ କାଳିମା ବୋଳି ଦେଇଥିଲା । ସାମ୍ରାଜ୍ୟବାଦୀ - ଉପନିବେଶବାଦୀ ବହିରାଗତମାନେ ଏ ଦେଶକୁ ଯେପରି ହୀନବୀର୍ଯ୍ୟ କରି ସ୍ୱାର୍ଥସାଧନ କରିଛନ୍ତି, ତାହା ଇତିହାସରେ କ୍ୱଚିତ୍ ପରିଦୃଷ୍ଟ । ଏହାର ଦୌରାତ୍ମ୍ୟକୁ ସମୂଳ ଉତ୍ପାଟନ କରିବା ପାଇଁ ଏ ଦେଶର ମାତୃପ୍ରେମୀମାନେ ଚରମତ୍ୟାଗ କରିଛନ୍ତି । ବିଶେଷତଃ କିଶୋର, କିଶୋରୀ ଓ ଯୁବକ, ଯୁବତୀମାନେ ଜନ୍ମଭୂମିର ମର୍ଯ୍ୟାଦା ରକ୍ଷା କରିବାକୁ ନିଜକୁ ସବୁମନ୍ତେ ସମର୍ପଣ କରିଛନ୍ତି ସଂଗ୍ରାମ ସକାଶେ । ଭାରତର ଅନ୍ୟପ୍ରଦେଶ ପରି ତତ୍କାଳୀନ ଓଡ଼ିଶାରେ ମଧ୍ୟ ଏ ଦିଗଟି ଥିଲା ବେଶ ସକ୍ରିୟ । ଓଡ଼ିଶାର ଯୁବ ସମାଜ ସକଳ ପାର୍ଥିବ ମୋହ କାଟି ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଏ ଆନ୍ଦୋଳନର ପୁରୋଭାଗରେ ଥିଲେ । ଏ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାର ଅବଦାନ ଇତିହାସର ସାମଗ୍ରୀ । ଭଦ୍ରକ ଅଞ୍ଚଳର ସାମନ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ ଦୁଇ ଅମର ସନ୍ତାନ ନିତ୍ୟାନନ୍ଦ ଓ ଗୌରଚନ୍ଦ୍ର ବାଲ୍ୟକାଳରୁ ଆପଣାର ଜେଜେବାପାଙ୍କ ସ୍ୱଦେଶ ଚିନ୍ତା ସହ ସାମିଲ କରାଇଥିଲେ । ମହାତ୍ମା ଗାନ୍ଧି ଓ ଗୋପବନ୍ଧୁଙ୍କ ଆହ୍ୱାନ ମଧ୍ୟ ସେମାନଙ୍କୁ ଖୁବ୍ ସ୍ପର୍ଶ କରିଥିଲା ।

ଅସମାପ୍ତ ଉପନ୍ୟାସ 'କଣା ମାମୁ' କାଳର କଜ୍ଜଳ 'ବନ୍ଦେ ଉତ୍କଳ ଜନନୀ', 'ଦେ ମୋତେ ବାଇଆ କରି', 'ଆରେ ମୋର ବାଇଆ ରଜା', 'ଜୀବନ ସଂଗୀତ' ଇତ୍ୟାଦି ସଦୃଶ ଚିରାୟତ ସାହିତ୍ୟ ସୃଜନର କାଳଜୟୀ କଳାକାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଗୌରଚନ୍ଦ୍ର (ଜ୍ୟେଷ୍ଠ ନିତ୍ୟାନନ୍ଦ) କିଶୋର ବୟସରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଅଧ୍ୟୟନ କରିବାର ସମସ୍ତ ଅନୁକୂଳତା ସତ୍ତ୍ୱେ ସେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ହଠାତ୍ ମହାବିଦ୍ୟାଳୟ ଶିକ୍ଷା ଲାଭ କରିନଥିଲେ । କାରଣ ତତ୍କାଳୀନ ବହୁ ଯୁବକଙ୍କ ପରି ସେ ବାଲ ଗଙ୍ଗାଧର ତିଲକଙ୍କ ସେହି ମର୍ମସ୍ପର୍ଶୀ ଆହ୍ୱାନରେ ସଂପୂର୍ଣ୍ଣ ପ୍ରଭାବିତ ହୋଇଥିଲେ "Education can wait but not Swaraj" । ସେହି ପିଢ଼ି ପାଇଁ ମାତୃଭୂମିର ସ୍ୱାଧୀନତା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ଆପଣାର ଅଧ୍ୟୟନ ଠାରୁ । ସତରେ ସେମାନେ ଏକ ଦିବ୍ୟ ଉନ୍ମାଦନାରେ ଗାଇ ଉଠୁଥିଲେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ସେଇ ଅନବଦ୍ୟ ଦେଶାତ୍ମବୋଧ ସଂଗୀତ-'ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନରେ / ଯାର ସାଗର ଭୂଧର ଅମ୍ବର ଚୁମ୍ବିତ ଭାଲେ ହିମଗିରି ଗିରିବର ଶୋଭିତେ' – ଏହାର ମାନ୍ତ୍ରିକ ଶକ୍ତିଥିଲା ଠିକ୍ ଋଷି ବଙ୍କିମ ଚନ୍ଦ୍ରଙ୍କ 'ବନ୍ଦେ ମାତରମ୍' ଭଳି । କାଳିସୀ ଲାଗିଲା ପରି ସେମାନେ ଦେଶର ବିଭିନ୍ନ ପ୍ରାନ୍ତରେ ବୁଲି ଏହି ଉଦ୍‌ବୋଧମୟ ସଂଗୀତ ଗାନ ପୂର୍ବକ କେତେବେଳେ 'ଲବଣ ସତ୍ୟାଗ୍ରହ' ତ ଆଉ କେତେବେଳେ 'ଭାରତ ଛାଡ଼' ଆନ୍ଦୋଳନରେ ଯୋଗ ଦେଇଥିଲେ । ନିର୍ଭୀକ ସୈନିକ ପରି ଗୌରଚନ୍ଦ୍ର ଆଉ ସବୁ କଥାକୁ ପଛକୁ ପକେଇ ଦେଇ କେବଳ ଦେଶମାତୃକାର ମୁକ୍ତି ପାଇଁ ଉଦ୍‌ବେଳିତ ହୋଇଥିଲେ । ସତରେ ସେ ଥିଲା ଏକ ଭିନ୍ନ ଆକାଶର ଭିନ୍ନ ଦ୍ୟୁତି, ଭିନ୍ନ ଆକୃତିର ଭିନ୍ନ ଆକର୍ଷଣ, ଭିନ୍ନ ଆଶ୍ଳେଷର ଭିନ୍ନ ଆହ୍ୱାନ ଆଉ ଭିନ୍ନ ଏକ ଅହଂର ଆପଣାପଣ ।



ଜନ୍ମ-ଜୁନ୍ ୧୯ (୧୯୧୫)
ମୃତ୍ୟୁ- ସେପ୍ଟେମ୍ବର ୧୧ (୨୦୧୮)

ସେତେବେଳର ହାଇସ୍କୁଲର ଛାତ୍ର ଗୌରଚନ୍ଦ୍ର ସ୍ୱାଧୀନତା ସଂଗ୍ରାମରେ ସହର୍ଷ ଯୋଗ ଦେଇ ଯୌବନ ସୁଲଭ ଯେଉଁ ପ୍ରାଣ ପ୍ରାଚୁର୍ଯ୍ୟ ନମୁନା ରଖିଥିଲେ ତାହା ପରୀ ରାଇଜର କାହାଣୀ ନୁହେଁ । ତାହା ଏପରି ବିସ୍ମୟକର ଭାବେ ବାସ୍ତବଯେ ସେ କଥା ଆଜିର ଦିଶାହରା ଯୁବ ସମାଜ ଚିନ୍ତା କରି ପାରିବ ନାହିଁ । ଯୁବକ ଗୌରଚନ୍ଦ୍ର ପରେ ଅବଶ୍ୟ (୧୯୪୮ରେ) ଭଦ୍ରକ ମହାବିଦ୍ୟାଳୟରୁ ଆଇ.ଏ., ବି.ଏ. ଶ୍ରେଣୀରେ ଅଧ୍ୟୟନ କରିଛନ୍ତି । ଭଦ୍ରକ ମହାବିଦ୍ୟାଳୟ ଛାତ୍ର ସଂସଦର ପ୍ରଥମ ସଭାପତି ପଦବୀ ମଣ୍ଡନ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଭଦ୍ରକ ହାଇସ୍କୁଲ, କରାଞ୍ଜିଆଗଡ଼ିଆ ସ୍କୁଲ, ରାମନାରାୟଣ ହାଇସ୍କୁଲ, ଦୋଳସାହି ଓ ଆର.ସି.ବି.ଏଲ୍. ହାଇସ୍କୁଲ, ଚରମ୍ପାରେ ଶିକ୍ଷକତା କରିଛନ୍ତି । ପ୍ରଧାନ ଶିକ୍ଷକ ହୋଇଛନ୍ତି । ଜଣେ କୃତବିଦ୍ୟ ଶିକ୍ଷକ ଭାବରେ ସେ ସହସ୍ର ସହସ୍ର ଛାତ୍ରଛାତ୍ରୀଙ୍କ ଅନ୍ତେବାସୀ ପାଲଟିଛନ୍ତି ଯାହା ଖୁବ୍ କମ୍ ଶିକ୍ଷକଙ୍କ ଭାଗ୍ୟରେ ଥାଏ । ଶିକ୍ଷକତା ସହ ସମାଜସେବା, ସାହିତ୍ୟସେବା, ଠାକୁର ସେବା ଏବଂ ପ୍ରକୃତି ସେବା କରିବାରେ ଆପଣାର ଦୀର୍ଘ ଜୀବନ ସାର୍ଥକ କରିଛନ୍ତି । ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ସେ କଟକ ଓ ବ୍ରହ୍ମପୁର କାରାଗାରାରେ ବନ୍ଦୀ ଜୀବନ ଯାପନ କରି ନିଜକୁ ଅଧିକ ବିସ୍ତୃତ କରିପାରିଛନ୍ତି ବୋଲି ଜଣେ ଉଚ୍ଚକୋଟୀର ସଂଗ୍ରାମୀ ମଣିଷ ଭାବେ ସର୍ବଜନାଦୃତ ହୋଇଛନ୍ତି ।

ପିତା କାନ୍ତକବିଙ୍କ ଠାରୁ କବିତା ରଚନା (ସାହିତ୍ୟର ଅନ୍ୟ ବିଭାଗ ରଚନା ମଧ୍ୟ)ର ଗୁଣସୂତ୍ର ଲାଭ କରି ସେ ଯେଉଁ ପ୍ରକାର କବିତା ସୃଜିଛନ୍ତି ତାହା ଖୁବ୍ ମର୍ମସ୍ପର୍ଶୀ । ଉଦାହରଣ ସ୍ୱରୂପ-'ମିଛ ଏ ମନ୍ତ୍ରୀ ମିଛ ଏ ଭାଷଣ, ମିଛ ଏ ଗଣତନ୍ତ୍ର / ମିଛ ଏ ସତେ କି ବାପୁଜୀର, ଏତେ ମଣିଷ ସୁଧାର ମନ୍ତ୍ର / ବିଚାର କାହିଁରେ, ନୀତି ଅଛି କାହିଁ, କେତେ ଦୂର ଅଛି ଧର୍ମ / ସତ୍ୟ କି ଖାଲି ଅମଲାସାହୀର ଘୃଣ୍ୟ ନାରକୀ କର୍ମ ?' କେତେ ବୈପ୍ଳବାତ୍ମିକ, କେତେ ସମାଜସଂସ୍କାରକ କେତେ, ଗୀତି କବିତାତ୍ମକ ଏ କବିତାଂଶ ! ଏହା ଏକାଧାରରେ ଆଲୋକ ଓ ଆନନ୍ଦ ସଂବାହୀ' । ଆଜୀବନ ବିପ୍ଳବୀ, ସମାଜମନସ୍କ ତଥା ଅଧ୍ୟାତ୍ମବାଦୀ ଗୌରଚନ୍ଦ୍ର ବାସ୍ତବରେ ଥିଲେ 'ସବୁଥିରୁ ବଞ୍ଚିତ' କବିଙ୍କ ଅମୂଲ୍ୟ ସଂପଦ । ତାଙ୍କ ପରି ଗତାୟୁ ସଜ୍ଜନଙ୍କୁ ମୋର ଆଭୂମ ପ୍ରଣିପାତ ।

**ଭଦ୍ରକ,ମୋ – ୮୦୧୮୦୯୭୮୩୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୭ ରାଜ୍ୟରୁ...

ଶିଶୁ ଶ୍ରମିକ ଭାବେ ନିୟୋଜିତ ଶିଶୁ ଏବଂ ବିଭିନ୍ନ ଶିଶୁ ଯନି ଅନୁଷ୍ଠାନରେ ରହୁଥିବା ଓଡ଼ିଆ ଶିଶୁଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା । ସ୍ଥାନୀୟ ପୋଲିସ ସହଯୋଗରେ ବିଭିନ୍ନ ଲେବର ସାଇଟ୍ ଓ ଶିଶୁ ଯନି ଅନୁଷ୍ଠାନରେ ଚଢାଉ କରାଯାଇ ଶିଶୁମାନଙ୍କୁ ଉଦ୍ଧାର କରାଯାଇଥିଲା ।

ଏହି ଅଭିଯାନ ପୂର୍ବରୁ ଅପହରଣ ମାମଲାରେ ଏଫ୍‌ଆଇଆର୍ ରୁଜୁ କରାଯାଇଥିବା ୧୧ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରେ ୨ଜଣ ପୁଅ ଓ ୯ ଜଣ ଝିଅ ଅଛନ୍ତି । ସେହିପରି ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକ ଭାବେ କାମ କରୁଥିବା ୭ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରେ ୬ଜଣ ପୁଅ ଓ ଜଣେ ଝିଅ ଅଛନ୍ତି । ବିଭିନ୍ନ ଶିଶୁ ଯନି ଅନୁଷ୍ଠାନରେ ରହୁଥିବା ୮୩ଜଣ ଓଡ଼ିଆ ଶିଶୁଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରେ ୪୬ଜଣ ପୁଅ, ୩୭ଜଣ ଝିଅ ଅଛନ୍ତି । ଚିହ୍ନଟ ହୋଇଥିବା ୮୦ଜଣ ଶିଶୁଙ୍କୁ ଓଡିଶା ଫେରାଇ ଅଣାଯାଇଥିବା ବେଳେ ସେମାନଙ୍କୁ ମଧ୍ୟ ସୁରକ୍ଷିତ ଭାବେ ଫେରାଇ ଅଣାଯିବା ପ୍ରକ୍ରିୟା ଜାରି ରହିଛି । ବାହାର ରାଜ୍ୟରେ ରହୁଥିବା ଜଣେ ନାବାଳିକା ସେଠାରେ ଏକ ଶିଶୁକୁ ଜନ୍ମ ଦେଇଥିବା ଜଣାପଡିଥିଲା । ଶିଶୁଟିର ବୟସ ପ୍ରାୟ ୩ମାସ ହୋଇଥିବା ବେଳେ ନାବାଳିକା ମା' ଓ ଶିଶୁଙ୍କୁ ଏକାଠି ଓଡ଼ିଶା ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଇଛି । ସେହିପରି ପ୍ରାୟ ଏକବର୍ଷର ଜଣେ ଶିଶୁ ଏକ ଚାଇଲ୍ଡକେୟାର ହୋମ୍‌ରେ ରହୁଥିବା ଜଣାପଡ଼ିବା ପରେ ତାଙ୍କ ମା'ଙ୍କୁ ଚିହ୍ନଟ କରି ଶିଶୁଟିକୁ ମା'ଙ୍କ ସହ ଏକାଠି କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି । ବାହାର ରାଜ୍ୟରେ ଅସୁରକ୍ଷିତ ଭାବେ ରହୁଥିବା ଓଡ଼ିଆ ଶିଶୁଙ୍କୁ ଚିହ୍ନଟ କରି ତାଙ୍କୁ ଆଇନ ଅନୁଯାୟୀ ଆବଶ୍ୟକ ସୁରକ୍ଷା ଓ ପୁନର୍ବାସ ବ୍ୟବସ୍ଥା ସହ ସେମାନଙ୍କୁ ନିଜ ପରିବାର ଓ ରାଜ୍ୟକୁ ଫେରାଇ ଆଣିବାକୁ ଅପରେସନ ଅନ୍ୱେଷଣର ମୁଖ୍ୟ ଲକ୍ଷ୍ୟ ବୋଲି ଏଡିଜି ଏସ୍. ସାଇନି କହିଛନ୍ତି ।

## ପିଲାଙ୍କୁ...

ପୋଲିସ ସେମାନଙ୍କୁ ଛାଡି ନାବାଳିକା ବିରୋଧରେ ଏତଲା ପଞ୍ଜିକୃତ କରିଛି । ସୁପ୍ରିମକୋର୍ଟ ସିଜେପି ବିକ୍ଷୋଭକୁ ନେଇ ଦେଇଥିବା ରାୟର ଏହା ବିରୁଦ୍ଧାଚରଣ । ନାବାଳିକା ଘରକୁ ପଥର ମାଡ କରାଯାଉଥିବା ଭିଡିଓ ଥିବା ସେ ଜଣାଇଛନ୍ତି । ସିଜେଆଇ କହିଛନ୍ତି ଯେ, ଛୋଟ ପିଲା ବିରୋଧର ଘଟିଥିବା ହିଂସାକାଣ୍ଡ ବିରୋଧରେ ଯଦି ଅସାମାଜିକ ତତ୍ତ୍ୱ ସାମିଲ ଅଛନ୍ତି ଓ ସେମାନେ ମୁକ୍ତ ଭାବେ ବୁଲୁଛନ୍ତି ଓ ଧମକାଉଛନ୍ତି ଏହା ସମ୍ବେଦନଶୀଳ ଘଟଣା । ନାବାଳିକା ଦେଇଥିବା ଏତଲା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଜେଆଇ ସଲିସେଟର ଜେନେରାଲ ତୁଷାର ମେହେଟାଙ୍କୁ କହିବା ସହ ଦିଲ୍ଲୀ ଓ ଉତ୍ତର ପ୍ରଦେଶ ସରକାରଙ୍କ ଠାରୁ ଜବାବ୍ ମାଗିଛନ୍ତି ।

## ୮,୪୧୭ କୋଟି...

ପ୍ରଗତିଶୀଳ ନୀତି, ଭିତ୍ତିଭୂମି ବିକାଶ, ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ନିବେଶକଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଥିବା ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସେ ବିଶ୍ୱବ୍ୟାପୀ ବ୍ୟବସାୟୀମାନଙ୍କୁ ତ୍ୱରିତ ଶିଳ୍ପାୟନ, ନିଯୁକ୍ତି ସୃଷ୍ଟି ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଦିଗରେ ଓଡ଼ିଶାର ଯାତ୍ରାରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଥିଲେ ।

ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଏବଂ ମୂଲ୍ୟ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଏକ ସ୍ୱତନ୍ତ୍ର ରାଉଣ୍ଡଟେବଲ ବୈଠକ ଓଡ଼ିଶାର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳାରେ ନିବେଶ ସମ୍ଭାବନା ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥିଲା । ଏଥିରେ ଡାଉନଷ୍ଟ୍ରିମ୍ ଉତ୍ପାଦନ, ଅଧିକ ମୂଲ୍ୟ ବୃଦ୍ଧି, ପ୍ରଯୁକ୍ତିବିଦ୍ୟା-ଚାଳିତ ଶିଳ୍ପ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିଳ୍ପ କ୍ଷମତା ବିକାଶ ପାଇଁ ଥିବା ସୁଯୋଗଗୁଡ଼ିକ ନେଇ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରତିଷ୍ଠିତ ମେଟାଲସ୍ ଏବଂ ମିନେରାଲ୍ସ ଇକୋସିଷ୍ଟମକୁ ଆଲୋକପାତ କରିବା ସହ ଅଧିକ ଆର୍ଥିକ ମୂଲ୍ୟ ଓ ନିଯୁକ୍ତି ସୃଷ୍ଟି କରିବା ପାଇଁ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ମଜବୁତ କରିବା ଉପରେ ରାଜ୍ୟର ଗୁରୁତ୍ୱକୁ ଦୋହରାଇଥିଲେ ।

ବ୍ୟବସାୟିକ ଏବଂ ବୃତ୍ତିଗତ ସମ୍ପର୍କକୁ ମଜବୁତ କରିବା ଲାଗି ମୁଖ୍ୟମନ୍ତ୍ରୀ ଦୁବାଇସ୍ଥିତ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ କାଉନସିଲ୍ ( ଆଇବିପିସି ) ସହିତ ଏକ ଆଲୋଚନାରେ ମଧ୍ୟ ସାମିଲ ହୋଇଥିଲେ । ଏଥିରେ ବ୍ୟବସାୟିକ ସମ୍ପର୍କକୁ ମଜବୁତ କରିବା, ନିବେଶ ସୁଯୋଗଗୁଡ଼ିକୁ ସହଜ କରିବା ଏବଂ ଓଡ଼ିଶାର ବିକାଶ ଯାତ୍ରାରେ ଭାରତୀୟ ବ୍ୟବସାୟୀ ଓ ବୃତ୍ତିଗତ ସମ୍ପ୍ରଦାୟର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା । ଏହା ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ସମ୍ଭାବ୍ୟ ସହଯୋଗ, ବଜାର ସଂଯୋଗ ଏବଂ ଅର୍ଥନୈତିକ ସମ୍ପର୍କକୁ ବିସ୍ତାର କରିବା ପାଇଁ ପଥ ପ୍ରଶସ୍ତ କରିବାର ସୁଯୋଗ ପ୍ରଦାନ କରିଥିଲା ।

ବିଶ୍ୱସ୍ତରୀୟ ଆଲୁମିନିୟମ୍ ଏବଂ ଶିଳ୍ପଗତ ଶ୍ରେଷ୍ଠ କାର୍ଯ୍ୟପନ୍ଥା ଅନ୍ୱେଷଣରେ କ୍ଷେତ୍ରଭିତ୍ତିକ ସମ୍ପ୍ରସାରଣର ଏକ ଅଂଶ ଭାବେ, ମୁଖ୍ୟମନ୍ତ୍ରୀ ୟୁଏଇର ଏକ ଅଗ୍ରଣୀ ଆଲୁମିନିୟମ୍ ଉତ୍ପାଦନ ପ୍ରତିଷ୍ଠାନ 'ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍' ପରିଦର୍ଶନ କରିଥିଲେ, ଯାହା ଆଲୁମିନିୟମ୍ କ୍ଷେତ୍ରରେ ଉନ୍ନତ ଶିଳ୍ପ ଅପରେସନ୍, ଟେକ୍ନୋଲୋଜି ଏବଂ ଗ୍ଲୋବାଲ୍ ପ୍ରାକ୍ଟିସଗୁଡ଼ିକ ସମ୍ପର୍କରେ ଜ୍ଞାନକୌଶଳ ହାସଲ କରିବାରେ ସହାୟକ ହୋଇଥିଲା ।

ରିସାଇକ୍ଲିଂ ଏବଂ ସର୍କୁଲାର ଅର୍ଥନୀତି ଉପରେ ଗୁରୁତ୍ୱ ସହିତ ଏକ ଶିଳ୍ପ ରାଉଣ୍ଡଟେବଲ ବୈଠକ ରିସାଇକ୍ଲିଂ, ରିସୋର୍ସ ଏଫିସିଏନ୍ସି ଏବଂ ସର୍କୁଲାର ଇକୋନୋମି କ୍ଷେତ୍ରରେ ଥିବା ସୁଯୋଗଗୁଡ଼ିକ ଉପରେ କେନ୍ଦ୍ରିତ ଥିଲା । ଏହି ଆଲୋଚନାଗୁଡ଼ିକ ନିବେଶ, ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ସ୍ଥାୟୀ ଶିଳ୍ପ ଅଭ୍ୟାସ ପାଇଁ ଥିବା ସମ୍ଭାବନା ସୃଷ୍ଟି କରିଥିଲା ।

ନିବେଶକଙ୍କ ଆଲୋଚନାରୁ ଦୃଢ଼ ନିବେଶ ଆଗ୍ରହ ସୃଷ୍ଟି ଲାଗି ମୁଖ୍ୟମନ୍ତ୍ରୀ ନିବେଶକ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କ ସହିତ ଏକାଧିକ ୱାନ୍-ଟୁ-ୱାନ୍ ଏବଂ ଗୋଷ୍ଠୀଗତ ଆଲୋଚନା କରିଥିଲେ, ଯେଉଁଥିରେ ଓଡ଼ିଶାର ନିବେଶ ସୁଯୋଗଗୁଡ଼ିକୁ ଉପସ୍ଥାପନ କରାଯିବା ସହ ପ୍ରକଳ୍ପଗୁଡ଼ିକୁ ସହଜ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରା ଯାଇଥିଲା । ଏହି ଆଲୋଚନାଗୁଡ଼ିକ ଦ୍ୱାରା ପ୍ରଯୁକ୍ତିବିଦ୍ୟା ଏବଂ ରିଅଲ୍ ଇଷ୍ଟେଟଠାରୁ ଆରମ୍ଭ କରି ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ, ଆଲୁମିନିୟମ୍, ଷ୍ଟିଲ ଡାଉନଷ୍ଟ୍ରିମ୍, ରେୟାର ଆର୍ଥସ ଏବଂ ସର୍କୁଲାର ଇକୋନୋମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ଆଗ୍ରହ ସୃଷ୍ଟି ହୋଇଥିଲା ।

ଦିନକର ଏହି କାର୍ଯ୍ୟକ୍ରମରେ ୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ୫,୬୦୦ କୋଟି ଟଙ୍କାର ନିବେଶ ସମ୍ଭାବନା ଏବଂ ୧୧,୫୦୦ଟି ନିଯୁକ୍ତି ସୁଯୋଗ ପ୍ରତିନିଧିତ୍ୱ କରୁଛି । ଏହା ବ୍ୟତୀତ, ୮ଟି ନିବେଶ ଇଚ୍ଛାପତ୍ର ଗ୍ରହଣ କରାଯାଇଥିଲା, ଯାହା ୨,୮୧୭ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ଏବଂ ୨,୮୧୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ମୋଟ୍ ୫ଟି ଏମଓୟୁ ଏବଂ ୮ଟି ନିବେଶ ପ୍ରସ୍ତାବ ୮,୪୧୭ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ଏବଂ ୧୪,୩୧୦ଟି ନିଯୁକ୍ତି ସୁଯୋଗ ଆଣିଦେଇଛି, ଯାହା ଓଡ଼ିଶାର ଦୁବାଇ ନିବେଶ ଅଭିଯାନର ଏକ ବଡ଼ ସଫଳତାକୁ ଦର୍ଶାଉଛି ।

ଏକ ବିଶ୍ୱସ୍ତରୀୟ ସଂଯୁକ୍ତ ଓଡ଼ିଶା ପାଇଁ ଗତିଶୀଳତାର ନିର୍ମାଣ କ୍ଷେତ୍ରରେ ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ ଅନ୍ତର୍ଜାତୀୟ ନିବେଶକ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ସହିତ ଓଡ଼ିଶାର ସମ୍ପର୍କ ଆହୁରି ବ୍ୟାପକ ହୋଇଛି । ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କୁ ନୀତିଗତ ସ୍ଥିରତା, ଗୁଣାତ୍ମକ ଭିତ୍ତିଭୂମି, ଦକ୍ଷ ମାନବସମ୍ବଳ ଏବଂ ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟକାରିତା ପାଇଁ ସାଂସ୍ଥାନିକ ସହାୟତା ଯୋଗାଇଦେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇଛନ୍ତି ।

## ପୁଣି...

ପକ୍ଷରୁ ଯେଉଁ ଆନ୍ଦୋଳନ କରାଯାଇଥିଲା ସେଠାରେ ସେ ଅନଶନରେ ବସିଥିଲେ । ୱାଙ୍ଗଚୁକ କହିଛନ୍ତି ଯେ, ଲଦାଖର ପ୍ରମୁଖ ନେତାଙ୍କ ସହ ଗୃହ ମନ୍ତ୍ରାଣାଳୟର ସବ୍‌କମିଟି ବୈଠକରେ ଯେଉଁ ଆଲୋଚନା ହୋଇଛି ସେଥିରେ ସେ ସନ୍ତୁଷ୍ଟ ନୁହଁନ୍ତି । ଏହି ଆଲୋଚନା ସମୟରେ କୌଣସି ନିଷ୍ପତ୍ତି ହୋଇନଥିଲା । ସୋସିଆଲ ମିଡିଆ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ, ଲଦାଖର ସର୍ବୋଚ୍ଚ ସଂସ୍ଥା ଓ କାର୍ଗିଲ ଡେମୋକ୍ରାଟିକ ଆଲାଇନ୍ସ ଲଦାଖ ଭବନରେ ନୂଆଦିଲ୍ଲୀରେ ଏକ ପ୍ରେସ୍ ମିଟ୍ କରିଥିଲେ । ଏଥିରେ ଏହି ନେତାମାନେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ । ଲଦାଖ ସର୍ବୋଚ୍ଚ ସଂସ୍ଥା ସେପ୍ଟେମ୍ବର ମାସକୁ ଯେଉଁମାନେ ଆନ୍ଦୋଳନରେ ମୃତ୍ୟୁବରଣ କରିଥିଲେ ଓ ଜେଲ ଯାଇଥିଲେ ସେମାନଙ୍କ ଲାଗି ସହିଦ ମାସ ଭାବେ ପାଳନ କରୁଛି । ବର୍ତ୍ତମାନ ପଦଯାତ୍ରାକୁ ବନ୍ଦ କରିବା ଲାଗି ସାମୁହିକ ନିଷ୍ପତ୍ତି ନିଆଯାଇଛି । ସେପ୍ଟେମ୍ବର ୨୪ ପୂର୍ବରୁ ଯଦି କିଛି ନିଷ୍ପତ୍ତି ନଆସେ ତାହା ହେଲେ ପଦଯାତ୍ରା କରାଯିବ । ଆମେ ସମଗ୍ର ଦେଶବାସୀଙ୍କୁ ଅନୁରୋଧ କରୁଛୁ ଯେ, ଲଦାଖକୁ ସହଯୋଗ କରନ୍ତୁ । ପରିବେଶକୁ ସହଯୋଗ କରିବା ସହ ଲଦାଖ ଲୋକମାନଙ୍କ ସପକ୍ଷରେ ଛିଡା ହୁଅନ୍ତୁ । ଯଦି ଏହି ପ୍ରସଙ୍ଗରେ କିଛି ଅଗ୍ରଗତି ଘରେ ତାହାହେଲେ ଆଲୋଚନା ସଫଳ ବୋଲି ଆମେ ଅନୁଭବ କରିବୁ ।

## ଟ୍ରେନ...

ଓ ସତର୍କତାମୂଳକ ପଦକ୍ଷେପ ନିଆଯାଇନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ, ଏହି ଅଞ୍ଚଳ ଦେଇ ହାତୀ ଚଳପ୍ରଚଳ କରୁଥିବା ଏବଂ ପୂର୍ବରୁ ମଧ୍ୟ ଏଠାରେ ହାତୀ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ମୁନିଗୁଡ଼ା ରେଞ୍ଜର ପ୍ରବୀଣ କୁମାର କହିଛନ୍ତି । ସରକାରୀ ନିୟମ ଅନୁଯାୟୀ ସମସ୍ତ ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ସେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୧ରେ ଗୁଡ଼ାରୀ ଜଙ୍ଗଲରେ ୮ଟି ହାତୀ ଚଳପ୍ରଚଳ କରୁଥିଲେ । ବିଭିନ୍ନ ସମୟରେ ହାତୀଙ୍କ ମୃତ୍ୟୁ ଯୋଗୁ ଏହି ସଂଖ୍ୟା କମିଛି । କାତ୍ରାଗାଡ଼ାରେ ୪ଟି ହାତୀ ବିଦ୍ୟୁତ ଆଘାତରେ ଏବଂ ତାରମାଳ ଅଞ୍ଚଳରେ ଗୋଟିଏ ମାଈ ହାତୀର ମୃତ୍ୟୁ ଘଟିଥିଲା । ଫଳରେ ସରକାରୀ ହିସାବରେ ଜିଲାରେ ଏବେ ମାତ୍ର ଗୋଟିଏ ହାତୀ ଥିବା ଜଣାପଡ଼ିଛି । ରେଳପଥରେ ହାତୀଙ୍କ ସୁରକ୍ଷିତ ଚଳାଚଳ ପାଇଁ ପ୍ରଭାବୀ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି । ଘଟଣାର ପ୍ରକୃତ କାରଣ ନେଇ ବନ ବିଭାଗ ଓ ରେଳବାଇ ପକ୍ଷରୁ ତଦନ୍ତ ଚାଲିଛି ।

## ଉପମୁଖ୍ୟମନ୍ତ୍ରୀ...

ଭାବେ ଘୋଷଣା କରାଯାଇଥିଲା । ପ୍ରୋଟେକୋଲ୍ ଦୃଷ୍ଟିରୁ ଦେଖିଲେ ଏମାନେ ଜଣେ ମନ୍ତ୍ରୀଙ୍କ ଠାରୁ କୌଣସି ଭାବେ ଅଧିକ ନୁହଁନ୍ତି । ଏମାନେ ଜଣେ ମନ୍ତ୍ରୀଙ୍କ ଭଳି ଶପଥ ମଧ୍ୟ ନେଇଥିଲେ । କିନ୍ତୁ ପରେ ସେମାନଙ୍କୁ ଅଧିକ ପ୍ରୋଟୋକଲ ସୁବିଧା ପ୍ରଦାନ କରାଯାଉଛି । ବିଭିନ୍ନ ଉତ୍ସବରେ ସେମାନଙ୍କ ସ୍ୱତନ୍ତ୍ରତା ବଜାୟ ରହୁଛି । ସେମାନଙ୍କ ପାଇଁ ଅଧିକ କର୍ମଚାରୀର ବ୍ୟବସ୍ଥା କରାଯାଇଛି । ଅଫିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ମଧ୍ୟ ଅଧିକ୍ ରହିଛି । ସ୍ୱତନ୍ତ୍ର ସିକ୍ୟୁରିଟି ବ୍ୟବସ୍ଥା କରାଯାଇଛି । ସେମାନଙ୍କ ପାଇଁ ରାଜ୍ୟ ରାଜକୋଷରୁ ଅଧିକରୁ ଅଧିକ ଅର୍ଥ ଖର୍ଚ୍ଚ କରାଯାଉଛି । ଏଭଳି ଅସମ୍ବିଧାନିକ କାର୍ଯ୍ୟକୁ ବନ୍ଦ କରିବା ଲାଗି ଆବେଦନକାରିଣୀ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ । ଏହାକୁ ବିରୋଧ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ଉଭୟପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ଗତ ଅଗଷ୍ଟ ୨୭ରେ ମାମଲାର ରାୟ ସଂରକ୍ଷିତ ରଖିଥିଲେ । ଏବେ ଏହି ମାମଲାରେ ରାୟ ପ୍ରକାଶ କରି ହାଇକୋର୍ଟ କହିଛନ୍ତି ଯେ, ସ୍ୱାଧୀନତା ପରେ ପ୍ରଶାସନିକ ବ୍ୟବସ୍ଥାରେ ଏକ ସନ୍ତୁଳନ ବଜାୟ ରଖିବା ଲାଗି ଏଭଳି ଏକ ପଦ ଆପଣଯାଇଛି । ଏହା କ୍ୟାବିନେଟ୍ ମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ପଦକୁ ନେଇ କୌଣସି ପ୍ରକାର ବିଭେଦ ସୃଷ୍ଟିକରେ ନାହିଁ । କେବଳ ଏହା ବିଧି ପାଳନ ଭିତରେ ସୀମିତ ରହିଥାଏ । ଜଣେ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉଥିଲାବେଳେ ଏଥିରେ ସମ୍ବିଧାନର କୌଣସି ପ୍ରକାର ଉଲ୍ଲଂଘନ ହୁଏ ନାହିଁ । ସମସ୍ତ ନିୟମ ତଥା ସମ୍ବିଧାନକୁ ଦେଖିଲେ ଏହା ସ୍ପଷ୍ଟ ଯେ, ଉପ ମୁଖ୍ୟମନ୍ତ୍ରୀ ପଦ କେବଳ ଏକ ଘୋଷଣା ବା ଆଲଙ୍କାରିକ ପଦ ଏବଂ କାଉନ୍‌ସିଲ୍ ଅଫ ମିନିଷ୍ଟରର ଏହା ଏକ ଅଂଶ । ଏହି ପଦବି ସୃଷ୍ଟି ଦ୍ୱାରା ରାଜ୍ୟ ସରକାର ସମ୍ବିଧାନରେ ଦିଆଯାଇଥିବା ନିୟମରେ କୌଣସି ପ୍ରକାର ଉଲ୍ଲଂଘନ ମଧ୍ୟ କରନ୍ତି ନାହିଁ । ବ୍ୟକ୍ତିଗତ ସ୍ୱାର୍ଥ, ନିହିତ ସ୍ୱାର୍ଥ ଆଦି ଲକ୍ଷ୍ୟରେ ରୁଜୁ ହେଉଥିବା ଏଭଳି ଜନସ୍ୱାର୍ଥ ମାମଲାକୁ ଅତ୍ୟନ୍ତ ସତର୍କତାର ସହ ଦେଖାଯିବା ଉଚିତ୍ । ଅପବ୍ୟବହାର ପାଇଁ ଜନସ୍ୱାର୍ଥ ମାମଲା ଭଳି ଏକ ସୁନ୍ଦର ଅସ୍ତ୍ରର ଅଯଥା ବ୍ୟବହାର ପାଇଁ ଅଦାଲତ କେବେବି ଅନୁମତି ଦେଇପାରିବେ ନାହିଁ ।

# ୫ ଜଙ୍ଗଲୀ ବାରହାଙ୍କ ମୃତ୍ୟୁ : ତଦନ୍ତ ଦାବି

ଚଣ୍ଡିଖୋଲ, ,(ସବ୍ୟ) :କଟକ ବନଖଣ୍ଡ ଅଧିନ ଯାଜପୁର ଜିଲ୍ଲାର ବୈରୀ ଡାଳିଯୋଡା ବନାଞ୍ଚଳରେ ଏକସଙ୍ଗେ ୫ଟି ଦୁର୍ଲଭ ଜଙ୍ଗଲି ବାରାହା ମରି ପଡିବା ଘଟଣା ଆଲୋଡନ ସୃଷ୍ଟି କରିଛି ।ତେବେ ଏହି ଘଟଣାକୁ ଭିନ୍ନ ରୂପ ଦେଇ ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀମାନେ ରେଳ ଦୁର୍ଘଟଣାରେ ଏହିସବୁ ଜଙ୍ଗଲିଜୀବ ମରିଥିବା କହି ନିଜ ଦୋଶ ଖସାଇ ଦେବାକୁ ଅପଚେଷ୍ଟା କରିଛନ୍ତି । ତେବେ ମୃତ ଜଙ୍ଗଲି ବାରାହାଙ୍କ ମୃତଦେହରେ ସେପରି କିଛିବି କ୍ଷତଚିହ୍ନ ନଥିବାରୁ ଏହା ରେଳ ଦୁର୍ଘଟଣା ଜନିତ ମୃତ୍ୟୁ ନୁହେଁ ବୋଲି ଜଣାପଡୁଛି । ତେବେ ଏହି ଘଟଣା ପଛରେ ଏକ ବଡ଼ ରାକେଟ ରହିଥିବା ସଂଦେହ କରାଯାଉଛି । ଖବରରୁ ପ୍ରକାଶଯେ ଖୋସାଲିପୁର ରେଳ ଫାଟକ ଓ ଧାନମଣ୍ଡଳ ଷ୍ଟେସନ ମଧ୍ୟ ସ୍ଥଳରେ ତିନୋଟି ବଡ ଓ ଦୁଇଟି ବାରହା ସାବକଙ୍କ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି ।ଚଣ୍ଡିଖୋଲ ବନ ବିଭାଗ କର୍ମଚାରୀ ଖବର ପାଇ ମୃତ ବାରହା ଗୁଡିକୁ ବ୍ୟବଛେଦ ପରେ ମହାବିନାୟକ ନିକଟ ଚଣ୍ଡିଖୋଲ ବନ ବିଭାଗ ନର୍ସରୀ ପାଖରେ ପୋତିଥିବା ଜଣାପଡିଛି । କିନ୍ତୁ ସ୍ଥାନୀୟ ଅଧିବାସୀଙ୍କ ସୂଚନା ମୁତାବକ ରେଳ ଧାରଣା ନିକଟ ଏକ ଖୋଲା ସ୍ଥାନରେ ବାରହା ଗୁଡିକ ମରି ପଡିଥିବା ଦେଖି ଆଦିବାସୀମାନେ ଆଣି କାଟି ଖାଇବା ପାଇଁ ପ୍ରସ୍ତୁତ ହୋଇଥିଲେ । ଖବର ପାଇ ଜଙ୍ଗଲ କର୍ମଚାରୀ ମାନେ ସେଠାରେ ପହଞ୍ଚି ମୃତ ବାରହା ଗୁଡିକୁ ଜବତ କରିଥିଲେ । ତେବେ ଉପଯୁକ୍ତ ତଦନ୍ତ ନକରି ତରବରିଆ ଭାବେ ବନ କର୍ମଚାରୀ ମାନେ ମୃତ ବାରହା ଗୁଡିକୁ ପୋତି ଦେଇଥିବା ଲୋକେ ଅଭିଯୋଗ କରିଛନ୍ତି । ଏହି ବନାଞ୍ଚଳ ଅଧିନରେ ଅନେକ ସମୟରେ ଦୁର୍ଲଭ ବାରହା,ବଜ୍ରକାପ୍ତା,ଖୁରାଣ୍ଟି, ଠେକୁଆ ଭଳି ବନ୍ୟଜନ୍ତୁ ମାନଙ୍କୁ ଶିକାର କରାଯାଇ ବାହାରକୁ ଚୋରା ଚାଲାଣ କରାଯାଉଥିଲେ ମଧ୍ୟ ଘଟଣାକୁ ବିଭାଗୀୟ କର୍ମଚାରୀ ମାନେ ଚପାଇ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି । ଏଣୁ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଉଚ୍ଚ କର୍ତ୍ତୃପକ୍ଷ ଉଚସ୍ଥରୀୟ ତଦନ୍ତ କରି ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଅଛି ।

# ଶବ୍ଦ ପ୍ରଦୂଷଣ, ୮ ବାଇକ ଜବତ ୫୮,୫୦୦ ଟଙ୍କା ଜରିମାନା ଆଦାୟ

କଣିହା ,(ସବ୍ୟ) :ଏନଟିପିସି ଟାଉନ ଥାନା ପକ୍ଷରୁ ଚଢାଉ କରାଯାଇ ମୋଡିଫାଏଡ ସାଇଲେନ୍ସର ଲଗାଇ ଅତ୍ୟଧିକ ଶବ୍ଦ କରି ଚଳାଚଳ କରୁଥିବା ୮ଟି ମୋଟରସାଇକେଲ ଜବତ କରିବା ସହ ତାଙ୍କ ଠାରୁ ୫୮, ୫୦୦ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ମୋଟରସାଇକେଲ ଗୁଡ଼ିକରେ ନିୟମ ବହିର୍ଭୂତ ଭାବେ ପରିବର୍ତ୍ତିତ ସାଇଲେନ୍ସର ବ୍ୟବହାର କରାଯାଇ ଅତ୍ୟଧିକ ଶବ୍ଦ ସୃଷ୍ଟି କରାଯାଉଥିଲା । ରାସ୍ତାରେ ମୋଡିଫାଏଡ ସାଇଲେନସର୍ ଲଗାଇ ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ବାଇକ ଉପରେ ଚଢାଉ ଜାରି ରହିବ ବୋଲି ଏନଟିପିସି ଆଇଆଇସି ସଂଯୁକ୍ତା ଖିଲାର ପ୍ରକାଶ କରିଛନ୍ତି ।


## ପୂର୍ବ ତଟ ରେଳପଥ

**ସେପ୍ଟେମ୍ବର-2026 ପାଇଁ**
**ରାୟଗଡ଼ା ମଣ୍ଡଳରେ ପାର୍ସଲ ଲିଜିଙ୍ଗ ଆସେଟ୍ସ**

ନିଲାମ କ୍ୟାଟଲଗ୍ ନଂ.: RIG-SLR-26

| ଟ୍ରେନ୍ ନଂ.ଏବଂ CC ଟନ୍‌ରେ | ଠାରୁ - ପର୍ଯ୍ୟନ୍ତ | ଫ୍ରଣ୍ଟ / ରିୟର SLR | ଚଳାଚଳ ଦିବସ | ଲଟ୍ ଆରମ୍ଭ ତାରିଖ ଓ ସମୟ | ଲଟ୍ ବନ୍ଦ ହେବା ତାରିଖ ଓ ସମୟ |
|---|---|---|---|---|---|
| 18006 (3.9 ଟନ୍) | ଜଗଦଲପୁର-ହାଓଡ଼ା (ଗୋଟିଏ ପାର୍ଶ୍ୱ) | ଫ୍ରଣ୍ଟ | 7 ଦିନ | 19.09.2026, 1100 ଘଟିକା | 19.09.2026, 1130 ଘଟିକା |

ସର୍ବନିମ୍ନ ବୃଦ୍ଧି: 0.2%, ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟଲଗରେ ନୂଆ ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ https://ireps.gov.inରେ ଉପଲବ୍ଧ ।

PR-433/R/26-27 ସହାୟକ ବାଣିଜ୍ୟ ପ୍ରବନ୍ଧକ, ରାୟଗଡ଼ା



## BHUBANESWAR DEVELOPMENT AUTHORITY
**AKASH SHOVA BUILDING,**
SACHIVALAYA MARG, BHUBANESWAR - 751001
Visit us at: http://www.bda.gov.in/

13001/1800/2627

**Invitation for Bids**

**Bid Identification No. 977/SE-I/BDA/2026-27**

Superintending Engineer, Division No.I, BDA on behalf of Bhubaneswar Development Authority, Bhubaneswar invites percentage rate bids in single cover system in ONLINE MODE from eligible contractors for civil works as mentioned below :

1. Nature of works : **Civil & PH Work**
2. Total No. of work : **01 (One) No.**
3. Amount put to tender : **Rs.28.61 Lakh**
4. Class of Contractor : **'C '& 'B'' Class**
5. Period of Completion : **45 (Forty five) days**
6. Cost of Bid Documents : Rs.6000.00 + 18% GST **(Online transfer by the last date & time for receipt of bids)**
7. Earnest Money Deposit (EMD) : 1% of estimated cost put to tender. **(Online transfer by the last date & time for receipt of bids)**
8. Availability of Tender : **From 11.09.2026 to 5.00 PM of 21.09.2026. https://tendersodisha.gov.in.**
9. Date of opening of Tender : **Dt22.09.2026 at 11.30 AM**
10. Place of opening of Tender : O/o - SuperintendingEngineer,Div-I, BDA, Bhubaneswar.

Further details can be seen from the website: https://tendersodisha.eov.in. Any addendum / corrigendum / cancellation of tender can also be seen in the said website.

**Superintending Engineer, Division No.I. BDA**

OIPR : 13001/13033/1/26-27/0131



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ଼
**ଜିଲ୍ଲା - କଳାହାଣ୍ଡି**

13001/13163/1/2627

**ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ଦୈନିକ ବଜାର (ତିନି ଛକ ଠାରୁ ଭଣ୍ଡାର ଘରଣୀ ମନ୍ଦିର ଦେଇ ବଜାର ପଡ଼ା ନୂଆ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ସୋମବାର ଓ ଶୁକ୍ରବାର କୁ ଛାଡି) ଏକ ବର୍ଷ ପାଇଁ ଟେଣ୍ଡର ଜରିଆରେ ନିଲାମ କରାଯିବା ପାଇଁ ସ୍ଥିରୀକୃତ କରାଯାଇଅଛି । ଦୈନିକ ବଜାର ପାଇଁ ସର୍ବନିମ୍ନ ଦର **(up set price)** ଟ. ୧,୫୦,୦୦୦.୦୦ଙ୍କା (ଏକ ଲକ୍ଷ ପଚାଶ ହଜାର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି **website https://kalahandi.odisha.gov.in/#** କୁ ଯାଇ ତା. ୦୭.୦୯.୨୦୨୬ ରିଖ ଠାରୁ ତା. ୨୩.୦୯.୨୦୨୬ ରିଖ ଅପରାହ୍ଣ ଘ.୦୧:୦୦ଣ୍ଟା ପର୍ଯ୍ୟନ୍ତ ଜଉମୁଦ ଲଫାପାରେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ, ଡ଼ାକ ଜରିଆରେ ଦର ଦାଖଲ କରି ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ।

| | | |
|---|---|---|
| ଦରଖାସ୍ତ ଆବେଦନ ସହିତ ପ୍ରମାଣପତ୍ର | : | ଆଧାର କାର୍ଡ, ଭୋଟ ପରିଚୟ ପତ୍ର |
| ଦରଖାସ୍ତ ଆବେଦନ ପ୍ରାପ୍ତିର ତାରିଖ ଏବଂ ସମୟ | : | ତା. ୦୭.୦୯.୨୦୨୬ ରିଖ, ଅପରାହ୍ଣ ଘ.୦୧:ଣ୍ଟା ପର୍ଯ୍ୟନ୍ତ |
| ଦରଖାସ୍ତ ଆବେଦନ ଶେଷ ତାରିଖ ଏବଂ ସମୟ | : | ତା. ୨୩.୦୯.୨୦୨୬ ରିଖ, ଅପରାହ୍ଣ ଘ.୦୧:୦୦ଣ୍ଟା ପର୍ଯ୍ୟନ୍ତ |
| ଟେଣ୍ଡର ଖୋଲିବାର ତାରିଖ ଏବଂ ସମୟ | : | ତା.୨୩.୦୯.୨୦୨୬ ରିଖ, ଦିବା ଘ.୦୩.୩୦ମି ରେ ଖୋଲାଯିବ |

କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷଣ କରନ୍ତି ।

ସ୍ୱା/- ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼

OIPR : 13001/13163/1/26-27/0016



## GOVERNMENT OF ODISHA
**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER,**
**BALLIGUDA FOREST DIVISION.**
**BALLIGUDA, KANDHAMAL-762103**
Tel : 06846-243249, Fax : 06846-243066, e-mail : dfo_balliguda@yahoo.co.in
Bid Identification No. DFO.BLG-01/2026-27 dated. 08.09.2026
Letter No. 5708/IF, dt. 08.09.2026

8001/301/2627

**NOTICE INVITING TENDER**

| Sl. No | Name of the Work | Building Work as per DTCN availability in the website www.tendersodisha.gov.in |
|---|---|---|
| 1 | Estimated Cost | Rs. 12,84,000/- |
| 2 | No of Works | Construction of 30 Nos. of VSS Buildings in different Village of Balliguda Forest Division |
| 3 | Period & lime of completion | 05 (Five) Calendar Month |
| 4 | Date & time of availability of the bid document in the portal | 17.09.2026 to 01.10.2026 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 01.10.2026 |
| 6 | Date & Time of bid opening | 1130 hours on Dated. 03.10.2026 |
| 7 | Name & Address of the officer inviting Bid | Divisional Forest Officer, Balliguda Forest Division. Balliguda, Dist : Kandhamal, Pin-762103 |

Others can be seen from Detailed Notice Inviting Tenders, available in website. **www.tendersodisha.gov.in.**
Corrigendum if any, shall only be published in the above website.

**Sd/- Divisional Forest Officer, Balliguda Forest Division**

OIPR : 8001/8174/1/26-27/0002



## GOVERNMENT OF ODISHA
25001/1133/2627
**OFFICE OF THE ENGINEER-IN-CHIEF**
**RURAL WORKS : BHUBANESWAR**
**Notice inviting Expression of Interest for engagement of individuals as**

**"State Quality Monitor". ID No: EOI-23/SQC Dtd. 08.09.2026.**

EOI is invited from eligible degree Civil Engineering Graduates, retired Govt Engineers not below the rank of Executive Engineer/Superintending Engineer from Govt organization such as Works Department and organization which are constructing and maintaining roads & bridges, Central / PSUs or their subordinate offices and eligible faculty/research personnel from engineering colleges. IITs/NITs/Govt research institutes having relevant road/ bridge experience.

Experience : Road-Field experiences minimum 5 years during last 10 years before retirement including 2 years in planning / design & execution during 5 years, Bridge - minimum 8 years' experience, including 4 years in execution. Candidates may apply for roads, bridges or both. Candidate must be physically fit, computer / smart phone literate, ethically sound and below 67 years as on last date; engagement permitted upto 70 years. Those retiring on / before 31.10.2026 may also apply. Engagement will be purely temporary for one year, extendable, with remuneration as per existing norms; approximately 8-10 days' inspection per month may be required.

Application in prescribed format with Notary Affidavit and self-attested documents must reach the undersigned in sealed cover by 5.00 PM on dtd. 08.10.2026 and emailed scanned copy to **sqc.odisha@yahoo.In.** Detail formats are available on website : www.rd.odisha.gov.in, Contact: State Quality Coordinator (SQC), O/o E.I.C. Rural Works, Odisha, Bhubaneswar. Mobile: 9437255400.

OIPR : 25001/25123/1/26-27/0015 **Sd/- Chief Engineer, PMGSY**



## OFFICE OF THE NOTIFIED AREA COUNCIL, NILAGIRI, BALESHWAR.

No. 4064 Date. 07.09.2026

**"e" Procurement Notice**

**DID Identification No. NLGN_05/2026-27**

The Executive Officer, Nilgiri NAC, Nilgiri, invites Percentage Rate bids in Single Cover Systems for the following work detailed in the table from the Cfass of Contractors as mentioned in Col.7 of table registered with the State Governments and contractors of equivalent Grade/Class registered with Central Government/MES/Railways/ having experience and expertise in Design, Construction, Testing & Commissioning of Similar Type of Works and fulfilling minimum eligibility criteria as stated here under and other detailed qualifying requirements given in the DTCN to be eventually drawn up in the Standard P-1 Contract Form of Odisha PWD. The bidders may submit their E.M.D. Amount and paper cost as mentioned in DTCN. Affidavit and attested copies of PAN, GSTN, CDMS registration certificate and Registration certificate must be submitted through online. The technical bids will be opened on dt. 24.09.2026 at 11.00AM in the office of the undersigned. The bidders should have necessary portal enrolment (with own digital signature certificate). The registered bidders outside Odisha state can also participate in this on-line tender process after necessary portal enrolment but shall have to subsequently undergo registration with appropriate authority of the state government within a month of acceptance of bid.

1. Name of the Work : Construction of Civil work.
2. No. of works : 15nos.
3. Estimated Cost : Rs 1.5 Lakh to 4.0 Lakh
4. Date &Time of availability : 09.09.2026 at 3.00 P.M. to 23.09.2026 up to 5 P.M. of Bid documents in the Portal
5. Last date & time for receipt of bids in the portal : 23.09.2026 up to 5 P.M.
6. Bids received online shall be opened on : 24.09.2026 at 11,00 AM.
7. Name and address of the officer inviting Bid : Executive Officer, Nilgiri NAC

Further details can be seen from the procurement portal i.e. **www.tendersodisha.gov.in.**

**Sd/- Executive Officer**
**Nilagiri NAC.**

OIPR : 13001/13179/1/26-27/0007



## The Odisha Small Industries Corporation Ltd.
( A Government of Odisha Undertaking))
*(An ISO:9001:2008 certified Govt.Company)*
Industrial Estate. Madhupatna, CUTTACK - 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicltd@rediffmail.com website: osicltd.in

14001/154/2627

**e-Procurement Notice for Building works**

Tender notice no.2031 Date:09.09.2026

Identification No On-line Building OSIC /Constn /2026/27/001

A 1 Name of the work :- Repair & renovation of 14' Floor of the Administrative building of IED. odisha, Bhubaneswar at Mancheswar. Industrial Estate
2 Total No of works - 01 No
3 Estimated cost - Rs 1.39.14.700/- (approx)
4 Class of Contractor - A & B class as per eligible criteria online
5. Period of completion - Twelve calendar months

B Other details

| Procurement Online | Bid Identification No. | Availability of tender online bidding | | Date & time of opening of tender in O/O MD OSIC Ltd. Kataka |
|---|---|---|---|---|
| | | From | To | |
| MD OSIC. Ltd., Katak | 001 Of 2026, 2027 | 11.09.26 | 01.10.2026 | 03.10.2026 11.00 AM |

Futher details can be seen from the website www.tendersodisha.gov.in /www.osicltd.in any amendment corrigendum cancelation or re-tender may please be refer to the website be published in Newspapers.

Sd/-
**GENERAL MANAGER (O)**
**OSIC Ltd Kataka**

OIPR : 14001/14073/1/26-27/0005


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୨୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଆପୋଲୋ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ 'ବିଶ୍ୱ ଫିଜିଓ ଥେରାପି ଦିବସ

ଭୁବନେଶ୍ୱର, (ସବ୍ୟୁ) : ଅପୋଲୋ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ 'ବିଶ୍ୱ ଫିଜିଓ ଥେରାପି ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶରୀରର ସଠିକ୍ ଚଳପ୍ରଚଳ, ଯନ୍ତ୍ରଣାରୁ ମୁକ୍ତି, ଆରୋଗ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ସମଗ୍ର ଜୀବନଶୈଳୀରେ ସୁଧାର ଆଣିବାରେ ଫିଜିଓଥେରାପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ବିନିମୟ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆଘାତ, ଅସ୍ତ୍ରୋପଚାର ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ପାଇବାରେ ଫିଜିଓଥେରାପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯାହା ଶରୀରର ସକ୍ରିୟତା, କାର୍ଯ୍ୟକ୍ଷମତା ଏବଂ ଦୈନନ୍ଦିନ ଜୀବନଶୈଳୀକୁ ଉନ୍ନତ କରିଥାଏ ।

ସମୟୋଚିତ ଏବଂ ସଠିକ୍ ଫିଜିଓଥେରାପି ପୁନରୁଦ୍ଧାର ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟକଳାପକୁ ସହଜରେ ଫେରିପାରନ୍ତି । ଅପୋଲୋ ହସ୍ପିଟାଲ୍ ଭୁବନେଶ୍ୱରର ମୁଖ୍ୟ ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋର ଲବିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯେଉଁଥିରେ ଅପୋଲୋ ହସ୍ପିଟାଲ୍ ଭୁବନେଶ୍ୱରର ଚିଫ୍ ଅପରେଟିଂ ଅଫିସର ଡା. ଆଲୋକ ଶ୍ରୀବାସ୍ତବ, ମେଡିକାଲ ସର୍ଭିସେସର ନିର୍ଦ୍ଦେଶକ ଡା. ସିଦ୍ଧାର୍ଥ ମିଶ୍ର, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଶ୍ରୀମନ୍ନାରାୟଣ ମିଶ୍ର, ସିନିୟର କନ୍ସଲଟାଣ୍ଟ (ଇଣ୍ଟରଭେନସନାଲ କାର୍ଡିଓଲୋଜି) ଡା. ବଳରାଜ ଦାସ, ସିନିୟର କନ୍ସଲଟାଣ୍ଟ (ସିଟିଭିଏସ) ଡା. ରଘୁନାଥ ମହାପାତ୍ର, ସିନିୟର କନ୍ସଲଟାଣ୍ଟ (ନ୍ୟୁରୋଲୋଜି) ଡା. ଶୁଭ୍ରାଂଶୁ ଶେଖର ଜେନା ଏବଂ ସିନିୟର କନ୍ସଲଟାଣ୍ଟ (ଜଏଣ୍ଟ ରିପ୍ଲେସମେଣ୍ଟ ଓ ଅର୍ଥୋପେଡିକ ସର୍ଜରୀ) ଡା. ଦେବବ୍ରତ ପାଢ଼ୀ ପ୍ରମୁଖ ଫିଜିଓ ଥେରାପି ଦ୍ୱାରା ବିଭିନ୍ନ ରୋଗର ସରଳ ଚିକିତ୍ସା ହୋଇପାରେ ସେନେଇ ସଚେତନ କରାଇଥିଲେ । ହୃଦରୋଗ, ଷ୍ଟ୍ରୋକ୍ ଭଳି ସମସ୍ୟାର ପ୍ରତିରୋଧ, ପରିଚାଳନା ଓ ପୁନରୁଦ୍ଧାରରେ ଫିଜିଓଥେରାପି ଏବଂ ନିୟମିତ ଶାରୀରିକ ସକ୍ରିୟତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କାର୍ଯ୍ୟକ୍ରମରେ ଆଲୋକପାତ କରାଯାଇଥିଲା । ବିଶ୍ୱ ଫିଜିଓ ଥେରାପି ଦିବସ ପଦକ୍ଷେପ ମାଧ୍ୟମରେ ଅପୋଲୋ ହସ୍ପିଟାଲ୍ ଭୁବନେଶ୍ୱର ସଚେତନତା, ସମୟୋଚିତ ପୁନରୁଦ୍ଧାର ଏବଂ ପେଷାଦାର ଫିଜିଓଥେରାପି ସେବାର ଆବଶ୍ୟକତାକୁ ପୁନଃ ଦୋହରାଇଛି । ଯାହା ଲୋକଙ୍କୁ ସକ୍ରିୟ, ଆତ୍ମନିର୍ଭରଶୀଳ ଏବଂ ସୁସ୍ଥ ରହିବାରେ ସାହାଯ୍ୟ କରେ ।




# କୂଅରେ ପଡ଼ି ବୃଦ୍ଧା ମୃତ

ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ଥାନା ପୋଇବାଡ଼ି ଗାଁ ରେ ଜଣେ ବୃଧା କୂଅରେ ପଡି ମତ୍ୟୁ ବରଣ କରିଛନ୍ତି । ମୃତ ବୃଦ୍ଧ । ଜଣଙ୍କ ଉଦ୍ଧବ ସାହୁଙ୍କ ପନୀ ସକୁନ୍ତଳା ସାହୁ (୭୦) ବୋଲି ଜଣାପଡିଛି । ସେ ବୁଧବାର ରାତିରେ ନିଜ ବାଡ଼ି କୂଅରେ ପଡ଼ି ପ୍ରାଣ ହରାଇଛନ୍ତି । ଖବର ପାଇ ଦଶପଲ୍ଲା ଦମକଳ ବାହିନୀ ପୋଇବାଡି ଗ୍ରାମରେ ପହଞ୍ଚି କୂଅ ଭିତରେ ଭାସୁଥିବା ବୃଦ୍ଧ ।ଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ଘଟଣାରେ ଦଶପଲ୍ଲା ପୁଲିସ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିପରିବାର ଲୋକଙ୍କୁ ହସ୍ତାନ୍ତର କରିଛ ଏହି ଘଟଣା ପୋଇବାଡି ଗାଁ ରେ ଶୋକାକୁଳ ବାତାବରଣ ସୃଷ୍ଟି ହୋଇଛି ।

# ଏମ୍ଏମ୍‌ଡିଆର ସଂଶୋଧନ ଓଡ଼ିଶାର ସାମ୍ବିଧାନିକ ଅଧିକାର ଓ ଆର୍ଥିକ ସ୍ୱତନ୍ତ୍ରତା ନେଇ ଗୁରୁତର ଆହ୍ୱାନ: କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : କଂଗ୍ରେସ ଭବନଠାରେ ଗଣମାଧ୍ୟମ ବିଭାଗ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗୁରୁବାର ଏମଏମଡିଆର ସଂଶୋଧନକୁ ନେଇ ଏହାର ସାମ୍ବିଧାନିକ ଓ ଆଇନଗତ ଦିଗ ଉପରେ ବ୍ୟାପକ ଆଲୋଚନା ହୋଇଥିଲା । ସମ୍ମିଳନୀରେ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ବରିଷ୍ଠ କଂଗ୍ରେସ ନେତା ଆଇନଜୀବୀ ଶିବାନନ୍ଦ ରାୟ ଏବଂ ଓପିସିସି ମୁଖପାତ୍ର ଡ଼ ମନୀଷା ଦାସ ପଟ୍ଟନାୟକ ଏମଏମଡିଆର ଆକଫର ଆଇନଗତ ବିଷୟ ତର୍ଜମା କରିଥିଲେ ।

ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି ଯେ, ରାଜ୍ୟରେ ଏକ ନୂତନ ବିପ୍ଲବର ଆୟାମରମ୍ଭ ହୋଇଛି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଜଣେ କ୍ରାନ୍ତିକାରୀ ବିପ୍ଳବୀ ନେତା ଯାହାଙ୍କ ପୃଷ୍ଠଭୂମି ଖଣି ଖାଦାନ, ପ୍ରଦୂଷଣ ଏବଂ ଆଦିବାସୀଙ୍କ ଉପରେ ହେଉଥିବା ଶୋଷଣ ବିରୋଧରେ ଅବିଶ୍ରାନ୍ତ ସଂଗ୍ରାମ ଲେଖାଯାଇଛି । ଏମଏମଡିଆର ସଂଶୋଧନ ଆକଫ ୨୦୨୬ କେବଳ ଖଣିଜ ନୀତିର ପ୍ରଶ୍ନ ନୁହେଁ ଏହା ଓଡ଼ିଶାର ସାମ୍ବିଧାନିକ କର ଅଧିକାର, ଆର୍ଥିକ ସ୍ୱାୟତ୍ତତା ଓ ସଂଘୀୟ ବ୍ୟବସ୍ଥା ସହ ଜଡିତ ଏକ ଗୁରୁତର ପ୍ରଶ୍ନ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ଡ. ମନିଷା




ଦାସ ପଟ୍ଟନାୟକ କହିଛନ୍ତି । ସେ କହିଛନ୍ତି, ୨୦୨୪ ଜୁଲାଇ ୨୫ରେ ୯ ଜଣିଆ ସାମ୍ବିଧାନିକ ବେଞ୍ଚର ୮:୧ ରାୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ରୟାଲଟି ଏକ ଟ୍ୟାକ୍ସ ନୁହେଁ ଏବଂ ଖଣିଜ ସମ୍ପଦ ଭୂମୀ ମଧ ରାଜ୍ୟ ତାଲିକାର ଏଣ୍ଟ୍ରି ୪୯ ଅନ୍ତର୍ଗତ ଜମି ଅଟେ । ତେଣୁ ଏପରି ଜମି ଉପରେ ରାଜ୍ୟର ଟ୍ୟାକ୍ସ ପ୍ରବର୍ତ୍ତନ କ୍ଷମତା ରହିଛି । ଏଣ୍ଟ୍ରି ୫୦ ଅନୁସାରେ ମିନେରାଲ ଅଧିକାର ଉପରେ ରାଜ୍ୟର କର ଅଧିକାର ରହିଛି, ଯଦିଓ ଏହା ଉପରେ ସଂସଦ ଆଇନ ମାଧ୍ୟମରେ ଲିମିଟେସନ ଲଗାଇପାରେ । ବରିଷ୍ଠ କଂଗ୍ରେସ ନେତା ଆଇନଜୀବୀ ଶ୍ରୀ ରାୟ କହିଲେ ଯେ କେନ୍ଦ୍ର ବିଜେପି ସରକାର ସମ୍ବିଧାନର ସମସ୍ତ ନୀତି ନିୟମକୁ ଜଳାଞ୍ଜଳୀ ଦେଇ ଏହି ଆଇନକୁ ଗୃହିତ କରାଇନେଲା ମାନନୀୟା ରାଷ୍ଟ୍ରପତି ଆଇନ ରେ ହସ୍ତାକ୍ଷର କରିବା ପୂର୍ବରୁ ଆଇନ ଗତ ଦିଗ ପ୍ରତି ବିଚାର କରିବା ଥିଲା । କିନ୍ତୁ ଦୁଃଖର କଥା ମାନନୀୟା ରାଷ୍ଟ୍ରପତି କଲେନାହିଁ । ଏହି ଆଇନ ଗୃହିତ ହେବା ଦ୍ୱାରା ଭାରତୀୟ ସଂଘୀୟ ବ୍ୟବସ୍ଥା ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ହବିଷିଆଳି ବ୍ରତ ପାଇଁ ପ୍ରସ୍ତୁତି ବୈଠକ

ପୁରୀ, (ସବ୍ୟୁ): ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖରୁ ପୁରୀରେ ଆରମ୍ଭ ହେବ କାର୍ତ୍ତିକ ମାସର ରାଇ ଦାମୋଦର ବ୍ରତ ବା ହବିଷ୍ୟାଳୀ ବ୍ରତ । ଏହି ବ୍ରତ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ।ତେଣୁ ହବିଷ କରିବାକୁ ଆସୁଥିବା ମା ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳ ଦିବ୍ଯ ଜ୍ୟୋତି ପରିଡା ପରାମର୍ଶ ଦେଇଛନ୍ତି । ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଶ୍ରୀ ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ଚଳିତ ବର୍ଷ ୩ ଗୋଟି ହବିଷ୍ୟାଳୀ ନିବାସ ଯଥା ବୃନ୍ଦାବତୀ ନିବାସ, ମୁନିସିପାଲ୍ଟି କଲ୍ୟାଣ ମଣ୍ଡପ ମୋଚି ସାହି ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ରେ ହବିଷ୍ୟାଳି ମା ମାନେ ରହି ବ୍ରତ ପାଳନ କରିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ ।ମା ମାନଙ୍କର ରହଣି ସୁବିଧା ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଭାବେ ପରିଚାଳନା କରିବା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସଂଧ୍ୟାରେ ଭଜନ,ପ୍ରବଚନ ଇତ୍ୟାଦି ର ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ଗତବର୍ଷ ର ଅଭିଜ୍ଞତା ଆଧାର ରେ ଚଳିତ ବର୍ଷ ମଧ୍ୟ ଆହୁରି ଭଲ ଭାବେ ଏହାକୁ ପରିଚାଳନା କରିବାକୁ ସେ ମତ ଦେଇ ଏହା ଫଳରେ ମା ମାନେ ଘରକୁ ଫେରିବା ବେଳେ ଏକ ସୁଖଦ ଅନୁଭୂତି ଓ ଆଧ୍ୟାତ୍ମିକ ଭାବ ନେଇ ଘରକୁ ଫେରିବେ ବୋଲି କହିଥିଲେ ।

କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରାଯାଇ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରାଗଲା ।ମା ମାନଙ୍କ ରହିବାର ୩ଟି ଯାକ ରହଣି ସ୍ଥଳ କୁ ପ୍ରସ୍ତୁତ କରିବା, ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା, ଅନ୍ତେବାସୀ ମା ମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସହାୟକ ସ୍ୱେଚ୍ଛାସେବୀ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିର୍ବାପକ, ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ ବ୍ୟବସ୍ଥା,ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା, ମହାପ୍ରସାଦ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ବିଭାଗୀୟ ଅଧିକାରୀ ମାନେ ଏହାର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।କେବଳ ଅନଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ ।ଏହାର ଲିଙ୍କ ଓ ସାଇଟ ବିଭିନ୍ନ ଖବରକାଗଜ ମାନଙ୍କ ରେ ପ୍ରକାଶ କରାଯିବ ।ଆବେଦନ ପତ୍ର ଯାଞ୍ଚ ପରେ ଯୋଗ୍ଯ ହିତାଧିକାରୀ ହୋଇଥିବା ହବିଷ୍ୟାଳୀ ମା ମାନଙ୍କୁ ସେମାନଙ୍କ ପ୍ରଦତ୍ତ ମୋବାଇଲ ଓ ମେଲ ମାଧ୍ୟମରେ ସୂଚନା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଅତିରିକ୍ତ ଏସପି ସଚିନ ପଟେଲ, ଉପ ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଏନ ଆଇ ସି ର ଡିଆଇଓ ଦୁର୍ଗା ପ୍ରସାଦ ଜେନା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର ଅବସରରେ ନୂଆଁଖାଇ ପାଇଁ କବିତା ପାଠ



ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସେପେଟମ୍ବର ମାସର ସାରସ୍ୱତ ଆସର ଖାରବେଳ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ସଭାରେ ସଭାପତିତ୍ୱ କରିଥିଲେ ତ୍ରିଲୋଚନ ପ୍ରଧାନ । ପ୍ରାରମ୍ଭରେ ନେପାଳ ବନ୍ୟାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ବାର୍ଷିକ ପତ୍ରିକା ସୃଜନର ପାହାଚ ପ୍ରକାଶ ସମ୍ପର୍କିତ ଆଲୋଚନା ପରେ ନୂଆଁଖାଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ସଂଯୋଜନା କରିଥିଲେ ବିଜନବାଳା ପାଟଯୋଷି । କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ, , ସଂଗ୍ରାମ ଲାଲ ତ୍ରିପାଠୀ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ,ସୁକାନ୍ତ ଦାସ, ସୁଶାନ୍ତ ଧର , ଜନ୍ମେଜୟ ପ୍ରଜାପତି ଓ ବିଜନବାଳା ପାଟଯୋଷି ସ୍ୱରଚିତ କବିତା ପାଠ କରିଥିଲେ । ସୁସ୍ମିତା ମିଶ୍ର ନୂଆଁଖାଇ ଗଳ୍ପ ପାଠ କରିଥିଲେ । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଜନ୍ମେଜୟ ପ୍ରଜାପତି ।

# ସ୍ୱାମୀ ନିଖୋଜ: ପତ୍ନୀଙ୍କ ଏତଲା

କଟକ,(ସବ୍ୟୁ): ଜଣେ ବ୍ୟକ୍ତି ନିଖୋଜ ହେବା ନେଇ ତାଙ୍କ ପତ୍ନୀ ମଧୁପାଟଣା ଥାନାରେ ଏତଲା ଦେଇଛନ୍ତିଙ୍ଫ ସ୍ଥାନୀୟ ତିନିଘରିଆ ଅଞ୍ଚଳର ଚିରସ୍ମିତା ମହାନ୍ତି ଅଭିଯୋଗ କରିଛନ୍ତିଯେ, ଗତ ରବିବାର ସେ କୌଣସି ଏକ କାମରେ ବାହାରକୁ ଯାଇଥିଲେ । କିଛି ସମୟ ପରେ ଫେରି ଦେଖିଲେଯେ, ଘରେ ତାଲା ପଡିଛି । ସ୍ୱାମୀ ସନ୍ଦୀପ ମହାନ୍ତିଙ୍କୁ ଫୋନ କଲେ ମଧ୍ୟ ସେ କଲ ରିସିଭ କରିନଥିଲେ । ଘରେ ତାଙ୍କର ସ୍କୁଟି ଗାଡି ନଥିଲା ।ପରବର୍ତ୍ତୀ ସମୟରେ ସନ୍ଦୀପଙ୍କର ମୋବାଇଲ ସୁଇଚ ଅଫ୍ ହୋଇଗଲା । ଘରୁ ସ୍କୁଟି ଗାଡି ନେଇ ସନ୍ଦୀପ କେଉଁଆଡେ ପଳାଇଛନ୍ତି । ସମସ୍ତ ସମ୍ପର୍କୀୟ, ସାଙ୍ଗସାଥୀଙ୍କୁ ଯୋଗାଯୋଗ ପରେ ମଧ୍ୟ ସନ୍ଦୀପଙ୍କର କୌଣସି ସୂଚନା ମିଳିପାରିନାହିଁ । ଶେଷରେ ଘଟଣା ସମ୍ପର୍କରେ ଗୁରୁବାର ସେ ମଧୁପାଟଣା ଥାନାରେ ଏତଲା ଦେଇଛନ୍ତି ।ଅଭିଯୋଗ ଆଧାରରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ସିଏମ୍‌ସି ଓ ସିଡିଏ ଉନ୍ନୟନ କାର୍ଯ୍ୟରେ ଘୋଟାଲା

# ଇଂ ଅତନୁ ସାମନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଜେସିର ଦାବି

କଟକ, (ସ୍ୱପ୍ର): କଟକ ମହାନଗର ନିଗମ (ସିଏମସି) ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ରେ ହୋଇଥିବା ବ୍ୟାପକ ଆର୍ଥିକ ଅନିୟମିତତା, ଜାଲିଆତି, ମିଥ୍ୟା ବିଲ୍, ଗୁରୁତ୍ୱପୂର୍ଣ୍ଣ ସରକାରୀ ଫାଇଲ୍ ଗାଏବ ତଥା ଦୁର୍ନୀତି ବିରୋଧରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଛି । ପାର୍ଟିର କଟକ ସହର ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଇଂ ଅତନୁ ସାମନ୍ତଙ୍କ ମହାଘୋଟାଲା ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱଆୟୁକ୍ତ, କଟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ମୁଖ୍ୟତଃ ସିଏମସି ଇଞ୍ଜିନିୟର ତଥା ସିଡିଏର ଇଞ୍ଜିନିୟରିଂ ସଭ୍ୟ ଅତନୁ ସାମନ୍ତ ଓ ତାଙ୍କ ପ୍ରଶାସନିକ ସହଯୋଗୀମାନେ ନିୟମାବଳୀକୁ ଉଲ୍ଲଂଘନ କରି କୋଟିକୋଟି ଟଙ୍କାର ସରକାରୀ ପାଣ୍ଠି ଏବଂ ଜନସାଧାରଣଙ୍କ ଟିକସ ଅର୍ଥ ଆତ୍ମସାତ କରିଛନ୍ତି । ଏହି ଦୁର୍ନୀତି ମଧ୍ୟରେ ଅର୍ବାନ ହାଟ ପ୍ରକଳ୍ପର ମୂଳ ସରକାରୀ ଫାଇଲ୍ ଗାଏବ କରିବା, ପାର୍କରେ ଓପନଜିମ୍ ନଲଗାଇ କାଉନସିଲ୍ ବିନା ଅନୁମୋଦନରେ



୫ କୋଟି ଟଙ୍କା ଉଠାଇବା, ପୋଖରୀ ଓ ପାର୍କ ସୌନ୍ଦର୍ଯ୍ୟାକରଣ ତଥା ପ୍ରବାସୀ ଭାରତୀୟ ଦିବସ ସୌନ୍ଦର୍ଯ୍ୟାକରଣ ନାମରେ ଅର୍ଥ ହରିଲୁଟ୍ । ସେହିପରି ମୌସୁମୀ ପୂର୍ବରୁ ଡ୍ରେନରୁ ପଙ୍କୋଦ୍ଧାର ନକରି କୋଟିକୋଟି ଟଙ୍କାର ମିଥ୍ୟା ବିଲ୍ କରାଯିବା ଫଳରେ ସହରବାସୀ କୃତ୍ରିମ ବନ୍ୟାର ଶିକାର ହୋଇଥିଲେ । ଏହା ସହିତ ସରକାରୀ ବଦଳି ନିର୍ଦ୍ଦେଶ ସେ%୦ ଅତନୁ ସାମନ୍ତଙ୍କ ପାଇଁ ନିୟମ ବର୍ହିଭୂତ ଭାବେ ଅଧୀକ୍ଷଣ ଯନ୍ତ୍ରୀ (ଏସଇ) ପଦବୀ ସୃଷ୍ଟି କରି ରଖାଯିବା, ସତୀଚୌରା ଡମ୍ପିଂୟାର୍ଡରୁ ଆବର୍ଜନା ପରିବହନରେ ମିଥ୍ୟା ଗାଡ଼ି ନମ୍ବର ଦେଇ ଫଲସ୍ ବିଲ୍ ପ୍ରସ୍ତୁତି, ମଶା ତେଲ ଓ ଫଗିଂ କେମିକାଲ୍ କିଣାରେ ବ୍ୟାପକ ସ୍କାମ୍ ଏବଂ ରାସ୍ତା ନିର୍ମାଣ ଓ ଏଲଇଡି ଲାଇଟ୍ ଲଗାଇବା ନାମରେ ହୋଇଥିବା କୋଟି କୋଟି ଟଙ୍କାର ଆର୍ଥିକ ହେରଫେର ସମ୍ପର୍କରେ ଆରଡିସିଙ୍କୁ ଅବଗତ କରାଯାଇଛି । ଏହି ମହାଘୋଟାଲା ବିରୋଧରେ ତୁରନ୍ତ ଫୌଜଦାରୀ ମାମଲା ରୁଜୁ କରିବା, ସମ୍ପୃକ୍ତ ଇଞ୍ଜିନିୟରଙ୍କ ଘର ଓ କାର୍ଯ୍ୟାଳୟ ଉପରେ ଚଢ଼ାଉ କରି ଆୟବର୍ହିଭୂତ ସମ୍ପତ୍ତିର ହିସାବ ନେବା, ଗୁରୁତ୍ୱପୂର୍ଣ୍ଣ ଫାଇଲ ଗୁଡ଼ିକର ଫୋରେନସିକ୍ ଅଡିଟ୍ କରିବା ଏବଂ ତଦନ୍ତ ଚାଲୁଥିବା ଯାଏଁ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ଯଦି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ, ତେବେ କଟକବାସୀଙ୍କୁ ସାଙ୍ଗରେ ନେଇ ଭିଜିଲାନ୍ସ ମୁଖ୍ୟାଳୟ ସମ୍ମୁଖରେ ଗଣ-ଧାରଣା ଓ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ନିକୁଞ୍ଜ ପଶାୟତ, ବିରେନ୍ଦ୍ର ଦାସ,ବରିଷ୍ଠ ଓଜେସି ନେତା କେଦାର ପୃଷ୍ଟି, ବ୍ଲକ ସଭାପତି ସେକ ଲିଆକତ ଉଦ୍ଦୀନ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ସୁଷମା ଦାସ, ପ୍ରତାପ ଚନ୍ଦ୍ର ପରିଡା, ସୁରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଣେଶ ପୂଜା ପାଇଁ ଚୌଦ୍ୱାର ଥାନା ପକ୍ଷରୁ ପ୍ରସ୍ତୁତି ବୈଠକ

ଚୌଦ୍ୱାର,(ସବ୍ୟୁ) : ଚୌଦ୍ୱାର ଥାନା ଅଂଚଳର ସମସ୍ତ ଗଣେଶପୂଜା କମିଟିର ସଦସ୍ୟମାନଙ୍କୁ ନେଇ ଗଣେଶ ପୂଜା ବିସର୍ଜନ ଓ ଭସାଣି ଶୋଭାଯାତ୍ରା ସମ୍ବନ୍ଧରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଥାନା ପରିସରରେ ଭାରପ୍ରାପ୍ତ ଅଧିକାରୀ ରଜନୀକାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ କଟକ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଡିସିନାଲ ଆଇଆଇସି ନିରଂଜନ ଭୋଇ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆସନ୍ତା ସେପ୍ଟେମ୍ବର ୨୦, ୨୭ ଓ ଅକ୍ଟୋବର ୪ ତାରିଖ ତିନୋଟି ପର୍ଯ୍ୟାୟରେ ଆବଶ୍ୟକୀୟ ଅନୁମତିପତ୍ର ନେଇ ଭସାଣି ଶୋଭାଯାତ୍ରା ହେବା ସହିତ ଅକ୍ଟୋବର ୧୧ ତାରିଖରେ କେବଳ ଦ୍ୱିତୀୟା ଓଷା ଘା ଭୋଗ ଖାଉଥିବା ଗଣେଶଙ୍କ ପାଇଁ ଭସାଣି ଅନୁମତି ମିଳିବ । ୬୫ଡେସିବିଲ ସାଉଣ୍ଡ ସହିତ ୪ଗୋଟି ଟ୍ରଲି ଓ ୬ଗୋଟି ସାଉଣ୍ଡ ବକ୍ସରୁ ଅଧିକ ବ୍ୟବହାର କଲେ ଭସାଣି ରଦ୍ଦ କରାଯିବ । ଜୋର ଜବରଦସ୍ତ ଚାନ୍ଦା ଆଦାୟ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆଇଆଇସି ଶ୍ରୀ ଦାସ ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଭସାଣି ଦିନମାନଙ୍କରେ ସକାଳ ୭ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ବିସର୍ଜନ ଶୋଭାଯାତ୍ରା ପାଇଁ ଅନୁମତି ମିଳିବ ଏବଂ ୧୦ଟା ପରେ କୌଣସି ବାଦ୍ୟଯନ୍ତ୍ର ବଜାଇପାରିବେ ନାହିଁ । ଅନୁରୂପଭାବରେ ଯେଉଁ ପୂଜାମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ସେମାନେ ମଧ୍ୟ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ପରିବେଷଣ କରିପାରିବେ । ଭସାଣି ଶୋଭାଯାତ୍ରାରେ ବାଣଫୁଟାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ସମସ୍ତ ଗଣେଶ ଭଷାଣି ଦିନମାନଙ୍କରେ ଶାନ୍ତିଶୃଙ୍ଖଳାର ସହିତ ଭସାଣି କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଥାନା ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସମସ୍ତ କମିଟି ଓ ଚୌଦ୍ୱାରବାସୀ ସହଯୋଗ କରିବା ପାଇଁ ଏସିପି ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି ।




## ହାଇଟେକ୍ ଡେଣ୍ଟାଲ୍ କଲେଜ ଓ ମିଶନ ସ୍ମାଇଲର ସହଭାଗୀତା

# ୫୦ ଶିଶୁଙ୍କ ହେବ ନିଶୁଳ୍କ ଗ୍ରହଣ ଖଣ୍ଡିଆ ଅପରେସନ୍

ଭୁବନେଶ୍ୱର (ସବ୍ୟୁ): କ୍ରେଡିଟ୍ଆକ୍ସେସ୍ ଇଣ୍ଡିଆ ଫାଉଣ୍ଡେସନ୍ ଏବଂ 'ମିସନ୍ ସ୍ମାଇଲ୍'ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍‌ଠାରେ 'ଗ୍ରାମୀଣ ସ୍ମାଇଲ୍' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ପରିବାରର ଶିଶୁମାନଙ୍କୁ ନିଶୁଳ୍କ, ନିରାପଦ ତଥା ସମ୍ପୂର୍ଣ୍ଣ କ୍ଲେଫ୍ଟ (କଟା ଓଠ ଓ ତାଲୁ) ଚିକିତ୍ସା ସେବା ଯୋଗାଇଦେବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନା ଅଧୀନରେ ୬ ମାସରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା ୫୦ଜଣ ଶିଶୁଙ୍କୁ ସାମିଲ କରାଯାଇଛି । ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅବଧି ମଧ୍ୟରେ ପ୍ରତ୍ୟେକ ଶିଶୁଙ୍କୁ ବିନା ମୂଲ୍ୟରେ ଅସ୍ତ୍ରୋପଚାର, ଆନୁଷଙ୍ଗିକ ଔଷଧ ସେବା ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ପ୍ରଦାନ କରାଯିବ । ଏହି ଭାଗିଦାରୀ ଅଧୀନରେ ହାଇଟେକ୍ ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍ ଅସ୍ତ୍ରୋପଚାର ପାଇଁ ଆବଶ୍ୟକୀୟ ଡାକ୍ତରୀ ସୁବିଧା ଯୋଗାଇଦେବ, ଅପରପକ୍ଷରେ 'ମିସନ୍ ସ୍ମାଇଲ୍' ରୋଗୀ ଚିହ୍ନଟ, ସ୍କ୍ରିନିଂ, ପଞ୍ଜୀକରଣ, ଅସ୍ତ୍ରୋପଚାର ସୁବିଧା, ପରବର୍ତ୍ତୀ ଯତ୍ନ ଏବଂ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବ । ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୫୩ହଜାରରୁ ଅଧିକ ଶିଶୁଙ୍କ ଏହି ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର କରାଯାଇଛି. ସେଥିମଧ୍ୟରୁ କେବଳ ଓଡିଶାରେ ୩ହଜାର ଏବଂ ହାଇଟେକ୍ ଡେଣ୍ଟାଲ୍ ହସ୍ପିଟାଲରେ ୨ହଜାର ଅସ୍ତ୍ରୋପଚାର କରାଯାଇଛି । ମିସନ୍ ସ୍ମାଇଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କନରାଡ୍ ଜି. ଡେନିସ୍ କହିଛନ୍ତି ଯେ, ପ୍ରତ୍ୟେକ ସଫଳ ଅସ୍ତ୍ରୋପଚାର ଜଣେ ଶିଶୁକୁ ଖାଇବା, କଥା କହିବା, ହସିବା ଏବଂ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାର ସୁଯୋଗ ଦିଏ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ଧଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ,ହାଇଟେକ୍ ଡେଣ୍ଟାଲ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ମଧୁସ୍ମିତା ତ୍ରିପାଠୀ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହାଇଟେକ୍ ଡେଣ୍ଟାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସଂଗ୍ରାମ ପାତ୍ର, ପ୍ରଫେସର ଡାକ୍ତର ଅଭିତୋଷ ଦେବତା, ମିଶନ ସ୍ମାଇଲର ସିଇଓ କର୍ଣ୍ଣାଡ୍ ଡେନିସ୍, ଡାକ୍ତର. ସିଦ୍ଧାର୍ଥ ନାୟକ, ଡାକ୍ତର ନାରାୟଣ ଆଚାର୍ଯ୍ୟ,ଜିତେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ ।





## ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସ ନୂତନ ୟୁଲିପ ପଲିସି

ଭୁବନେଶ୍ୱର, (ସବ୍ୟୁ): ବନ୍ଧନ ଗ୍ରୁପର ଜୀବନ ବୀମା ଶାଖା, ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସ, ବନ୍ଧନ ଲାଇଫ୍ ଆଇଇନଭେଷ୍ଟ ଅଲ୍ଟିମା ପ୍ଲସ୍ ଆରମ୍ଭ କରିଛି, ଯାହାଏକ ୟୁନିଟ୍ ଲିଙ୍କ୍ଡ ବୀମା ଯୋଜନା । ଏହା ଗ୍ରାହକ ମାନଙ୍କୁ ସେମାନଙ୍କ ପ୍ରିୟଜନଙ୍କୁ ସୁରକ୍ଷା ଦେବା ସହିତ ଦୀର୍ଘକାଳୀନ ସମ୍ପତି ନିର୍ମାଣ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି । ଯୋଜନା ସହିତ, କମ୍ପାନୀ ଏକ ନୂତନ ବନ୍ଧନ ଲାଇଫ୍ ମଲ୍ଟି କ୍ୟାପ୍ ଫଣ୍ଡଶୁଭାରମ୍ଭ ଘୋଷଣା କରିଛି, ଯାହା ଗ୍ରାହକମାନଙ୍କୁ ଭାରତର ଦୀର୍ଘକାଳୀନ ଅଭିବୃଦ୍ଧି କାହାଣୀରେ ଅଂଶଗ୍ରହଣ କରିବାର ଆଉ ଏକ ସୁଯୋଗ ପ୍ରଦାନ କରୁଛି । ପ୍ରତି ୟୁନିଟ୍ ଟ.୧୦ ର ପ୍ରାରମ୍ଭିକ ନେଟ୍ ଆସେଟଭ୍ୟାଲ୍ୟୁ ସହିତ ନ୍ୟୁଫଣ୍ଡଲ ସେପ୍ଟେମ୍ବର ୨୧, ୨୦୨୬ପର୍ଯ୍ୟନ୍ତ ଖୋଲା ରହିବ । ଶୁଭାରମ୍ଭ ବିଷୟରେ ମତାମତ ଦେଇ, ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ସତୀଶ୍ୱର ବି. କହିଛନ୍ତି, "ବର୍ଦ୍ଧିତ ଆକାଂକ୍ଷା, ଅଧିକ ଆର୍ଥିକ ସଚେତନତା ଏବଂ ଆନୁଷ୍ଠାନିକ ଆର୍ଥିକ ବଜାରରେ ବୃଦ୍ଧି ପାଉଥିବା ଅଂଶଗ୍ରହଣ ଦ୍ୱାରା ଭାରତର ଅଭିବୃଦ୍ଧି କାହାଣୀ କ୍ରମଶଃ ରୂପ ନେଉଛି । ଅଧିକ ଭାରତୀୟ ଦୀର୍ଘକାଳୀନ ସମ୍ପତି ନିର୍ମାଣ କରିବାକୁ ଏବଂ ସେମାନଙ୍କ ପରିବାରର ଭବିଷ୍ୟତକୁ ସୁରକ୍ଷିତ କରିବାକୁ ଚାହୁଁଥିବାରୁ, ସୁରକ୍ଷା, ଶୃଙ୍ଖଳିତ ନିବେଶ ଏବଂ ଅର୍ଥପୂର୍ଣ୍ଣ ଦୀର୍ଘକାଳୀନ ମୂଲ୍ୟକୁ ଏକତ୍ରିତ କରୁଥିବା ସମାଧାନର ଆବଶ୍ୟକତା କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହେଉଛି ।


# ସମ ନର୍ସିଂ କଲେଜ-୨ରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ଡିମ୍ଡ ଟୁ ବି ୟୁନିଭର୍ସିଟି) ପରିଚାଳିତ ଫ୍ୟାକଲ୍ଟି ଅଫ୍ ନର୍ସିଙ୍ଗ, ସମ୍ ନର୍ସିଙ୍ଗ କଲେଜ କ୍ୟାମ୍ପସ -୨, ଫୁଲନଖରା ପକ୍ଷରୁ ଗୁରୁବାର ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ-୨୦୨୬ ଉପଲକ୍ଷେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥିବୃନ୍ଦ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଭାଗ ନେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆତ୍ମହତ୍ୟା ନିରୋଧ ସଂପର୍କରେ ସଚେତନତା ସୃଷ୍ଟି କରିବା, ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଇବା ଏବଂ ଆବଶ୍ୟକ ସମୟରେ ଉପଯୁକ୍ତ ସହାୟତା ନେବା ପାଇଁ ପ୍ରେରଣା ଦେବା । ଏହି ସଚେତନତା କାର୍ଯ୍ୟକ୍ରମର ପ୍ରସଙ୍ଗ "ଆତ୍ମହତ୍ୟା ସଂପର୍କିତ ଧାରଣାରେ ପରିବର୍ତ୍ତନ, ଆହ୍ୱାନ: ଆଲୋଚନା ଆରମ୍ଭ କରନ୍ତୁ" ବାର୍ତ୍ତା ମାଧ୍ୟମରେ ମାନସିକ ଚାପରେ ଥିବା ବ୍ୟକ୍ତିଙ୍କ କଥାକୁ ଧୈର୍ଯ୍ୟର ସହିତ ଶୁଣିବା, ବୁଝିବା ଏବଂ ସହାନୁଭୂତି ସହ ସହାୟତା କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଆତ୍ମହତ୍ୟା ନିରୋଧ, ମାନସିକ ସ୍ୱାସ୍ଥ୍ୟର ଯତ୍ନ, ମାନସିକ ଚାପର ପରିଚାଳନା ଏବଂ ସମୟୋଚିତ ମାନସିକ ସହାୟତାର ଗୁରୁତ୍ୱ




ସମ୍ ନର୍ସିଙ୍ଗ କଲେଜ କ୍ୟାମ୍ପସ-୨ ର ଡିନ୍ ପ୍ରଫେସର ଡ଼ାକ୍ତର ଅନୁରାଧା ପଣ୍ଡା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥି ଭାବେ କ୍ଲିନିକାଲ୍ ସାଇକୋଲୋଜିଷ୍ଟ ତଥା ସାଇକିଆଟ୍ରିକ୍ ସୋସିଆଲ୍ ୱର୍କର ଶ୍ରୀମତି ଶୁଭାସିନୀ ମହାନ୍ତି ଯୋଗ ଦେଇଥିଲେ । ସେ ସଂପର୍କରେ ମୂଲ୍ୟବାନ ଓ ପ୍ରେରଣାଦାୟକ ମତାମତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା, ସହାନୁଭୂତି, ଆଶା ଏବଂ ଜୀବନର ମୂଲ୍ୟ ସଂପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ସମସ୍ତଙ୍କ ନିକଟରେ ପହଂଚା ଯାଇଥିଲା । ସକ୍ରିୟ ଅଂଶଗ୍ରହଣ ଓ ଉତ୍ସାହ ମଧ୍ୟରେ କାର୍ଯ୍ୟକ୍ରମଟି ସମାପ୍ତ ହୋଇଥିଲା ।

## ବିଶ୍ୱସ୍ତରୀୟ ନିବେଶ ସଂସ୍ଥା ଜେଫ୍ରିଜ୍ ରିପୋର୍ଟ

# ଭାରତର ନୂତନ ଶିଳ୍ପ ବିପ୍ଳବକୁ ପ୍ରଶଂସା

ନୂଆଦିଲ୍ଲୀ : ବିଶ୍ୱସ୍ତରୀୟ ନିବେଶ ବ୍ୟାଙ୍କ ଜେଫ୍ରିଜ୍ ୯ ସେପ୍ଟେମ୍ବର ପ୍ରକାଶ କରିଥିବା ଏହାର ରିପୋର୍ଟରେ ଛଅଟି ଉଚ୍ଚ ଅଭିବୃଦ୍ଧି କ୍ଷେତ୍ରରେ ଭାରତର ଉପଲବ୍ଧିକୁ ଉଚ୍ଚ ପ୍ରଶଂସା କରିଛି । ବୃହତ ଘରୋଇ ବଜାର, ବେସରକାରୀ କ୍ଷେତ୍ରର ଅଧିକରୁ ଅଧିକ ଅଂଶଗ୍ରହଣ ଏବଂ ଦୀର୍ଘସ୍ଥାୟୀ ନୀତିଗତ ସମର୍ଥନ କାରଣରୁ ଭାରତରେ ଏକ ନୂତନ ଶିଳ୍ପ ବିପ୍ଳବ ଆସିଥିବା ସଂସ୍ଥା କହିଛି । ବିଶେଷ କରି ମହାକାଶ କ୍ଷେତ୍ରକୁ ବେସରକାରୀ ସଂସ୍ଥା ପାଇଁ ଖୋଲିବା, ଡାଟା ସେଣ୍ଟର ପ୍ରତିଷ୍ଠା ନିମନ୍ତେ ଟିକସ କୋହଳ କରିବା, ସେମିକଣ୍ଡକଫର, ଇଲେକ୍ଟ୍ରୋନିକ୍ସ ଓ ସୌରଶକ୍ତି ପ୍ରୋତ୍ସାହନ ଯୋଜନା ଏବଂ ସ୍ଥାନୀୟ ପଦକ୍ଷେପ ସହିତ ସରକାରୀ ଜିପିୟୁ କ୍ରୟ ଭଳି ପ୍ରୟାସ ଏସବୁ ଉଦୀୟମାନ କ୍ଷେତ୍ରରେ ପ୍ରଗତିକୁ ଆଗେଇ ନେଉଥିବା ଜେଫ୍ରିଜ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।ଜେଫ୍ରିଜ୍ କହିଛି, ମହାକାଶ କ୍ଷେତ୍ରରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କ୍ଷମତା ଥିବା ବିଶ୍ୱର ହାତଗଣତି ଦେଶ ମଧ୍ୟରୁ ଭାରତ ଅନ୍ୟତମ । ସ୍କାଏରୁଟ୍, ପିକ୍ସେଲ ଓ ଅଗ୍ନିକୁଲ୍ ଭଳି ବେସରକାରୀ ସଂସ୍ଥା ବାଣିଜ୍ୟିକ




ମହକାଶ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଅଗ୍ରସର ହେଉଥିବାରୁ ଏହି ମହାକାଶ ଅର୍ଥବ୍ୟବସ୍ଥା ୨୦୩୦ ସୁଦ୍ଧା ୫ ଗୁଣ ବୃଦ୍ଧି ପାଇ ୪ ହଜାରରୁ ୪,୫୦୦ କୋଟି ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି । ସେମିକଣ୍ଡକଫର କ୍ଷେତ୍ରରେ ଭାରତର ପ୍ରୋତ୍ସାହନ ନୀତିଗତ କାର୍ଯ୍ୟକାରିତାରୁ ପ୍ରାୟ ୨ ହଜାର କୋଟି ଡଲାର ନିବେଶରେ ରୂପାନ୍ତରିତ ହୋଇଛି ।ଗୋଟିଏ ଚିପ୍ ଫାବ୍ ନିର୍ମାଣାଧୀନ ରହିଥିବାବେଳେ ଏକାଧିକ ଓଏସଏଟି ପ୍ରକଳ୍ପରେ ଉତ୍ପାଦନ ଆରମ୍ଭ ହୋଇଛି । ଏହି କ୍ଷେତ୍ରରେ ଆହୁରି ପ୍ରାୟ ୧୩ ଶହ କୋଟି ଡଲାର ମୂଲ୍ୟର ପ୍ରୋତ୍ସାହନ ଯୋଜନା ସେମିକଣ୍ଡକଫର ଇକୋସିଷ୍ଟମକୁ ଅଧିକ ମଜଭୁତ କରିବ ।ଅନୁରୂପ ଭାବେ ଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତର ଡାଟା ସେଣ୍ଟର କ୍ଷମତା ୫ ଗୁଣ ବୃଦ୍ଧି ପାଇ ୨ ଗିଗାଓ୍ୱାଟରେ ପହଞ୍ଚିଛି ଏବଂ ଏହା ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୧୦ ଗିଗାଓ୍ୱାଟରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଫଳରେ ଶକ୍ତି, କୁଲିଂ,ନିର୍ମାଣ ଏବଂ ନେଟଓ୍ୱର୍କ କ୍ଷେତ୍ରରେ ୪୫ ହଜାର କୋଟି ଡଲାର ନିବେଶ ସୁଯୋଗ ସୃଷ୍ଟି ହେବ ।ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ମଧ୍ୟ ଭାରତ ଆସେମ୍ବି ଠାରୁ ଆଗକୁ ବଢ଼ି ଉଚ୍ଚ ମୂଲ୍ୟ ବୃଦ୍ଧି ଏବଂ ସରଞ୍ଜାମ ଉତ୍ପାଦନରେ ପ୍ରବେଶ କରିଛି । ମୋବାଇଲ ସରଞ୍ଜାମ କ୍ଷେତ୍ରରେ ଘରୋଇ ମୂଲ୍ୟ ବୃଦ୍ଧି ୨୦% ରୁ କମ୍ ଥିବା ବେଳେ ଏହା ଆସନ୍ତା ୬ ବର୍ଷରେ ୫୦%ରେ ପହଞ୍ଚିବାର ଆଶା କରାଯାଉଛି ।ଭାରତ ଏବେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସୌର ପିଭି ନିର୍ମାତା । ଦେଶର କାର୍ଯ୍ୟକ୍ଷମ ସେଲ୍ କ୍ଷମତା ପ୍ରାୟ ୩୫ ଗିଗାଓ୍ୱାଟ ଥିବା ବେଳେ ଆଉ ପ୍ରାୟ ୧୦୦ ଗିଗାଓ୍ୱାଟ ନିର୍ମାଣାଧୀନ ରହିଛି । ୨୦୩୦ ସୁଦ୍ଧା ମୂଲ୍ୟ ଶୃଙ୍ଖଳାର ପ୍ରାୟ ୯୦% ସ୍ଥାନୀୟ ଉତ୍ପାଦନ ହେବ ବୋଲି ଜେଫ୍ରିଜ୍ ପକ୍ଷରୁ ଆକଳନ କରାଯାଇଛି ।ଭାରତ ବିଶ୍ୱ ଏରୋସ୍ପେସ୍ ଚାହିଦା-ଯୋଗାଣ ଅସନ୍ତୁଳନର ଏକ ଲାଭାର୍ଥୀ ଭାବରେ ଉଭା ହେଉଛି ଛ ଏହା ମୂଲ୍ୟ ପ୍ରତିଯୋଗିତାମୂଳକ ଉତ୍ପାଦନ ଏବଂ ଇଞ୍ଜିନିୟରିଂ ପ୍ରତିଭା ଦ୍ୱାରା ସମର୍ପିତ । ବୋଇଂ ଓ ଏୟାରବସ୍ ପୂର୍ବରୁ ଭାରତରୁ ବାର୍ଷିକ ୧୪୦ରୁ ୧୬୦ କୋଟି ଡଲାର ସାମଗ୍ରୀ ଆମଦାନୀ କରୁଛନ୍ତି । ଅନ୍ୟପଟେ ଭାରତୀୟ ଫାର୍ମଗୁଡ଼ିକ ବିଶ୍ୱର ଓଇଏମ ଏବଂ ଟିୟର-୧ କମ୍ପାନୀଗୁଡ଼ିକୁ ଯୋଗାଣ କରୁଛନ୍ତି । ଭାରତରେ ଘରୋଇ କ୍ଷେତ୍ରରେ ରହିଥିବା ବ୍ୟାପକ ସୁଯୋଗ, ବେସରକାରୀ କ୍ଷେତ୍ରର ବର୍ଦ୍ଧିତ ଅଂଶଗ୍ରହଣ ଏବଂ ସରକାରଙ୍କ ସହଯୋଗ ଫଳରେ ନୂତନ ଉଦ୍ୟୋଗର ବିସ୍ତାରକୁ ଜେଫ୍ରିଜ୍ ରିପୋର୍ଟରେ ଉଚ୍ଚ ପ୍ରଶଂସା କରାଯାଇଛି । ଏହାଦ୍ୱାରା ଘରୋଇ ସାମର୍ଥ୍ୟ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା କ୍ଷମତା ବଢ଼ିବ ବୋଲି ସଂସ୍ଥା କହିଛି ।

## ପ୍ୟାରିସରେ ଅନ୍ତର୍ଜାତୀୟ ମହାକାଶ ସମ୍ମିଳନୀ

# ଭିସି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

ନୂଆଦିଲ୍ଲୀ : ପ୍ୟାରିସରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ମହାକାଶ ସମ୍ମିଳନୀରେ ଭାଗ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମସନ୍ତୋଷ ପ୍ରକାଶ କରିଛନ୍ତି । ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ତାଙ୍କର ଅଭିଭାଷଣ ରଖିଛନ୍ତି ।ସେ ରାଷ୍ଟ୍ରପତି ମାକ୍ରୋନଙ୍କୁ ତାଙ୍କର ହାର୍ଦ୍ଦିକ ନିମନ୍ତ୍ରଣ ଏବଂ ଏହି ସମୟୋଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଧନ୍ୟବାଦ ଜଣାଇଛନ୍ତି । ଶତାବ୍ଦୀ ଧରି, ମହାକାଶ ଆମର କଳ୍ପନାକୁ ପ୍ରେରଣା ଦେଇଛି । ଆଜି, ଏହା ପୃଥିବୀରେ ଜଳବାୟୁ ଏବଂ ଫସଲରୁ ଆରମ୍ଭ କରି ମହାସାଗର ଏବଂ ସମ୍ପ୍ରଦାୟ ପର୍ଯ୍ୟନ୍ତ ଜୀବନକୁ ଆକାର ଦେଉଛି । ମହାକାଶର ପ୍ରତିଶ୍ରୁତି ଅସୀମ ।ଆମର ଦାୟିତ୍ୱ ମଧ୍ୟ ସାମୂହିକ । ଦିନକୁ ଦିନ କକ୍ଷପଥରେ ଭିଡ଼ ବଢ଼ିବା ସହ ପ୍ରଯୁକ୍ତିବିଦ୍ୟା ଅଧିକ ବିକଶିତ ହେଉଛି ଏବଂ ଏ ସମ୍ପର୍କିତ ଦେଶମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି ।ତେଣୁ ଆମର ବିକଳ୍ପ ନିଶ୍ଚିତ ଭାବରେ ସ୍ପଷ୍ଟ ହେବା ଉଚିତ: ସଂଘର୍ଷ ଅପେକ୍ଷା ସହଯୋଗ , ସ୍ୱଳ୍ପକାଳୀନ ଲାଭ ପରିବର୍ତ୍ତେ ସହଯୋଗ ଏବଂ ବାଦ ଦେବା ପରିବର୍ତ୍ତେ ସମାବେଶନ ହେବା ଉଚିତ୍ ।ଭାରତର ଦୃଷ୍ଟିକୋଣ 'ବସୁଧୈବ କୁଟୁମ୍ବକମ୍' ସିଦ୍ଧାନ୍ତ ଉପରେ ଆଧାରିତ, ଯାହାର ଅର୍ଥ ହେଉଛି - ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ । ଏହି ଭାବନା ବର୍ତ୍ତମାନ ପୃଥିବୀର ସୀମା ଅତିକ୍ରମ କରି ଆଗକୁ ବଢ଼ିବା ଆବଶ୍ୟକ । ଅନ୍ତର୍ଜାତୀୟ ଆଇନ,



ଆଲୋଚନା ଏବଂ ବହୁପକ୍ଷୀୟ ସହଯୋଗ ଉପରେ ଆଧାରିତ ଏକ ସୁରକ୍ଷିତ, ନିରାପଦ, ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ମହାକାଶ କ୍ଷେତ୍ରକୁ ଆମେ ସମର୍ଥନ କରୁଛୁ ।ବୈଜ୍ଞାନିକ ତଥ୍ୟଗୁଡିକ ସ୍ୱଚ୍ଛ ଓ ସତ୍ୟନିଷ୍ଠା ସହିତ ସାମୂହିକ କଲ୍ୟାଣରେ ଉପଯୋଗ ହେବା ଉଚିତ । ଭାରତର ମହାକାଶ ଯାତ୍ରା ଏହି ଦର୍ଶନକୁ ପ୍ରତିଫଳିତ କରେ । ଏହି ଯାତ୍ରାର ମୁଖ୍ୟ ଆଧାର ହୋଇଥିବା 'ଇସ୍ରୋ' ନିଜର ଉତ୍କର୍ଷତା ଏବଂ ସ୍ୱଳ୍ପ-ବ୍ୟୟବହୁଳ ମିଶନ ପାଇଁ ବିଶ୍ୱସ୍ତରୀୟ ପ୍ରଶଂସା ଲାଭ କରିଛି । ଏହାର କ୍ଷମତା କୃଷକ ଓ ମତ୍ସ୍ୟଜୀବୀଙ୍କ ସେବା କରିବା ସହିତ ପାଣିପାଗ ପୂର୍ବାନୁମାନ, ବିପର୍ଯ୍ୟୟ ପରିଚାଳନା ଏବଂ ନାଭିଗେସନ (ଦିଗ ନିର୍ଣ୍ଣୟ) କ୍ଷେତ୍ରରେ ସହାୟକ ହୋଇଥାଏ । ଭାରତୀୟ ରକେଟ୍ ମାଧ୍ୟମରେ ୩୪ଟି ଦେଶର ୪୩୦ରୁ ଅଧିକ ଉପଗ୍ରହ ମହାକାଶକୁ ପଠାଯାଇଛି । ଇସ୍ରୋର ପ୍ରଯୁକ୍ତିବିଦ୍ୟା ଏବଂ ଭାଗୀଦାରୀ କେବଳ ଭାରତ ନୁହେଁ, ବରଂ ସମଗ୍ର ବିଶ୍ୱର ସେବା କରୁଛି । ଏହି ବିଶ୍ୱସ୍ତରୀୟ ବିଶ୍ୱାସ ପଛରେ ଭାରତୀୟ ବୈଜ୍ଞାନିକ, ଯନ୍ତ୍ରୀ ଏବଂ ବୈଷୟିକ କର୍ମଚାରୀଙ୍କ ଅନେକ ପିଢ଼ିର ନିଷ୍ଠା ଓ କଠିନ ପରିଶ୍ରମ ରହିଛି । ଦିନରାତି କଠିନ ପରିଶ୍ରମ କରି ସେମାନେ ଗୋଟିଏ ପରେ ଗୋଟିଏ ମିଶନ୍ ଏବଂ ସଫଳତା ମାଧ୍ୟମରେ ଇସ୍ରୋର ବିଶ୍ୱସ୍ତରୀୟ ଖ୍ୟାତି ଗଢ଼ି ତୋଳିଛନ୍ତି ଏବଂ ମହାକାଶ ଅଭିଯାନ ଚଳାଉଥିବା ରାଷ୍ଟ୍ରଗୁଡିକ ମଧ୍ୟରେ ଭାରତକୁ ଏକ ଗୌରବମୟ ସ୍ଥାନ ପ୍ରଦାନ କରିଛନ୍ତି । ଚନ୍ଦ୍ରଯାନ-୩ ଭାରତକୁ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରିଥିବା ପ୍ରଥମ ରାଷ୍ଟ୍ରରେ ପରିଣତ କରିଛି। ଆଦିତ୍ୟ-ଏଲ୍୧ ସୂର୍ଯ୍ୟଙ୍କ ରହସ୍ୟ ଉନ୍ମୋଚନ କରୁଛି ।

## ଚୀନ ବନ୍ଦରରେ ଅଘଟଣ

# ମାଲବାହୀ ଜାହାଜରେ ନିଆଁ : ୨୦ ମୃତ, ୫ ନିଖୋଜ

ବେଜିଂ: ଚୀନର ଏକ ବନ୍ଦରରେ ଏକ ମାଲବାହୀ ଜାହାଜରେ ନିଆଁ ଲାଗିବା ଯୋଗୁ ୨୦ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୫ ଜଣ ନିଖୋଜ ଅଛନ୍ତି । ଜାହାଜଟି ଉତ୍ତର-ପୂର୍ବ ଚୀନ୍ ଉପକୂଳରେ ଥିବା ଏକ ପ୍ରମୁଖ ଜାହାଜ ଚଳାଚଳ କେନ୍ଦ୍ର କ୍ୱିଂଡାଓ ବନ୍ଦରରେ ବେହାଇ ଜାହାଜ ନିର୍ମାଣ କମ୍ପାନିରେ ମରାମତି ପାଇଁ ଡକିଂ କରାଯାଇଥିଲା । ଟ୍ରାକିଂ ୱେବସାଇଟ୍ ଫାଇଣ୍ଡର ଅନୁଯାୟୀ, ସିନହୁଆ ସମାଚାର ଏଜେନ୍ସି ଦ୍ୱାରା ପ୍ରକାଶିତ ଏକ ଫଟୋରେ ଜାହାଜଟି 'ଓସେନ୍ ମେଲୋଡି' ବୋଲି ଚିହ୍ନଟ କରାଯାଇଛି । ଲାଇବେରିଆ ପତାକା ବହନ କରୁଥିବା ଜାହାଜରେ ୪୨ ଜଣ ଲୋକ ଥିବାବେଳେ ୧୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ୫ ଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ଅବସ୍ଥା ସ୍ଥିର ରହିଛି ।ଅଗ୍ନିକାଣ୍ଡ ସ୍ଥାନୀୟ ସମୟ ଅନୁଯାୟୀ, ସକାଳ ୧୧ଟାରେ ଘଟିଥିଲା ଓ ଅପରାହ୍ଣ ୨ଟା ୩୦ ସୁଦ୍ଧା ନିଆଁକୁ ଆୟତ୍ତକୁ ଅଣାଯାଇଥିଲା । ଜାହାଜରେ ନିଖୋଜ ଲୋକଙ୍କୁ ତୁରନ୍ତ ଉଦ୍ଧାର



କରିବା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ନିର୍ଦ୍ଦେଶ ଜାରି କରିଛନ୍ତି । ଚୀନ୍ ପ୍ରଧାନମନ୍ତ୍ରୀ ଲି କ୍ୱିଆଙ୍ଗ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ କହିଛନ୍ତି ।

# ବିଦେଶରେ ପହଞ୍ଚିବ ଆଧାର କାର୍ଡ

ନୂଆଦିଲ୍ଲୀ : ଭାରତରେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ସ୍ୱତନ୍ତ୍ର ପରିଚୟ 'ଆଧାର'କୁ ବିଦେଶରେ ପହଞ୍ଚାଇବା ଦିଗରେ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) କାର୍ଯ୍ୟ କରୁଛନ୍ତି । ବିଶେଷ କରି ପ୍ରବାସୀ ଭାରତୀୟ ଓ ଭାରତରେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଦୃଷ୍ଟିରେ ରଖି ଏହି କାର୍ଡ ଜାରି କରାଯିବ । ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୟୁଆଇଡିଏଆଇର ସିଇଓ ସୌରଭ ବିଜୟ ଏହା କହିଥିଲେ ।ସେ କହିଲେ, ଆଧାରକୁ ଆମେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଚାହୁଁଛୁ । ସେ ଦିଗରେ କାମ ମଧ୍ୟ ଆରମ୍ଭ କରିଛୁ । ଏହା କିଭଳି ସମ୍ଭବ ହୋଇପାରିବ ତାହାକୁ ନେଇ ମାନସମନ୍ଥନ ଚାଲିଛି । କିଛି ଚିନ୍ତାଧାରା ମଧ୍ୟ ବିକଶିତ ହୋଇଛି ବୋଲି ସେ କହିଥିଲେ । ବିଦେଶରେ ବାସ କରୁଥିବା ଭାରତୀୟ ନାଗରିକମାନେ ଯେଭଳି ଆଧାରକୁ ବ୍ୟବହାର କରିପାରିବେ, ସେଥିପାଇଁ ଆଇନଗତ ଦିଗ ଉପରେ ମଧ୍ୟ ବିଚାର କରାଯାଉଛି ।ବିଜୟ କହିଥିଲେ ଯେ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ତିନିଟି ଉତ୍ପାଦ ଉନ୍ମୋଚନ କରିଛି ଯାହା ଅନ୍ତର୍ଜାତୀୟ ସ୍ତରକୁ ଯାଇପାରିବ । ଆର୍ଥିକ କାରବାରର ପ୍ରମାଣୀକରଣରେ ଆଧାର ବ୍ୟବହାର କରିବା ଉପରେ ଏନ୍‌ପିସିଆଇ ସହ ମିଶି ୟୁଆଇଡିଏଆଇ କାର୍ଯ୍ୟ କରୁଛି । ଆଧାର ପ୍ରମାଣୀକରଣ ଜରିଆରେ ଡିଜିଟାଲ୍ କେୱାଇସି ଗ୍ରାହକଙ୍କୁ ସାମିଲ କରିବା କାର୍ଯ୍ୟକୁ ସହଜ କରିପାରିଛି । ନୂଆ ଗ୍ରାହକଙ୍କୁ ଯୋଡ଼ିବାରେ ଲାଗୁ ଥିବା ସମୟ କମ୍ କରିବା ଦିଗରେ ୟୁଆଇଡିଏଆଇ କାର୍ଯ୍ୟ କରୁଛି । ଆଧାର ଲାଇଟ୍ ଭଳି ଉତ୍ପାଦ ଆଣିବାର ମଧ୍ୟ ଯୋଜନା ରହିଛି ବୋଲି ସେ କହିଥିଲେ ।

# ସମ୍ପତ୍ତି ବିବାଦରେ ପୁଅକୁ ସୁପ୍ରିମକୋର୍ଟଙ୍କ ତାଗିଦ

ନୂଆଦିଲ୍ଲୀ: ସମ୍ପତ୍ତି ବିବାଦକୁ ନେଇ ମାତାପିତାଙ୍କ ବିରୋଧରେ ଆଇନଗତ ଲଢ଼େଇ କରୁଥିବା ଜଣେ ପୁଅଙ୍କୁ ଗୁରୁବାର କଡ଼ା ତାଗିଦ କରିଛନ୍ତି ସୁପ୍ରିମକୋର୍ଟ । ଦିଲ୍ଲୀର ଏହି ସମ୍ପତ୍ତି ବିବାଦରେ ପୁଅର ଆବେଦନ ଖାରଜ କରିବା ସହ ତାଙ୍କୁ ମା'ଙ୍କ ନିକଟକୁ ଯାଇ କ୍ଷମା ମାଗିବା ଏବଂ ପାଦ ଛୁଇଁ ଆଶୀର୍ବାଦ ନେବାକୁ କହିଛନ୍ତି କୋର୍ଟ । ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମା ଓ ଏନ୍. କୋଟୀଶ୍ୱର ସିଂହଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ ।ମାତାପିତା ନିଜ ରୋଜଗାରର ଟଙ୍କାରେ ଦିଲ୍ଲୀରେ ଏହି ଘର ତିଆରି କରିଥିଲେ । ପୁଅ ଓ ବୋହୂଙ୍କ ପ୍ରତି ସ୍ନେହ ଯୋଗୁଁ ସେମାନଙ୍କୁ ଘରର ପ୍ରଥମ ମହଲାରେ ବିନା ଭଡ଼ାରେ ରହିବାକୁ ଅନୁମତି ଦେଇଥିଲେ । ପରେ ପୁଅ ଓ ତାଙ୍କ ପତ୍ନୀ ଜାଲ୍ ଦସ୍ତାବିଜ ଆଧାରରେ ଘର ଉପରେ ମାଲିକାନା ଦାବି କରିଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ମାତାପିତାଙ୍କ ସହ ସେମାନଙ୍କର ସମ୍ପତ୍ତି ବିବାଦ ଦେଖାଦେଇଥିଲା । ତଳ କୋର୍ଟ ମାତାପିତାଙ୍କ ସପକ୍ଷରେ ରାୟ ଦେଇଥିଲେ । ପରେ ଦିଲ୍ଲୀ ହାଇକୋର୍ଟ ମଧ୍ୟ ସେହି ରାୟକୁ ବଜାୟ ରଖିଥିଲେ । ଏହା ବିରୋଧରେ ପୁଅ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହେଲେ ସୁପ୍ରିମକୋର୍ଟ ମଧ୍ୟ ତାଙ୍କ ଆବେଦନ ଖାରଜ କରି ହାଇକୋର୍ଟଙ୍କ ରାୟକୁ ବଜାୟ ରଖିଛନ୍ତି ।ଶୁଣାଣି ସମୟରେ ଜଷ୍ଟିସ୍ ସତୀଶ ଚନ୍ଦ୍ର



ଶର୍ମା କହିଥିଲେ, ପୁଅର ଏଭଳି ଆଚରଣ ଠିକ୍ କି? ସେ ମା'ଙ୍କ ପାଖକୁ ଯାଇ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେବା ଉଚିତ । ମା'ଙ୍କଠାରୁ କ୍ଷମା ମାଗିବା ଦରକାର ବୋଲି ମଧ୍ୟ ଖଣ୍ଡପୀଠ କହିଥିଲେ । ଭାରତୀୟ ସମାଜ ଓ ବିଭିନ୍ନ ଧର୍ମରେ ମା'ଙ୍କୁ ଦିଆଯାଇଥିବା ସମ୍ମାନଜନକ ସ୍ଥାନକୁ କୋର୍ଟ ଉଲ୍ଲେଖ କରିଥିଲେ । ଏହା ସହ ପୁଅକୁ ୬୦ ଦିନ ମଧ୍ୟରେ ଘର ଖାଲି କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାତାପିତାଙ୍କୁ କ୍ଷତିପୂରଣ ଦେବାକୁ ମଧ୍ୟ ତାଙ୍କୁ କୁହାଯାଇଛି । ସମ୍ପତ୍ତି ପାଇଁ ମାତାପିତାଙ୍କୁ ହଇରାଣ କରୁଥିବା ସନ୍ତାନଙ୍କ ଏଭଳି ଆଚରଣକୁ ଆଇନର ସୁରକ୍ଷା ମିଳିପାରିବ ନାହିଁ ବୋଲି ସୁପ୍ରିମ୍କୋର୍ଟ ସ୍ପଷ୍ଟ କରିଛନ୍ତି ।

# ଭାରତ ପାଖରେ ୧୯୦ ପରମାଣୁ ବୋମା ରହିଛି : ଆମେରିକା

ୱାଶିଂଟନ: ଗତବର୍ଷ 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ସହିତ ଉତ୍ତେଜନା ବୃଦ୍ଧିକୁ ଲକ୍ଷ୍ୟ କରି ଭାରତ ଏହାର ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧି କରିଛି ବୋଲି ଆମେରିକୀୟ ଥିଙ୍କ୍ ଟ୍ୟାଙ୍କ ଫେଡେରେସନ ଅଫ୍ ଆମେରିକୀୟ ସାଇଣ୍ଟିଷ୍ଟ (ଏଫ୍ଏଏସ୍)ର ଏକ ନୂତନ ରିପୋର୍ଟରେ ପ୍ରକାଶ କରିଛି ।ରିପୋର୍ଟ ଅନୁଯାୟୀ, ଭାରତ ପାଖରେ ବର୍ତ୍ତମାନ ୧୯୦ଟି ପରମାଣୁ ଅସ୍ତ୍ର ଅଛି । ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଆଉ ୩୫ଟି ପରମାଣୁ ଅସ୍ତ୍ର ବିକଶିତ କରିପାରେ, ଯାହା ମୋଟ ସଂଖ୍ୟା ଅସ୍ତ୍ର ସଂଖ୍ୟା ୨୨୫କୁ ବୃଦ୍ଧି କରିବ । ଏଫଏଏସ୍ ରିପୋର୍ଟ ଅନୁଯାୟୀ, ଭାରତ ସମୁଦ୍ରରେ ମଧ୍ୟ ପରମାଣୁ ଆକ୍ରମଣର ମୁକାବିଲା ପାଇଁ ନିଜର କ୍ଷମତାକୁ ମଧ୍ୟ ନିରନ୍ତର ଭାବରେ ମଜବୁତ କରୁଛି । ଭାରତ ସମୁଦ୍ରରେ ନିଜର 'ପରମାଣୁ ସୁରକ୍ଷା କବଚ' ନିର୍ମାଣ କରୁଛି । ଭାରତ ଏପ୍ରିଲ ୨୦୨୬ ରେ ଏହାର ତୃତୀୟ ସ୍ୱଦେଶୀ ପରମାଣୁ ଚାଳିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବୁଡ଼ାଜାହାଜ ଆଇଏନ୍ଏସ୍ ଅରିଦମନକୁ କାର୍ଯ୍ୟକ୍ଷମ କରିଛି ।ଭାରତର ୧୯୦ଟି ପରମାଣୁ ଯୁଦ୍ଧାସ୍ତ୍ର ମଧ୍ୟରୁ ୧୬୦ରୁ ଅଧିକ ଅସ୍ତ୍ର ପୂର୍ବରୁ ଥିବା କ୍ଷେପଣାସ୍ତ୍ର ପାଇଁ ଉଦ୍ଦିଷ୍ଟ; ଅବଶିଷ୍ଟ ନୂତନ କ୍ଷେପଣାସ୍ତ୍ର ପାଇଁ ପ୍ରସ୍ତୁତ ହେଉଛି । ଏଫ୍ଏଏସ୍ ଆକଳନ କରିଛି ଯେ ଭବିଷ୍ୟତରେ ଭାରତର ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର ବୃଦ୍ଧି ପାଇପାରେ । ଭାରତ ନିରନ୍ତର ଏହାର ପରମାଣୁ ଶକ୍ତିକୁ ଆଧୁନିକୀକରଣ କରୁଛି । ଗତ କିଛି ବର୍ଷ ମଧ୍ୟରେ ଅନେକ ନୂତନ ପରମାଣୁ-ସମର୍ଥ ଅସ୍ତ୍ରଶସ୍ତ୍ରକୁ ସାମରିକ ଶକ୍ତିରେ ସାମିଲ କରାଯାଇଛି । ଏହି ସମୟରେ କିଛି ନୂତନ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ବର୍ତ୍ତମାନ ବିକାଶାଧୀନ ଅଛି । ରିପୋର୍ଟ ଅନୁଯାୟୀ, ୨୦୨୬ ଆରମ୍ଭ ସୁଦ୍ଧା ଭାରତରେ ପ୍ରାୟ ୭୩୦ କିଲୋଗ୍ରାମ ଅସ୍ତ୍ର-ଗ୍ରେଡ୍ ପ୍ଲୁଟୋନିୟମ୍ ରହିବ ବୋଲି ଆକଳନ କରାଯାଇଛି । ଏହି ପରିମାଣର ପ୍ଲୁଟୋନିୟମ୍ ୨୨୫ଟି ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ଉତ୍ପାଦନ କରିପାରିବ । ତଥାପି ରିପୋର୍ଟ ସ୍ପଷ୍ଟ କରିଛି ଯେ, ଏହା କେବଳ ଏକ ଆକଳନ; ପ୍ରକୃତ ସଂଖ୍ୟା ଯୁଦ୍ଧାସ୍ତ୍ର ଡିଜାଇନ୍ ଓ ସଂରକ୍ଷଣରେ ରଖାଯାଇଥିବା ସାମଗ୍ରୀ ଉପରେ ନିର୍ଭର କରେ । ଏଫ୍ଏଏସ୍ ରିପୋର୍ଟରେ ଅଗ୍ନି-୫ ରେ ଉନ୍ନତି ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି ।

# ବ୍ରିକ୍ସ ସମ୍ମିଳନୀରେ ଭାଗ ନେବେ ବିଶ୍ୱସ୍ତରୀୟ ନେତା

ନୂଆଦିଲ୍ଲୀ: ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀ ୧୮ ତମ ବ୍ରିକ୍ସ ଲିଡର୍ସ ସମ୍ମିଳନୀ ଆୟୋଜନ କରିବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ପ୍ରସାରିତ ବ୍ରିକ୍ସ ଗୋଷ୍ଠୀ ଓ ଅଂଶୀଦାର ଦେଶଗୁଡ଼ିକର ନେତାମାନଙ୍କୁ ସ୍ୱାଗତ କରିବେ । ସେପ୍ଟେମ୍ବର ୧୨ ତାରିଖରେ ୧୧ଟି ବ୍ରିକ୍ସ ସଦସ୍ୟ ଦେଶର ମୁଖ୍ୟଙ୍କ ସହିତ କାର୍ଯ୍ୟକ୍ରମ ଆରମ୍ଭ ହେବ । ଅଂଶୀଦାର ଦେଶର ନେତା ଏବଂ ଆଉଟରିଚ୍ ନିମନ୍ତ୍ରିତ ବ୍ୟକ୍ତିମାନେ ରବିବାର ସେପ୍ଟେମ୍ବର ୧୩ ତାରିଖରେ ଶିଖର ସମ୍ମିଳନୀରେ ଯୋଗଦେବେ । ଭାରତ ଚଳିତ ବର୍ଷ ବ୍ରିକ୍ସର ଅଧ୍ୟକ୍ଷତା କରୁଛି । ଏହି ଶିଖର ସମ୍ମିଳନୀ ଭାରତ ମଣ୍ଡପମରେ ଅନୁଷ୍ଠିତ ହେବ । ବାଣିଜ୍ୟ, ନିବେଶ, ଶକ୍ତି ଓ ଖାଦ୍ୟ ସୁରକ୍ଷା, ଯୋଗାଣ ଶୃଙ୍ଖଳା ଓ ବିଶ୍ୱ ସୁଶାସନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯିବ । ବ୍ରିକ୍ସର ୧୧ ପୂର୍ଣ୍ଣକାଳୀନ ସଦସ୍ୟ ହେଉଛନ୍ତି, ବ୍ରାଜିଲ, ରୁଷ୍, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ମିଶର, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ । ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା ସମ୍ମିଳନୀରେ ଯୋଗଦେବେ ବୋଲି ନିଶ୍ଚିତ କରିଛନ୍ତି । ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବାକୁ ଥିବା ସଦସ୍ୟ ଦେଶର ଅନ୍ୟ ପ୍ରତିନିଧିମାନଙ୍କ ମଧ୍ୟରେ ଚୀନ୍ ରାଷ୍ଟ୍ରପତି ସି ଜିନ୍ପିଙ୍ଗ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ, ଇଜିପ୍ଟ ରାଷ୍ଟ୍ରପତି ଆବଦେଲଫତାହ ଏଲ-ସିସି, ଇଥିଓପିଆ ପ୍ରଧାନମନ୍ତ୍ରୀ ଅବିୟ ଅହମ୍ମଦ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋ, ଆବୁ ଧାବି କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାନ୍, ବ୍ରାଜିଲ ବିଦେଶ ମନ୍ତ୍ରୀ ମାଉରୋ ଭିଏରା ଅଛନ୍ତି ।

# ଆକାଶ ଆନନ୍ଦଙ୍କୁ ବିଏସପିରୁ ବିଦା କଲେ ମାୟାବତୀ

ଲକ୍ଷ୍ନୌ: ବହୁଜନ ସମାଜ ପାର୍ଟି (ବିଏସ୍ପି) ସୁପ୍ରିମୋ ମାୟାବତୀ ଗୁରୁବାର ନିଜ ପୁତୁରା ଆକାଶ ଆନନ୍ଦଙ୍କୁ ଦଳରୁ ସମ୍ପୂର୍ଣ୍ଣ ଭାବେ ବିଦା କରିଛନ୍ତି । ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ଦଳରେ ଏହି ବଡ଼ ପରିବର୍ତ୍ତନ ହୋଇଛି । ଗତ ସପ୍ତାହରେ ଆକାଶଙ୍କୁ ବିଏସ୍ପିର ଜାତୀୟ ସଂଯୋଜକ ପଦରୁ ହଟାଯାଇଥିଲା । ଏବେ ତାଙ୍କୁ ଦଳର ସଦସ୍ୟତା ଓ ସମସ୍ତ ଦାୟିତ୍ୱରୁ ମଧ୍ୟ ହଟାଇ ଦିଆଯାଇଛି ।ଆକାଶଙ୍କ ଶ୍ୱଶୁର ତଥା ବିଏସ୍ପିର ପୂର୍ବତନ ରାଜ୍ୟସଭା ସାଂସଦ ଅଶୋକ ସିଦ୍ଧାର୍ଥ ବୁଧବାର ମାୟାବତୀଙ୍କ ପରାମର୍ଶ ପରେ ସକ୍ରିୟ ରାଜନୀତିରୁ ଅବସର ଘୋଷଣା କରିଥିଲେ । ଆକାଶଙ୍କୁ ଦଳରେ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ଦେବା ପାଇଁ ଅଶୋକଙ୍କୁ ରାଜନୀତି ଛାଡ଼ିବାକୁ ମାୟାବତୀ ସର୍ତ୍ତ ରଖିଥିଲେ । ଅଶୋକ ଏହି ଶର୍ତ୍ତ ମାନିବା ପରେ ଆକାଶଙ୍କୁ ଦଳରେ ପୁଣି ସକ୍ରିୟ କରାଯିବ ବୋଲି ଆଶା କରାଯାଉଥିଲା ।

# ଆଜି ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ: ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିବାରେ ବିଳମ୍ବ, ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ (ପିଏଲ୍ଆଇ) ସ୍କିମ୍କୁ ନେଇ ମତଭେଦ ଓ ଅନ୍ୟାନ୍ୟ ଦାବି ପୂରଣ କରାଯାଉନଥିବାରୁ ଆସନ୍ତାକାଲି ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ପକ୍ଷରୁ ଦେଶବ୍ୟାପୀ ଦିନିକିଆ ଧର୍ମଘଟ କରାଯିବ । ଯୋଜନା ଅନୁସାରେ ଧର୍ମଘଟ ହେଲେ ଚାରି ଦିନ ପାଇଁ ବ୍ୟାଙ୍କ ସେବା ପ୍ରଭାବିତ ହେବ । ଆସନ୍ତାକାଲି ଶୁକ୍ରବାର ଧର୍ମଘଟ, ମାସର ଦ୍ୱିତୀୟ ଶନିବାର, ରବିବାର ଓ ଗଣେଶ ପୂଜା ପାଇଁ ସୋମବାର ଛୁଟି ରହିବ । ଏହି ଦିନଗୁଡ଼ିକରେ ମୁଖ୍ୟତଃ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ କାର୍ଯ୍ୟ ପ୍ରଭାବିତ ହେବ ।ଦାବି ପୂରଣ କରିବା ଲାଗି ୟୁଏଫ୍‌ବିୟୁ ପକ୍ଷରୁ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଇଛି । ଆସନ୍ତାକାଲିର ଦିନିକିଆ ଦେଶବ୍ୟାପୀ ଧର୍ମଘଟ ପରେ ଯଦି ଦାବିଗୁଡ଼ିକ ପୂରଣ ନ ହେବ ତେବେ ଚଳିତ ମାସ ୨୮ ରୁ ୩୦ ପର୍ଯ୍ୟନ୍ତ ଧର୍ମଘଟ ହେବ ।

# ଗୌରବ ଭାଟିଆଙ୍କ ମାନହାନି ମାମଲାରେ ସିଜେପି ନେତାଙ୍କୁ ସମନ

ନୂଆଦିଲ୍ଲୀ: ବିଜେପିର ଜାତୀୟ ପ୍ରବକ୍ତା ତଥା ବରିଷ୍ଠ ଆଇନଜୀବୀ ଗୌରବ ଭାଟିଆଙ୍କ ଦ୍ୱାରା ଦାଏର ୨ କୋଟି ଟଙ୍କାର ମାନହାନି ମାମଲାରେ ଗୁରୁବାର ଦିଲ୍ଲୀ ହାଇକୋର୍ଟ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଏବଂ ଏହାର ନେତା ସୌରଭ ଦାସ, ଆଶୁତୋଷ ରାଙ୍କା ଓ ଅଭିଜିତ୍ ଦୀପକେଙ୍କୁ ସମନ ଜାରି କରିଛନ୍ତି । ଜଷ୍ଟିସ୍ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ । ଭାଟିଆଙ୍କ ବିରୋଧରେ ସୋସିଆଲ ମିଡିଆରେ କରାଯାଇଥିବା ବିବାଦୀୟ ପୋଷ୍ଟଗୁଡ଼ିକୁ ୨୪ ଘଣ୍ଟା ମଧ୍ୟରେ ହଟାଇବାକୁ ମଧ୍ୟ କୋର୍ଟ କହିଛନ୍ତି ।ମାମଲାଟି ସେପ୍ଟେମ୍ବର ୫ରେ ଏକ୍ସରେ ପ୍ରକାଶିତ ଏକ ଏଆଇ ଦ୍ୱାରା ପ୍ରସ୍ତୁତ



ଗ୍ରାଫିକ୍କୁ ନେଇ ହୋଇଛି । ଭାଟିଆଙ୍କ ଅଭିଯୋଗ ଅନୁସାରେ, ସିଜେପି ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କା ଏଭଳି ଏକ ଗ୍ରାଫିକ୍ ପୋଷ୍ଟ କରିଥିଲେ, ଯେଉଁଥିରେ ଭାଟିଆ କେତେକ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଦର୍ଶାଯାଇଥିଲା । ଭାଟିଆ କହିଥିଲେ ଯେ, ସେ ଏଭଳି କୌଣସି ମନ୍ତବ୍ୟ ଦେଇନାହାନ୍ତି ଏବଂ ଗ୍ରାଫିକ୍ଟି ମିଥ୍ୟା । ପରେ ସୌରଭ ଦାସ ପୋଷ୍ଟଟି ହଟାଇ ଏହା ଏଆଇ ଦ୍ୱାରା ତିଆରି ହୋଇଥିବା ସ୍ପଷ୍ଟ କରିଥିଲେ । ଆଶୁତୋଷ ରାଙ୍କା ମଧ୍ୟ ଏହାକୁ ପୁନଃପୋଷ୍ଟ କରିଥିବା ଅଭିଯୋଗ ରହିଛି ।ଭାଟିଆ ତାଙ୍କ ମାନହାନି ମାମଲାରେ ୨ କୋଟି ଟଙ୍କା କ୍ଷତିପୂରଣ ଦାବି କରିବା ସହ ଏଭଳି ପୋଷ୍ଟ ପ୍ରକାଶ, ପୁନଃପ୍ରକାଶ ଓ ପ୍ରସାରଣ ଉପରେ ସ୍ଥାୟୀ ରୋକ୍ ଲଗାଇବାକୁ ଅଦାଲତଙ୍କୁ ଅନୁରୋଧ କରିଥିଲେ । ତାଙ୍କ କହିବା ଅନୁସାରେ, ସୋସିଆଲ ମିଡିଆରେ ଏହି ପୋଷ୍ଟ ବହୁ ସଂଖ୍ୟକ ଲୋକଙ୍କ ପାଖରେ ପହଞ୍ଚିଥିବାରୁ ତାଙ୍କ ପ୍ରତିଷ୍ଠା ଓ ବୃତ୍ତିଗତ ମର୍ଯ୍ୟାଦା କ୍ଷତିଗ୍ରସ୍ତ ହୋଇଛି ।ଶୁଣାଣି ସମୟରେ କୋର୍ଟ ସିଜେପି ନେତାମାନଙ୍କୁ ବିନା ଯାଞ୍ଚରେ କୌଣସି ପୋଷ୍ଟ ସେୟାର ନ କରିବାକୁ ପରାମର୍ଶ ଦେଇଥିଲେ ।

## ନେପାଳକୁ ଭାରତ ୮ମ ଥର ରିଲିଫ୍ ପଠାଇଲା

କାଠମାଣ୍ଡୁ : ଭାରତ ନେପାଳରେ ହୋଇଥିବା ଭୟଙ୍କର ବନ୍ୟା ପରେ ମାନବିକ ସହାୟତାକୁ ତୀବ୍ର କରିଛି, ୧୩୦ ଟନ୍ରୁ ଅଧିକ ରିଲିଫ୍ ସାମଗ୍ରୀ ଯୋଗାଇଛି ଓ ସନ୍ଧାନ, ଉଦ୍ଧାର ଏବଂ ଫୋରେନସିକ୍ କାର୍ଯ୍ୟରେ ସହାୟତା ପାଇଁ ୫୪ ଜଣ ବିଶେଷଜ୍ଞ କର୍ମଚାରୀଙ୍କୁ ନିୟୋଜିତ କରିଛି ।ନେପାଳରେ ଥିବା ଭାରତୀୟ ଦୂତାବାସ ବୁଧବାର କହିଛି ଯେ, ୩୫ ଟନ୍ ରିଲିଫ୍ ଓ ଉଦ୍ଧାର ସାମଗ୍ରୀ ନେଇ ଅଷ୍ଟମ ଥର ପାଇଁ ଭାରତୀୟ ବାୟୁସେନା ବିମାନ କାଠମାଣ୍ଡୁରେ ଅବତରଣ କରିଛି । ସହାୟତା ସାମଗ୍ରୀରେ ତମ୍ବୁ, କମ୍ବଳ, ସ୍ୱାସ୍ଥ୍ୟ କିଟ୍, ସୌର ଲ୍ୟାମ୍ପ, ଔଷଧ ଓ ଉଦ୍ଧାର ଉପକରଣ ଅନ୍ତର୍ଭୁକ୍ତ । ଭାରତ ଅଗଷ୍ଟ ୨୬ ତାରିଖରେ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲା ।

# ଲୋକାର୍ପିତ ହେଲା ମାସିକ ଇ-ପତ୍ରିକା "ସୂର୍ଯ୍ୟପ୍ରଭା"

କୋଲକାତା : ବିଳାସପୁର ଛତିଶଗଡ଼ରୁ ପ୍ରକାଶିତ ମାସିକ ଇ-ପତ୍ରିକା "ସୂର୍ଯ୍ୟପ୍ରଭା" ର ଦ୍ୱିତୀୟ ବର୍ଷ ଦଶମ ସଂଖ୍ୟା । ପ୍ରାରମ୍ଭିକ ସ୍ୱସ୍ତି ବାଚନ ସହିତ ସଭାର ଶୁଭାରମ୍ଭ କରିଥିଲେ ଡଃ ବାମନ ଚନ୍ଦ୍ର ଦୀକ୍ଷିତ । ସ୍ୱନାମଧନ୍ୟ ଗାୟକ ଶଶିକାନ୍ତ ରାଜଗୁରୁ ଜଗନ୍ନାଥ ମହାପ୍ରଭୁଙ୍କର ଭଜନ ପରିବେଷଣ କରିଥିଲେ । ଶିଶୁ ଗାୟିକା ଅଭିଲିପ୍ସା ବିଶ୍ୱାଳ ମଧ୍ୟ ଏକ ଭଜନ ପରିବେଷଣ କରିଥିଲେ । ବରିଷ୍ଠ କବି ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟ ତଥା ବିଶିଷ୍ଟ କବୟିତ୍ରୀ କଳ୍ପନା ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ସଭାରେ ବହୁ ସ୍ୱନାମଧନ୍ୟ କବି , କବୟିତ୍ରୀ ଏବଂ ସାହିତ୍ୟକାରଙ୍କ ଉପସ୍ଥିତି ସଭାକୁ ଶୋଭା ମଣ୍ଡିତ କରିଥିଲା । ଡଃ ବାମନ ଚନ୍ଦ୍ର ଦୀକ୍ଷିତ ଉପସ୍ଥିତ ସମସ୍ତ କବି କବୟିତ୍ରୀ ମାନଙ୍କୁ ପ୍ରଣାମ ପୂର୍ବକ "ସୂର୍ଯ୍ୟପ୍ରଭା"ର ଲୋକାର୍ପଣ ସମ୍ପନ୍ନ କରିଥିଲେ । ନିଳାଦ୍ରୀ ପ୍ରକାଶ ମହାନ୍ତିଙ୍କ ପରିକଳ୍ପିତ ସୂର୍ଯ୍ୟପ୍ରଭାର କମନୀୟ କଳେବର ସମସ୍ତଙ୍କୁ ଆକର୍ଷିତ କରିଥିଲା । ଚର୍ଚ୍ଚାରେ ସୂର୍ଯ୍ୟପ୍ରଭାର ଉତ୍ତରୋତ୍ତର ବିକାଶ ପାଇଁ ଆଇଏସ୍ଏସ୍ଏନ ନମ୍ବର ଏବଂ ଏକ ୱେବ ସାଇଟ୍ ସୃଷ୍ଟି କରିବା ବିଷୟରେ ଆଲୋକପାତ କରିଥିଲେ ସନାତନ ମହାକୁଡ଼ ଏବଂ ବରୁଣ ଦାସ । ତତ୍ ପଶ୍ଚାତ କବୀ କଳ୍ପନା ମିଶ୍ରଙ୍କ ପରିଚାଳନାରେ କବିତା ଆସର ଆରମ୍ଭ ହୋଇଥିଲା । ବିଶିଷ୍ଟ କବି ହେମନ୍ତ ବରାଇ , ଡଃ ଚିତ୍ତରଞ୍ଜନ କୁଣ୍ଡୁ ,କାଶୀନାଥ ପଣ୍ଡା , ପ୍ରଭାତ ଆଚାର୍ଯ୍ୟ , ସୁଦର୍ଶନ ସେଠୀ , ସନାତନ ମହାକୁଡ଼ , ଅନଙ୍ଗ ଭୂଷଣ ମହାନ୍ତି , ଶିଶିର କୁମାର କର , ବିପିନ ବିହାରୀ ବାରିକ , ଅମରନାଥ ବାରିକ , ଜୁମର ନାଥ ପାତ୍ର, ସୁଜିତ ମିଶ୍ର , ଦେବେନ୍ଦ୍ର ନାୟକ , ବରୁଣ ଦାସ , ନିତ୍ୟାନନ୍ଦ ମହାନ୍ତି ବାମନ ଚନ୍ଦ୍ର ଦୀକ୍ଷିତ ଏବଂ ଅସୀମା ଖୁଣ୍ଟିଆ ଆଦି ସ୍ୱରଚିତ କବିତା ପାଠ କରିଥିଲେ । ଜୁମର ନାଥ ପାତ୍ର ଓ କାଶୀନାଥ ପଣ୍ଡାଙ୍କ ସଂକ୍ଷିପ୍ତ ଏବଂ ସମୃଦ୍ଧ ସମୀକ୍ଷା ସମସ୍ତଙ୍କୁ ଆକର୍ଷିତ କରିଥିଲା । ଅନ୍ତିମ ପର୍ଯ୍ୟାୟ ରେ ଧନ୍ୟବାଦ ଅର୍ପଣ ଏବଂ ଶାନ୍ତି ପାଠ କରି ସଭା ସମାପ୍ତ କରାଯାଇଥିଲା ।

## ଅଭିଷେକ ବାନାର୍ଜୀଙ୍କ ପିଏ ଗିରଫ

କୋଲକାତା : ସୁପ୍ରିମକୋର୍ଟ ଆଗୁଆ ଜାମିନ୍ ଦେବାକୁ ମନା କରିବା ପରେ ସାଲବୋନି ଜମି ହଡ଼ପ ମାମଲାରେ ଅଭିଷେକ ବାନାର୍ଜୀଙ୍କ ପିଏ ସୁମିତ ରାୟ ଗୁରୁବାର ସିଆଇଡି ଦ୍ୱାରା ଗିରଫ ହୋଇଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଧାନସଭାରେ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ସୁରକ୍ଷା ପ୍ରତ୍ୟାହାର ହେବା ପରେ ୧୨୧, କାଳୀଘାଟ ରୋଡସ୍ଥିତ ଟିଏମ୍ସି କାର୍ଯ୍ୟାଳୟରୁ ରାୟଙ୍କୁ ଗିରଫ କରାଯାଇଛି । ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ରାୟ ଅଭିଷେକ ବାନାର୍ଜୀଙ୍କ ପକ୍ଷରୁ ଟଙ୍କା ସଂଗ୍ରହରେ ସାମିଲ ଥିଲେ ।

# ସୋସିଆଲ ମିଡିଆରେ ଦୁଃଖ ପ୍ରକାଶ କଲେ ବିଜୟ ମାଲ୍ୟା

ଲଣ୍ଡନ: ପଳାତକ ବ୍ୟବସାୟୀ ବିଜୟ ମାଲ୍ୟା ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଅନ୍ୟାୟ ବୋଲି କହିଛନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟରେ ମାଲ୍ୟା ଲେଖିଛନ୍ତି, ମୁଁ ବହୁତ ଅନ୍ୟାୟ ସହିଛି ଏବଂ ଏବେ ବି ଭୋଗୁଛି । ଏପରି ପରିସ୍ଥିତିରେ, ମୁଁ ଏକ କକ୍ରୋଚ୍ ହେବା ଭଳି ଅନୁଭବ କରୁଛି । ଅତି କମ୍ରେ ସେହି ଦୁନିଆରେ ଜୀବନ



ଭଲ ହୋଇଥାନ୍ତା । ସେଥିପାଇଁ ମୁଁ ଏକ କକ୍ରୋଚ୍ ହେବାକୁ ପସନ୍ଦ କରିବି । ବର୍ତ୍ତମାନ ଲଣ୍ଡନରେ ରହୁଥିବା ମାଲ୍ୟା ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ନେଇ ଏହି ପୋଷ୍ଟ କରିଛନ୍ତି । ଅକ୍ଟୋବର ୨୦୨୫ରେ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ କହିଥିଲେ ଯେ ମାଲ୍ୟା ପଳାତକ ଆର୍ଥିକ ଅପରାଧୀ ଆଇନ ୨୦୧୮ ଅନୁଯାୟୀ ପଳାତକ ଆର୍ଥିକ ଅପରାଧୀ ଘୋଷିତ ୧୫ ଜଣଙ୍କ ମଧ୍ୟରେ ଥିଲେ ।ଅନ୍ୟ ଏକ ପୋଷ୍ଟରେ ମାଲ୍ୟା ଲେଖିଛନ୍ତି, ମୁଁ ପୁନର୍ବାର କହୁଛି ଯେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା କୋର୍ଟରେ ଦାଖଲ କରାଯାଇଥିବା ସତ୍ୟପାଠରୁ ଏହା ନିଶ୍ଚିତ ହୋଇଛି ଯେ ମୁଁ ୨୦୨୧ ମସିହାରେ ବ୍ୟାଙ୍କଗୁଡ଼ିକୁ ୧୪ ହଜାରକୋଟିରୁ ଅଧିକ ପରିଶୋଧ କରିଥିଲି । ଯଦି ମୋ କଥାରେ ବିଶ୍ୱାସ କରୁନାହଁ, ତେବେ ସେସବୁ ଛାଡ଼ । କିନ୍ତୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କ'ଣ କହିଛି ତାହା ଉପରେ ଧ୍ୟାନ ଦେବା ଆବଶ୍ୟକ ।

## ୧୩ ବର୍ଷ ପ୍ରତୀକ୍ଷାର ଅନ୍ତ

# ଦୁଲୀପ ଟ୍ରଫି ଜିତିଲା ପୂର୍ବାଞ୍ଚଳ



ଚେନ୍ନାଇ,୧୦।୯ (ଏଜେନ୍ସି): ୧୩ ବର୍ଷର ଅପେକ୍ଷା ପରେ ପୂର୍ବାଞ୍ଚଳକୁ ମିଳିଛି ଦୁଲୀପ ଟ୍ରଫି। ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଇଷ୍ଟଜୋନ ଏହି ଇତିହାସ ରଚିଛି। ଇଶାନ କିଷାନ ଓ ବୈଭବ ସୂର୍ଯ୍ୟବଂଶୀଙ୍କ ଯୋଡି ପୂର୍ବାଞ୍ଚଳକୁ ବିଜୟ ମୁକୁଟ ପିନ୍ଧାଇଛନ୍ତି। ୨୦୧୨-୧୩ ସିଜନରେ ପୂର୍ବାଞ୍ଚଳ ଚାମ୍ପିଅନ ହୋଇଥିଲା। ଏବେ ଦଳ ଦକ୍ଷିଣାଞ୍ଚଳ ବିପକ୍ଷରେ ଏକତରଫା ପ୍ରଦର୍ଶନ ଦେଖାଇ ଟ୍ରଫି ହାତେଇଛି। ମ୍ୟାଚର ସମସ୍ତ ୫ ଦିନ ଯାକ ପୂର୍ବାଞ୍ଚଳର ଦବଦବା ଦେଖିବାକୁ ମିଳିଥିଲା। ତିଳକ ବର୍ମାଙ୍କ ଦକ୍ଷିଣାଞ୍ଚଳ ଫାଇନାଲରେ ନିଜର ଦଖଲ ଦେଖାଇ ପାରିନାହିଁ। ଇଶାନ କିଷାନ ପ୍ରଥମ ଇନିଂସରେ ୨୭୦ ଓ ଦ୍ୱିତୀୟ ଇନିଂସରେ ୮୦ ରନ୍ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ତିଳକ ବର୍ମା ଦୁଲୀପ ଟ୍ରଫିର ଶ୍ରେଷ୍ଠ ଖେଳାଳି ହୋଇଛନ୍ତି। ପୂର୍ବାଞ୍ଚଳ ପାଇଁ ଇଶାନ ଟ୍ରଫି ଉଠାଇବା ପରେ ଚିଦାମ୍ବରମ ଷ୍ଟାଡିୟମରେ ଉତ୍ସାହ ଦେଖିବାକୁ ମିଳିଥିଲା। ଇଶାନଙ୍କ ସହ ବୈଭବ ପଡିଆରେ ଭାଙ୍ଗଡା ନୃତ୍ୟ କରିଥିଲେ।

ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଶୁଭ୍ରାଂଶୁ ସେନାପତି ଥିଲେ ହେଁ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଖେଳିବାର ସୁଯୋଗ ମିଳିନଥିଲା।

ପ୍ରଥମେ ବ୍ୟାଟିଂ କରି ପୂର୍ବାଞ୍ଚଳ ଇଶାନଙ୍କ ୨୭୦ ଓ କୁମାର କୁସଗ୍ରଙ୍କ ୧୦୧ ରନ ବଳରେ ୭୦୮ ରନର ବିଶାଳ ସ୍କୋର କରିଥିଲା। ଦଳ ପୂରା ଦିନ ବ୍ୟାଟିଂ କରିଥିଲା। ଏହାର ଜବାବରେ ଦକ୍ଷିଣାଞ୍ଚଳ ପାଇଁ ଅଧିନାୟକ ତିଳକ ବର୍ମା ୯୯ ରନର ଇନିଂସ ଖେଳିଥିଲେ। କିନ୍ତୁ ଦଳ ପ୍ରଥମ ଇନିଂସରେ କେବଳ ୩୩୬ ରନ୍ କରିପାରିଥିଲା। ପୂର୍ବାଞ୍ଚଳ ପାଇଁ ମହମ୍ମଦ ସାମି ଦୁଇଟି, ମୁକେଶ କୁମାର ୩ଟି ଓ ମହମ୍ମଦ କ୍ୟୁରେସି ଦୁଇଟି ୱିକେଟ୍ ନେଇଥିଲେ।

ପ୍ରଥମ ଇନିଂସରେ ପୂର୍ବାଞ୍ଚଳ ୩୭୨ ରନର ଅଗ୍ରଣୀ ହାସଲ କରିଥିଲେ ହେଁ ଫଲୋଅନ ନଦେଇ ପୁଣି ବ୍ୟାଟିଂ କରିଥିଲା। ଇଶାନ ୮୦ ରନର ଜମାଣିଆ ବ୍ୟାଟିଂ କରିଥିଲେ। କ୍ୟୁରେସି ନିଜ କ୍ୟାରିୟରର ପ୍ରଥମ ଶତକ ମଧ୍ୟ ହାସଲ କରିଥିଲେ। ଦ୍ୱିତୀୟ ଇନିଂସରେ ଦଳୀୟ ସ୍କୋର ୩୮୮/୭ ଥିବା ବେଳେ ପୂର୍ବାଞ୍ଚଳ ପାଳି ଘୋଷଣା କରିଥିଲା। ଏହି ସମୟରେ ଦଳ ୭୬୦ ରନର ଅଗ୍ରଣୀ ହାସଲ କରିଥିଲା। ଶେଷ ଦିନ ଏତେ ରନ କରିବା ଦକ୍ଷିଣାଞ୍ଚଳ ପକ୍ଷେ ସମ୍ଭବ ନଥିଲା। ତେଣୁ ଦୁଇ ଦଳର ଅଧିନାୟକ ଇଶାନ କିଷାନ ଓ ତିଳକ ବର୍ମା ହାତ ମିଳାଇ ମ୍ୟାଚ ଡ୍ର' ପାଇଁ ସହମତି ଜଣାଇଥିଲେ। କିନ୍ତୁ ପ୍ରଥମ ଇନିଂସରେ ଅଗ୍ରଣୀ ଆଧାରରେ ପୂର୍ବାଞ୍ଚଳକୁ ଦୁଲୀପ ଟ୍ରଫିର ବିଜେତା ଘୋଷଣା କରାଯାଇଛି।

ଫାଇନାଲ ମ୍ୟାଚ ଦକ୍ଷିଣାଞ୍ଚଳ ବୋଲରଙ୍କ ପାଇଁ ସଂଘର୍ଷପୂର୍ଣ୍ଣ ଥିଲା। କାରଣ ଦଳର ବୋଲରମାନେ ପ୍ରଥମ ଇନିଂସରେ ୧୬୩ ଓଭର ପକାଇ ସେହିଭଳି ଆଖିଦୃଶିଆ ପ୍ରଭାବ ବିସ୍ତାର କରିପାରିନଥିଲେ। ଦ୍ୱିତୀୟ ଇନିଂସରେ ମଧ୍ୟ ପାଖାପାଖି ୧୦୦ ଓଭର ପକାଇଥିଲା। ପୂର୍ବାଞ୍ଚଳର ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ଦୁଲୀପ ଟ୍ରଫି ବେଶ ସ୍ମରଣୀୟ ହୋଇଛି। ଫାଇନାଲ ମ୍ୟାଚ ୪୨ ଓ ୮ ରନ କରିଥିଲେ। ଉପଅଧିନାୟକ ଭାବେ ପ୍ରଥମଥର ଦୁଲୀପ ଟ୍ରଫି ଉଠାଇଛନ୍ତି। ଫାଇନାଲରେ ବିଫଳ ହୋଇଥିବା ସୂର୍ଯ୍ୟବଂଶୀ ସେମିଫାଇନାଲରେ ନିଜ ଦମ ଦେଖାଇଥିଲେ। କେନ୍ଦ୍ରୀୟ ଜୋନ ବିପକ୍ଷ ବେଙ୍ଗାଲୁରୁ ଦମଦାର ଇନିଂସ ଖେଳି ପୂର୍ବାଞ୍ଚଳକୁ ଫାଇନାଲ ଟିକେଟ ଦେଇଥିଲେ। ସମ୍ପୂର୍ଣ୍ଣ ଦଳର ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଯୋଗୁଁ ପୂର୍ବାଞ୍ଚଳ ୧୩ ବର୍ଷ ପରେ ଟ୍ରଫି ତୋଳିଧରିବାକୁ ସକ୍ଷମ ହୋଇଛି।



୧୯୬୧ ମସିହାରୁ ଆରମ୍ଭ ହୋଇଥିବା ଦୁଲୀପ ଟ୍ରଫିରେ ଅଦ୍ୟାବଧି ପଶ୍ଚିମାଞ୍ଚଳ ସର୍ବାଧିକ ୧୯ ଥର ଟାଇଟଲ ଜିତିଛି। ଉତ୍ତରାଞ୍ଚଳ ୧୮ ଥର, ଦକ୍ଷିଣାଞ୍ଚଳ ୧୩ଥର, କେନ୍ଦ୍ରାଞ୍ଚଳ ୭ଥର ଏବଂ ପୂର୍ବାଞ୍ଚଳ ୩ଥର ଜିତିଛି। ଏତଦବ୍ୟତୀତ ଇଣ୍ଡିଆ ବ୍ଲ୍ୟୁ ଦୁଇଥର, ଇଣ୍ଡିଆ ରେଡ ଦୁଇଥର ଏବଂ ଏଲିଡି ସି ଥରେ ଚାମ୍ପିଅନ ହୋଇଛି। ଦୁଲୀପ ଟ୍ରଫିରେ ୱାସିମ ଜାଫରଙ୍କ ନାଁରେ ସର୍ବାଧିକ ରନ କରିବାର ରେକର୍ଡ ରହିଛି। ସେହିଭଳି ଭିଭିଏସ ଲକ୍ଷ୍ମଣ ଓ ରାହୁଲ ଦ୍ରାବିଡଙ୍କ ନାଁରେ ୪୦୯ ରନର ପାର୍ଟନରସିପ ରେକର୍ଡ ରହିଛି।

# ୨୦୨୭ ବିଶ୍ୱକପ୍ ଅକ୍ଟୋବର ଏବେ ବହୁ ଦୂର-ରୋହିତ



ମୁମ୍ବାଇ, ୧୦।୯ (ଏଜେନ୍ସି): ୨୦୨୭ ଦିନିକିଆ ବିଶ୍ୱକପ୍ରେ ରୋହିତ ଶର୍ମା ଖେଳିବେ କି ନାହିଁ, ଏହାକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ଶେଷରେ ମୁହଁ ଖୋଲିଛନ୍ତି ଭାରତର ପୂର୍ବତନ ଅଧିନାୟକ। ଗୁରୁବାର ମୁମ୍ବାଇରେ ଆୟୋଜିତ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟରେ ଜଣେ ଦର୍ଶକ ତାଙ୍କୁ ୨୦୨୭ ବିଶ୍ୱକପ୍ ଖେଳିବା ସମ୍ପର୍କରେ ପଚାରିଥିଲେ। ଏହାର ଉତ୍ତରରେ ରୋହିତ କହିଥିଲେ, "ଅକ୍ଟୋବର ୨୦୨୭ ଏବେ ବହୁତ ଦୂର। ସେତେବେଳେ ଏ ବିଷୟରେ ଦେଖିବା।"

ରୋହିତଙ୍କ ଏହି ଛୋଟିଆ ଉତ୍ତର ତାଙ୍କ ବିଶ୍ୱକପ୍ ଭବିଷ୍ୟତକୁ ନେଇ ଚାଲିଥିବା ସସ୍ପେନ୍ସକୁ ଆହୁରି ବଢ଼ାଇଛି। ସେ ଟେଷ୍ଟ ଓ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍ରୁ ଅବସର ନେଇସାରିଥିବା ବେଳେ ଦିନିକିଆରେ ତାଙ୍କ ଭବିଷ୍ୟତକୁ ନେଇ ଲଗାତାର ଆଲୋଚନା ହେଉଛି। ତେବେ ରୋହିତ ଏବେଠାରୁ ନିଜ ନିଷ୍ପତ୍ତି ସ୍ପଷ୍ଟ କରିବାକୁ ଚାହୁଁନଥିବା ତାଙ୍କ ଉତ୍ତରରୁ ଜଣାପଡୁଛି। ୨୦୨୭ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆରେ ମିଳିତ ଭାବେ ଆୟୋଜିତ ହେବ। ବିଶ୍ୱକପ୍କୁ ଆହୁରି ଏକ ବର୍ଷରୁ ଅଧିକ ସମୟ ବାକି ଥିବାରୁ ରୋହିତଙ୍କ ନିଷ୍ପତ୍ତି ପାଇଁ ଏବେଠାରୁ ଅପେକ୍ଷା କରିବାକୁ ହେବ।

### ରୋହିତଙ୍କ ପ୍ରଦର୍ଶନରେ ବିସିସିଆଇ ଖୁସି

ରୋହିତଙ୍କ ଭବିଷ୍ୟତକୁ ନେଇ ଚାଲିଥିବା କଳ୍ପନାଜଳ୍ପନା ଉପରେ ବିସିସିଆଇ ସଚିବ ଦେବଜିତ ସାଇକିଆ ମଧ୍ୟ ସ୍ପଷ୍ଟ ମତ ରଖିଛନ୍ତି। ରୋହିତ ଭଲ ପ୍ରଦର୍ଶନ କରୁଥିବା ବେଳେ ତାଙ୍କୁ ନେଇ ଏଭଳି ଚର୍ଚ୍ଚାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

ସାଇକିଆ କହିଥିଲେ, "ସେ ସବୁ ମ୍ୟାଚ୍ରେ ଚମତ୍କାର ଖେଳୁଛନ୍ତି। ତେବେ ଆଉ କ'ଣ ଚାହୁଁଛନ୍ତି? ଶେଷ ମ୍ୟାଚ୍ରେ (ଇଂଲଣ୍ଡ ବିପକ୍ଷରେ) ସେ ୧୩୮ ରନ୍ କରିଥିଲେ। ତେବେ ତାଙ୍କୁ ନେଇ କାହିଁକି ଚର୍ଚ୍ଚା ହେଉଛି?" ଇଂଲଣ୍ଡ ବିପକ୍ଷରେ ରୋହିତଙ୍କ ଶତକ ତାଙ୍କ ଦିନିକିଆ ଫର୍ମକୁ ନେଇ ଆଶା ସୃଷ୍ଟି କରିଛି। ତେଣୁ ୨୦୨୭ ବିଶ୍ୱକପ୍ ପାଇଁ ତାଙ୍କୁ ଦଳରେ ଦେଖିବାକୁ ଚାହୁଁଥିବା ପ୍ରଶଂସକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଏହି ଅବସରରେ ରୋହିତଙ୍କୁ ଆଉ ଏକ ମଜାଦାର ପ୍ରଶ୍ନ ପଚରାଯାଇଥିଲା। ଯଦି ଭାରତ ୨୦୨୭ ବିଶ୍ୱକପ୍ ଜିତେ, ତେବେ ୨୦୨୪ ଟି-୨୦ ବିଶ୍ୱକପ୍ ବିଜୟ ପରେ ମୁମ୍ବାଇରେ ହୋଇଥିବା ଖୋଲା ବସ୍ ପ୍ୟାରେଡ୍ ଭଳି ବିଜୟ ଶୋଭାଯାତ୍ରା ହେବ କି ବୋଲି ପଚରାଯାଇଥିଲା। ରୋହିତ ହସି କହିଥିଲେ, "ମତେ ଲାଗୁନାହିଁ ଏବେ ବସ୍ ପ୍ୟାରେଡ୍ ସମ୍ଭବ ହେବ।" ତେବେ ବିଶ୍ୱକପ୍ ଆସିବାକୁ ଆହୁରି ସମୟ ଥିବାରୁ ରୋହିତଙ୍କ ନିଷ୍ପତ୍ତି ପାଇଁ କ୍ରିକେଟ୍ପ୍ରେମୀଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ୨୦୨୭ ଅକ୍ଟୋବର ସତରେ ଦୂର, କିନ୍ତୁ 'ହିଟ୍ମ୍ୟାନ୍'ଙ୍କ ବିଶ୍ୱକପ୍ ସ୍ୱପ୍ନ ଶେଷ ହୋଇଛି କି ନାହିଁ—ଏହାର ଉତ୍ତର ଏବେ ବି ସମୟ ହାତରେ ରହିଛି।

# ପୂଜାଙ୍କ ହ୍ୟାଟ୍ରିକ, ପାକିସ୍ତାନକୁ ୧୯-୦ ଗୋଲରେ ହରାଇଲା ଭାରତ

ନୂଆଦିଲ୍ଲୀ,୧୦।୯ (ଏଜେନ୍ସି): ଭାରତୀୟ ମହିଳା ହକି ଦଳ ଜୁନିୟର ଏସିଆ କପ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧୯-୦ ଗୋଲରେ ପରାଜିତ କରି ଏହି ସଫଳତା ପାଇଛି ଭାରତ। ମ୍ୟାଚର ସମସ୍ତ ୪ଟି ଯାକ କ୍ୱାର୍ଟରରେ ଭାରତର ଦବଦବା ଦେଖିବାକୁ ମିଳିଥିଲା। ଶେଷରେ ଭାରତ ଟୁର୍ଣ୍ଣାମେଣ୍ଟ ଇତିହାସର ଅନ୍ୟତମ ବଡ଼ ବିଜୟ ହାସଲ କରିଛି। ଭାରତ ପାଇଁ ହରିୟାଣାର ମିଡ ଫିଲ୍ଡର ପୂଜା ମଲ୍ଲିକ ହ୍ୟାଟ୍ରିକ ହାସଲ କରିଛନ୍ତି। ପାକିସ୍ତାନ ବିପକ୍ଷରେ ଖେଳୁଥିବା ଦୁଇ ଓଡ଼ିଆ ଝିଅ ପୂଜା ସାହୁ ଓ ତନୁଜା ଟପ୍ପୋ ମଧ୍ୟ ନିଜ ନିଜର ଯାଦୁ ଦେଖାଇ ଗୋଲ କରିଛନ୍ତି। ପ୍ରଥମ ୫ ମିନିଟରେ ଦଳକୁ ଦୁଇଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ରେଫରାଲ ଯୋଗୁଁ ଗୋଟିଏ ଗୋଲରୁ ବର୍ତ୍ତି ଯାଇଥିବା ପାକିସ୍ତାନକୁ ସପ୍ତମ ମିନିଟରେ ଓଡ଼ିଆ ଝିଅ ପୂଜା ସାହୁ ଝଟକା ଦେଇଥିଲେ। ଏହାର ଦୁଇ ମିନିଟ ପରେ ରୋଶନୀ ଦ୍ୱିତୀୟ ଗୋଲ କରିଥିଲେ। ଏହାପରେ ଭାରତର ଗୋଲ ବର୍ଷା ଦେଖିବାକୁ ମିଳିଥିଲା। ତନୁଶ୍ରୀ କାଡୁ ତୃତୀୟ ଗୋଲ କରିଥିବା ବେଳେ ଶୁଖବୀର କୋର ପେନାଲ୍ଟିକୁ ଗୋଲରେ ପରିଣତ କରିଥିଲେ। ସାନିକା ମାନେ ପ୍ରଥମ କ୍ୱାର୍ଟରର ଶେଷ ମିନିଟରେ ଗୋଲ୍ କରି ସ୍ଥିତିକୁ ୫-୦ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧୁସିଦାର, ଗୀତା ଯାଦବ, ସାନିକା, ଅନ୍ୟତମ ଓଡ଼ିଆ ଝିଅ ତନୁଜା ଟପ୍ପୋ ଓ ପୂଜା ମଲ୍ଲିକ ଗୋଲ ଦେବାରୁ ପ୍ରଥମାର୍ଦ୍ଧାସୁଦ୍ଧା ଭାରତ ୧୦-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମାର୍ଦ୍ଧ ବିରତୀ ପରେ ମଧ୍ୟ ଚିତ୍ର ବଦଳି ନଥିଲା। ତୃତୀୟ କ୍ୱାର୍ଟରରେ ପୂର୍ଣ୍ଣିମା ଯାଦବ, ମଧୁ ଓ ସୁପ୍ରିୟା ଗୋଲ କରିଥିଲେ। ଶେଷ କ୍ୱାର୍ଟରରେ ଭାରତ ପକ୍ଷରୁ ସର୍ବାଧିକ ୬ଟି ଗୋଲ ହୋଇଥିଲା। କ୍ରିଷ୍ଣା ଶର୍ମା, ପୂଜା ଏବଂ ସୁପ୍ରିୟା ଗୋଲ ଦେଇଥିଲେ। ବିନିମା ଧନ ଓ ରୋଶନୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲରେ ଭାରତ ୧୯-୦ ଗୋଲରେ ମ୍ୟାଚ ଜିତିଛି। ଏହି ୧୯ ଗୋଲ ମଧ୍ୟରେ ୧୮ଟି ପିସି ଓ ଗୋଟିଏ ପେନାଲ୍ଟି ଷ୍ଟୋକ ଥିଲା। ଅପରପକ୍ଷରେ ପାକିସ୍ତାନ ଗୋଟିଏ ମଧ୍ୟ ପିସି କିମ୍ବା ଷ୍ଟୋକ କରିପାରିନାହିଁ। ଶନିବାର ଭାରତ ସେମିଫାଇନାଲରେ କୋରିକା କିମ୍ବା ମାଲେସିଆକୁ ଭେଟିବ।



# ଏସିଆନ ଗେମ୍ସ



## ଦୋହା ୨୦୦୬ରୁ ଆଇଚି-ନାଗୋୟା ୨୦୨୬ ଯାଏଁ ଭାରତର ପଦକ ଯାତ୍ରା

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି) : ଆଇଚି-ନାଗୋୟା ଏସିଆନ୍ ଗେମ୍ସ ୨୦୨୬କୁ ଆଉ ମାତ୍ର ୮ ଦିନ। ମହାକୁମ୍ଭ ପାଇଁ ଭାରତୀୟ କ୍ରୀଡ଼ାବିମାନେ ପ୍ରସ୍ତୁତ ହେଉଥିବା ବେଳେ ଆସନ୍ତୁ ଫେରିଯିବା ୨୦୦୬ ମସିହାର ଦୋହା ଏସିଆନ୍ ଗେମ୍ସକୁ। ଏହି ସଂସ୍କରଣରେ ଭାରତ ୧୯୮୨ ମସିହା ପରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଭାରତ ୧୦ ସ୍ୱର୍ଣ୍ଣ, ୧୭ ରୌପ୍ୟ ଓ ୨୬ କାଂସ୍ୟ ସହ ମୋଟ ୫୩ ପଦକ ଜିତି ପଦକ ତାଲିକାରେ ଅଷ୍ଟମ ସ୍ଥାନରେ ରହିଥିଲା। ବୁସାନ୍ ୨୦୦୨ରେ ଭାରତର ମୋଟ ପଦକ ସଂଖ୍ୟା ୩୬ ଥିବା ବେଳେ ଦୋହାରେ ଏହା ୫୩କୁ ବୃଦ୍ଧି ପାଇଥିଲା।

### ଶୁଟିଂରେ ସର୍ବାଧିକ ସଫଳତା

ଦୋହାରେ ଭାରତର ସବୁଠାରୁ ବଡ଼ ପଦକ ଭଣ୍ଡାର ଆସିଥିଲା ଶୁଟିଂରୁ। ଭାରତୀୟ ଶୁଟରମାନେ ୧୪ଟି ପଦକ ଜିତିଥିଲେ। ଏହା ପଛକୁ ଆଥଲେଟିକ୍ସ ୯, କୁସ୍ତି ୬, ଟେନିସ୍ ୪ ଓ କ୍ୟୁ ସ୍ପୋର୍ଟ୍ସ ୪ଟି ପଦକ ହାସଲ କରିଥିଲା। ଦୋହାରେ ଭାରତୀୟ ଅଭିଯାନର ଅନ୍ୟତମ ନାୟକ ଥିଲେ ଜସପାଲ ରାଣା। ସେ ଶୁଟିଂରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିରୁ ଦୁଇଟି ବ୍ୟକ୍ତିଗତ ଇଭେଣ୍ଟରେ ହୋଇଥିବା ବେଳେ ଅନ୍ୟଟି ପୁରୁଷ ୨୫ ମିଟର ସେଣ୍ଟର ଫାୟାର ପିସ୍ତଲ ଦଳର ଅଂଶ ଭାବେ ଆସିଥିଲା।

### ଚେସରେ ହମ୍ପିଙ୍କ ଚମକ

ଚେସରେ କୋନେରୁ ହମ୍ପି ମଧ୍ୟ ଭାରତ ପାଇଁ ଦମଦାର ପ୍ରଦର୍ଶନ କରିଥିଲେ। ସେ ମହିଳା ରାପିଡ୍ ଓ ମିକ୍ସଡ୍ ଟିମ୍ କ୍ଲାସିକାଲ୍ ଚେସ୍ରେ ସ୍ୱର୍ଣ୍ଣ ଜିତି ଏସିଆନ୍ ଗେମ୍ସ ମଞ୍ଚରେ ନିଜ ଦକ୍ଷତାର ପରିଚୟ ଦେଇଥିଲେ।

### ଟେନିସରେ ଭାରତୀୟ ଯୋଡ଼ିର ରାଜ୍

ଟେନିସ୍ କୋର୍ଟରେ ମଧ୍ୟ ଭାରତର ଦବଦବା ଦେଖିବାକୁ ମିଳିଥିଲା। ଲିଆଣ୍ଡର ପେସ୍ ଓ ମହେଶ ଭୂପତି ପୁରୁଷ ଡବଲ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ପେସ୍ ଓ ସାନିଆ ମିର୍ଜା ମିକ୍ସଡ୍ ଡବଲ୍ସରେ ସ୍ୱର୍ଣ୍ଣ ହାସଲ କରିଥିଲେ। ସାନିଆ ମହିଳା ସିଙ୍ଗଲ୍ସରେ ରୌପ୍ୟ ପଦକ ମଧ୍ୟ ଜିତିଥିଲେ। ଏହାଛଡ଼ା ପଙ୍କଜ ଆଡଭାଣୀ ଇଂଲିଶ୍ ବିଲିୟର୍ଡ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ଭାରତୀୟ ପୁରୁଷ କବାଡ଼ି ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲା। ମହିଳା ୪x୪୦୦ ମିଟର ରିଲେ ଦଳ ମଧ୍ୟ ଦେଶକୁ ସ୍ୱର୍ଣ୍ଣ ଦେଇଥିଲା। ବୁସାନ୍ର ୩୬ ପଦକରୁ ଦୋହାର ୫୩—୧୭ ପଦକର ଉନ୍ନତି। ଏହି ସଫଳତା ଭାରତୀୟ କ୍ରୀଡ଼ା ଇତିହାସରେ ଏକ ନୂଆ ଆଶା ସୃଷ୍ଟି କରିଥିଲା। ଏବେ ୨୦୨୬ରେ ଜାପାନ ମାଟିରେ ସେହି ଇତିହାସକୁ ଆହୁରି ଆଗକୁ ନେବାର ପାଳି ଭାରତୀୟ କ୍ରୀଡ଼ାବିତଙ୍କର।


ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ମହେନ୍ଦ୍ରନାଥ ମହାପାତ୍ର

ଆବିର୍ଭାବ: ୦୫.୦୨.୧୯୪୧

ତିରୋଧାନ: ୧୯.୦୮.୨୦୨୦

ତୁମ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

-: ଶୋକସନ୍ତପ୍ତ :-

ମହାପାତ୍ର ପରିବାର


# ଏସିଆନ ଗେମ୍ସ ଇ – ସ୍ପୋର୍ଟସ ଭାରତର ପ୍ରତିନିଧିତ୍ୱ କରିବେ ଦୁଇ ଓଡ଼ିଆ

ଭୁବନେଶ୍ୱର, ୧୦।୯ (ସବ୍ୟ): ଆଗାମୀ ୧୯ରୁ ଅକ୍ଟୋବର ୪ ତାରିଖ ମଧ୍ୟରେ ଜାପାନର ନାଗୋଆ ସହରରେ ଏସିଆନ ଗେମ୍ସ ୨୦୨୬ ଆୟୋଜିତ ହେବାକୁ ଯାଉଛି। ଏଥିନିମନ୍ତେ ଭାରତୀୟ ଦଳର ଚୟନପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଇ - ସ୍ପୋର୍ଟସ ରେ ଚୟନିତ ଭାରତୀୟ ଦଳରେ ଓଡ଼ିଶାର ଦୁଇ ଖେଳାଳି ଢେଙ୍କାନାଳର ଚିନ୍ମୟ ସାହୁ ଓ ଭୁବନେଶ୍ୱରର ରୁଦ୍ର ନାରାୟଣ ନାୟକ ସ୍ଥାନ ପାଇଛନ୍ତି। ଚିନ୍ମୟ ସାହୁ ଇ - ଫୁଟବଲ୍ ରେ ମନୋନିତ ହୋଇଛନ୍ତି। ସେ ମଧ୍ୟ ପୂର୍ବରୁ ୨୦୨୪,୨୦୨୫ ଓ ୨୦୨୬ ଫିଫା ଇ ବିଶ୍ୱକପ୍ ରେ ଅଂଗ୍ରହଣ କରିବା ସହ 'ଟେଷ୍ଟିଙ୍ଗ ମାଇ ଲିମିଟ #୩' ରେ ସମ୍ପୂର୍ଣ୍ଣ ପଶ୍ଚିମ ଏସିଆରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହ ରୁଦ୍ର ନାରାୟଣ ନାୟକ ପୋକେମନ ୟୁନାଇଟ୍ ଚୟନିତ ହେବାସହ ସେ ମଧ୍ୟ ପୋକେମନ ୟୁନାଇଟ୍ ଏସିଆ ଚାମ୍ପିଅନ୍ସ ଲିଗ୍ ୨୦୨୩ ରେ ୫ମ ସ୍ଥାନ, ୨୦୨୫ ରେ ୨ୟ ସ୍ଥାନ ଓ ପୋକେମନ ୟୁନାଇଟ୍ ବିଶ୍ୱକପ୍ ୨୦୨୩ ରେ ୧୭ମ ସ୍ଥାନ, ୨୦୨୫ ରେ ୧୭ମ ସ୍ଥାନ ଅଧିକାର କରିଥିଲେ। ଚଳିତ ଏସିଆନ୍ ଗେମ୍ସରେ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ରାଜ୍ୟ ଇ - ସ୍ପୋର୍ଟସ ସଂଘର ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ଦୁଇ ଖେଳାଳିଙ୍କୁ ଉତ୍ସାହନା ଦେବା ସହ ଅଭିନନ୍ଦନ ଜଣାଇଛନ୍ତି।

# ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳା ପାଇଁ ବୁମରା ଫିଟ୍



ନୂଆଦିଲ୍ଲୀ,୧୦।୯ (ଏଜେନ୍ସି): ଭାରତୀୟ କ୍ରିକେଟ ପାଇଁ ଖୁସିର ଖବର। ଦ୍ରୁତ ବୋଲର ଯଶପ୍ରୀତ ବୁମରା ଦଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଫଗାନିସ୍ତାନ ବିପକ୍ଷ ୩ଟି ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ପାଇଁ ବୁମରାଙ୍କୁ ଫିଟ ଘୋଷଣା କରାଯାଇଛି। ଆଗକୁ ଏସିଆନ ଗେମ୍ସ ଥିବା ବେଳେ ବୁମରାଙ୍କ ଉପସ୍ଥିତି ଦଳର ବୋଲିଂ ବର୍ଗକୁ ମଜଭୁତ କରିଛି। ଅନ୍ୟତମ ଦ୍ରୁତ ବୋଲର ହର୍ସିତ ରାଣାଙ୍କୁ ଉଭୟ ଆଫଗାନିସ୍ତାନ ଶୃଙ୍ଖଳା ଓ ଏସିଆ ଗେମ୍ସ ଦଳରୁ ବାଦ ଦିଆଯାଇଛି। ରିହାବିଟେସନ ସମୟରେ ହର୍ସିତ ପୁଣି ଆହତ ହେବାରୁ ତାଙ୍କୁ ଦଳରୁ ବାଦ ଦିଆଯାଇଛି। ତାଙ୍କ ସ୍ଥାନରେ ଯଶ ଠାକୁର ଦଳରେ ସାମିଲ ହୋଇଛନ୍ତି। ନୀତିଶ କୁମାର ରେଡ୍ଡୀ ଓ ୱାଶିଂଟନ ସୁନ୍ଦରଙ୍କୁ ମଧ୍ୟ ଫିଟନେସ କ୍ଲିୟରାନ୍ସ ମିଳିଛି। ଆଫଗାନିସ୍ତାନ ଶୃଙ୍ଖଳା ପାଇଁ ଫିଟନେଟ କ୍ଲିୟରାନ୍ସ ନିର୍ଭର କରୁଥିଲା। ଏବେ ଏମାନେ ଫିଟ ହେବା ପରେ ଟିମ ଇଣ୍ଡିଆ ବ୍ୟାଟିଂ ଓ ବୋଲିଂରେ ଅଧିକ ଶକ୍ତିଶାଳୀ ହୋଇଛି। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ଟି ଟି-୨୦ ମ୍ୟାଚ ସେପ୍ଟେମ୍ବର ୧୩, ୧୫ ଏବଂ ୧୭ ତାରିଖରେ ଖେଳାଯିବ। ୩ଟି ମ୍ୟାଚ ଦିଲ୍ଲୀରେ ହେବ। ଏହାପରେ ଏହି ଦଳର ଏସିଆନ୍ ଗେମ୍ସ ପାଇଁ ଜାପାନ ଗସ୍ତ କରିବ। ସେପ୍ଟେମ୍ବର ୨୮ ରୁ ଭାରତ ସିଧାସଳଖ କ୍ୱାର୍ଟରଫାନାଲ ଖେଳି ଅଭିଯାନ ଆରମ୍ଭ କରିବ। ଅକ୍ଟୋବର ୧ରେ ପ୍ରଥମ ସେମିଫାଇନାଲ, ଅକ୍ଟୋବର ୩ରେ ଫାଇନାଲ ମ୍ୟାଚ ଖେଳାଯିବ। ଭାରତୀୟ ଦଳ: ଶ୍ରେୟାସ ଆୟର (ଅଧିନାୟକ), ଅଭିଶେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ, ଇଶାନ କିଷାନ, ତିଳକ ବର୍ମା, ଶିବମ ଦୁବେ ଓ ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ ଏବଂ ଯଶ ଠାକୁର।


ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି